
ISSN: 2583-147X (P)
ISSN: 3048-8958 (O)

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ ପତ୍ରିକା

ଫେବୃଆରୀ
୨୦୨୬



The Official Journal of
Prachee Centre for
Cultural Relations

Prachee Patrika

ମୂଲ୍ୟ : ୨୫ ଟଙ୍କା

Voice for Voiceless

# SARVODAYA SOCIETY GOALS

1 Stop Contaminating Water

2 Stop Polluting Air

3 Stop Plastic Use

4 Save Earth

5 Stop Drug Abuse and Alcoholism

6 Stop Untouchability

7 Help Dibyanga

8 Help Mentally Disable Person

9 Help Senior Citizens

10 Help Sick Person

11 Help Poor Children

12 Help Poor Women

13 Planting Tree

14 Protecting Animals and Birds

15 Spreading Basic Education

16 Women Empowerment

17 Cleanliness Campaign

18 Satya and Ahmisha

19 Health and Hygienic

20 Communal Harmony

21 Vocational Education

22 Cottage Industries

23 Village Economy

24 Self Help Groups

25 Feed the Need

26 Farming and Agriculture

Voice for Voiceless

SARVODAYA SOCIETY GOALS

For Positive Constrictive Programme

# Prachee Centre for Cultural Relations(PCCR)
## Niladri Vihar
## Naya Bazar, Cuttack-753004

Culture consists of the beliefs, behaviours, objects and other characteristics common to the members of a particular group or society. Through culture, people and groups define themselves, conform to society's shared values, and contribute to society. Prachee Centre for Cultural Relations (PCCR) was founded in 2015 by Voice for Voiceless society, for the cultural promotion and participation, fostering of different literature and language and its contribution for society. The literary personalities of different literature, journalist, editor, artist, singer, dancer, photographer, spiritual leader, sports & game personalities, poet, story writer, novelist, dramatist, essayist, columnist, writers, authors, are part of this society. This organization publishes a monthly literature magazine is "Bastabatara Pariprakash Prachee" and different social relevant books in different language.

Prachee Centre for Cultural Relations (PCCR) aims to:

- To foster and strengthen cultural relations and mutual understanding among different region of India;
- To promote cultural exchanges among different communities and people, and to develop relations with each other's;
- To promote peace, harmony and nonviolence through cultural programme and literature;
- To promote classical music, dance, song, traditional culture and social values;
- To support the needy people to pursue their education in arts and literature;
- To promote interest in contemporary literature and genres of creative writing;
- To organize cultural functions and competition;
- To serve as a major resource Centre for the arts, literature, especially written, oral and visual source materials;
- To undertake research and publication programmes of reference works, glossaries, dictionaries and encyclopedia concerning the arts and the humanities;
- To establish a tribal and folk arts division with a core collection for conducting systematic scientific studies and for live presentations;
- To provide a forum for a creative and critical dialogue through performances, exhibitions, multi-media projections, conferences, seminars and workshops between and amongst the diverse arts, traditional and contemporary;
- To foster dialogue between arts and current ideas in philosophy, science and technology, with a view toward bridging the gap in intellectual understanding between modern sciences and arts and culture;
- To evolve models of research programmes and arts administration more pertinent to the Indian ethos;
- To elucidate the formative and dynamic factors in the complex web of interactions between diverse social strata, communities and regions;
- To promote a network with national and international institutions;
- To conduct related research in the arts, humanities and culture.



ପ୍ରେରଣାର ଉତ୍ସ
କବି ଜୟନ୍ତ ମହାପାତ୍ର



ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ
ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ

ବାସ୍ତବତାର ପରିପ୍ରକାଶ
# ପ୍ରାଚୀ



ସମ୍ପାଦକ :
ଡ. ବିଭୂଦତ୍ତ ଖଣ୍ଡାୟତରାୟ

ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା, ଜହ୍ନୁଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ  ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିହାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା 'ପ୍ରାଚୀ' ର ଆଗାମୀ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି 'ପ୍ରାଚୀ' ଓଡ଼ିଆଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ରୁଦ୍ଧିମନ୍ତ ସୃଷ୍ଟିକୁ ନେଇ 'ପ୍ରାଚୀ'ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ 'ପ୍ରାଚୀ' ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

– ସଂପାଦକ

# ଓଁ 'ପ୍ରାଚୀ'ର କଲମ ଓଁ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଐତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତୋଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତ୍ତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟାବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରୁ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଚିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦୀନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟୋପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୂରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

## ଉପଦେଷ୍ଟା ମଣ୍ଡଳୀ

**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର
ବିଶ୍ୱଭାରତୀ, ଶାନ୍ତିନିକେତନ

**ପ୍ରଫେସର ନଟବର ଶତପଥୀ**
ଅବସରପ୍ରାପ୍ତ ପ୍ରଫେସର
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର
ବିଶ୍ୱଭାରତୀ, ଶାନ୍ତିନିକେତନ

**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର
ସମ୍ବଲପୁର ବିଶ୍ୱବିଦ୍ୟାଳୟ

**ପ୍ରଫେସର ବାବାଜୀ ଚରଣ ପଟ୍ଟନାୟକ**
ଅବସରପ୍ରାପ୍ତ ପ୍ରଫେସର
ଓଡ଼ିଆ ବିଭାଗ

**ପ୍ରଫେସର ନାରାୟଣ ମହାନ୍ତି**
ଅବସରପ୍ରାପ୍ତ ପ୍ରାଧ୍ୟାପକ
ଦର୍ଶନ ବିଭାଗ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ଅବସରପ୍ରାପ୍ତ ପ୍ରଫେସର
ଉତ୍କଳ ବିଶ୍ୱବିଦ୍ୟାଳୟ

**ପ୍ରଫେସର ଅଞ୍ଜୁମନ ଆରା**
ଅବସରପ୍ରାପ୍ତ ପ୍ରଫେସର
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ**
କୁଳପତି
ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର

## ମୁଖ୍ୟ ସଂପାଦିକା

**ପ୍ରଫେସର ମନ୍ଦାକିନୀ ଦାସ**
ଅବସରପ୍ରାପ୍ତ ପ୍ରଫେସର
ସଭାପତି, ପ୍ରାଚୀ ସାଂସ୍କୃତିକ ସମ୍ପର୍କ କେନ୍ଦ୍ର

## ସମ୍ପାଦନା ସହଯୋଗୀ

**ପ୍ରଫେସର ବିକ୍ରମ କେଶରୀ ମିଶ୍ର**
ସମାଜ ବିଜ୍ଞାନ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର
ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ

**ଡକ୍ଟର ଆଲୋକ ବରାଳ**
ବରିଷ୍ଠ ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ

**ଡକ୍ଟର ଦିପକ କୁମାର ଦାଶ**
ସହାୟକ ପ୍ରଫେସର
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ସହାୟକ ପ୍ରଫେସର
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**
ସହାୟକ ପ୍ରଫେସର
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ

**ଡକ୍ଟର ସଂଜିତା ମିଶ୍ର**
ସହାୟକ ପ୍ରଫେସର
ଶୈଳବାଳା ମହିଳା ସ୍ୱୟଂଶାସିତ
ମହାବିଦ୍ୟାଳୟ, କଟକ

**ପ୍ରଫେସର ରାମକୃଷ୍ଣ ପ୍ରଧାନ**
ରାଜନୀତିବିଜ୍ଞାନ ବିଭାଗ
ଗୁରୁ ଘାସିଦାସ ବିଶ୍ୱବିଦ୍ୟାଳୟ, ବିଳାସପୁର, ଛତିଶଗଡ଼

**ଡକ୍ଟର ଭିନୀତ ସାହୁ**
ଆସୋସିଏଟ୍ ପ୍ରଫେସର
ଦର୍ଶନ ବିଭାଗ, ଆଇ.ଆଇ.ଟି, କାନପୁର

## ସଂପାଦକ

**ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ**
ବରିଷ୍ଠ ଗବେଷକ

## ସଂପାଦକ ମଣ୍ଡଳୀ

**ଡକ୍ଟର ନେତାଜୀ ଅଭିନନ୍ଦନ**
ପ୍ରଫେସର
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ପ୍ରଫେସର ବଭ୍ରୁବାହାନ ମହାପାତ୍ର**
ଅବସରପ୍ରାପ୍ତ ପ୍ରଫେସର
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ
ବିଶ୍ୱବିଦ୍ୟାଳୟ

**ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ**
ଶିକ୍ଷାବିତ

**ଡ଼କ୍ଟର ଦେବାଶିଷ ପାତ୍ର**
ସହକାରୀ ପ୍ରଫେସର
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ଫକୀରମୋହନ ବିଶ୍ୱବିଦ୍ୟାଳୟ

**ଡକ୍ଟର ଇନ୍ଦ୍ରମଣି ସାହୁ**
ସହକାରୀ ପ୍ରଫେସର
ଓଡ଼ିଆ ବିଭାଗ
ବିଶ୍ୱଭାରତୀ,ଶାନ୍ତିନିକେତନ

**ଡକ୍ଟର ରୁଦ୍ରନାରାୟଣ ମହାପାତ୍ର**
ସହକାରୀ ପ୍ରଫେସର
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ

**ଡକ୍ଟର ପରିକ୍ଷିତ ଭୋଇ**
ସହକାରୀ ପ୍ରଫେସର
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ

**ଡକ୍ଟର ଶିଶିର ବେହେରା**
ସହକାରୀ ପ୍ରଫେସର
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ମହାରାଜା
ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ

**ଡକ୍ଟର ନାକୁ ହାଁସଦାଃ**
ସହକାରୀ ପ୍ରଫେସର,
ସ୍ନାତକୋତ୍ତର ଓଡ଼ିଆ ବିଭାଗ
ସମ୍ବଲପୁର ବିଶ୍ୱବିଦ୍ୟାଳୟ

**ଡକ୍ଟର ସୁଶାନ୍ତ କୁମାର ପଣ୍ଡା**
ସହକାରୀ ପ୍ରଫେସର
ଓଡ଼ିଆ ବିଭାଗ
ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ

**ଡ଼କ୍ଟର ସଂଘମିତ୍ରା ଭଞ୍ଜ**
ସହକାରୀ ପ୍ରଫେସର
ଓଡ଼ିଆ ବିଭାଗ
ରମାଦେବୀ ବିଶ୍ୱବିଦ୍ୟାଳୟ

**ଡକ୍ଟର ସମୀର ଭୋଇ**
ସହକାରୀ ପ୍ରଫେସର
ଓଡ଼ିଆ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

**ଡ଼କ୍ଟର ସୁମନ୍ତ ନାଏକ**
ସହକାରୀ ପ୍ରାଧ୍ୟାପକ,
ଓଡ଼ିଆ ବିଭାଗ
ଧରଣୀଧର ବିଶ୍ୱବିଦ୍ୟାଳୟ

**ଡକ୍ଟର ପଲ୍ଲିଶ୍ରୀ ପଟ୍ଟନାୟକ**
ସହାୟକ ପ୍ରଫେସର
ଓଡ଼ିଆ ବିଭାଗ
ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ

**ଡ଼କ୍ଟର ସଂଘମିତ୍ରା ବେହେରା**
ସହକାରୀ ପ୍ରଫେସର
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ଡକ୍ଟର କମଳ ମାହୁନ୍ତ**
ଅଧ୍ୟାପକ
ଓଡ଼ିଆ ବିଭାଗ

**ଡକ୍ଟର ଲୋପାମୁଦ୍ରା ସ୍ୱାଇଁ**
ସହାୟକ ପ୍ରଫେସର
ଓଡ଼ିଆ ବିଭାଗ, ସରକାରୀ
ମହାବିଦ୍ୟାଳୟ, କୋରାପୁଟ

**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ସହାୟକ ପ୍ରଫେସର
ଓଡ଼ିଆ ବିଭାଗ, ସେମିଳିଗୁଡ଼ା
ମହାବିଦ୍ୟାଳୟ, କୋରାପୁଟ

**ଡକ୍ଟର ମମତା ଖଣ୍ଡାୟତରାୟ**
ସହାୟକ ପ୍ରଫେସର
ପାରାଦୀପ କଲେଜ, ପାରାଦୀପ

**ଡକ୍ଟର ପ୍ରତୀଚୀ ନନ୍ଦ**
ଅଧ୍ୟାପିକା
ଓଡ଼ିଆ ବିଭାଗ

## ଯୁବ ସମ୍ପାଦକ ମଣ୍ଡଳୀ

**ଡକ୍ଟର ସନ୍ତୋଷ କୁମାର ନାୟକ**
ସହକାରୀ ପ୍ରଫେସର
ଅଧିସ୍ନାତକ ଓଡ଼ିଆ ବିଭାଗ
ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ

**ଡକ୍ଟର ସ୍ୱପ୍ନା ରାଣୀ ସିଂ**
ସହକାରୀ ପ୍ରଫେସର
ଓଡ଼ିଆ ବିଭାଗ
ବିଶ୍ୱଭାରତୀ,ଶାନ୍ତିନିକେତନ

**ଡକ୍ଟର ଅରବିନ୍ଦ ଦାସ**
ସହକାରୀ ଗବେଷକ
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ଡକ୍ଟର ଗୌତମସେନ୍ ହାଁସଦାଃ**
ସହକାରୀ ପ୍ରଫେସର
ଓଡ଼ିଆ ବିଭାଗ
ସରକାରୀ ସ୍ନାତକ ମହାବିଦ୍ୟାଳୟ,
ତିରିଂ, ମୟୂରଭଞ୍ଜ

**ଡ଼କ୍ଟର ଉଜସ୍ୱିନୀ ନାୟକ**
ଓଡ଼ିଆ ଅଧ୍ୟାପିକା
କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟ

**ଡକ୍ଟର ଦିପୁନ ପୁହାଣ**
ଓଡ଼ିଆ ଅଧ୍ୟାପକ
ସାହାସପୁର ମହାବିଦ୍ୟାଳୟ

**ବିକେଶ ସାହୁ**
ଓଡ଼ିଆ ଅଧ୍ୟାପକ
ନୟାଗଡ଼ ପ୍ରଜାମଣ୍ଡଳ ମହିଳା
ମହାବିଦ୍ୟାଳୟ

**ଜ୍ୟୋତିରଞ୍ଜନ ମହାନ୍ତି**
ଓଡ଼ିଆ ଅଧ୍ୟାପକ
ଓଡ଼ିଆ ଭାଷା ଓ ସାହତ୍ୟ ବିଭାଗ
ବହୁଗ୍ରାମ ଜୁନିୟର କଲେଜ

**ଡ଼କ୍ଟର ଚିନ୍ମୟ ସାହୁ**
ଓଡ଼ିଆ ଅଧ୍ୟାପକ
ବିଜେପୁର ମହାବିଦ୍ୟାଳୟ

**ରମେଶ ଚନ୍ଦ୍ର ସାହୁ**
ଓଡ଼ିଆ ଅଧ୍ୟାପକ
ଉଦୟନାଥ ବିଜ୍ଞାନ ଓ ବୈଷୟିକ
ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

**ସ୍ନେହଲତା ସାହୁ**
ଓଡ଼ିଆ ଅଧ୍ୟାପିକା
ଲକ୍ଷ୍ମୀନାରାୟଣ ସାହୁ
ମହାବିଦ୍ୟାଳୟ

**ଡକ୍ଟର ସନ୍ତୋଷ ଭୋଇ**
ସହକାରୀ ପ୍ରଫେସର
ଓଡ଼ିଆ ବିଭାଗ
ମଡେଲ ଡିଗ୍ରୀ କଲେଜ, ସୋନପୁର

**ଡକ୍ଟର ହୃଷିକେଶ ମହାରଣା**
ଓଡ଼ିଆ ଅଧ୍ୟାପକ
ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ

**ସିମ୍ରନ୍ ରାଉତ**
ସହାୟକ ପ୍ରଫେସର
ଓଡ଼ିଆ ବିଭାଗ
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ

**ମିନତି ବିଶ୍ୱାଳ**
ଗାବେଷିକା
ଓଡ଼ିଆଭାଷା ଓ ସାହିତ୍ୟ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ଅଭିଷେକ ଆଚାର୍ଯ୍ୟ**
ଗବେଷକ
ଓଡ଼ିଆଭାଷା ଓ ସାହିତ୍ୟ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ସନ୍ଦିପ୍ତା ପାଢ଼ୀ**
ଗବେଷିକା
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ମହାରାଜା ଶ୍ରରାମଚନ୍ଦ୍ର ଭଞ୍ଜଦେଓ
ବିଶ୍ୱବିଦ୍ୟାଳୟ

**ବିଶାଲ ସାହୁ**
ଗବେଷକ
ହିନ୍ଦୀ ବିଭାଗ
ରେଭେନ୍ସା ବିଶ୍ୱଦ୍ୟାଳୟ

**ଅର୍ଚ୍ଚନା ଶତପଥୀ**
ଗବେଷିକା
ଓଡ଼ିଆଭାଷା ଓ ସାହିତ୍ୟ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ରମେଶ ଚନ୍ଦ୍ର ପ୍ରଧାନ**
ଗବେଷକ
ଓଡ଼ିଆ ବିଭାଗ
ବିଶ୍ୱଭାରତୀ, ଶାନ୍ତିନିକେତନ

# ପ୍ରାଚୀ ନିୟମାବଳୀ

1. ବାସ୍ତବତାର ପରିପ୍ରକାଶ 'ପ୍ରାଚୀ' ଏକ ମାସିକ ଗବେଷଣାଧର୍ମୀ ସମାଲୋଚନାମୂଳକ ପତ୍ରିକା । ଏଥିରେ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା, ଲୋକ ଜୀବନ, ଇତିହାସ, ସମାଜ, ସଂସ୍କୃତି, କଳା, ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
2. 'ପ୍ରାଚୀ' ଯୁବପିଢ଼ିଙ୍କର ଗବେଷଣାକୁ ଏକ ଉଚିତ ଦିଶା ଓ ଆଭିମୁଖ୍ୟ ପ୍ରଦାନ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ତେଣୁ ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସଂରଚନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ।
3. ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକଲେଖିକାମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ।
4. ପୂର୍ବରୁ ଅନ୍ୟ ପତ୍ର-ପତ୍ରିକା କିମ୍ବା ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଲେଖା 'ପ୍ରାଚୀ' ପତ୍ରିକା ପାଇଁ ଗ୍ରହଣୀୟ ନୁହେଁ।
5. 'ପ୍ରାଚୀ' ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧିକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ। ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ।
6. ଲେଖାଟି ଆକ୍ଷେପମୂଳକ କିମ୍ବା ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ। ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ। ଲେଖାଟି ପ୍ରକାଶ ପାଇବା ପରେ ଡାକ କିମ୍ବା ଇ-ମେଲ ଯୋଗେ ଲେଖକଲେଖିକାଙ୍କୁ ଜଣାଇ ଦିଆଯିବ।
7. ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ। ତେଣୁ ଲେଖକଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ। ଲେଖକଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ।
8. କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ। ପ୍ରାଚୀ ପାଇଁ ପଠାଉଥିବା ଲେଖାଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ ପତ୍ରିକା, ନୀଳାଦ୍ରି ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍-୭୫୩୦୦୪ କିମ୍ବା ପାଠକପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିବେ।
9. ଲେଖାଗୁଡ଼ିକ ପେଜ୍ ମେକର୍ ଫର୍ମାଟ୍ ଓ ଆକୃତି ସାରଳା ଫଣ୍ଟରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ।
10. ପ୍ରବନ୍ଧ ପଠାଇବାର ଚାରିମାସ ମଧ୍ୟରେ ପତ୍ରିକାରେ ପ୍ରକାଶିତ ନହେଲେ ଲେଖକ ନିଜର ପ୍ରବନ୍ଧକୁ ଅନ୍ୟତ୍ର ପ୍ରକାଶ କରିପାରିବେ। ଲେଖାଟି ଅପ୍ରକାଶିତ ଓ ଏହାର ମୌଳିକତା ସମ୍ପର୍କରେ ଗବେଷକ ଏକ ସ୍ୱୀକାରୋକ୍ତି ପତ୍ର ଲେଖା ସହିତ ସଂଲଗ୍ନ କରି ପଠାଇବେ। ପ୍ରକାଶିତ ଲେଖାର ମୌଳିକତା ନେଇ ପ୍ରଶ୍ନ ଉପୁଜିଲେ ଏଥିପାଇଁ ସଂପୃକ୍ତ ଲେଖକ ଉତ୍ତରଦାୟୀ ହେବେ । ପତ୍ରିକାକୁ ପଠାଇଥିବା ଲେଖା ପ୍ରକାଶିତ ନହେଲେ ସଂପାଦକ ବା ସମ୍ପାଦନା ମଣ୍ଡଳୀ ଦାୟୀ ରହିବେ ନାହିଁ ।

VOICE FOR VOICELESS SOCIETY, INDIA
Regd. No.: 23717/65

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

# ଆପଣଙ୍କର ଟିକିଏ କଷ୍ଟ
# ଆମର ଗୋଟିଏ ପେଟ



**ବୁଲା ପଶୁଙ୍କୁ ଖାଦ୍ୟ ଦିଅନ୍ତୁ * FEED THE STRAY ANIMAL**

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 11, February 2026, Issue No. XI
ISSN NO. 2583-147X (P)
ISSN NO. 3048-8958 (O)
RNI No. : ODIODI/2015/64435
P.R. No. : CK(C)/96/2025-2027

**ପ୍ରକାଶକ :**
ପ୍ରାଚୀ ସାହିତ୍ୟ ସମାଜ ପବ୍ଲିକେସନ୍
ନିଳାଦ୍ରୀ ବିହାର, ନୂଆବଜାର, କଟକ

**ପ୍ରଚ୍ଛଦ ଚିତ୍ର :**
ବିଜୟ କୁମାର ସାହୁ

**ଅକ୍ଷର ସଜ୍ଜା :**
ବିକ୍ରମ କିଶୋର ସାହୁ

**ଡିଟିପି :**
ଶିବ ପ୍ରସାଦ ଧଳ

**ଅଲଙ୍କରଣ :**
ବିଭୁପ୍ରସାଦ ନାୟକ

**ୱେବ ଡ଼ିଜାଇନର୍ :**
ଶୁଭ୍ରାଂସୁ ଶତପଥି

**ବିଜ୍ଞାପନ ଅଧିକାରୀ :**
ଅବିନାଶ ଦାଶ

**ବିତରଣ ଅଧିକାରୀ :**
ସନ୍ତୋଷ କୁମାର ପାଲ୍

**ମୁଦ୍ରଣ :**
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

## ଏଇ ସଂଖ୍ୟାରେ...

୧. ବିବର୍ତ୍ତିତ ଜନଜାତି ଓ ବ୍ୟବସ୍ଥିତ ନୀତି
ସୁମନ୍ତ ନାଏକ ................................ ୯

୨. ସାରଳା ମହାଭାରତର କାରକ ବିଭକ୍ତି ଓ ଚର୍ଚ୍ଚା
ଅରବିନ୍ଦ ଦାସ ................................ ୧୫

୩. ସାଂପ୍ରତିକ ପୃଷ୍ଠଭୂମି, ନାରୀ ମନସ୍ତତ୍ୱ ଓ ହୃଷୀକେଶୀୟ ଗଳ୍ପଜଗତ
ଜୟନ୍ତ କୁମାର ଦାସ ........................... ୩୩

୪. ହାତୀଗୁମ୍ଫା ଶିଳାଲେଖୀୟ ପ୍ରାକୃତ-ଶବ୍ଦତତ୍ତ୍ୱ
କଳ୍ପତରୁ ନାୟକ ............................. ୩୯

୫. ମହାଭାରତୀୟ ଘଟଣାବଳୀ ସଂପୃକ୍ତ ଲୌକିକ
ବିଶ୍ୱାସବୋଧର ସ୍ଥାନ - ଭୀମେଶ୍ୱର ମନ୍ଦିର ଏକ ଅଧ୍ୟୟନ
ମମତା ରାଣୀ ବାରିକ୍ ......................... ୪୪

୬. ଚିତ୍ତରଂଜନ ବେହେରାଙ୍କ 'ଭିନ୍ନପୃଥିବୀ ଓ
ଅନ୍ୟାନ୍ୟ ଗଳ୍ପ' : ଏକ ଦୃଷ୍ଟିପାତ
ସରୋଜ କୁମାର ଶତପଥୀ .................... ୪୮

୭. ହିନ୍ଦୁ ମୁସଲିମ ସମ୍ପ୍ରଦାୟର ବାର୍ତ୍ତାବହ ମୋଗଲ ତାମସା
ଦେବବ୍ରତ ପାଢ଼ୀ ............................. ୫୨

୮. ଅଶୀ ପରବର୍ତ୍ତୀ ଓଡ଼ିଆ କ୍ଷୁଦ୍ରଗଳ୍ପରେ ପ୍ରୌଢ଼ ମନସ୍ତତ୍ୱ
ଅଭିମନ୍ୟୁ ସାହୁ ............................... ୫୬

୯. ଓଡ଼ିଆ ଉପନ୍ୟାସ ଓ ବିସ୍ଥାପନ ପ୍ରସଙ୍ଗ
ଦୟାନିଧି ପରିଡ଼ା ............................. ୬୧

୧୦. ଓଡ଼ିଆ ଉପନ୍ୟାସରେ ମହାବାତ୍ୟା ପ୍ରସଙ୍ଗ : ଏକ ଦୃଷ୍ଟିପାତ
ମାନସ କୁମାର ନାୟକ ....................... ୬୭

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

# ଆପଣଙ୍କର ମୁଠାଏ ଦାନା
# ଆମର ଗୋଟାଏ ପେଟ



**ପକ୍ଷୀମାନଙ୍କୁ ଦାନା ଦିଅନ୍ତୁ ❋ FEED THE BIRDS**

# ନିଆରା ଆଧ୍ୟାତ୍ମିକ ଯାତ୍ରା

୧୯୫୯ ମସିହା ଫେବୃଆରୀ ୧୦ ତାରିଖରେ ଦିଲ୍ଲୀ ପାଲାମ ବିମାନ ଘାଟିରେ ପତ୍ନୀ କୋରେଟା ସ୍କଟ ଓ ସହଯୋଗୀ ଲରେନ୍ସ ରେଡିକ୍ସଙ୍କ ସହ ପହଞ୍ଚିଲେ ଆମେରିକା ବର୍ଣ୍ଣ ବିଦ୍ୱେଷୀ ଆନ୍ଦୋଳନର କର୍ଣ୍ଣଧାର ମାର୍ଟିନ ଲୁଥର କିଙ୍ଗ୍। ଉଦ୍ଦେଶ୍ୟଥିଲା ଭାରତ ମାଟିରେ ଗାନ୍ଧିଜୀଙ୍କ ପ୍ରବର୍ତ୍ତୀତ ଅହିଂସା ଓ ସତ୍ୟାଗ୍ରହର ଗଭୀର ଅନୁଶୀଳନ। ଜନପଥ ହୋଟେଲରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ ଅହିଂସାତ୍ମକ ଉପାୟରେ ସ୍ୱାଧୀନତା ହାସଲ କରିପାରିଥିବା ଗାନ୍ଧିଙ୍କ ଦେଶର ଜନସାଧାରଣଙ୍କୁ ଅଭିନନ୍ଦନ ଓ ଧନ୍ୟବାଦ ଜଣାଇଲେ ଓ ନିଜ ଦେଶ ଆମେରିକା ଓ ଜନସାଧାରଣଙ୍କ ତରଫରୁ ହାତଟେକି ସାଲୁଟ୍ କରିବା ସହିତ ଭ୍ରାତୃପ୍ରେମର ହସ୍ତ ପ୍ରସାରଣ କଲେ। ଅନ୍ୟଦେଶକୁ ତାଙ୍କର ଗ୍ରସ୍ତ ଭ୍ରମଣଥିଲାବେଳେ, ଭାରତ ଯାତ୍ରା ତାଙ୍କ ପାଇଁ ଏକ ତୀର୍ଥଯାତ୍ରା ବୋଲି ସେ ନିଆରା ଢଙ୍ଗରେ ପ୍ରକାଶ କରିଥିଲେ। ତାଙ୍କ ତୀର୍ଥଯାତ୍ରା ପାଇଁ ଗାନ୍ଧି ସ୍ମାରକ ନିଧିର ସଦସ୍ୟ ସ୍ୱାମୀ ବିଶ୍ୱାନନ୍ଦ ଓ ଆନ୍ତର୍ଜାତିକ ଧାର୍ମିକ ସଂଗଠନ "କ୍ୱାକର ସେଣ୍ଟର"ର ସଦସ୍ୟ ଜେମ୍ସ ବ୍ରିଷ୍ଟଲ ଥିଲେ ଦୁଇ ତୀର୍ଥ ପଣ୍ଡା ଯାହାଙ୍କର ଦାୟିତ୍ୱଥିଲା ଭାରତ ଭ୍ରମଣ କାଳରେ ତାଙ୍କୁ ସମସ୍ତ ସୁବିଧା ଯୋଗାଇଦେଇ ତାଙ୍କ ଅନ୍ୱେଷଣର ମାର୍ଗ ପରିଷ୍କାର କରିବା। ବିଭିନ୍ନ ଭାରତୀୟ ପଦାଧିକାରୀ, ଗାନ୍ଧିବାଦୀ, ବିଶ୍ୱବିଦ୍ୟାଳୟର ଛାତ୍ର, ପ୍ରଫେସରମାନଙ୍କ ସହିତ, ସାକ୍ଷାତକାରର ବ୍ୟବସ୍ଥା କରେଇଥିଲେ ଗାନ୍ଧି ସ୍ମାରକନିଧିର ସଂପାଦକ ଜି. ରାମଚନ୍ଦ୍ରନ।

ଦକ୍ଷିଣଆଫ୍ରିକାରୁ ଫେରି କୌଣସି ସତ୍ୟାଗ୍ରହ ଆରମ୍ଭ କରିବା ପୂର୍ବରୁ ଭାରତକୁ ଚିହ୍ନିବା ଆଉ ତା'ର ଆତ୍ମାକୁ ଜାଣିବା ନିମନ୍ତେ ଗାନ୍ଧିଜୀ ସାରା ଭାରତ ଗ୍ରସ୍ତ କରିଥିଲେ। ଠିକ୍ ସେହି ପଦ୍ଧତି ଅନୁସରଣ କଲେ ତାଙ୍କ ଅନୁଗାମୀ ମାର୍ଟିନ ଲୁଥର। ଗାନ୍ଧିବାଦର ବାସ୍ତବ ରୂପାୟନ ଆଉ ଗତିଶୀଳତା ବୁଝିବା ପାଇଁ ଭାରତର ଚତୁର୍ଦ୍ଦିଗ-କଲିକତା ବାଙ୍ଗାଲୋର, ମାଡ୍ରାସ, କନ୍ୟାକୁମାରୀ, ବମ୍ବେ ଅହମ୍ମଦାବାଦ, ଗାନ୍ଧିଗ୍ରାମ ଆଦିସ୍ଥାନ ସେ ଗ୍ରସ୍ତ କରିଥିଲେ। ପ୍ରଧାନମନ୍ତ୍ରୀ ନେହେରୁ, ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ, ଉପରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକୃଷ୍ଣଙ୍କ ସମେତ, ଗାନ୍ଧିଜୀଙ୍କ କେତେକ ସହକର୍ମୀ, ସତ୍ୟାଗ୍ରହୀ, ଗାନ୍ଧିପ୍ରେମୀ ଜନସାଧାରଣ, ଗାନ୍ଧିଙ୍କ ପୁଅ, ନାତି ଆଉ ଅନ୍ୟ ସଂପର୍କୀୟ, ସାଂବାଦିକ, ଲେଖକ ଓ କେତେକ ରାଜ୍ୟର ରାଜ୍ୟପାଳମାନଙ୍କୁ ସେ ଭେଟିବାର ଅବସର ପାଇଥିଲେ। ସମୟ ଅଭାବରୁ ଶହ ଶହ ନିମନ୍ତ୍ରଣ ରକ୍ଷା କରିନପାରି ଦୁଃଖ ପ୍ରକାଶ କରିଥିଲେ। ତାଙ୍କ ପାଇଁ ସାବରମତୀ ଆଶ୍ରମ ପରିଦର୍ଶନ ଓ ବିନୋବା ଭାବେଙ୍କ ସହ ସାକ୍ଷାତର ଅନୁଭୂତି ଅନନ୍ୟ ଥିଲା। ବମ୍ବେରେ ଗାନ୍ଧିରହୁଥିବା ମଣିଭବନରେ ଅବସ୍ଥାନ ତାଙ୍କ ଜୀବନର ଏକ ଅବିସ୍ମରଣୀୟ ସ୍ମୃତିବୋଲି ସେ ପ୍ରକାଶ କରିଥିଲେ। ଭାରତ ଯାତ୍ରା ଅହିଂସା ଆନ୍ଦୋଳନ ପ୍ରତିଥିବା ତାଙ୍କ ବିଶ୍ୱାସକୁ ଅଧିକ ଦୃଢ଼କରିପାରିଥିଲା। ତୀକ୍ତତା ଆଉ ଘୃଣା ଉତ୍ପନ୍ନ କରୁଥିବା ହିଂସାତ୍ମକ ଲଢେଇର ଏକ ବିକଳ୍ପରୂପ ଭାବରେ ସାରା ବିଶ୍ୱପାଇଁ ଭାରତ ସତ୍ୟାଗ୍ରହକୁ ପ୍ରଦର୍ଶିତ କରିପାରିଥିଲା। ମାର୍ଟିନ୍ ଲୁଥର ଅନୁଭବକଲେ ଯେ ଅହିଂସାତ୍ମକ ଆନ୍ଦୋଳନ ଦ୍ୱାରା ସ୍ୱାଧୀନତା ହାସଲ କରିଥିବାରୁ ପରବର୍ତ୍ତୀ ସମୟରେ ଭାରତବାସୀ ଓ ଇଂରେଜମାନଙ୍କ ମଧ୍ୟରେ ଶତୃତା ବଦଳରେ ବନ୍ଧୁତା ଆଉ ଘୃଣା ବଦଳରେ ସୌହାର୍ଦ୍ଦପୂର୍ଣ୍ଣ ସଂପର୍କ ତିଷ୍ଠି ପାରିଥିଲା।

ମେସିନାରୀ ସ୍କୁଲରେ ପଢୁଥିବାରୁ ଖ୍ରୀଷ୍ଟଧର୍ମ ପ୍ରତି ସ୍ୱାଭାବିକ ଭାବରେ ତାଙ୍କର ଆନୁଗତ୍ୟତା ରହିଥିଲା। ଯିଶୁଖୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ର ଓ ମାନବଜାତିର ଉଦ୍ଧାରକ ରୂପେ ସେ ବିଶ୍ୱାସ କରୁଥିଲେ। ଶତୃକୁ ପ୍ରେମ, ଅପରାଧିକୁ କ୍ଷମା, ଗରୀବ, ରୋଗୀ ଓ ଅବହେଳିତ ଲୋକଙ୍କ ସେବା କରିବା ନିମନ୍ତେ ତାଙ୍କୁ ଶିକ୍ଷା ଦିଆଯାଇଥିଲା। ଯିଶୁଖ୍ରୀଷ୍ଟଙ୍କ ପାହାଡ ଉପଦେଶ (ସରମନ ଅନ ଦି ମାଉଣ୍ଟ)ରେ ଦର୍ଶାଯାଇଥିବା ଦୟା, କ୍ଷମା, ଦାନ, ଶାନ୍ତି, ବିନମ୍ରତା ଆଦି ଗୁଣ ଖ୍ରୀଷ୍ଟଧର୍ମର ମୂଳ ନୀତି। ଏହି ସବୁ ଗୁଣଦ୍ୱାରା ମାନବାଧିକାରର ସୁରକ୍ଷା, ଅହିଂସାତ୍ମକ ଆନ୍ଦୋଳନର ପରିଚାଳନା, ଆଧ୍ୟାତ୍ମିକତାର ଅନ୍ୱେଷଣ, ସାମାଜିକ ସୁ-ସଂପର୍କ ସ୍ଥାପିତ କରାଯାଇପାରିବ ବୋଲି ମାର୍ଟିନ ଲୁଥରଙ୍କ ଦୃଢ ବିଶ୍ୱାସ ରହିଥିଲା। ଖ୍ରୀଷ୍ଟଧର୍ମର ଏହି ନୀତି ହିଁ ଗାନ୍ଧିବାଦର ଆଧାର। ଏହି ଆଦର୍ଶର ବାସ୍ତବ ରୂପାୟନ କରି ଗାନ୍ଧି ଭାରତକୁ ଅହିଂସା ସଂଗ୍ରାମର ପ୍ରଥମ ପ୍ରୟୋଗଶାଳାରେ ପରିଣତ କରିଥିଲେ। ଗାନ୍ଧି ମାନବ ଇତିହାସର ପ୍ରଥମ ବ୍ୟକ୍ତି ଯିଏ ଯିଶୁଖ୍ରୀଷ୍ଟଙ୍କ ମାନବପ୍ରେମକୁ ବ୍ୟକ୍ତି-ବ୍ୟକ୍ତି ମଧ୍ୟରେ ସଂପର୍କ ସ୍ଥାପନାର ଉର୍ଦ୍ଧ୍ୱକୁ ଉଠାଇ, ଏକ ଶକ୍ତିଶାଳୀ ସାମାଜିକ ଅସ୍ତ୍ରରେ ପରିଣତ କରିଥିଲେ। ଯିଶୁଙ୍କ ଧାର୍ମିକ ତତ୍ତ୍ୱକୁ ବାସ୍ତବରେ ସାକାର କରିପାରିଥିବା ଗାନ୍ଧିଙ୍କୁ, ମାର୍ଟିନ ଲୁଥର ଯିଶୁଖ୍ରୀଷ୍ଟଙ୍କ ଏକ ଅବତାର ରୂପେ ବିଚାର କରୁଥିଲେ।

ମାର୍ଟିନ ଲୁଥରଙ୍କ ପାଇଁ ଗାନ୍ଧିଥିଲେ ଆଧୁନିକ ଯୁଗର ସର୍ବଶ୍ରେଷ୍ଠ ସତ୍ୟାଗ୍ରହୀ ଆଉ ଅହିଂସାତ୍ମକ ଆନ୍ଦୋଳନ ପ୍ରବର୍ତ୍ତନର ଉଜ୍ଜଳ ଆଲୋକ ବର୍ତ୍ତୀକା। ଗାନ୍ଧିହିଁ ନୈତିକ ମୂଲ୍ୟବୋଧ ସହ ରାଜନୈତିକ କାର୍ଯ୍ୟକଳାପର ସଫଳ ସମନ୍ୱୟ କରିପାରିଥିଲେ। ଗାନ୍ଧିଙ୍କଠୁ ସେ ଶିଖି ପାରିଥିଲେ କିପରି ସତ୍ୟ, ପ୍ରେମ ଓ ନୈତିକ ସାହସ ବଳରେ ଦମନାତ୍ମକ ହିଂସାକୁ ପରାଜିତ କରାଯାଇପାରିବ। ଆଫ୍ରୋ-ଆମେରିକୀୟ ନାଗରିକ ଅଧିକାର ଆନ୍ଦୋଳନରେ

ଗାନ୍ଧିଙ୍କ ପଦ୍ଧତି ଅନୁସରଣ କରୁଥିଲେ ବୋଲି ମାର୍ଟିନ ସ୍ପଷ୍ଟ ଘୋଷଣା କରିଥିଲେ। ୧୯୫୫ ମସିହା ଡିସେମ୍ବରରେ ଆଲବାମାସ୍ଥିତ, ମଣ୍ଟଗୋମାରି ସହରରେ ଆଫ୍ରୀକିୟ ମହିଳା ରୋଜାପାର୍କ, ସିଟ ପୂର୍ଣ୍ଣ ହୋଇଯାଇଥିବା ଏକ ସହକାରୀ ବସ୍‌ରେ ଜଣେ ଗୋରାଯାତ୍ରୀଙ୍କୁ ସ୍ଥାନ ନ ଛାଡିବା ଅପରାଧରେ ଗିରଫ ହେଲେ। ସର୍ବସାଧାରଣ ବସ୍‌ରେ ଏପରି ବିଭେଦପୂର୍ଣ୍ଣ ସ୍ଥାନ ସଂରକ୍ଷଣ ବ୍ୟବସ୍ଥାକୁ ବିରୋଧକରି ଆରମ୍ଭ ହେଲା "ବସ ବୟକଟ" ଆନ୍ଦୋଳନ ଆଉ ତା'ର ନେତୃତ୍ୱ ନେଇଥିଲେ ମାର୍ଟିନ ଲୁଥର। ଦକ୍ଷିଣ ଆଫ୍ରିକା ପିଟରମାରିଜବର୍ଗରେ, ଗୋରାମାନଙ୍କ ପାଇଁ ଉଦ୍ଦିଷ୍ଟ ଟ୍ରେନ ବଗିରୁ ତଡାଖାଇ ଅପମାନିତ ବାରିଷ୍ଟର ମୋହନଦାସ କରମଚନ୍ଦ ଗାନ୍ଧି, ଅହିଂସାତ୍ମକ ଆନ୍ଦୋଳନ କରି କଳା ଗୋରା ବିଭେଦ ଦୂର କରିବା ସହିତ ମହାତ୍ମାଗାନ୍ଧିରେ ପରିଣତ ହୋଇଗଲେ। ମଣ୍ଟଗୋମାରିରେ ମାର୍ଟିନ ଲୁଥର ଆରମ୍ଭ କରିଥିବା ସତ୍ୟାଗ୍ରହ, ସରକାରୀ ବସ୍ ବର୍ଜନ, ଶାନ୍ତିପୂର୍ଣ୍ଣ ପଦଯାତ୍ରା ଆଦି ଇଂରେଜ ଶାସନ ବିରୋଧରେ ଗାନ୍ଧି ପ୍ରୟୋଗ କରିଥିବା କୌଶଳର ଅବିକଳ ନକଲଥିଲା। ପ୍ରସଙ୍ଗ ଥିଲା ଅନ୍ୟାୟ ବିରୋଧରେ ଲଢେଇ, ଲକ୍ଷ୍ୟ ଆଉ ପଦ୍ଧତି ମଧ୍ୟ ସମାନଥିଲା। କେବଳ ଭିନ୍ନଥିଲା ନେତୃତ୍ୱ, ଆନ୍ଦୋଳନକାରୀଙ୍କ ଜାତୀୟତା, ସମୟ ଆଉ ଆନ୍ଦୋଳନର ସ୍ଥାନ। ଆମେରିକାର ସୁପ୍ରିମକୋର୍ଟ ସର୍ବସାଧାରଣ ଯାନବାହନରୁ ସଂରକ୍ଷଣ ବ୍ୟବସ୍ଥାକୁ ଅସାମ୍ବିଧାନିକ ଘୋଷଣା କରିବା ସହିତ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ଆନ୍ଦୋଳନର ସଫଳତା ପରେ ପରେ ଭାରତ ଗ୍ରସ୍ତ କରିବା ନିମନ୍ତେ ମାର୍ଟିନ ଲୁଥର ସ୍ଥିର କରିଥିଲେ। କିନ୍ତୁ ବିଭିନ୍ନ କାର୍ଯ୍ୟବ୍ୟସ୍ତତା, ବିଶେଷତଃ ମଣ୍ଟଗୋମାରି ଆନ୍ଦୋଳନର ସ୍ମୃତିଚରିତ ପୁସ୍ତକ "ଷ୍ଟ୍ରାଇଡ୍ ଟୁୱାଡସ ଫ୍ରିଡମ୍" ର ରଚନା ଆଉ ହାରଲେମରେ ତାଙ୍କ ଉପରେ ହୋଇଥିବା ଆକ୍ରମଣ ପରେ ସୁସ୍ଥହେବାକୁ ସମୟ ଲାଗିଲା। ପୁଣି ବାଟ ଓଗାଳିଥିଲା ଗସ୍ତ ନିମନ୍ତେ ଆବଶ୍ୟକୀୟ ଅର୍ଥଯୋଗାଡ କରିବା। ସେତବେଳକୁ ମାର୍ଟିନ ଜଣେ ମାନବବାଦୀ ଜନନେତା ରୂପେ ପ୍ରତିଷ୍ଠିତ ହୋଇସାରିଥିଲେ। ତେଣୁ ଅନେକ ଅନୁଷ୍ଠାନ ତାଙ୍କ ଭାରତ ଯାତ୍ରା ନିମନ୍ତେ ଆର୍ଥିକ ସହାୟତା ଯୋଗାଇବାକୁ ଆଗେଇ ଆସିଲେ। ଗାନ୍ଧି ସ୍ମାରକନିଧି, ମଣ୍ଟଗୋମାରି ବିକାଶ ସଂଘ, ଡେକ୍ସର ଆଭେନ୍ୟୁ ବ୍ୟାପିଷ୍ଟ ଚର୍ଚ୍ଚ, ଆମେରିକାନ ଫ୍ରେଣ୍ଡସ୍ ସର୍ଭିସ୍ କମିଟିଙ୍କ ପ୍ରଦତ୍ତ ଅର୍ଥ ମାର୍ଟିନଙ୍କ ତୀର୍ଥଯାତ୍ରାକୁ ସମ୍ଭବ କରିପାରିଲା। ଏହି ସବୁ କାରଣରୁ ପ୍ରାୟ ଚାରିବର୍ଷ ବିଳମ୍ବରେ ସତ୍ୟାଗ୍ରହର ପ୍ରୟୋଗଶାଳା ଭାରତକୁ ଗ୍ରସ୍ତକରି, ଗାନ୍ଧିବାଦ ସଂପର୍କରେ ନିଜ ଚିନ୍ତା ଓ ଚେତନାକୁ ଅଧିକ ମାର୍ଜିତ କରିବାର ସୁଯୋଗ ପାଇଲେ।


ଲୁଥର ପ୍ରକାଶ କରିଥିଲେ ଯେ ଭୌଗୋଳିକ ଦୃଷ୍ଟିକୋଣରୁ ଆମେରିକାର ଏକ ତୃତୀୟାଂଶ ହୋଇଥିବା ଭାରତର ଜନସଂଖ୍ୟା କିନ୍ତୁ ପ୍ରାୟ ତିନିଗୁଣ ଅଧିକ। ତେଣୁ ସ୍ୱାଧୀନୋତ୍ତର ଭାରତରେ ଜନସାଧାରଣଙ୍କୁ ଖାଦ୍ୟ, ବସ୍ତ୍ର ଓ ବାସଗୃହର ଅଭାବ ଲାଗିରହୁଥିଲା। ତେବେ ଦାରିଦ୍ର୍ୟତାର ନକରାତ୍ମକ ସ୍ଥିତି ସତ୍ତ୍ୱେ, ଆଧ୍ୟାତ୍ମିକତା ଓ ଆତ୍ମ ବିଶ୍ୱାସର ସକରାତ୍ମକ ଚେତନା ଭାରତୀୟ ସଂସ୍କୃତିର ମୁଖ୍ୟ ଆଧାର ବୋଲି ସେ ଅନୁଭବ କରିପାରିଥିଲେ। ଭାରତର ଛୁଆଁ-ଅଛୁଆଁ ଭେଦଭାବକୁ ସେ ଆମେରିକାର କଳା-ଗୋରା ବିଭେଦ ସହିତ ତୁଳନା କରିଥିଲେ। ସେ ହୃଦୟଙ୍ଗମ କରିଥିଲେ ଯେ ଭାରତ ସରକାର ଜାତିଭେଦ ଦୂରକରିବା ନିମନ୍ତେ ଯେଉଁ ନିଷ୍ଠା ପ୍ରଦର୍ଶନ କରୁଥିଲେ, ଆମେରିକାରେ କଳା ଗୋରା ବିଭେଦ ଦୂର କରିବା ନିମନ୍ତେ ସେପରି ନିଷ୍ଠା ପରିଲକ୍ଷିତ ହେଉନଥିଲା । ଭାରତର ପ୍ରଧାନମନ୍ତ୍ରୀଙ୍କଠୁ ଆରମ୍ଭକରି ଗାଁର ନିର୍ବାଚିତ ପ୍ରତିନିଧି ପର୍ଯ୍ୟନ୍ତ ସମସ୍ତେ ଅଛୁଆ ପ୍ରଥାର ପ୍ରଚଳନକୁ ପ୍ରକାଶ୍ୟରେ ବିରୋଧ କରୁଥିଲାବେଳେ ଆମେରିକାର ପଦାଧିକାରୀମାନେ କଳା ଗୋରା ଭେଦଭାବ ପ୍ରତି ନିଜ ଦୃଷ୍ଟିକୋଣ ଦର୍ଶାଇବାକୁ କୁଣ୍ଠାପ୍ରକାଶ କରୁଥିଲେ। ଗାନ୍ଧି ଜାତିପ୍ରଥାକୁ କେବଳ ମୁହଁରେ ବିରୋଧ କରୁନଥିଲେ; ଏହାର ନିରାକରଣ ନିମନ୍ତେ ମଧ୍ୟ କାର୍ଯ୍ୟକରୁଥିଲେ। ଅଛୁଆଲୋକଙ୍କୁ ସଙ୍ଗରେ ନେଇ ମନ୍ଦିରରେ ପ୍ରବେଶ କରାଇବାକୁ ଚେଷ୍ଟା କରୁଥିଲେ। ସେହି ହିସାବରେ ଆମେରିକା ରାଷ୍ଟ୍ରପତି ଆଇଜେନ ହାୱାର ଜଣେ ନିଗ୍ରୋ ବାଳକକୁ ସାଙ୍ଗରେ ନେଇ କେନ୍ଦ୍ରୀୟ ହାଇସ୍କୁଲରେ ପ୍ରବେଶ କରାଇପାରିବେ କି ନାହିଁ ବୋଲି ମାର୍ଟିନ ପ୍ରଶ୍ନ ଉଠାଇଥିଲେ।


ଭାରତ ଗ୍ରହଣ କରିଥିବା ଅନେକ ସରକାରୀ ନୀତିରେ ଗାନ୍ଧିବାଦର ପ୍ରଭାବ ରହିଛି। ଭାରତ କୌଣସିମତେ ଗାନ୍ଧିଙ୍କୁ ଭୁଲିପାରିବନାହିଁ ବୋଲି ସେ ଭବିଷ୍ୟବାଣୀ କରିଥିଲେ। ଗାନ୍ଧି ମୃତ୍ୟୁପରେ ପରେ ଗାନ୍ଧି ସ୍ମାରକ ନିଧି ବିଭିନ୍ନ ବ୍ୟକ୍ତିଙ୍କ ଠାରୁ ଦାନ ସୂତ୍ରରେ ପ୍ରାୟ ୧୩ କୋଟି ଟଙ୍କା ସଂଗ୍ରହ କରିପାରିଥିଲା। ସେ ସମୟରେ କୌଣସି ଜଣେ ବ୍ୟକ୍ତିର ସ୍ମୃତିରକ୍ଷା ନିମନ୍ତେ ଏପରି ଦାନ ସଂଗୃହିତ ହେବା ବିଶ୍ୱ ଇତିହାସରେ ବିରଳ। ମାର୍ଟିନ ଲୁଥର କିଙ୍ଗ ବିଶ୍ୱାସ ରଖିଥିଲେ ଯେ ଗାନ୍ଧିଦର୍ଶନ କେବଳ ଭାରତର ଭୌଗୋଳିକ ସୀମା ମଧ୍ୟରେ ଆବଦ୍ଧ ହୋଇରହିପାରିବ ନାହିଁ। ନ୍ୟାୟ, ସମାନତା ଓ ମାନବିକ ମର୍ଯ୍ୟାଦାପାଇଁ ସଂଘର୍ଷ କରୁଥିବା ବିଶ୍ୱର ପ୍ରତ୍ୟେକ ନିର୍ଯ୍ୟାତିତ ଲୋକଙ୍କ ପାଇଁ ଏହାର ଉପାଦେୟତା ରହିଛି। ତେଣୁ ଗାନ୍ଧି କେବଳ ଭାରତ ପାଇଁ ଜାତିର ପିତା ରୂପରେ ନୁହେଁ, ବରଂ ସାରା ବିଶ୍ୱର ଅହିଂସା ଗୁରୁ ଭାବରେ ବଞ୍ଚି ରହିବେ। ମାର୍ଟିନ ଲୁଥରଙ୍କ ତୀର୍ଥଯାତ୍ରାର ଅନୁଭବ ସତ୍ୟ ସାବ୍ୟସ୍ତ ହୋଇସାରିଛି।

**ପ୍ରଫେସର ମନ୍ଦାକିନୀ ଦାସ**

ରିଗାଲ ଭିଲ୍ଲା, ପ୍ରଶାନ୍ତି ବିହାର,ପଟିଆ, ଭୂବନେଶ୍ୱର

## ଖୁସିର ସହିତ ଜଣାଉଛୁ ଯେ,
## ପ୍ରାଚୀ ସାହିତ୍ୟ ସମାଜ ପ୍ରକାଶନ ତରଫରୁ
## ଦୁଇଟି ପୁସ୍ତକ ପ୍ରକାଶ ପାଇଛି ।




## PRACHEE SAHITYA SAMAJ PUBLICATION

At-Niladri Vihar. Po-Naya Bazar, Dist.-Cuttack-753004 (Odisha)

Mob. : 88957 07011

DOI : https://doi.org/10.5281/zenodo.18812575 ମୂଳ ପ୍ରବନ୍ଧ

# ବିବର୍ତ୍ତିତ ଜନଜାତି ଓ ବ୍ୟବସ୍ଥିତ ନୀତି

**ସୁମନ୍ତ ନାଏକ**

**ସଂକ୍ଷିପ୍ତସାର :**

ଭାରତ ବର୍ଷର ମହାନ ସଭ୍ୟତା ଓ ସଂସ୍କୃତିକୁ ପ୍ରଭାବିତ କରିଆସିଛି ଜନଜାତି ଜୀବନଧାରା । ତେଣୁ ଏହି ଜନଜାତିମାନଙ୍କର ସଭ୍ୟତା ଓ ସଂସ୍କୃତି ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ସ୍ୱତନ୍ତତା ରହିଛି । ଓଡ଼ିଶା ପରିପ୍ରେକ୍ଷୀରେ ମଧ୍ୟ ଜନଜାତିମାନଙ୍କର ସଭ୍ୟତା ଓ ସଂସ୍କୃତିକୁ ଖୁବ୍ ଧ୍ୟାନର ସହିତ ବିଚାର କରାଯାଇପାରେ । କାରଣ ଓଡ଼ିଶାର ଏକ ଚତୁର୍ଥାଂଶ ଲୋକ ହେଉଛନ୍ତି ଜନଜାତି ଗୋଷ୍ଠୀ । ବାଷଠି ଗୋଟି ଜନଜାତି ଗୋଷ୍ଠୀକୁ ନେଇ ଓଡ଼ିଶା ସମୃଦ୍ଧ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ଗୋଷ୍ଠୀମାନଙ୍କର ସାମାଜିକ ଓ ସାଂସ୍କୃତିକ ତଥା ଜୀବନଧାରଣର ପଦ୍ଧତି ସମାନ ନୁହେଁ । କିନ୍ତୁ ବିବିଧତା ମଧ୍ୟରେ ଏକତା ଜନଜାତିମାନଙ୍କର ମୌଳିକ ବିଶେଷତ୍ୱକୁ ପ୍ରତିଭତ କରେ । ଜନଜାତିମାନେ ସାଧାରଣତଃ ଗାଁମାନଙ୍କରେ ବସବାସ କରନ୍ତି । ଏହି ଗାଁଗୁଡ଼ିକର ଅବସ୍ଥିତି ପାହାଡ, ପର୍ବତ, ଜଙ୍ଗଲ ତଥା ମାଳଭୂମି ଅଂଚଳରେ । ନଦୀ ଝରଣା କୂଳ ପାହାଡିଆ ଅଂଚଳ ସେମାନଙ୍କର ପ୍ରମୁଖ ବାସଭୂମି । ଏପରି ଦୁର୍ଗମ ଅଂଚଳର ବାସ କରି ପରିବେଶ ଜନିତ ପ୍ରତିକୂଳତା ସତ୍ତ୍ୱେ ସେମାନେ ଏହାକୁ ଦୃଢତାର ସହିତ ସମ୍ମୁଖୀନ କରି କାହିଁ କେଉଁ ଆବହମାନ କାଳରୁ ବାସ କରି ସେହିଠାରେ ହିଁ ନିଜର ଜୀବିକା ନିର୍ବାହ କରୁଛନ୍ତି । ଏହି ଜୀବନ ନିର୍ବାହରେ ସହାୟକ ହୋଇଛି ସେମାନଙ୍କର ବଳିଷ୍ଠ ସଂସ୍କୃତି ଓ ଜୈବ ସାଂସ୍କୃତିକ ସମ୍ବଳର ଉପଯୋଗ ଦ୍ୱାରା । ବିବର୍ତ୍ତନର ଧାରାରେ ସେମାନଙ୍କର ସାମାଜିକ ଓ ସାଂସ୍କୃତିକ ପରିବର୍ତ୍ତନ ହୋଇଥିଲେ ହେଁ ନିଜର ମୌଳିକତା ଓ ଅସ୍ମିତା ଏବେ ମଧ୍ୟ ବଳବତ୍ତର ରହିଛି ।

ଜନଜାତିମାନେ ଅର୍ଥନୈତିକ ଦୃଷ୍ଟିରୁ ଅନଗ୍ରସର ମାତ୍ର ସେମାନଙ୍କର ସଂସ୍କୃତି ଓ ପରମ୍ପରା ବେଶ ବଳିଷ୍ଠ । ଆର୍ଥିକ ଅଭାବ ଅନଟନ ତାର ପ୍ରଭାବ ତଥା ପ୍ରାକୃତିକ ବିପର୍ଯ୍ୟୟ ଓ ପ୍ରତିକୂଳ ପରିବେଶର ପ୍ରଭାବ ସେମାନଙ୍କୁ ବିକଶିତ କରାଇବାରେ ଅନ୍ତରାୟ ସାଜିଛି । ମାତ୍ର ପ୍ରକୃତିକୁ ନେଇ ସେମାନଙ୍କର ସଂସ୍କୃତି ପର୍ଯ୍ୟବେଶିତ ହୋଇଥିବାର ସଂସ୍କୃତି ସବୁବେଳେ କ୍ରିୟାଶୀଳତାକୁ ରକ୍ଷା କରିଛି । ଏହି ସାଂସ୍କୃତିକ କ୍ରିୟାଶୀଳତା ସେମାନଙ୍କ ଜୀବନଧାରଣ ପ୍ରମୁଖ ସହାୟତା ପାଲଟିଛି । ଜନଜାତି ଜୀବନ ଶୈଳୀ ଖୁବ୍ ସାଧାରଣ ଓ ସରଳ । ଏହି ସରଳ ଓ ସାଧାରଣତାକୁ ନିମ୍ନମାନର କହିବା ଯଥାର୍ଥ ହେବ ନାହିଁ । ଏଥି ସହିତ ଉପାନ୍ତ ଅଂଚଳ ତଥା ଗମନାଗମନର ଘୋର ଅସୁବିଧା ବଶତଃ ସେମାନେ ଅଶିକ୍ଷିତ, ସ୍ୱାସ୍ଥ୍ୟ ସେବାରୁ ବଂଚିତ ତଥା ଅର୍ଥ ଉପାର୍ଜନ ପାଇଁ ସୁଯୋଗର ଅଭାବରେ ରହନ୍ତି । ସେମାନେ ଉପାନ୍ତିକ ହେତୁ ସୁଯୋଗରୁ

**ଯୋଗାଯୋଗ :**
**ଡକ୍ଟର ସୁମନ୍ତ ନାଏକ,** ସହାୟକ ପ୍ରାଧ୍ୟାପକ,
ଓଡ଼ିଆ ବିଭାଗ, ଧରଣୀଧର ବିଶ୍ୱବିଦ୍ୟାଳୟ, କେନ୍ଦୁଝର
**E-mail.ID :** naik.sumantra2@gmail.com
**ORCID ID :** https://orcid.org/0009-0007-1953-3738

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୪.୧୧.୨୦୨୫ | ୧୪.୧୨.୨୦୨୫ | ୨୫.୧୨.୨୦୨୫ | ୧.୦୨.୨୦୨୬ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ନାଏକ, ସୁମନ୍ତ; ୨୦୨୬। ବିବର୍ତ୍ତିତ ଜନଜାତି ଓ ବ୍ୟବସ୍ଥିତ ନୀତି । ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଟ; ପୃଷ୍ଠା :୯-୧୪।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.18812575
Article No - BPP00382

ବଂଚିତ । ତେଣୁ ଏହାର ମାର୍ମିକତାକୁ ଉପଲବ୍‌ଧ କରି ସରକାର ତଦନୁଯାଇ କାର୍ଯ୍ୟ କରିବା ଆବଶ୍ୟକ ।

**ପ୍ରମୁଖ ଶବ୍ଦାବଳୀ :**

ସଭ୍ୟତା, ସଂସ୍କୃତି, ପରମ୍ପରା, ପ୍ରାକୃତିକ ସମ୍ପଦ, ଜମି ଅଧିକାର, ପଂଚଶୀଳ ନୀତି, ଅସ୍ମିତା, ସାରନା ଧର୍ମ ।

**ପ୍ରସଙ୍ଗ :**

ସ୍ୱାଧୀନତା ପରବର୍ତୀ କାଳଠାରୁ ସରକାରଙ୍କର ଦୃଷ୍ଟି ଜନଜାତିଙ୍କ ଉପରେ ପଡିଛି । ସାମ୍ବିଧାନିକ ସୁରକ୍ଷା ତଥା ବିଭିନ୍ନ ପଂଚବାର୍ଷିକ ଯୋଜନା ମାଧ୍ୟମରେ ଉନ୍ନୟନ କାର୍ଯ୍ୟ ମାଧ୍ୟମରେ ଜନଜାତି ବିକାଶ ପ୍ରକ୍ରିୟା ଚାଲିଛି । ସରକାର ଜନଜାତି ଜୀବନଶୈଳୀ ଓ ସେମାନଙ୍କର ଆର୍ଥିକ ମେରୁଦଣ୍ଡ ଦମ୍ଭ କରିବା ପାଇଁ ସବୁବେଳେ ଚେଷ୍ଟା କରି ଆସିଛନ୍ତି । ତଥାପି ସେମାନଙ୍କର ଜୀବନଧାରା ବିକଶିତ ନୁହେଁ ବରଂ ଏବେ ବି ଜନଜାତିମାନେ ବହୁ ସମସ୍ୟା ଦେଇ ଗତି କରୁଛନ୍ତି ।

ଏକ ବିକଶିତ ଓଡ଼ିଶା ଗଠନ ତଥା ବିକଶିତ ଭାରତ ବର୍ଷ ଗଠନ ଜନଜାତିମାନଙ୍କୁ ଛାଡ଼ି ହୋଇପାରିବ ନାହିଁ ଏହା ନିଃସନ୍ଦେହ । ତେଣୁ ଜନଜାତି ସମସ୍ୟାବଳୀର ବିଲୋପ କରିବା, ସେମାନଙ୍କର ପାରିପାର୍ଶ୍ୱିକ ଅବସ୍ଥାକୁ ସ୍ୱତନ୍ତ୍ର ଧ୍ୟାନ ଦେବା, ବିସ୍ଥାପନ ସମସ୍ୟାରୁ ମୁକ୍ତ କରିବା,ସେମାନଙ୍କର ଶିକ୍ଷା ପାଇଁ ସ୍ୱତନ୍ତ୍ର ନିୟମ ପ୍ରଣୟନ କରିବା, ଆଶା ଆକାଙ୍‌କ୍ଷାକୁ ପରିପୂରଣ କରିବା ତଥା ସେମାନଙ୍କର ଜୀବନଶୈଳୀର ଗୁଣାତ୍ମକ ବିକାଶ ନିମନ୍ତେ ସ୍ୱତନ୍ତ୍ର ଧ୍ୟାନ ଦେବା, ଜନଜାତିମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିବା ସାମ୍ବିଧାନିକ ସୁରକ୍ଷା ପ୍ରଦାନ କରିବା ଓ ଉନ୍ନୟନ କାର୍ଯ୍ୟ ଯୋଜନାବଦ୍ଧ ଭାବରେ କରି କାର୍ଯ୍ୟକୁ ସଫଳ ରୂପ ଦେବା । ଜନଜାତି ଉନ୍ନତିରେ ସରକାରୀ ନିଷ୍ଠା ଏକାନ୍ତ ପ୍ରୟୋଜନ । ଜନଜାତିମାନଙ୍କର ଜୀବନଧାରାର ମାନବୃଦ୍ଧି ନହେଲେ ଦେଶର ସାମଗ୍ରୀକ ଉନ୍ନତି ବ୍ୟାହତ ହେବ ଏହା ନିଃସନ୍ଦେହ । ତେଣୁ ଜନଜାତି ସମସ୍ୟାର ସମାଧାନ ଓ ନିରାକରଣ ଏକ ଜାତୀୟ ଦାୟିତ୍ୱ ।

ଏକ ବୃହତ ଜନଜାତି ଗୋଷ୍ଠୀର ଆବାସସ୍ଥଳୀ ଆମ ଓଡ଼ିଶା ପ୍ରଦେଶ । ତେଣୁ ରାଜ୍ୟରେ ବାସ କରୁଥିବା ଏକ ଚତୁର୍ଥାଂଶ ଜନଜାତି ଗୋଷ୍ଠୀର ଜୀବନଧାରାରେ ଉନ୍ନତି ଘଟିଲେ ଏହା ରାଜ୍ୟକୁ ସମୃଦ୍ଧି ପଥରେ ଆଗେଇ ନେବ । ଏକଥା ଆମକୁ ବୁଝିବାକୁ ହେବ ଯେ ଜନଜାତିମାନେ ହେଉଛନ୍ତି ଏ ମାଟିର ଆଦ୍ୟ ସନ୍ତାନ । ସେମାନଙ୍କର ଜୀବନଧାରା ତଥା ବଂଚିବାର ପଦ୍ଧତିରୁ ସୃଷ୍ଟି ସୁଦୃଢ ସଂସ୍କୃତିର ମାର୍ଜିତ ରୂପକୁ ସଭ୍ୟ ସମାଜ ଗ୍ରହଣ କରି ଜୀବନ ନିର୍ବାହ କରୁଛନ୍ତି । ଏହି ଆଦିମ ସଂସ୍କୃତିର ସୁରକ୍ଷା ବି ବର୍ତ୍ତମାନ ସାମୁହିକ ଦାୟିତ୍ୱ ଏକଥା ଆମ ସମସ୍ତଙ୍କୁ ବିଚାର କରିବାକୁ ହେବ ।

ନଦୀ ପରି ଜନଜାତି ମଣିଷର ଜୀବନଧାରା, ତାର ଗତି କଳକଳ ଆଉ ମୁଖରିତ । ନଦୀ ଯେମିତି ତାର ଗତିପଥରେ ବନ୍ଧୁରତାକୁ ପାଏ, ନରମତାକୁ ଭେଟେ, ଜଙ୍ଗଲ ସମତଳ ଭୂମିରେ ସୁଖ ଗତି କରେ ଜନଜାତି ମଣିଷ ମଧ ତଦ୍ରୁପ । ସବୁବେଳେ ସମସ୍ୟା ଆଉ ପ୍ରତିକୂଳ ପରିବେଶ ତାର ସାଥି । ତଥାପି ସରଳ ଆଉ ଅବଶୋଷ ହୀନ ତାର ଗତି । ପ୍ରତିବାଦ ଆଉ ପ୍ରତିରୋଧ ବି ଖୁବ୍ ସରଳ ପଣରେ । ଜନଜାତି ମଣିଷ ଭାବି ନେଇଛି ଏମିତି ଜୀବନ ତାର ଭଗବାନଙ୍କର ଦାନ । ସେ ଏମିତି ବଂଚିବ ଆଉ ସୁଖରେ ବଂଚିବ ।

ଯଦି ଜନଜାତି ମଣିଷମାନଙ୍କର ଇତିହାସକୁ ଅବଲୋକନ କରିବା ତେବେ ଦେଖିବା ସେହିମାନେ ହିଁ ହେଉଛନ୍ତି ଏ ମାଟିର ଆଦ୍ୟ ସନ୍ତାନ । ସେହିମାନଙ୍କର ହିଁ ବାସ୍ତବିକ ଅଧିକାର ଏ ମାଟି ଉପରେ । ସେହିମାନେ ହିଁ ଏହି ସୁନ୍ଦରର ପ୍ରକୃତିର ଏକ ଜୀବନ୍ତ ଅଙ୍ଗ । ଯେତେବେଳେ ଏ ଧରାଧାମରେ ମଣିଷମାନଙ୍କ ଭିତରେ ଭେଦ ନଥିଲା, ଜାତି ଧର୍ମର ବିଚାର ନଥିଲା ସେହି କାଳରୁ ଜନଜାତିମାନେ ଥିଲେ ଏକ ଆଦର୍ଶ ଜୀବନଧାରାରେ ବଂଚୁଥିବା ପ୍ରକୃତିକୁ ପୂଜା କରୁଥିବା ମଣିଷ ପଣିଆକୁ ଗୁରୁତ୍ୱ ଦେଉଥିବା ସନାତନୀ ମଣିଷ । ଏ କଥା ସ୍ପଷ୍ଟ ହିନ୍ଦୁ, ମୁସଲମାନ ଖ୍ରୀଷ୍ଟ, ଜୈନ, ବୁଦ୍ଧ ଆଦି ଧର୍ମ ସୃଷ୍ଟି ପୂର୍ବରୁ ଜନଜାତିମାନେ ଥିଲେ ସନାତନୀ । ସେତେବେଳେ ଧରାପୃଷ୍ଠର ସବୁ ମଣିଷ ଥିଲେ ସନାତନୀ । ତେଣୁ ସନାତନ ଜୀବନଧାରା ହିଁ ବାସ୍ତବରେ ମଣିଷର ଧର୍ମ ।

ଏବେ ଯାହାକୁ ଧର୍ମ କୁହାଯାଉଛି ତାହା ତ ଉପାସନା ପଦ୍ଧତି । କିଛି ବ୍ୟକ୍ତି ସମେବତ ଭାବରେ ଏକ ନିର୍ଦ୍ଦିଷ୍ଟ ପଦ୍ଧତିରେ ଏକ ନିର୍ଦ୍ଦିଷ୍ଟ ଶକ୍ତିକୁ ଉପାସନା କରିବା ହିଁ ତ ଧର୍ମ । ଏହି ପରିପ୍ରେକ୍ଷୀରେ ଦେଖିଲେ ଜନଜାତିମାନେ ପ୍ରକୃତି ପୂଜାରେ କରନ୍ତି

ନିଜକୁ ସମ୍ପୂର୍ଣ୍ଣ ଉତ୍ସର୍ଗ । ବଣ, ଜଙ୍ଗଲ, ନଦ,ନଦୀ, ତାରା, ଜହ୍ନ, ସୂର୍ଯ୍ୟ ଆଦି ପ୍ରକୃତିର ସବୁ ଅଂଶ ଜନଜାତିର ଉପାସ୍ୟ ଦେବଦେବୀ । ବୃକ୍ଷଲତା ତଥା ପାହାଡକୁ ଉପାସନା କରିବାର ଅନନ୍ୟ ପଦ୍ଧତିକୁ ଜନଜାତିମାନେ କହିଥାନ୍ତି ତାହା ସେମାନଙ୍କର ଧର୍ମ । ଯଦି ଉପାସନାର ପଦ୍ଧତି ହେଉଛି ଧର୍ମ, ତାହେଲେ ସାଧନା ଥିଲା ଏକ ଉପାସନାର ପଦ୍ଧତି । ତେଣୁ ଅନେକ ଜନଜାତିମାନେ କହନ୍ତି ସେମାନଙ୍କର ଧର୍ମ ହେଉଛି ସାଧନା ଧର୍ମ । ମାତ୍ର ନିବିଡ ଅନୁକ୍ଷଣ କଲେ ପ୍ରତିଭାତ ହୁଏ ସେମାନେ ସନାତନୀ ।

ଜନଜାତିମାନେ ଖୁବ୍ ସରଳ । ସେହି ସରଳ ଜୀବନ ଧାରାରେ ବସ୍ତୁବାଦର ମୋହର ପ୍ରେଲପ ଦେବା ଆରମ୍ଭ ହୋଇଥିଲା ଉନବିଂଶ ଶତକରୁ । ଇଂରେଜମାନେ ଦେଶକୁ ଶାସନ କରିବା ଅନ୍ତରାଳରେ ଏକ ଘୃଣ୍ୟ ଚେତନାର ପ୍ରୟୋଗ ଜନଜାତିମାନଙ୍କ ଉପରେ କରି ସେମାନଙ୍କୁ ନିଜ ଅକ୍ତିଆରକୁ ପ୍ରଚେଷ୍ଟାରେ ହୋଇଥିଲା ଖ୍ରୀଷ୍ଟଧର୍ମର ପ୍ରଚାର । ସରଳ ମନରେ ଶିଘ୍ର ପ୍ରଭାବ ପକାଇବାର ପ୍ରୟାସ ସେମାନଙ୍କର ସଫଳ ହୋଇଥିଲା । ସେମାନେ ଜନଜାତିକୁ ପ୍ରଲୋଭିତ କରି ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କରେଇଲେ । ଫଳରେ ଜନଜାତି ମଣିଷମାନଙ୍କ ଭିତରୁ ସେହି ସରଳ ଭାବ ଦୂରେଇଲା । ସେମାନେ ତାଙ୍କର ଜାତି ଗୋତ୍ରକୁ ପାସୋରିବାକୁ ଲାଗିଲେ । ଯାହା ଫଳରେ ସେମାନଙ୍କ ନାମ ବିଦେଶୀ ନାମ ପାଲଟିଲା । ବିଦେଶୀ ନାମକୁ ଦେଶୀ ସାଙ୍ଗିଆ ବର୍ତ୍ତମାନ ତାର ଅସ୍ମିତାକୁ ଦେଶ ଆରପାରିକୁ ନେଇ ଯାଇଛି ।

ଖ୍ରୀଷ୍ଟଧର୍ମର ପ୍ରଭାବରେ ସେମାନେ ବିକଶିତ ହୋଇଛନ୍ତି କି ସେମାନଙ୍କର ଅସ୍ତିତ୍ୱ ପ୍ରଭାବିତ ହୋଇଛି ତାହା କେବଳ ସେହିମାନେ ହିଁ ଦେଇପାରିବେ । ମାତ୍ର ସେମାନଙ୍କ ପାଖରୁ ଯାହା ଚାଲିଯାଇଛି ତାହା ବେଶ୍ ଚିନ୍ତାର ବିଷୟ । ଯେମିତି ସେମାନେ ତାଙ୍କ ଜୀବନ ଧାରାରେ ପ୍ରକୃତିକୁ ସାମିଲ କରି ଭୂମିର ସନ୍ତାନ ଥିଲେ ତାହା ତାଙ୍କ ମନରୁ ହଜିଯାଇଛି । ବୃକ୍ଷ ଦେବତା ଗଛ ପାଲଟିଛି । ପାଟ ଦେବତା ଜଳଶ୍ରୟ ହୋଇଛି । ମାରଂବୁରୁ ପଥରର ରୂପ ନେଇଛି । ଯେଉଁ ପିତୃ ପୁରୁଷ ଦିନେ ଡୁମା ଭାବରେ ପୂଜା ପାଉଥିଲା ତାହା ସଇତାନ ପାଲଟିଛି । ଭୂଗୋଳ ଉପରେ ଖ୍ରୀଷ୍ଟ ଧର୍ମ ତାର ଇତିହାସ ଲେଖୁଛି । ନିଜ ଧର୍ମକୁ ପରିବର୍ତ୍ତନ କରି ପାଶ୍ଚାତ୍ୟ ଧର୍ମରେ ନିଜକୁ ସାମିଲ୍ କରିଥିବା ଜନଜାତି ମଣିଷମାନଙ୍କଠାରୁ ବାସ୍ତବରେ ଜନଜାତି ଅସ୍ମିତା ହଜିଯାଇଛି ।

## ପ୍ରାସଙ୍ଗିକ ଆଲୋଚନା :

ଜଳ,ଜଙ୍ଗଲ, ଜମି ଏହା ହେଉଛି ପ୍ରାକୃତିକ ସଂପଦ । ଏହି ତିନି ସଂପଦର ଅନନ୍ୟ ଉପାସକ ହେଉଛନ୍ତି ଜନଜାତି ମଣିଷମାନେ । ସେମାନେ ନିଜକୁ ପ୍ରକୃତି ଠାରେ ଏମିତି ଉତ୍ସର୍ଗ କରିଦେଇଛନ୍ତି ଯେ ସେମାନଙ୍କୁ ପ୍ରକୃତିର ବିଶିଷ୍ଟ ଅଙ୍ଗ କହିଲେ ଅତ୍ୟୁକ୍ତି ହେବ ନାହିଁ । ମାତ୍ର ଏହି ପ୍ରାକୃତିକ ସଂପଦ ଉପରେ ବର୍ତ୍ତମାନ ସଭ୍ୟ ମଣିଷମାନେ କହୁଛନ୍ତି କୃତ୍ରିମ ଅଧିକାର । ଫଳତଃ ପ୍ରକୃତି କ୍ଷତିଗ୍ରସ୍ତ ହୋଇଛି । ଜନଜାତି ମଣିଷ ବାସ ପାଇଁ ବାଟ ଖୋଜୁଛି । ସଭ୍ୟ ମଣିଷର କୃତ୍ରିମ ଅଧିକାରରେ ଯେଉଁ ଖଣି ଖନନ, ଶିଳ୍ପ ନିର୍ମାଣ ହେଉଛି ତାହା ଦ୍ୱାରା ଜନଜାତି ମଣିଷର ଶାଶ୍ୱତ ବିଚାର, ମାନବିକ ମୂଲ୍ୟବୋଧ ତଥା ତାଙ୍କ ଅର୍ନ୍ତଚେତନାକୁ ପ୍ରଭାବିତ କରିଛି । ଜନଜାତି ମଣିଷର ବିଚାର ଧାରାକୁ ହତ୍ୟା କରାଯାଇଛି । ବିକାଶର ଯେଉଁ ପ୍ରଚେଷ୍ଟା ଚାଲିଛି, ତାହା ଜନଜାତି ବିକାଶକୁ ବାଦ୍ ଦେଇ ପୂର୍ଣ୍ଣ ବିକାଶ କଥା ଚିନ୍ତା କରାଯାଇ ପାରେନା ।

ସ୍ୱାଧୀନତା ପରବର୍ତୀ ସମୟରେ ୧୯୫୨ ମସିହାରେ ପ୍ରଥମ ସାଧାରଣ ନିର୍ବାଚନ ପରେ ପରେ ଭାରତ ବର୍ଷର ମୂଳ ଅଧିବାସୀ ବା ଜନଜାତିମାନଙ୍କ ଉପରେ ସରକାରଙ୍କର ଦୃଷ୍ଟି ପଡ଼ିଲା ଏହି ଅବହେଳିତ ଗୋଷ୍ଠୀର ପୁନଃ ଉଦ୍ଧାର ତଥା ସେମାନଙ୍କୁ ସାମାଜିକ ବ୍ୟବସ୍ଥାର ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ଆଦିବାସୀ ବିକାଶର ପଂଚଶୀଳ ନୀତି ପ୍ରଣୟନ କରାଗଲା । ଏହି ପଂଚଶୀଳ ନୀତିକୁ ଅନୁଧାନ କଲେ ପରିଦୃଶ୍ୟ ହୁଏ ଯଦି ସରକାରୀ ବ୍ୟବସ୍ଥା ଏହାର ସୁପାଳନ କରିଥାନ୍ତା ବା ଅନ୍ୟ ଅର୍ଥରେ କୁହାଯାଇପାରେ ଏହି ନୀତି ପ୍ରଣୟନର ଅସମର୍ଥତା ଜନଜାତିମାନଙ୍କୁ ମୁଖ୍ୟସ୍ରୋତକୁ ଆଣିବାରେ ସଫଳ ହୋଇପାରି ନାହିଁ । ନୀତି ନିର୍ଦ୍ଧାରିତ ହେଲା ମାତ୍ର ଉପାନ୍ତ ଅଂଚଳକୁ ନୀତିର ଯାତ୍ରା ପହଂଚିଲା ନାହିଁ । ଜନଜାତିମାନେ ପୁଣି ସେହି ନିଜର ସ୍ୱକୀୟ ଜୀବନଧାରାରେ ରହିଲେ ।

୧୯୫୨ ମସିହାରେ ଆଦିବାସୀ ବିକାଶର ପଂଚଶୀଳ ନୀତିଗୁଡ଼ିକ ହେଉଛି –

(୧) Promote traditional talent - (ଜନଜାତି ପାରମ୍ପରିକ ପ୍ରତିଭା ଓ ଦକ୍ଷତାକୁ ପ୍ରସ୍ତାହନ) ଏହା ଦ୍ୱାରା ଜନଜାତି ପ୍ରତିଭାକୁ ଚିହ୍ନି, ସେମାନଙ୍କର ଦକ୍ଷତାକୁ ପ୍ରସ୍ତାହନ ଦେଇ

ଜନଜାତି ବିକାଶର କାର୍ଯ୍ୟ କରିବାର ଯୋଜନା ବାସ୍ତବିକ ଗୁରୁତ୍ୱପୂର୍ଣ୍ଣ ଥିଲା ।

(୨) Respect land and forest right - (ଜଙ୍ଗଲ ଓ ଜମି ଅଧିକାରକୁ ସମ୍ମାନ) ଜଙ୍ଗଲରେ ବାସ କରୁଥିବା ଜନଜାତିମାନଙ୍କର ବାସ୍ତବିକକ ଅଧିକାର ଥିଲା ଜଙ୍ଗଲ ଉପରେ । ସେମାନଙ୍କର ଜଳ,ଜଙ୍ଗଲ,ଜମିର ମାଲିକାନା ସରକାରୀ ବ୍ୟବସ୍ଥାରେ ପ୍ରଦାନ କରାଇବାର ଲକ୍ଷ୍ୟ ରହିଥିଲା ।

(୩) Development Administration - (ଜନଜାତି ଗୋଷ୍ଠୀର ଲୋକଙ୍କୁ ବିକାଶ ଓ ପ୍ରଶାସନର ଦାୟିତ୍ୱ ପ୍ରଦାନ କରାଯିବ । ବାହାରର ଲୋକଙ୍କୁ ନୁହେଁ କାରଣ ସରକାର ବୁଝିଥିଲେ ଯେ ଜନଜାତିମାନଙ୍କର ଅନ୍ତଃସମସ୍ୟା କେବଳ ଜନଜାତିମାନେ ହିଁ ବୁଝିପାରିବେ ଓ ସେମାନଙ୍କର ଭାବକୁ ବୁଝି କାମ କରିବେ, ଏହା ସରକାରୀ ଲକ୍ଷ୍ୟ ଥିଲା ।

(୪) Avaid rivalary - (ସ୍ୱଚ୍ଛଳତା ପ୍ରଦାନ ବା ସେମାନଙ୍କର ଅସ୍ମିତାରେ ବାଧା ନ ପହଂଚାଇବା) ଜନଜାତି ସଂସ୍କୃତି, ପରମ୍ପରା ଓ ଜୀବନଧାରା ସ୍ୱତନ୍ତ୍ର ଏହି ସ୍ୱତନ୍ତ୍ରତାର କୌଣସି ବାଧା ନ ଦେଇ ସରକାର ସେମାନଙ୍କର ଅସ୍ମିତାକୁ ସାଥି କରି ବିକାଶ କରିବାର ଲକ୍ଷ୍ୟ ।

(୫) Measure civic groth - (ଜନଜାତି ଜୀବନ ଧାରାର ଗୁଣାତ୍ମକ ମାନବୃଦ୍ଧି) ଏହି ସ୍ୱତନ୍ତ୍ର ବିନ୍ଦୁ ଅନୁସାରେ ସରକାର ମୁକ୍ତ ହସ୍ତରେ ଜନଜାତି ବିକାଶର କାର୍ଯ୍ୟ କରିବେ । କେତେ ଖର୍ଚ୍ଚ ହେଲା ତାହା ମୂଳ କଥା ନହୋଇ ଜନଜାତିମାନଙ୍କର ଗୁଣାତ୍ମକ ମାନବୃଦ୍ଧି କେତେ ହେଲା ତାହାକୁ ସରକାର ଲକ୍ଷ୍ୟ ରଖିଲେ । ଜନଜାତି ବିକାଶର ମୂଲ୍ୟାୟନ ବା ମାପକାଠି ସେମାନଙ୍କର ଜୀବନରେ ଗୁଣାତ୍ମକ ମାନ ବୃଦ୍ଧି ହୋଇ ପାରିବ । ସରକାରଙ୍କର ଏହା ଥିଲା ସ୍ୱତନ୍ତ୍ର ଲକ୍ଷ୍ୟ ।

ବାସ୍ତବିକ ଏହି ପଂଚଶୀଳ ନୀତି ଭାରତରେ ବାସ କରୁଥିବା ଜନଜାତିମାନଙ୍କ ପରିପ୍ରେକ୍ଷୀରେ ଥିଲା ବେଶ୍ ଗୁରୁତ୍ୱପୂର୍ଣ୍ଣ । ମାତ୍ର ଏହାର ସୁପରିଚାଳନା ହୋଇ ନପାରିବାରୁ , ଜନଜାତିମାନଙ୍କୁ ଏହି ଯୋଜନାର ସୁଫଳ ମିଳିନଥିଲା । ଫଳତଃ ସେମାନେ ଉପଲବ୍ଧ କରିଥିଲେ ଯେ ସେମାନଙ୍କର ଅଧିକାର କ୍ଷୁର୍ଣ୍ଣ ହୋଇଛି । ସେମାନଙ୍କ ଜୀବନଧାରଣର ପ୍ରମୁଖ ଆବଶ୍ୟକତା ଜଳ,ଜଙ୍ଗଲ,ଜମି ସେମାନଙ୍କଠାରୁ ଦୂରେଇ ଯାଉଛି । ଖଣି ଖନନ, ଶିଳ୍ପ ପ୍ରତିଷ୍ଠା ତଥା ଅନ୍ୟାନ୍ୟ ବିକାଶ ନାମରେ ସରକାର ସେମାନଙ୍କୁ ବାସଚ୍ୟୁତ କରୁଛନ୍ତି ବୋଲି ସେମାନେ ଅନୁଭବ କଲେ । ଜନଜାତିମାନଙ୍କର ଏହି ଅଭିଯାନକୁ ଉଗ୍ରରୂପ ପ୍ରଦାନ କରି କିଛି ମୁଷ୍ଟିମେୟ ଚିନ୍ତକ ତାଙ୍କ ସରଳ ମନରେ ବିଷ ଭରି ଦେଲେ । ଫଳତଃ ଜଳ, ଜଙ୍ଗଲ, ଜମି ବିପନ୍ନ ହୋଇଛି ତାକୁ ରକ୍ଷା କରିବାକୁ ହେବ ଚିନ୍ତା କରି ସରଳ ଜନଜାତିମାନେ ଶସ୍ତ୍ର ଧରିଲେ । ସରକାର ଆଉ ଜନଜାତିମାନଙ୍କର ସଂଘର୍ଷରେ କିଛି ଜନଜାତିମାନେ କେବଳ ଏହାର ଶିକାର ହୋଇ କଷ୍ଟ ଜୀବନ ବିତେଇଲେ ।

ସରକାରଙ୍କରଙ୍କର ପଂଚଶୀଳ ନୀତି ବିଫଳ ହୋଇଥିଲା କି ସଫଳ ହୋଇଥିଲା ତାହା ସେହି ସମୟ ପରିପ୍ରେକ୍ଷୀରେ ଆଲୋଚିତ ହେବା ଦରକାର । କାରଣ ସେତେବେଳର ସମ୍ବଳ ଓ ସାଧରେ ସରକାରଙ୍କର ଏହି ଚିନ୍ତାର ପ୍ରୟୋଗ ଆଜି ବି ଆନ୍ତରିକତାରେ କଲେ ଜନଜାତି ବିକାଶ ହୋଇ ପାରିବ ଏହା ନିଃସନ୍ଦେହ ।

ସ୍ୱାଧୀନତା ପରବର୍ତ୍ତୀ କାଳରୁ ଏଯାବତ୍ ସରକାର ଜନଜାତି ଉନ୍ନୟନ ପାଇଁ ଯତ୍ନବାନ ହୋଇ ଏଥିନିମନ୍ତେ ଯଥେଷ୍ଟ ବ୍ୟୟ ଅଟକଳ କହିଛନ୍ତି । ପ୍ରତ୍ୟେକ ପଂଚବିର୍ଷିକ ଯୋଜନାରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଜନଜାତିମାନଙ୍କର ବିକାଶ ପାଇଁ ଯୋଜନା କରାଯାଇଛି । କୃଷି, ପଶୁପାଳନ, ମତ୍ସଚାଷ, କୁଟୀର ଶିଳ୍ପ, ଶିକ୍ଷା, ଶିଶୁକଲ୍ୟାଣ ଆଦି କ୍ଷେତ୍ର ପାଇଁ ସରକାର କୋଟିକୋଟି ଟଙ୍କା ବ୍ୟୟ କରିଛନ୍ତି ଆଉ କରୁଛନ୍ତି । କିଛି ବର୍ଷ ପୂର୍ବରୁ ସରକାର ଜନଜାତିଙ୍କ ପାଇଁ ସ୍ୱତନ୍ତ୍ର ମନ୍ତ୍ରଣାଳୟ ଖୋଲି ତାହାର ମନ୍ତ୍ରୀ ଭାବରେ ଜଣେ ଜନଜାତି ମଣିଷକୁ ଦାୟିତ୍ୱ ପ୍ରଦାନ କରି ସେମାନଙ୍କର ବିକାଶ ପାଇଁ କାର୍ଯ୍ୟ କରୁଛନ୍ତି । ବିଭିନ୍ନ ଜନଜାତିଙ୍କ ନାମରେ ସ୍ୱତନ୍ତ୍ର ଉନ୍ନୟନ ବ୍ୟବସ୍ଥା କରି ସେହି ଜନଜାତିର ଶିକ୍ଷା, ସ୍ୱାସ୍ଥ୍ୟ ତଥା କୃଷି ଆଦି କ୍ଷେତ୍ରରେ ବିକାଶ ପାଇଁ ଜନଜାତି ଉନ୍ନୟନ ସଂସ୍ଥାଗୁଡିକ କାର୍ଯ୍ୟରତ ଅଛନ୍ତି । ମାତ୍ର ଏସବୁ ସତ୍ତ୍ୱେ ଜନଜାତି ସାମଗ୍ରିକ ବିକାଶ ଆଜି ବି ପ୍ରଶ୍ନବାଚୀ । ଆଜିବି ଜନଜାତିମାନେ

ବାସ କରୁଥିବା ଉପାନ୍ତ ଅଂଚଳ ସାମାଜିକ ମୁଖ୍ୟସ୍ରୋତଠାରୁ ଦୂରରେ । ତେଣୁ ସରକାର ଏ ଦିଗରେ ସ୍ୱତନ୍ତ୍ର ଗବେଷଣା କରି ସେମାନଙ୍କର ବିକାଶରେ ଚେଷ୍ଟିତ ହେବା ଦରକାର ।

ବିକାଶ କେବଳ ଶିକ୍ଷା ପ୍ରଦାନ ଦ୍ୱାରା ସମ୍ଭବ । ମାତ୍ର ଶିକ୍ଷା ବ୍ୟବସ୍ଥା ଜନଜାତିମାନଙ୍କର ଅସ୍ମିତା ସହିତ ବିଜଡିତ ହୋଇ ରହିବା ଆବଶ୍ୟକ । ସଭ୍ୟ ମଣିଷ ଯେଉଁ ବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନ କରି ଶିକ୍ଷା ପ୍ରଦାନ କରୁଛି ଓ ଯେଉଁ ଶିକ୍ଷାନୀତିକୁ ଆପଣେଇଛି ସେହି ଶିକ୍ଷା ପଦ୍ଧତି ଜନଜାତିମାନଙ୍କୁ ସାମଗ୍ରୀକ ଭାବରେ ଶିକ୍ଷିତ କରିବ ଏହା ସନ୍ଦେହ ଘେରରେ । ତେଣୁ ଜନଜାତିମାନଙ୍କୁ ଶିକ୍ଷିତ କରାଇବା ପାଇଁ ସ୍ୱତନ୍ତ୍ର ଶିକ୍ଷା ବ୍ୟବସ୍ଥା ଆପଣେଇବା ଦରକାର । ତେଣୁ ନିମ୍ନ ଲିଖିତ ଦିଗ ପ୍ରତି ସଚେତନ ରହି ଶିକ୍ଷା ପ୍ରଦାନ କଲେ ଜନଜାତିମାନେ ଶିକ୍ଷିତ ହୋଇ ସାମାଜିକ ମୁଖ୍ୟ ସ୍ରୋତରେ ସାମିଲ୍ ହୋଇ ପାରିବେ ବୋଲି ମୋର ବିଶ୍ୱାସ ।

୧. ଜନଜାତିମାନଙ୍କର ଶିକ୍ଷା ବ୍ୟବସ୍ଥା ସେମାନଙ୍କର ମାତୃଭାଷାରେ ହେବା ଦରକାର । କାରଣ ମାତୃଭାଷା ଦ୍ୱାରା ସହଜରେ ଜ୍ଞାନ ଆହରାଣ ହୋଇଥାଏ । ଜନଜାତିମାନେ ଗୋଟିଏ ଭାଷା କହୁଥିବାବେଳେ ସେମାନଙ୍କୁ ଅନ୍ୟ ଭାଷାରେ ଶିକ୍ଷାଦାନ କଲେ ପ୍ରଥମେ ଭାଷା ସମସ୍ୟା ଆସେ । ଫଳତଃ ଶିକ୍ଷାର୍ଥୀ ଭୟ ପାଇଁ ଶିକ୍ଷା ବ୍ୟବସ୍ଥାରୁ ଦୂରେଇ ରହିଥାଏ । ସରକାର ମାତୃଭାଷା ଶିକ୍ଷାକୁ ବାଧ୍ୟତାମୂଳକ କରିବା ଦରକାର ।

୨. ଅନେକ ଜନଜାତିମାନଙ୍କର ସଂଖ୍ୟା ସ୍ୱଳ୍ପ ତେଣୁ ସେହି ଜନଜାତିମାନଙ୍କୁ ତାଙ୍କ ଭାଷାରେ ଶିକ୍ଷା ପ୍ରଦାନରେ ଅସୁବିଧା ହୁଏ । ଏ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ଅଂଚଳକୁ ନେଇ ବହୁ ସଂଖ୍ୟାରେ କଥା ହେଉଥିବା ଭାଷା ମାଧ୍ୟମରେ ଶିକ୍ଷା ପ୍ରଦାନ କରିବା ଆବଶ୍ୟକ । ଏ କ୍ଷେତ୍ରରେ ଶିକ୍ଷକର ପାରଦର୍ଶିତା ଗୁରୁତ୍ୱପୂର୍ଣ୍ଣ ।

୩. ଶିକ୍ଷକ ଚୟନ କ୍ଷେତ୍ରରେ ମଧ୍ୟ ସ୍ୱତନ୍ତ୍ର ଗୁରୁତ୍ୱ ଦେବା ଦରକାର । ଶିକ୍ଷା ପ୍ରଦାନ ଯେଉଁ ଭାଷାରେ ହେବ ଶିକ୍ଷକ ସେହି ଭାଷାର ଜନଜାତି ହୋଇଥିଲେ ବହୁତ ଭଲ । ଏଥି ସହିତ ସେହି ଶିକ୍ଷକର ବହୁ ଭାଷାରେ ଦକ୍ଷତା ଭିନ୍ନ ଭିନ୍ନ ସମୟରେ ପ୍ରୟୋଗ କରି ଅନ୍ୟ ଭାଷା ସହିତ ପିଲାମାନଙ୍କୁ ପରିଚିତ କରାଯାଇପାରେ ।

୪. ସ୍ଥାନୀୟ ଲୋକ ପ୍ରତିନିଧି ତଥା ବୁଦ୍ଧିଜୀବିମାନଙ୍କର ସୁଚିନ୍ତିତ ମତକୁ ନେଇ ସରକାର ଶିକ୍ଷା ନୀତି ପ୍ରସ୍ତୁତ କରିବା ଦରକାର ।

୫. ପିଲାମାନଙ୍କର ପାଠପଢା ପାଇଁ ଶୈକ୍ଷିକ ବାତାବରଣ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ଦରକାର । ପରିବେଶ ଜନଜାତିଙ୍କୁ ସୁହାଇଲା ପରି ହେବା ଦରକାର । ତେଣୁ ଶିକ୍ଷାନୁଷ୍ଠାନ ନିର୍ମାଣ ସମୟରେ ପ୍ରାକୃତିକ ପରିବେଶ ପ୍ରତି ଧ୍ୟାନ ଦେବା ଦରକାର । ଉଚ୍ଚା ଉଚ୍ଚା କୋଠା ଅବା ବାବୁ ମାନସିକତାର ଶିକ୍ଷକ ଦ୍ୱାରା ଜନଜାତି ଶିକ୍ଷା ବ୍ୟାହତ ହୋଇଥାଏ ।

୬. ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ପାଠ୍ୟକ୍ରମ ନିର୍ଣ୍ଣୟ । ବିଷୟଗୁଡ଼ିକରେ କ'ଣ କ'ଣ ରହିବ ଓ କେମିତି ପଢା ହେବ । ଏ ଦିଗରେ ଜନଜାତି ମୁଖିଆଙ୍କ ସହିତ ପରାମର୍ଶ ଜରୁରୀ । ଏଥି ସହିତ ଜନଜାତି ଶିକ୍ଷକମାନଙ୍କୁ ସ୍ୱତନ୍ତ୍ର ଟ୍ରେନିଂ ସେମାନଙ୍କର ଅସ୍ତିତ୍ୱ ଓ ଅସ୍ମିତାନୁଯାଇ ଦେଇ ତା'ର ପ୍ରୟୋଗ ପିଲାମାନଙ୍କ ଠାରେ କରିବାକୁ ଯତ୍ନବାନ ହେବା ଦରକାର ।

୭. ଜନଜାତିମାନଙ୍କର ସଂସ୍କୃତି, ପରମ୍ପରା ତଥା ଐତିହ୍ୟ ସହିତ ସଂପର୍କିତ ବିଷୟ ବସ୍ତୁ ପାଠ୍ୟକ୍ରମରେ ରହିବା ଦରକାର । ସେମାନଙ୍କର ଲୋକବିଦ୍ୟା, ଜ୍ଞାନ ପରମ୍ପରା ତଥା ରୀତିନୀତି, ପୂଜାପଦ୍ଧତି, ଲୋକ ବିଶ୍ୱାସ, କର୍ମିକର୍ମାଣୀ, ପର୍ବପର୍ବାଣୀ, ଗୀତନୃତ୍ୟ, ଲୋକବାଦ୍ୟ, ଆଦର୍ଶ ଜୀବନଧାରା, କୃଷିକର୍ମ, ସଂଘର୍ଷ କଥା, ବୃକ୍ଷପୂଜା, ପରିବେଶ ସଚେତନତା, ଜୀବଜନ୍ତୁ ସଂପର୍କରେ ଜ୍ଞାନ, ସମୟ ଜ୍ଞାନ, କୁଶଳୀ ହେବା ପାଇଁ ଯୋଜନା, ସେମାନଙ୍କର ଲୋକ କାହାଣୀ, ଲୋକଗୀତ, ସେମାନଙ୍କର ସୃଷ୍ଟି ରହସ୍ୟ ଆଦିକୁ ଗୁରୁତ୍ୱ ଦେଇ ଗଣିତ, ସାହିତ୍ୟ, ଭୁଗୋଳ, ବିଜ୍ଞାନ ତଥା ବିଭିନ୍ନ ଭାଷା ସାହିତ୍ୟ ସଂପର୍କରେ ଶିକ୍ଷା ଦେବା ଦରକାର । ସେମାନଙ୍କର ଅସ୍ମିତାର ଅନନ୍ୟ ପରିଚୟ ଜଳ, ଜଙ୍ଗଲ ଓ ଜମି ସଂପର୍କରେ ଶିକ୍ଷା ବ୍ୟବସ୍ଥାରେ ସ୍ଥାନ ରହିବା ଦରକାର ।

୮. ଜନଜାତି ବାଳିକାମାନଙ୍କୁ ଶିକ୍ଷା ପ୍ରଦାନ ସମୟରେ କୁଟୀର ଶିଳ୍ପ ସମ୍ବନ୍ଧରେ ସୂଚନା ଦେବା ସହିତ ସେମାନଙ୍କର

ପାରମ୍ପରିକ ଲୋକ ଶିଳ୍ପକୁ ପ୍ରତ୍ସାହିତ କରି ଶିକ୍ଷା ଦେବା ଦରକାର । ଯଥା - ଠେକା, ପାଛିଆ, ପଟିଆ ବୁଣିବା, ପତ୍ରରେ ଖଲି ଚଉପତି ତିଆରିବା, ବାଉଁଶ ଯାତ ଦ୍ରବ୍ୟ ତିଆରିବା ଇତ୍ୟାଦି ।

୯. ଶିକ୍ଷକ ନିଯୁକ୍ତି ସମୟରେ ଜନଜାତି ଶିକ୍ଷକ ନିଯୁକ୍ତ ପାଇଁ ବୟସ ଓ ଶିକ୍ଷାଗତ ଯୋଗ୍ୟତାକୁ କୋହଳ କରି ଶିକ୍ଷକ ନିଯୁକ୍ତି କଲେ ଓ ସ୍ଥାନୀୟ ସ୍ତରକୁ ଗୁରୁତ୍ୱ ଦେଲେ ବିଦ୍ୟାଳୟ ବର୍ଷ ସାରା କ୍ରିୟାଶୀଳ ହୋଇ ରହିବ । ବାହାର ଶିକ୍ଷକ ନିଯୁକ୍ତିରେ ଏ ଅନିମିୟତା ଦେଖା ଦେଇଥାଏ ।

୧୦. ବିଭିନ୍ନ ପ୍ରଶିକ୍ଷଣ ଅନୁଷ୍ଠାନ ଜନଜାତି ଅଂଚଳରେ ପ୍ରତିଷ୍ଠା କରି ଜନଜାତି ପିଲାଙ୍କୁ ପ୍ରଶିକ୍ଷିତ କରିବା ଦରକାର ।

୧୧. ପିତାମାତା ତଥା ଅଭିଭାବକମାନଙ୍କ ମଧ୍ୟରେ ସଚେତନ କରାଇ ପିଲାମାନଙ୍କୁ ସ୍କୁଲ ପଠେଇବା ପାଇଁ ଯତ୍ନବାନ ହେବା ଦରକାର । ନହେଲେ ପିଲା ପରମ୍ପରାର ବଶବର୍ତ୍ତୀ ହୋଇ ଛୋଟ ବେଳୁ ଜଙ୍ଗଲ ଭିତରକୁ ଯାଇ ଶିକାର ଆଦି କାର୍ଯ୍ୟରେ ଲିପ୍ତ ରହିବ ।

୧୨. ଶିକ୍ଷାର୍ଥୀର ସାମର୍ଥ୍ୟ ଅନୁଯାଇ ଶିକ୍ଷା ତଥା ପ୍ରଶିକ୍ଷଣ ପ୍ରଦାନ କରିବା ଆବଶ୍ୟକ । ଏଥି ସହିତ ସ୍ୱାସ୍ଥ୍ୟ ସଚେତନତାର ଶିକ୍ଷା ପ୍ରଦାନ ଓ ସଚେତନ କରାଇବା ଜରୁରୀ ।

**ଉପସଂହାର :**

ଜନଜାତିମାନେ ଖୁବ୍ ସରଳ ତଥା ନିରାଡମ୍ବର ଭାବରେ କରନ୍ତି ଜୀବନ ନିର୍ବାହ । ତେଣୁ ତାଙ୍କ ସାଂସ୍କୃତିକ ଓ ପାରମ୍ପରିକ ବ୍ୟବସ୍ଥା ଖୁବ୍ ସରଳ । ମାତ୍ର କାହିଁ କେତେ କାଳରୁ ଏହି ସରଳ ପଣର ଜୀବନଧାରାରେ ସେମାନେ ସୁଦୃଢ ଭାବରେ ଅବସ୍ଥାନ କରୁଛନ୍ତି ଏହି ମାଟିରେ । ତାର ବିଶେଷ କାରଣ ହେଉଛି ଜନଜାତିମାନଙ୍କର ରହିଛି ସ୍ୱତନ୍ତ୍ର ପ୍ରଜ୍ଞା ଓ ଚେତନା ଶକ୍ତି । ଏଥି ସହିତ ରହିଛି ପାରମ୍ପରିକ ଲୋକ ଜ୍ଞାନ ଓ ଲୋକ ବିଦ୍ୟା । ପୁରୁଷାନୁକ୍ରମିକ ଭାବରେ ଏହାର ପ୍ରୟୋଗ କରି ସେମାନେ ଖୁବ୍ ଅଭିଜ୍ଞ ଭାବରେ ଜୀବନ ନିର୍ବାହ କରନ୍ତି । ତେଣୁ ସାଂପ୍ରତିକ ସମୟରେ ସରକାର ଏସବୁକୁ ଦୃଷ୍ଟି ଦେଇ ଯୋଜନା କରି ସେମାନଙ୍କର ରୁଚି ଅନୁସାରେ ଶିକ୍ଷା ପ୍ରଦାନ କଲେ ଜନଜାତି ବିକାଶ ହୋଇପାରିବ ଏବଂ ଜନଜାତି ବିକାଶ ହେଲେ ଦେଶ ବିକଶିତ ହେବ ।

**ସହାୟକ ଗ୍ରନ୍ଥସୂଚୀ :**

(୧) ପରମ୍ପରାର ପ୍ରବାହରେ ଜନଜାତି ଅସ୍ମିତା - ଡକ୍ଟର ସୁମନ୍ତ ନାଏକ

(୨) ଜନଜାତି ଜୁଆଙ୍ଗ - ଡକ୍ଟର ତରୁଣ ଗାଙ୍ଗୁଲୀ

(୩) ପୂର୍ଣ୍ଣାଭୂ : କେନ୍ଦୁଝର - ଡକ୍ଟଣ ସୁମନ୍ତ ନାଏକ

(୪) କୋଣାର୍କ (ଆଦିବାସୀ ଭାଷା, ସାହିତ୍ୟ ଓ ସଂସ୍କୃତି ବିଶେଷାଙ୍କ) ଓଡ଼ିଶା ସାହିତ୍ୟ ଏକାଡେମୀ

(୫) ଓଡ଼ିଶାର ଆଦିବାସୀ ସମାଜ - ଭାଗୀରଥି ନେପାକ

❖ ❖ ❖

DOI : https://doi.org/10.5281/zenodo.18812619 ମୂଳ ପ୍ରବନ୍ଧ

# ସାରଳା ମହାଭାରତର କାରକ ବିଭକ୍ତି ଓ ଚର୍ଚ୍ଚା

**ଅରବିନ୍ଦ ଦାସ**

**ସଂକ୍ଷିପ୍ତସାର:**

ସାରଳା ଦାସଙ୍କ ମହାଭାରତର ଚର୍ଚ୍ଚା ଅବକାଶରେ ଉଭୟ ଭାବପକ୍ଷ ଓ କଳାପକ୍ଷ ଗୁରୁତ୍ୱପୂର୍ଣ୍ଣ ନିର୍ବାହ କରିଥାଏ । ଭାବପକ୍ଷ ଆଲୋଚନାର ସବୁଠାରୁ ବିଶେଷ ଦିଗ ହେଉଛି ଏଥିରେ ବର୍ଣ୍ଣିତ ଜୀବନ ଧର୍ମୀସତ୍ୟତା । ଠିକ୍ ସେମିତି କଳାପକ୍ଷ ପ୍ରତି ଦୃଷ୍ଟିଦେବା ସମୟରେ ପ୍ରଥମେ ଏହାର ବିଶାଳ ଶବ୍ଦଭଣ୍ଡାର ଆମ ଆଖିରେ ପଡେ । ଏହାକୁ ନେଇ ଚର୍ଚ୍ଚା କରିବାର ଗୁରୁତ୍ୱ ଆଜି ମଧ୍ୟ ଅନୁଭୂତ ହୁଏ । ଆମେ ଆଜି ଭାଷାର କଂପ୍ୟୁଟରୀକରଣ, ମେସିନ ଅନୁବାଦ ଓ ଭାଷାଷ୍ମ ସଂଗ୍ରହ କଥା ଚର୍ଚ୍ଚା କଲାବେଳେ, ସମ୍ବାଦପତ୍ର, ସିନେମାର ସଂକାଳପରୁ ଶବ୍ଦ ସଂଗ୍ରହକରି ଏହାର ଭାଷାଷ୍ମ ନିର୍ଣ୍ଣୟ କରିଛେ । 'ଇଣ୍ଡିଆନ ଲାଙ୍ଗୁଏଜ କର୍ପୋରା ଇନିସିଏଟିଭ' ଫେଜ-୧ ଓ ଫେଜ-୨ ପ୍ରକଳ୍ପ ଏହାର ଉଦାହରଣ (୧) ମାତ୍ର ସାରଳା ମହାଭାରତ ଯେ ବିପୁଳ ଭାଷାର ଭଣ୍ଡାତାର, ଏ କଥାକୁ ଆମେ ଅଣଦେଖା କରି ଚାଲିଛେ । ନିଜ ସାହିତ୍ୟ ଭିତରେ ଥିବା ଭାଷା ଭଣ୍ଡାରକୁ ସ୍ୱଭିତି ଭୂମି ଉପରେ ଠିଆ କରାଇ ଚର୍ଚ୍ଚା କରାଯିବାର ପ୍ରୟାସ କମ୍ । ଓଡିଆ ଭାଷାର ଜନନୀ ଯେ ସଂସ୍କୃତ ଭାଷା ଏହାକୁ ନେଇ ଆଜି ମଧ୍ୟ ଚର୍ଚ୍ଚା ଘନ । କିନ୍ତୁ ଓଡିଆ ଭାଷାର ପ୍ରକୃତ ଭାଷା ସହିତ ଯେ ଏକ ନିବିଡ ଯୋଗସୂତ୍ର ରିହିଛି, ସାରଳା ମହାଭାରତରୁ ଏହାର ପ୍ରମାଣ ଆମେ ପାଇପାରିବା । ଏହି ଆଲୋଚନାରେ ଓଡିଶା ସରକାରଙ୍କ ରାଜ୍ୟ ସଂଗ୍ରହାଳୟରୁ ପ୍ରାପ୍ତ, ପାଠୋଦ୍ଧାର ହୋଇ ନ ଥିବା ପୋଥି "ଓ ଆରପି. ୩୬୨" ଯାହାକୁ ରେଭେନସା ବିଶ୍ୱବିଦ୍ୟାଳୟର ଗବେଷଣା ପ୍ରତିଷ୍ଠାନ ଓଡିଶାନ ଷ୍ଟଡିଜ୍ ଅର୍ନ୍ତଗତ ସେଣ୍ଟର ଫର ଡିଜିଟାଲ ହ୍ୟୁମାନିଟିଜ ଓ ଟ୍ରାନସଲେସନ ଷ୍ଟଡିଜ ( ଡିଜିଟାଲ ମାନବବିଦ୍ୟା ଓ ଅନୁବାଦ ଅଧ୍ୟୟନ କେନ୍ଦ୍ର) ଅଧୀନରେ କାର୍ଯ୍ୟରତ ଗବେଷକମାନଂକ ଦ୍ୱାରା ପାଠୋଦ୍ଧାର କରାଯାଇଛି । ଏହାକୁ ଆଧାର କରି ସାରଳା ମହାଭାରତ ଆଦିପର୍ବ କାରକ ବିଭକ୍ତି ସଂପର୍କରେ ଆଲୋଚନା କରିଛି ।

**ପ୍ରମୁଖ ଶବ୍ଦାବଳୀ:**

ସାରଳା ମହାଭାରତ ତାଳପତ୍ର ପୋଥି,କାରକ,ସମ୍ବନ୍ଧ ପଦ, ବିଭକ୍ତି ପ୍ରାଚୀନ ଭାଷା, ପୁରୁଷ, ବଚନ, କର୍ତ୍ତା,କର୍ମ ପଦ୍ୟାତ୍ମକ ଓ ଗଦ୍ୟାତ୍ମକ ଶବ୍ଦ ଚୟନ ପଦ ର୍ନିଣ୍ଣୟ,ପ୍ରାତିପାଦକ, ପ୍ରୟୋଗ

## ପ୍ରସଙ୍ଗ:

୧.୧: ସାରଳା ମହାଭାରତ ଆଲୋଚନା ପରିପ୍ରେକ୍ଷିରେ ସର୍ବ ପ୍ରଥମେ କାରକ ଓ ପରବର୍ତ୍ତୀ ପର୍ଯ୍ୟାୟରେ ବିଭକ୍ତି ପ୍ରସଂଗ ସଂପର୍କରେ ଆଲୋଚନା କରିବା । ବର୍ତ୍ତମାନ 'କାରକ' ପ୍ରସଂଗକୁ ଯିବା । କାରକରୂପ ସିଦ୍ଧିର (Inflection)ର ଅଂଶ ବିଶେଷ । 'କାରକ' ସର୍ବାଧିକ ବ୍ୟାସକରଣିକ କିନ୍ତୁ ଜ୍ଞାନ ମୀମାଂସା

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ
Quick Response Code:
Available online at : https://pracheenews.com/
DOI: https://doi.org/10.5281/zenodo.18812619
Article No - BPP00383

**ଯୋଗାଯୋଗ : ଡକ୍ଟର ଅରବିନ୍ଦ ଦାସ,** ରିସର୍ଚ୍ଚ ଆସୋସିଏଟ୍, ଓଡିଶାନ୍ ଷ୍ଟଡିଜ୍, ଡିଜିଟାଲ ମାନବବିଦ୍ୟା ଓ ଅନୁବାଦ ଅଧ୍ୟୟନ କେନ୍ଦ୍ର, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ, ଓଡିଶା
**Email :** dasaurobinda4@gmail.com
**ORCID ID:** https://orcid.org/0009-0008-1896-5667

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୪.୧୧.୨୦୨୫ | ୧୪.୧୨.୨୦୨୫ | ୨୫.୧୨.୨୦୨୫ | ୧.୦୨.୨୦୨୬ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଦାସ, ଅରବିନ୍ଦ ; ୨୦୨୬। ସାରଳା ମହାଭାରତର କାରକ ବିଭକ୍ତି ଓ ଚର୍ଚ୍ଚା। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଟ; ପୃଷ୍ଠା :୧୫-୩୨।

(epistemology) ଓ ତର୍କଶାସ୍ତ୍ରରେ ସର୍ବାଧିକ ଏଥିରୁ ସୁସ୍ପଷ୍ଟ ଯେ କାରକ ଚର୍ଚ୍ଚାର ସକଳ ଆଧାର ଭୂମି ବ୍ୟାକରଣ । ସଂସ୍କୃତ ବ୍ୟାକରଣରେ କାରକର ତିନୋଟି ସଂଜ୍ଞା ପ୍ରଦ (୨)

"କ୍ରିୟାଜନକମକାରକମ" (ସୃଷ୍ଟିକରିବା)

"କ୍ରିୟାନିର୍ବକମକାରକମ" । (ନିବାରକ ବା ନିବୃତ୍ତିକାରକ)

"କ୍ରିୟାନ୍ୱୟିକାରକମ" (ଅନୁଗମନ ବା ସମ୍ବନ୍ଧ)

ଅର୍ଥାତ ଯିଏ କ୍ରିୟା ସଢଷ୍ଟି କରେ, ଯାହା କ୍ରିୟାର ନିର୍ବନ କରେ, ଯାହା କ୍ରିୟାର ଅନୁଗମନ କରେ ବା ସମ୍ବନ୍ଧ ସ୍ଥାପନ କରେ ତାହାକୁ 'କାରକ' କୁହାଯାଏ । ବାକ୍ୟରେ ପଦ ମଧ୍ୟରେ ଥିବା ସ୍ୱାଭାବିକ ସମ୍ବନ୍ଧ ବା କ୍ରମ ଦୃଷ୍ଟିରୁ ଆମେ ପ୍ରଥମ ଓ ତୃତୀୟ ସଂଜ୍ଞାକୁ ଗ୍ରହଣ କରିବା । କିନ୍ତୁ ଏ ତିନୋଟି ଯାକ ସଂଜ୍ଞାର ଏକ ସାଧାରଣ ଗୁଣ ଧର୍ମ ରହିଛି । ତାହା ହେଉଛି 'କ୍ରିୟା' । ଏହି 'କ୍ରିୟା' ଓ 'କାରକ'ଉଭୟଙ୍କ ମଧ୍ୟରେ ସଂପର୍କ ନିବିଡ । ଗୋଟିଏକୁ ଛାଡି ଅପରଟିର ପରିକଳ୍ପନା କରାଯାଇ ପାରେନା । ତୃତୀୟ ସଂଜ୍ଞାଟିକୁ ୧୯୬୮ ମସିହାରେ ଗୋପୀନାଥ ନନ୍ଦଶର୍ମାଙ୍କ ଦ୍ୱାରା ଲିଖିତ 'ଓଡିଶା ଭାଷାତତ୍ତ୍ୱ' ଓ ୧୯୬୯ ମସିହାରେ ଶ୍ରୀଧର ଦାସଙ୍କ ଦ୍ୱାରା ଲିଖିତ 'ସର୍ବସାର ବ୍ୟାକରଣ' ରେ ଗ୍ରହଣ କରାଯାଇଛି ।

ଓଡିଶାରେ ସାତୋଟି କାରକ ସହିତ ସାତୋଟି ବିଭକ୍ତିକୁ ସଂଯୁକ୍ତ କରାଯାଇଛି । ଯଥାକ୍ରମେ କର୍ତ୍ତାକାରକ-୧ମା ବିଭକ୍ତି, କର୍ମ କାରକ-୨ୟା ବିଭକ୍ତି, କାରଣକାରକ- ୩ୟା ବିଭକ୍ତି, ସଂପ୍ରଦାନ କାରକ- ୪ର୍ଥ ବିଭକ୍ତି, ଅପାଦାନ କାରକ – ୫ମୀ ବିଭକ୍ତି, ସମ୍ବନ୍ଧପଦ- ୬ଷ୍ଠୀ ବିଭକ୍ତି ଓ ଅଧିକରଣ କାରକ – ୭ମୀ ବିଭକ୍ତି ।

୧.୨ – ବର୍ତ୍ତମାନ ନିମ୍ନସାରଣୀରେ ମାନକ ଓଡିଆ ଭାଷାର ବ୍ୟବହୃତ ବିଭକ୍ତି ସଂକେତ ଓ ସାରଳା ମହାଭାରତରେ ବ୍ୟବହୃତ ବିଭକ୍ତି ସଂକେତ ଦେଖାଇବି ।

ବିଭକ୍ତି ଭାଷାର ମାନକ ବିଭକ୍ତି ସଂକେତ (ଏକ ବଚନ ଓ ବହୁବଚନ) ସାରଳା ମହାଭାରତ ବିଭକ୍ତି ସଂକେତ

ପ୍ରଥମା ଏ(ହେ, ଟି, ଟା, ଟେ, ଟାଏ, ଟିଏ – ଏକବଚନ)

ଏ, ମାନ, ମାନେ, ଗୁଡାକ, ଗୁଡିକ, ଗୁଡିଏ- ବହୁବଚନ ଏ,ୟେ, ଅବିଭକ୍ତିକ କର୍ତ୍ତା ମଧ୍ୟ ବ୍ୟବହାର କରାଯାଏ ।

ଦ୍ୱିତୀୟା କୁ, ଙ୍କୁ, କି, ଙ୍କି, ଟାକୁ, ଟିକୁ, - ଏକବଚନ ଏ,ରେ,ତେ, ନ୍ତି, କଇ, କଇଂ, କଇ, କୁଇଂ, କୁ କି ଅବିଭକ୍ତିକ କୁ କୁ, ମାନଙ୍କୁ, ମାନଙ୍କଠାରୁ – ବହୁବଚନ କର୍ମରେ ମଧ ବ୍ୟବହୃତ

ତୃତୀୟା ରେ, ଦ୍ୱାରା, ଦେହି, ଦେଇ- ଏକବଚନ

ଏ. ଏଂ, ଣେ, ଏଣ, ରେଣ, ୟେଣ, ଅବିଭକ୍ତିକକରଣ

ମାନଙ୍କରେ, ମାନଙ୍କଦ୍ୱାରା, ମାନଙ୍କଦେହି, କାରକର ବ୍ୟବହୃତ

ମାନଂକଦେଇ- ବହୁବଚନ

ଚତୁର୍ଥୀ କୁ, ଙ୍କୁ, କି, ଙ୍କି, ଟିକୁ, ଟାକୁ – ଏକବଚନ

ଏ,ତେ, କୁ, କି, କଇ, କଇଂ, କୁଇ, କୁଇ

ଙ୍କୁ, ମାନଙ୍କୁ – ବହୁବଚନ

ପଂଚମୀ ରୁ, ଉ, ଠାରୁ, ଠଉଁ, ଠଉଁ, ତହୁଁ, ହୁଁ, ଟିରୁ

ଉ, ଉଂ, ହୁଂ, ରୁ

ଠାରୁ – ଏକବଚନ

ମାନଙ୍କର. ଗୁଡିକରୁ, ଗୁଡାକରୁ, ମାନଙ୍କଠୁଁ, ମାନଙ୍କଠାରୁ

ମାନଙ୍କୁଠୁଁ, ମାନଙ୍କଠାରୁ, ମାନଙ୍କଠଉଁ, ଗୁଡିକଠୁଁ,

ଗୁଡାକଠୁଁ- ବହୁବଚନ

ଷଷ୍ଠୀ ର,ଙ୍କ, ଙ୍କର, ଟିର, ଟାର- ଏକବଚନ

କର, କରି, କ, ର, ର, ଅବିଭକ୍ତିକ ସମ୍ବନ୍ଧ ପଦରେ ମଧ୍ୟ ବ୍ୟବହୃତ

ଙ୍କ, ଙ୍କର, ମାନଙ୍କ, ମାନଙ୍କର, ଗୁଡିକର,

ଗୁଡାକର – ବହୁବଚନ

**ସପ୍ତମୀ** ଏ, ରେ, ଠାରେ, ଟାରେ, ଟିରେ, ଠାଇଁ, ଠି ଅବିଭକ୍ତିକ ଅଧିକରଣ ପଦରେ ମଧ ବ୍ୟବହୃତ ହୁଏ ।

ଠେଇଁ, ତହିଁ – ଏକବଚନ

ମାନଙ୍କରେ, ମାନଂକଠାରେ, ମାନଙ୍କଠାଇଁ,

ମାନଙ୍କଠୁଁ- ବହୁବଚନ

ଏହି ସାରଣୀରୁ ଆମେ ମାନକ ଓଡିଆ ଭାଷାର ବିଭକ୍ତି ସଂକେତ ଓ ସାରଳା ମହାଭାରତ ବିଭକ୍ତି ସଂକେତ ସଂପର୍କରେ ଅବଗତ ହୋଇପାରିବା ।

୧.୩- ବର୍ତ୍ତମାନ ଓ.ଆର.ପି ୩୬୨ ପୋଥି (ସାରଳା ମହାଭାରତର ଆଦିପର୍ବ)ରୁ ଦୃଷ୍ଟାନ୍ତମାନ ସଂଗ୍ରହ କରି କାରକ ଓ ବିଭକ୍ତିର ଆଲୋଚନା କରିବା । ଆମେ ସମସ୍ତେ ଜାଣିଛେ କର୍ତ୍ତା କାରକରେ ପ୍ରଥମା ବିଭକ୍ତି ହୋଇଥାଏ । ଯିଏ କ୍ରିୟା ସଂପାଦନ କରେ ଏବଂ କରାଏ ତାକୁ କର୍ତ୍ତା କୁହାଯାଏ । ଏହି କର୍ତ୍ତା ତିନି ପ୍ରକାରର । ଯଥା: ମୁଖ୍ୟକର୍ତ୍ତା, ଗୌଣ କର୍ତ୍ତା ଓ ପ୍ରଯୋଜକ କର୍ତ୍ତା । କର୍ତ୍ତାର ପୁରୁଷ ଓ ବଚନ ଅନୁସାରେ କ୍ରିୟାର ପୁରୁଷ ଓ ବଚନ ସୂଚିତ ହେଲେ ମୁଖ୍ୟ କର୍ତ୍ତା ହୋଇଥାଏ । ସୂଚିତ ନ ହେଲେ ଗୌଣକର୍ତ୍ତା ଏବଂ ଯିଏ ଅନ୍ୟକୁ କ୍ରିୟାରେ ପ୍ରାୟୋଜିତ କରେ, ସେ ପ୍ରଯୋଜକ କର୍ତ୍ତା । ବର୍ତ୍ତମାନ କର୍ତ୍ତା କାରକ– ପ୍ରଥମା ବିଭକ୍ତିକୁ ଦୁଇ ଭାଗରେ ବିଭକ୍ତ କରି ଆଲୋଚନା କରିବା ।

କ) ବିଭକ୍ତି ରହିତ କର୍ତ୍ତା

ଖ) ବିଭକ୍ତି ସଂଯୁକ୍ତ କର୍ତ୍ତା

"ଯେହି ଦ୍ଵାଦସ ଜେବେ ହୋଇବ କୁମାରି

ତେବେ ସେ ବଂସରକ୍ଷା ହୋଇବ ନା ବିଚାରି ।" (ଫେଲିଓ ନମ୍ବର – ୪୨, ପଦ- ୧୧, ଓଆରପି ୩୬୨)



ଏଠାରେ ବିଭକ୍ତି ସଂକେତ ଉହ୍ୟ ରହିଛି । ସ୍ଥାନେ ସ୍ଥାନେ କର୍ତ୍ତାରେ ପ୍ରଥମା ସଂକେତ ଏ (ୟେ) ହୋଇଅଛି ।'ଏ' ମୂଳତଃ ବହୁବଚନ – ପ୍ରଥମା ସଂକେତ । ଓଡିଆ ବ୍ୟକରଣରେ ବହୁବଚନ ଓ ସମ୍ମାନସୂଚନ ଏକବଚନ ପ୍ରୟୋଗ ମଧ୍ୟରେ ଆକୃତିଗତ ପାର୍ଥକ୍ୟ ନଥାଏ । ତେଣୁ ଏ – ୟେ ସମ୍ମାନସୂଚକ ଏକବଚନରେ ବ୍ୟବହୃତ ହୋଇଛି ।


ଏ – ୟେ ସମ୍ମାନ ସୂଚକ ଏକବଚନରେ ବ୍ୟବହୃତ ହୋଇଛି ।

ଏ- (ୟେ) –

"ଦେବତାଙ୍କୁଂ ସମାର୍ଯନା କଲେ କଲେକ ଜେ ବିଧି ।


ତ୍ରିଦଶ୍ୟ **ଦେବତାୟେ** ବସୀଲେ ଆସ୍ତାନେ" ।

(ଫୋଲିଓ ନଂ – ୪, ପଦ – ୨,ଓଆରପି ୩୬୨)



ଅଭୟେ ସତ୍ୟଯୁଗେ ମୁ ଅଟଇ ଅନନ୍ତ ।


ଇନ୍ଦ୍ର **ଦେବତାୟେ** ମୋହର ପଞ୍ଚୁଭୂତ ।(ଫୋଲିଓ ନଂ – ୧୫୯, ପଦ – ୧୧, **ଓଆରପି ୩୬୨**)



ଏ – ୟେ ବହୁବଚନରେ ବି ବ୍ୟବହୃତ ହୋଇଛି ।

ସାଧୁ ସାଧୁ ଶବଦ ଶୁଭିଲା ଧ୍ଵନୀ ଗୋଟୀୟେ ।

ଗଗନୁ ପୁଷ୍ପବୃଷ୍ଟୀ କଲେ **ଦେବତାୟେ** । (ଫୋଲିଓ ନଂ – ୧୨୦, ପଦ – ୧୩,**ଓଆରପି ୩୬୨**)




ବେନି ଲୋଚନ ଯେ ହୋଇଲା ଚନ୍ଦ୍ରଶୁର୍ଯ ।

**ଦେବତାୟେ** ରୋମାବଳି ହୋଇଲେ ପକଂଜ ÖÖ


( ଫୋଲିଓ ନଂ – ୧୬୧, ପଦ – ୯, ଓଆରପି ୩୬୨)

(ଦେବତା – ଏ – ଦେବତା= ଦେବତାୟେ)



******ର ଜନ ମୁଖ ।


**ରାଜାୟେ** ବୋଇଲେ କାହାର ଅଛି ସଖ୍ୟ (ଫୋଲିଓ ନଂ – ୨୬, ପଦ – ୨, ଓଆରପି ୩୬୨)



**ରାଜାୟେ** ବିଭା ହୋଇ ******ସେହିଦିନୁ

କଥା ସେ ଆସନ୍ତି ନିଜ ଭୁବନୁ । (ଫୋଲିଓ ନଂ –୬୪, ପଦ – ୧୦, ଓଆରପି ୩୬୨)

(ରାଜା – ଏ – ରାଜା= ରାଜାୟେ)




(ବିଶେଷ୍ୟ ଓ ବିଶେଷଣ ପ୍ରାତିପାଦକ ପ୍ରକରଣରେ ୟ ଶ୍ରୁତି)

ଏକ ବଚନ ସମ୍ମାନସୂଚକ ଅର୍ଥରେ :

"ନୃପତୀର * ଅବରେ ନେଇ ଦେଲାକ ପୁଷ୍ପମାଳି ।


**ଶ୍ରୀଭୁଜେ** ଶମ୍ଭରାଣ ସାନନ୍ଦ ହୋଇଲେ ଅସ୍ୱମାଳି" । (ଫୋଲିଓ ନଂ – ୫, ପଦ- ୮, ଓଆରପି ୩୬୨)



***** ବଟର ତଳେ ବସି କଲେ ଯୋଗଧ୍ୟାନେ ।


**ଶ୍ରୀଭୁଜେ** ଲେଖନ କରିବଶୀଲୁ ଯୋଗ ଲୟେ ମନେ । (ଫୋଲିଓ ନଂ – ୬୯, ପଦ- ୪, ଓଆରପି ୩୬୨)

(ଶ୍ରୀ – ଭୁ - ଏ = ଶ୍ରୀଭୁଜେ)




**ଶ୍ରୀମହାଭାରଥ** କହିବି ମୋତେ ପ୍ରସନ ହୋଇବା । (ଫୋଲିଓ ନଂ – ୭୦, ପଦ- ୫, ଓଆରପି ୩୬୨)

ପ୍ରସନେ ଆଜ୍ଞା ମୋତେ ଦେଲେ ସାକମ୍ଭେରି ।



ଲଭନ୍ତୁ କପିଳା ଶ୍ରୀମହାଭାରଥ ଗ୍ରନ୍ଥକରି ।(ଫୋଲିଓ ନଂ – ୭୧, ପଦ- ୬, ଓଆରପି ୩୬୨)




**ଶ୍ରୀବୃଦ୍ଧ** ମାତାଙ୍ଗୀ ମଉଂଦଧୀତିରେ ଜାଇଫୁଟୀ ।(ଫୋଲିଓ ନଂ – ୭୦, ପଦ- ୧୪, ଓଆରପି ୩୬୨)

"ଗଙ୍ଗା ନଜାଣୁ ଯେହାକୁ ପାଳ ଅତୀ ଜତ୍ନେ ।


ପୁତ୍ର କୋଳେ ଅଇଲେ ପାରେଶ୍ୱର **ମହାମୁନ୍ୟେ**" (ଫୋଲିଓ ନଂ – ୧୨, ପଦ -୬, ଓଆରପି ୩୬୨)

ପୁଣି ବ୍ୟାସକୁଂ ସୁମରିଲେ ଦେବି ଧ୍ୟାନେ ।



ମାତାକଂ ଆଗେ ପ୍ରବେସ ହୋଇଲେ **ମହାମନ୍ୟେ** ।(ଫୋଲିଓ ନଂ – ୫, ପଦ -୬, ଓଆରପି ୩୬୨)

ଲାଗିଲା ମହା ଉତ୍ୟେ ବ୍ୟାସକଂର ବଚନେ ।




ବଂସକୁ କାରଣ ମୋତେ କହିବା **ମହାମୁନ୍ୟେ** ।।(ଫୋଲିଓ ନଂ – ୧୨୪, ପଦ -୬, ଓଆରପି ୩୬୨)

(ମହାମୁନି – ଏ = **ମହାମୁନ୍ୟେ**)

**ଧ୍ରୀତିରାଷ୍ଟେ** ବୋଇଲେ ମୁ ନଜାଣଇଂ ଜାଗ୍ୟ କଥା ।

ତୋହର ଆଗ୍ୟାଂରେ ମୁ ଦେବି ସମସ୍ତ । (ଫୋଲିଓ ନଂ – ୧୨୪, ପଦ -୬, ଓଆରପି ୩୬୨)


(ଧ୍ରୀତିରାଷ୍ଟ– ଏ = ଧ୍ରୀତିରାଷ୍ଟେ)



**ନାରାୟେଣେ** ବଦନ୍ତି ଶୁଣ ମୁନି ବ୍ୟାଶେ ।

କୁଂମୁଦ ଥାଇ ଜଳେ ଚନ୍ଦ୍ର ଥାଇ ଆକାସେ ।(ଫୋଲିଓ ନଂ – ୧୫୯, ପଦ -୪, ଓଆରପି ୩୬୨)

( ନାରାୟେଣ– ଏ = ନାରାୟେଣେ)



୧.୩.୧ – ବର୍ତ୍ତମାନ କର୍ମକାରକ ଦ୍ୱିତୀୟାବିଭକ୍ତିର ପ୍ରୟୋଗ କିପରି ହୋଇଛି ସେ ସଂପର୍କରେ ଆଲୋଚନା କରିବା । ଯାହା କର୍ତ୍ତାର ଅଭିଳଷିତ ତାହାକୁ କର୍ମ କୁହାଯାଏ । କର୍ମ ଚାରି ଭାଗରେ ବିଭକ୍ତ । ମୁଖ୍ୟକର୍ମ, ଗୌଣକର୍ମ, ବିଧେୟ କର୍ମ, ଉପବାକ୍ୟ କର୍ମ । ବ୍ୟବହାରିକ ଦୃଷ୍ଟିରୁ ଦ୍ୱିତୀୟା ବିଭକ୍ତିର କେତୋଟି ଅର୍ଥ ନିର୍ବିଶେଷରେ କରାଯାଇଥାଏ । ଯଥା: କର୍ମକାରକରେ, ପ୍ରଯୋଜ୍ୟଠାରେ, ବ୍ୟାପ୍ତି ଅର୍ଥରେ, ବୀପସା ଅର୍ଥରେ, ବିନିମୟ ବା ମୂଲ୍ୟ ଅର୍ଥରେ, କ୍ରିୟା ବିଶେଷଣରେ, ଅପ୍ରଧାନ କର୍ତ୍ତାଠାରେ, ଭୟାଦି ଅର୍ଥକୁ ବୁଝାଉଥିବା ପଦଯୋଗେ, ଧିକ ଶବ୍ଦ ଯୋଗେ, ନିକଟ ଓ ଦୂର ଅର୍ଥକୁ ବୁଝାଉଥିବା ପଦ ଯୋଗେ, ଅନୁସାରେ ଅର୍ଥରେ, ପ୍ରତିଶବ୍ଦ ଯୋଗେ ଏ ଭଳି ବିବିଧ ଅର୍ଥ ନିର୍ବିଶେଷରେ ସାରଳା ମହାଭାରତରେ ମଧ ଦ୍ୱିତୀୟା ବିଭକ୍ତିର ବ୍ୟବହାର କରାଯାଇଛି ।


ଆଲୋଚନାତଃ ସୁବିଧା ଦୃଷ୍ଟିରୁ ଏହାକୁ ମଧ ବିଭକ୍ତିର ହିତକର୍ମ ଓ ବିଭକ୍ତି ସଂଲଗ୍ନ କର୍ମ ଭାବେ ଆଲୋଚନା କରିବା । ସାଧାରଣତଃ ବିଭକ୍ତିର ହିତକର୍ମରେ ବା ମୁଖ୍ୟ କର୍ମରେ ଦ୍ୱିତୀୟା ବିଭକ୍ତିର କୌଣସି ସଂକେତ ଲାଗି ନଥାଏ । ଯେମିତି –

ପ୍ରସନେ ଆଜ୍ଞା ମୋତେ ଦେଲେ ସାକମ୍ଭେରି ।

ଲଭ ତୁ କପିଳାସ ମହାଭାରଥ **ଗ୍ରନ୍ଥ** କରି ।” (ଫୋଲିଓ ନଂ – ୭୧, ପଦ – ୬, ଓଆରପି ୩୬୨)

ପିଠା ଖିରି **ମାନ** * * * ସଂକଂରେ

ଆଚୋବନ ସାରି ଦେବି ହୋଇଲେ ବାହାରେ ।”



ଅମୃତ ଯୋଗାଡ **ମାନ** ରଖିଲେ କ ଉମା ।

ସ୍ୱାମିକି ବାଟ **************** ବାମା ।(ଫୋଲିଓ ନଂ – ୭୫, ପଦ – ୮, ଓଆରପି ୩୬୨)

ସେହି ମହାତ୍ମା ଜେତେବେଳେ କୁ ଧରିଥାଇ ଜେବଣ ରପ ।

ଉତପାଉ**ମାନ** କରଉି ବର୍ଣ୍ଣ ଷ୍ୱରପ ।। (ଫୋଲିଓ ନଂ – ୯୨, ପଦ – ୪, ଓଆରପି ୩୬୨)


(‘ମାନ’ ବିଭକ୍ତି ଚିହ୍ନ ନୁହେଁ । ବହୁବଚନ ପ୍ରତ୍ୟୟ)



ପଦ ଶବ୍ଦ କପିଳାସ, ପିଠାଖିରିମାନ, ଅନେକ ଧର୍ମ ଶବ୍ଦଗୁଡିକ ବିଭକ୍ତି ରହିତ । ବର୍ତ୍ତମାନ ସଂଯୁକ୍ତ କର୍ମ ସଂପର୍କରେ ଆଲୋଚନା କରିବା । ସାଧାରଣତଃ କଇ, କଇଂ, କୁ, ରେ, ରୁ ଇତ୍ୟାଦି ବିଭକ୍ତି ସଂଲଗ୍ନ ସଂକେତ ସମୂହ ସମ୍ମାନସୂଚକ ଏକବଚନ କ୍ଷେତ୍ରରେ ବ୍ୟବହାର ହୋଇଥାଏ ।


“କଇ” – “ଅନେକ ଉଛବ ଜେ ସୋମବଶଂ ଚକ୍ରବର୍ତ୍ତି ।

**ବରକଇ** ଘେନିଣ ଜେ ଚଳିଲେ ବର ଯୋଡି” ।(ଫୋଲିଓ ନଂ– ୨୨, ପଦ–୨, ଓଆରପି ୩୬୨)



“****** ଯୁଗେ ପର * ଜାଲା ଜଇ ବରଷି ।


**କାହାକଇ** ନନ୍ଦିତାଇ ନିଅଇ ଦୁଇ ଦୁଇରାସୀ ।”( ଫୋଲିଓ ନମ୍ବର – ୬, ପଦ– ୮, ଓଆରପି ୩୬୨)



‘କଇ’ ସଂକେତ ଯୁକ୍ତ ଧାଡି ବହୁ ବଚନରେ ବ୍ୟବହୃତ ହୋଇ ନାହିଁ । କିନ୍ତୁ ଏଠାରେ ଆଉ ଏକ ଧାଡି, ଅଛି ଯେଉଁଥିରେ ‘କଇ’ ଏକବଚନରେ ବ୍ୟବହୃତ ହୋଇଛି ।

“ଯେକ **ପଦ୍ମଂ କଇ** ଜେହ୍ନେ ଲକ୍ଷେକ ଭ୍ରମର ।”


ଅର୍ଥାତ ଏକ ପଦ୍ମ ଫୁଲକୁ ଯେପରି ଲକ୍ଷେକ ଭ୍ରମର ।”(ଫୋଲିଓ ନମ୍ବର – ୨୩୬, ପଦ – ୧୨, ଓଆରପି ୩୬୨)



ସେହିପରି ଏକ ଉଦାହରଣ


ଗଣ୍ଡା ଜିବ ମାରି ପୀତୃ କାର୍ଯ୍ୟ ଶ୍ରାର୍ଦ୍ଧେ ।

**ପୁତ୍ରକଇ** ରାୟେ ଆସାସ୍ୱ ସମଧେ ।।"( ଫୋଲିଓ ନମ୍ୱର – ୧୨୨, ପଦ- ୪, ଓଆରପି ୩୬୨)




"**କୁ**"–" ନତ୍ରବପୁ ଜାତ ହୋଇଲେ ବଜାତି ସମାନ ।

**ମାନବକୁଳକୁ** ରାଜା ଅଟଇ ବୁଧସେନ ।" ( ଫୋଲିଓ ନମ୍ୱର- ୨, ପଦ – ୫, ଓଆରପି ୩୬୨)




"ଆଦିତ୍ୟ ବୋଇଲେ ସ୍ୱୟେମ୍ୱର ତ ସରିଲା ।

କେହି କନ୍ୟାକୁ ତ ବିଭା ଜେ ନୋହିଲା ।"(ଫୋଲିଓ ନମ୍ୱର– ୫, ପଦ – ୧, ଓଆରପି ୩୬୨)



ଶିବ ସେବା କରି ତହିଂ ରହିଲେ ସାୟେତନୁ ।


**ମଠକୁ** ମନୁଷ୍ୟ ସତି ପାତାଳ ଭୁବନୁ ।(ଫୋଲିଓ ନମ୍ୱର– ୬, ପଦ – ୩, ଓଆରପି ୩୬୨)



ତିନୋଟି ଯାକ ଶବ୍ଦ କୁଳକୁ ଓ କନ୍ୟାକୁ ଏକ ବଚନରେ ବ୍ୟବହାର କରାଯାଇଛି ।

କେତେକ ସ୍ଥଳରେ ବହୁବଚନରେ ମଧ୍ୟ ବ୍ୟବହାର କରାଯାଇଛି । –" ଯା ଜେବେ କ୍ରୋଧୀ ।


ମନ୍ଦବୃଷ୍ଟି କରଇ **ଜନକୁଂ** କରଇ ବ୍ୟାଧି ।" ।(ଫୋଲିଓ ନମ୍ୱର– ୧୮୫, ପଦ – ୧, ଓଆରପି ୩୬୨)



ଅଜ୍ଞାନ **ଜନକୁଂ** ତୁମ୍ଭେ କା ଜ୍ଞାତା ।

ତୁମ୍ଭେ ଅନିତି କଲେ ଲୋକେ ଅପ୍ରମିତା ।।(ଫୋଲିଓ ନମ୍ୱର– ୪୮, ପଦ – ୩, ଓଆରପି ୩୬୨)

ଜନକୁଂ – ଲୋକମାନଂକୁ ଅର୍ଥରେ ବ୍ୟବହୃତ ।




"କି"– ଏହା ଇ ବର୍ଣ୍ଣାନ୍ତ ପ୍ରତିପାଦକ । କ- ଇ = କି

ଏକବଚନରେ 'କି' ର ପ୍ରୟୋଗ ଏହି ପରି କରାଯାଇଛି । କେତେକ ସ୍ଥାନରେ 'କି' ବଦଳରେ "କୀ" ହୋଇଛି ।

" **ସ୍ୱାମିକୀ** କୋଳ କରି ହୃଦରେ ଲଗାଇ ।

ସତଚନ୍ଦ୍ର ମୁଖ ଅଗାଦ ଘେନୀଜାଇ ।"(ଫୋଲିଓ ନମ୍ୱର – ୧୭୬, ପଦ – ୧୧, ଓଆରପି ୩୬୨)



"**ଗାନ୍ଧାରିକୀ** କଢାୟେ ଗାନ୍ଧାରି ରାଧେବ କୁମାରି ।

ସଂଜୟେ ଦୋହିତା ବେ ମାଧେବ ସେନର ମନୋହାରି ।" (ଫୋଲିଓ ନମ୍ୱର – ୧୬୬, ପଦ – ୩, ଓଆରପି ୩୬୨)




"କୋଭାୟେ **ମାଦ୍ରିକି** ଦେଲ ଜପାମାଳି ।

ଦିଗପାଳ ଗୋସଇକୁ ସୁମରଣା କର ମନର ହିଆଳି ।"(ଫୋଲିଓ ନମ୍ୱର – ୧୫୫, ପଦ– ୯, ଓଆରପି ୩୬୨)


"ଚିତ୍ରା ଆରୋପଣ ଆମ୍ଭେ କରାଇଲୁ ବହନ ।

ପଣ୍ଡୁ **ମାଦ୍ରିକୀ** କଲୁକୀ ଭିକାରଣ ।"(ଫୋଲିଓ ନମ୍ବର – ୧୫୫, ପଦ– ୯, ଓଆରପି ୩୬୨)



ସ୍ବାମୀ ଜେବେ ମୋର ଅନ୍ଧଂ ବେନୀ ଆଖୀ ।

ମୁହିଂ **ରାଜୁଣିକୀ** ସମ୍ପଦ ଦେଖୀ ।।"(ଫୋଲିଓ ନମ୍ବର – ୧୬୬, ପଦ– ୨, ଓଆରପି ୩୬୨)



ବହୁବଚନର ପ୍ରୟୋଗ ଏପରି ହୋଇଛି -

"ଦ୍ବଭାର ସାପ୍ପ ପାଇଲ୍ ମହାରାଜା


ନାଶ ଯିବୁଟୀ ବାବୁ **ସ୍ତୀରିକିଂ** ପାସକୁ ନଜା ।"

(ସ୍ତୀରିକିଂ > ସ୍ତିରୀଙ୍କର)

ସମ୍ମାନସୂଚକ ଏକବଚନରେ –

ପଣ୍ଡୁ ବୋଇଲା ମୁନୀ ଅବସ୍ଥା ମୋହର କଷ୍ଟ ।


ଅଗ୍ନୀକାର ମହରଷୀକି କଲେ ପ୍ରାଣଭ୍ରଷ୍ଟ ।।" ।।"(ଫୋଲିଓ ନମ୍ବର – ୧୦୨, ପଦ– ୮, ଓଆରପି ୩୬୨)



" ଅଗ୍ନୀକାର **ରଷୀକି** ମୁଜେ ମାଇଲି ଶୃଙ୍ଗାର କାଳେ ।

କୋପେ ମହାତ୍ମା ମୋତେ ସାପ୍ପ ଦେଲେ ପ୍ରାଣର ବିକଳେ ।।" ।।"(ଫୋଲିଓ ନମ୍ବର – ୧୦୧, ପଦ– ୫, ଓଆରପି ୩୬୨)

(ଅଗ୍ନୀକାର ରଷୀକି - ଅଗ୍ନୀକା ଋଷିଙ୍କୁ)



"ବ୍ୟାଷ **ମାହାରଷୀକି** ରାଇଲେ ******* ।

ଅମ୍ଭୁବତି ଅନେକ ଭଗତି ମୋତେ ।" ।।"(ଫୋଲିଓ ନମ୍ବର – ୬୪, ପଦ– ୧୭, ଓଆରପି ୩୬୨)


(ମାହାରଷୀକି - ମହାଋଷିଙ୍କୁ)



ଏ(ୟେ): ଏ-ୟେ ମଧ୍ୟ ଏକ ବଚନ, ସମ୍ମାନସୂଚକ ଏକବଚନ ଓ ବହୁବଚନରେ ବ୍ୟବହୃତ ହୋଇଛି ।


"ତ୍ରିଜସ ଦେବେ ଜେ ଅନେକ ବେସନେ ।

**ବିଜୟେ** କରବୃନ୍ଦ ଅର୍କ ପଦ୍ମଂ ଜେ ଆଶନେ ।" (ଆଶା – ଏ = ଆଶନେ) (ଫୋଲିଓ ନମ୍ବର – ୪, ପଦ- ୫, ଓଆରପି ୩୬୨)



"ଯମୁନା କୁଳେଣ ରହିଲେ ନୀଜ ରାଜ୍ୟେ ।


*** ସଜଘେନୀ ବିଜେ **କୁରୁରାଜେ** (ରାଜା– ଏ = ରାଜେ) (ଫୋଲିଓ ନମ୍ବର – ୯, ପଦ – ୨, ଓଆରପି ୩୬୨)



ବହୁବଚନରେ ମଧ୍ୟ (ୟେ) ଏ ର ବ୍ୟବହାର କରାଯାଇଛି ।


"ଗଙ୍ଗା ପଚାରିଲେ ୟେ ଜାହାର **ତନୟେ** ।

ତୁମ୍ଭର ତନୁଜ ପ୍ରାୟେ ଦିସଇ ମୁନିହେ ।" (ଫୋଲିଓ ନମ୍ବର– ୧୭ –, ପଦ – ୩, ଓଆରପି ୩୬୨)




**କନ୍ୟାୟେ** ବୋଇଲେ ମୁ ଈଶ୍ୱର ପ୍ରାୟେ ରସିକିଂ ସେବା କଲି ।

ଯେତେ କାଳ ସେବି କିଛି ହି ନପାଇଲି ।" ।( ଫୋଲିଓ ନମ୍ବର –୮୧, ପଦ – ୪, ଓଆରପି ୩୬୨)




ଯମୁନା ତିରେ ଦେବି ସାଳପତ୍ର ସେଯ୍ୟା **ଗୋଟୀୟେ** କରଇ ।

ମେରମସ୍ତ ହୋଓ୍ଵେ କରତାର ଶୁମରଇ ।(ଫୋଲିଓ ନମ୍ବର – ୮୨, ପଦ – ୨, ଓଆରପି ୩୬୨)



"**ବାଲିଗୁଡାୟେ**କୁପରିପତ୍ରଗୁଡାୟେ ଦେଇ ।

ଲୟେ କରି ସେବିଲେ ପ୍ରସନ ହୁଅଇ ସେହି ।" ( ଫୋଲିଓ ନମ୍ବର – ୮୧, ପଦ – ୫, ଓଆରପି ୩୬୨)




ବହୁବଚନରେ ଦୃଷ୍ଟାନ୍ତ ଦେବାକୁ ଯାଇ ଚାରୋଟି ଧାଡି ଉଦ୍ଧାର କରାଗଲା ।ପ୍ରଥମ ଓ ଚତୁର୍ଥ ଧାଡିରେ ଏ (ୟେ)ର ବ୍ୟବହାର କରାଯାଇଛି ‘ତନୟେ’‘ବାଲିଗୁଡାୟେ’‘ଗୁଡାୟେ’ ଭାବ ଓ ବ୍ୟାକରଣିକ ଦୃଷ୍ଟିରୁ ବହୁବଚନ ।କିନ୍ତୁ ଦ୍ୱିତୀୟ ଓ ତୃତୀୟ ଧାଡିରେ ଥିବା ‘କନ୍ୟାୟେ,’‘ଗୋଟିୟେ’ ଭାବାତ୍ମକ ଦୃଷ୍ଟି କୋଣରୁ ଏକବଚନ ହେବ ।ଏଥିପାଇଁ ଏକବଚନ ହେବ ଯେ କୁନ୍ତୀ ଯେତେବେ ଦୁର୍ବାସାଙ୍କର ସେବା ଯତ୍ନ କରୁଛନ୍ତି ସମୟରେ ଦୁର୍ବାସା ପ୍ରସନ୍ନ ହୋଇ କୁନ୍ତଭୋଜଙ୍କ କନ୍ୟାଙ୍କୁ ଜପାମାଳି ପ୍ରଦାନ କରୁଛନ୍ତି । ତେଣୁ ଦୁର୍ବାସାଓ କୁନ୍ତୀ ଏଠାରେ ଏକବଚନ ।ଫୋଲିଓ ନଂ – ୮୧ରେ ଦୁର୍ଭାସାୟେ ଶବ୍ଦ ଚାରିଥର ପ୍ରୟୋଗ କରାଯାଇଛି ।

(ଦ୍ରଷ୍ଟବ୍ୟ, ଓଆରପି -୩୬୨, ଫୋଲିଓ ନଂ – ୮୨ ଦୁର୍ବାସାଙ୍କୁ ଏକବଚନ ଭାବରେ ଗ୍ରହଣ କରିବାର ଆଉ ଏକ ପଂକ୍ତି ମଧ୍ୟ ଏଠାରେ ଉଦ୍ଧାର କରୁଛି ।ଫୋଲିଓ ନଂ ୮୧ର ଶେଷ ପଂକ୍ତି –

"ଦୃଭାସାଙ୍କର ଚରିତ ଯେସନେକ ପୁଣି

ବିଚାର ବାରଇ କୋଉଭୋଜର ଦୁଲଣି ।" ( ଫୋଲିଓ ନମ୍ବର – ୮୧, ଓଆରପି ୩୬୨)



ଠିକ ସେହିପରି ଫୋଲିଓ ନଂ – ୮ରେ ଅଛି –

"ଗାଲେବ୍ୟର ନନ୍ଦନ ଅଟଇ **ସଂଜୟେ**


ରାଧେବ ନାମେଣ ତାହାର **ଦୋହିତାୟେ**" ।(ପଦ -୧)

ଏଠାରେ ଅର୍ଥରେ ‘ସଂଜୟେ’ ଓ ‘ଦୋହିତାୟେ’ ଏକବଚନ ।

ବହୁବଚନ ଅର୍ଥରେ ଆଉ ଦୁଇଟି ଦୃଷ୍ଟାନ୍ତକୁ ଏଠାରେ ଗ୍ରହଣ କରିପାରିବା ।




"ସଙ୍ଗତେ ଅଛତି ସାଠୀୟେ ସହଶ୍ରବାସୀ ।" (ଫୋଲିଓ ନମ୍ବର- ୧୦୧, ପଦ – ୧୬, ଓଆରପି ୩୬୨)




"ବୋଲିବେ ମୁନିଙ୍କର ସିନିଓ୍ୟେ ଥିଲା ଜେ ସମୟେ" (ଫୋଲିଓ ନମ୍ବର –୮୫, ପଦ – ୯, ଓଆରପି ୩୬୨)

ଏଠାରେ ‘ସାଠୀୟେ’ ଓ ‘ସମୟେ’ ବହୁବଚନ ।



ଠିକ ସେହିପରି ସମ୍ମାନ ସୂଚକ ଅର୍ଥରେ ମଧ୍ୟ ଏହାର ବ୍ୟବହାର କରାଯାଇଛି ।

"ଅନେକ ପୂଜା କଲା ବୀନୟେ ଭଗତି ।" ( ଫୋଲିଓ ନମ୍ବର- ୧୦, ପଦ- ୧୦, ଓଆରପି ୩୬୨)




'ରେ' – "**ନିର୍ଘାତ ଘରେ** ଜନ୍ମ ହୋଇଲେକ ଚିହ୍ନି ।"


ଭାବଦୃଷ୍ଟିରୁ ଏକବଚନ ଅର୍ଥରେ ଏହା ଗ୍ରହଣୀୟ । କାରଣ ପୂର୍ବ ଧାଡିରେ ଉଲ୍ଲେଖ ଅଛି

"ଗୃହବାସ କରିବାକୁ ବଳିଲା ମୋର ମତି ।"

(ଫୋଲିଓ ନମ୍ବର -୮, ପଦ – ୩, ଓଆରପି ୩୬୨)




" ଧର୍ମ ଛାଡି ସାୟେଂ ତନୁ ଫାଶୀଲେ **ଶୃଗାଂରେ** ।" ( ଫୋଲିଓ ନମ୍ବର – ୧୧, ପଦ – ୧,ଓଆରପି ୩୬୨) ଶୃଗାଂରେ, ଅପ୍ରାଣୀବାଚକ ଅର୍ଥରେ ଗ୍ରହଣୀୟ ।



"ପିତାଘରେ ସହଶ୍ରେ ବର * * * ହୋଇଗଲେ ।" (ଫୋଲିଓ ନମ୍ବର – ୭, ପଦ- ୪,ଓଆରପି ୩୬୨)

'ପିତାଘରେ' ବହୁବଚନ ଅର୍ଥରେ ବ୍ୟବହୃତ ।



'ନ୍ତ' ଓ 'ନ୍ତି' ଯୁକ୍ତ ଶବ୍ଦ ଓଆରପି ୩୬୨ ପୋଥିରେ ଏକ ସ୍ୱତନ୍ତ୍ର ଭାବେ ବ୍ୟବହାର କରାଯାଇଛି । ଫୋଲିଓ ୧୨୫୮ ପଦ ୧୪ ଓ ୧୫ର ଦୃଷ୍ଟାନ୍ତରୁ ଏହା ସ୍ପଷ୍ଟ ହୋଇପାରିବ ।

"**ଖେଳି ବସି** ହସିବନ ବାସେ ।


ଯେମ ସମୟେ ଆସୀ ମୀଳୀଲେ ମୁନୀ ବ୍ୟାସେ ।" (ପଦ – ୧୪,ଓଆରପି ୩୬୨)

"କୃଷ୍ଣଂ ଅର୍ଯୁନ **ଅଛି** ଯମୁନା କୁଳେ **ବସୀ** ।" (ପଦ – ୧୫,ଓଆରପି ୩୬୨)

ଏଠାରେ ବ୍ୟବହୃତ ଖେଳି >ଖେଳନ୍ତି, ବସି >ବସନ୍ତି, ହସି >ହସନ୍ତି, ଅଛି >ଅଛନ୍ତି, ଭାବେ ଗ୍ରହଣ କରାଯାଇ ପାରିବ ।

'ନ୍ତି'–'ି'ଭାବେ ବ୍ୟବହାର ହୋଇଛି ।

ଠିକ ସେହିପରି **ପୁତ୍ର** ଘେନୀ ବେନି ଭୂଜର ଦୁଲଣି ।" ( ଫୋଲିଓ ନଂ. ୧୫୮, ପଦ – ୬,ଓଆରପି ୩୬୨) ପୁତ୍ର>ପୁତ୍ରନ୍ତ ହେବ ।




ଏହାବ୍ୟତୀତ ଅବିଭକ୍ତିକ ପ୍ରାଣୀବାଚକ କର୍ମରେ ମଧ୍ୟ ଦ୍ୱିତୀୟା ବିଭକ୍ତିର ବ୍ୟବହାର ଓଆରପି ୩୬୨ ପୋଥିରେ ଦେଖିବାକୁ ମିଳେ ।


"ସାୟେତନୁଙ୍କର ପସତେ ଦେଖିଲେ ମାହେଶ୍ୱରୀ ପୁତ୍ରକୁ କାଟୀଲେ ସେ ବେନୀ ଖଣ୍ଡ କରି ।" । (ଫୋଲିଓ ନମ୍ବର- ୧୪, ପଦ – ୧୬)

"ଦସମାସ ଦିନର ***************** ।

+++ ସମ୍ବୋଧନା କରଇ ତପୋଧନି" । (ଫୋଲିଓ ନମ୍ବର – ୧୮, ପଦ – ୫,ଓଆରପି ୩୬୨)




"ପିତାଙ୍କୁ ନଦେଖି ସେ ଦିନକଂର କୁମାରି ।ମାଳାଘେନୀ ଭେଟୀଲ ଜେ ଜାଇଣ **ତ୍ରିପାରାରି** ।" (ଫୋଲିଓ ନମ୍ବର – ୪, ପଦ -୮)




"ଗାଢେ ଆଲିଙ୍ଗଂନ କରି ଲୋଡିତ**ତପୋବ** ।

କେସଧରି ମୁନିକିଂ ଦେବି ମାରଇ ବହୁତ ।" (ଫୋଲିଓ ନମ୍ବର – ୧୩, ପଦ – ୧୧,ଓଆରପି ୩୬୨)



'ମୋତେ', 'ତୋତେ', ଭଳି ସର୍ବନାମ ପଦକୁ ନେଇ ମଧ୍ୟ ଦ୍ୱିତୀୟା ବିଭକ୍ତି ହୋଇଅଛି ।

"ଯେ**ମତେ** ସ୍ୱୟମ୍ବର କଲେଜେ ଦେବତା ଓ ଘେନି । ଯେସନ ସୟମ୍ବର ଜେ ଦେଖିଣ ମିବୁଧାନି ।" (ଫୋଲିଓ ନମ୍ବର – ୪, ପଦ – ୧,ଓଆରପି ୩୬୨)



"ସେ ଜେ ଘର ଅସଜେ ଘର କରି ଅନମିତେ ।

ସଂସାରଜାକେ ଅନିତି ବୋଲି ବେଟୀ **ତୋତେ** ।" ଫୋଲିଓ ନମ୍ବର –୧୪, ପଦ – ୧,ଓଆରପି ୩୬୨)



୧.୩.୨: ଏହି ପ୍ରସଂଗରେ କରଣ କାରକ ତୃତୀୟା ବିଭକ୍ତି ସଂପର୍କରେ ଆଲୋଚନା କରିବା । ଆଧୁନିକ ମାନକ ଓଡିଆରେ ରେ / ଦ୍ୱାରା – ଦେଇ / ସାଧାରଣତଃ ପ୍ରାଣୀ ବାଚକ ପଦ ସହିତ ସଂଯୁକ୍ତ ହୋଇ ତୃତୀୟା ବିଭକ୍ତି ହୋଇଥାଏ । କିନ୍ତୁ ପ୍ରାଚୀନ ଓଡିଆ ମହାଭାରତ ସମେତ ଅନ୍ୟାନ୍ୟ କୃତି; ର ଏ, ଏବଂ, ଏଣ, ରେ, ରେଣ ଉଭୟ ପ୍ରାଣୀ ଓ ଅପ୍ରାଣୀବଚକ ପଦ ସହିତ ସଂଯୁକ୍ତ ହୋଇ ବ୍ୟବହୃତ ହୋଇଥାଏ । ଓଆରପି ୩୬୨ ପୋଥିର ଉଦ୍ଧୃତାଂଶରୁ ତୃତୀୟା ବିଭକ୍ତିର ବ୍ୟବହାର କିପରି କରାଯାଇଛି ସେ ସଂପର୍କରେ ଆଲୋଚନା କରିବା ।

"ସତ୍ୟଯୁଗ ************** ସହଶ୍ର ବରସ ବହିଗଲା ।


**କାଳରପେ** ଖେଳଇ ଗର୍ଜୀ ନୀର୍ଘାତରେ ବାଳା" ।(ଫୋଲିଓ ନମ୍ବର -୭, ପଦ - ୧୪,ଓଆରପି ୩୬୨)

"ତ୍ରତାଯୁଗେ ତେରଲକ୍ଷ ବୟାଳିସି ସହଶ୍ର ବର୍ଷଗଲା ।

ତଦ୍ୱପି ବାଳି ର ବାଳ ରପ ନ ଭାଜିଲା ।" ।(ଫୋଲିଓ ନମ୍ବର – ୭, ପଦ – ୧୫,ଓଆରପି ୩୬୨)


"ତ୍ରତାଯୁଗେ ************ ରଦ୍ର ପଚଂମନୁ ।

**ଦିବାରାତ୍ରେ** ..........ଖଟୀଜେସାୟେଂ ତନୁ" । (ଫୋଲିଓ ନମ୍ବର–୭, ପଦ- ୧୬,ଓଆରପି ୩୬୨)



"ଯେକାଖଣ୍ଡ କଲେ ସାତ ଖଣ୍ଡ ମହି ।


**ମଣ୍ଡଳେ** ଭିଆଇଲେ * * * ପାରିଦଣ୍ଡ ହି" ।(ଫୋଲିଓ ନମ୍ବର -୨, ପଦ – ୧୫,ଓଆରପି ୩୬୨)



(ବାଳରପ – ଏ = ବାଳରୂପେ, ତତ୍ରାଯୁଗ – ଏ = ତତ୍ରାଯୁଗେ, ଦିବାରାତ୍ର – ଏ = ଦିବାରାତ୍ରେ, ମଣ୍ଡଳ – ଏ = ମଣ୍ଡଳେ ) 'ଏ – ୟେ' ଭାବରେ ମଧ୍ୟ ବ୍ୟବହୃତ ।

"ଚଉସଠୀ ପୁତ୍ର ଘେନୀ ଅପରାଧି ଗଣ ।

**ବିଜୟେ** ଶୁରନାଥର ଭାରେସମ୍ଭରେଣ ।" (ଫୋଲିଓ ନମ୍ବର – ୩, ପଦ – ୧୪,ଓଆରପି ୩୬୨)



ଏଂ ର ବ୍ୟବହାର–

"ସାୟଂତନୁ ନୀମନ୍ତ୍ରଣ କରନ୍ତେ ମୀନା ଦେଇ ।


ଭିସ୍ମେଂ ବୋଇଲେ ଆମ୍ଭେ ବସାରେ ।" (ଫୋଲିଓ ନମ୍ବର-୨୪, ପଦ – ୧୨,ଓଆରପି ୩୬୨)



"ମୁହିଂ ସ୍ତୀରି ମାତ୍ର ହୋଇବଇ ଯୋଧୀ ।

ଜନ୍ମେଜନ୍ମେଂ ମୁହିଂ ଭିସଂକୁଂକରିସାଧୀ ।" (ଫୋଲିଓ ନମ୍ବର ୩୯, ପଦ – ୮,ଓଆରପି ୩୬୨)


(ଭିସ୍ନ – ଏଂ = ଭିସ୍ନେଂ, ଜନ୍ମ – ଏଂ = ଜନ୍ମେଂ ହୋଇଅଛି)



ଏଣ ( ୟେଣ) – ଅପୁତ୍ରିକ ଦୋସେଣ ସେ ତ୍ରିବେଣୀ ଗଙ୍ଗାରେ ଧସୀଲା ।


ରେଣ : ଉଦ୍ଧାରେଣ ରହିଅଛି ସତ୍ୟବତି

ଭୋ ଧର୍ମ ଦେବତା ଦୁହିଂକଂରି ବଢୁ ପିରତି ।"(ଫୋଲିଓ ନମ୍ବର – ୫୦, ପଦ – ୫,ଓଆରପି ୩୬୨)



"**ପାଦେଣ** ଜନ୍ମ ଚତୁର୍ଥ ଘରେ ବୃହସ୍ପତି ।


ତଇତୁଲ୍ୟ ନାମେ କରଣ ଯୋଗ ବୈଧୃତି ।" (ଫୋଲିଓ ନମ୍ବର – ୧୨୦, ପଦ – ୪,ଓଆରପି ୩୬୨)



"**ଯୁଗତେଣ** ଅଟଇ ସବଳ ଭେଦି ।


********* ମହାମ୍ତ୍ରା ଶର ଘେନୀ ************ ।"(ଫୋଲିଓ ନମ୍ବର – ୯୪, ପଦ -୯,ଓଆରପି ୩୬୨)

ଏଠାରେ ଦୋଷ – ଏଣ = ଦୋସେଣ, ଦ୍ଧାର – ଏଣ = ଦ୍ଧାରେଣ, ପାଦ – ଏଣ = ପାଦେଣ, ଯୁଗ -ତ - ଏଣ = ଯୁଗତେଣ ହୋଇଅଛି ।



**ରେ** :- "ଇନ୍ଦ୍ର ଦେବତା ତୁଲେ ହୋଇଥାଇ ପ୍ରିତି ।

**କୃଷିଭୁମିରେ** ମେଘେ ବରସଇ ରାତି ।" (ଫୋଲିଓ ନମ୍ବର – ୬, ପଦ– ୯,ଓଆରପି ୩୬୨)



ଧନେଶ୍ୱର ମହାପାତ୍ରଙ୍କ ସଂପାଦିତ ଆଦିପର୍ବରେ

"ତୋହୋର ଅବସ୍ଥାୟେଣ ଅନେକ ଦୋଷ ମୋତେ ।" (୧୮୯/୨)

ଅବସ୍ଥା – ଏଣ = ଅବସ୍ଥାୟେଣ >ଅବସ୍ଥାୟେଣ (୩) ବୋଲି ବର୍ଣ୍ଣନା କରାଯାଇଛି ।


ଓଆରପି ୩୬୨ରେ "ତୋହର ଅବସ୍ଥାରେ ଅନେକ ଦୋଷ ହେବ ମାନଇ ।" ବୋଲି ଫୋଲିଓ ନମ୍ବର ୭୨ ପଦରେ ଅଛି । କେତେକ ସ୍ଥାନରେ ମଧ୍ୟ ବିଭକ୍ତି ସଂକେତ ଲାଗି ନାହିଁ ।

"ଟମକ ନୀସାଣ ବିର ଢୋଲ ସଂଖ**ବାଦ୍ଧ** ।

ଆକାଶ ଉଛୁଳୁ ଅଛି ଗହନ **ଶବଦ** ।"

( ଟମକ ନୀସାଣ ବିରଡୋଲ ସଂଖ **ବାଦ୍ୟରେ**, ଭୀଷଣ **ଶବଦରେ**

ଆକାଶ ପ୍ରକଂପିତ ହେଉଅଛି ।" (ଫୋଲିଓ ନମ୍ବର-୨୭, ପଦ – ୧୪,ଓଆରପି ୩୬୨)



୧.୩.୩ : ସଂପ୍ରଦାନ କାରକରେ ୪ର୍ଥୀ ବିଭକ୍ତିର ବ୍ୟବହାର କରାଯାଏ । ଆକୃତି ଦୃଷ୍ଟିରୁ ପ୍ରାଣୀବାଚକ ଗୌଣ କର୍ମ ଓ ସଂପ୍ରଦାନ କାରକ କୌଣସି ପ୍ରଭେଦ ପରିଲକ୍ଷିତ ହୁଏ ନାହିଁ । କିନ୍ତୁ ଅର୍ଥ ଦୃଷ୍ଟିରୁ ଦ୍ୱିତୀୟା ଓ ଚଥୁର୍ଥୀ ବିଭକ୍ତି ମଧ୍ୟରେ ତାରତମ୍ୟ ଦେଖିବାକୁ ମିଳେ । ସଂପ୍ରଦାନର ଅର୍ଥ – କାହାକୁ କିଛି ଦାନ କରାଗଲେ, ଗ୍ରହୀତା ଠାରେ ସଂପ୍ରଦାନ କାରକ ହୋଇଥାଏ । ଯଥା :- ଲକ୍ଷ୍ମଣ ବାବୁ ଭିକାରୀକୁ ପାଂଚଟଙ୍କା ଦେଲେ । ଏଠାରେ ଲକ୍ଷ୍ମଣ ବାବୁ ଦାତା, **ଭିକାରୀ** ଗ୍ରହୀତା । ଆଉ ଏକ କଥା ମଧ ଏଠାରେ ଆସେ, ଯାହା ଦାନ କରାଯାଉଥଇବତା ଉପରେ ଦାତାର ଅଧିକାର ରହୁ ନଥିବ । ଯଦି ଅଧିକାର ରହିବ ତା' ହେଲେ ସଂପ୍ରଦାନ କାରକ ହେବ ନାହିଁ ।


ଯଥା – ମା' ଧୋବାକୁ ଲୁଗା ଦେଲେ । ଏଠାରେ ଧୋବାର ଲୁଗା ଉପରେ ସଂପୂର୍ଣ୍ଣ ଅଧିକାର ନାହିଁ । କାଚି ସାରି ଫେରାଇ ଦେବ । ଏଠାରେ ଧୋବାକୁ କର୍ମକାରକ ଦ୍ୱିତୀୟା ବିଭକ୍ତି ହେବ ।

ଦେଲେ – ଦ୍ୱିକର୍ମକ କ୍ରିୟା, 'ଲୁଗା' ମୁଖ୍ୟକର୍ମ, 'ଧୋବା'– ଗୌଣକର୍ମ ।

ତେଣୁ ଏଇ ଦୃଷ୍ଟିରୁ ଓ.ଆର.ପି ୩୬୨ ପୋଥିର ଉଦ୍ଧୃତ ଧାଡିରେ ଚତୁର୍ଥୀ ବିଭକ୍ତିର ବ୍ୟବହାରକୁ ଦେଖିବା ।


'କୁ'– ଅମ୍ବୀକା ନାମେ କନ୍ୟା ଅମ୍ବାଳିକାର ସାନ ବହିଣି ।

**ବିଚିତ୍ରକୁ** ପ୍ରଦାନ କଲାକ ନୃପମଣଇ । (ଫୋଲିଓ ନମ୍ବର – ୨୨, ପଦ – ୧୩,ଓଆରପି ୩୬୨)




'କୁଂ'–" ଶୁବର୍ଣ୍ଣ ପଲମରେ ସମସ୍ତ ପୁରୋଇ ।

**ଦେବତାକୁଂ** ଦେଇ ପ୍ରଥମ ଗୁଣ୍ଡା ତୁଣ୍ଡେ ଲାଇ ।" (ଫୋଲିଓ ନମ୍ବର – ୭୫, ପଦ – ୧୦,ଓଆରପି ୩୬୨)




'କି'– ଚାଲ ହୋ ସାହାଡା ବୃକ୍ଷ ଦେଖିଜିବା ।

**ଗାନ୍ଧାରିକି** ତାକୁ ପ୍ରଦାନ କରିବା । (ଫୋଲିଓ ନମ୍ବର – ୭୭, ପଦ – ୮,ଓଆରପି ୩୬୨)



ଏ –"**ଶୁଭେ** ପ୍ରଦାନ ହୋଇଲେ କୁମାରି ।"

ଅନେକ ଜଉତୁକ ଦେଲେ ଦଣ୍ଡଧାରି ।"(ଫୋଲିଓ ନମ୍ବର –୮୭, ପଦ – ୨୧,ଓଆରପି ୩୬୨)




"ଅଗ୍ନୀକାର ଷରୀକି ମୁଜେ ମାଇଲି ଶୃଙ୍ଗାର କାଳେ ।

**କୋପେ** ମହାତ୍ମା ମୋତେ ସାପ୍ର ହେଲେ ପ୍ରାଣର **ବିକଳେ** ।" (ଫୋଲିଓ ନମ୍ବର – ୧୦୧, ପଦ – ୪,ଓଆରପି ୩୬୨)

"ବନ୍ଧୁକୁ ଘେନୀ ପ୍ରଣପତ୍ୟ ହୋଇଲେକ ପଣ୍ଡୁ ।

**ବ୍ୟାସେ** କଲ୍ୟାଣ କଲେ ତୋତେ ବନସ୍ତେ ପ୍ରମାଦ ନପୁଡୁ ।" (ଫୋଲିଓ ନମ୍ବର – ୧୦୨, ପଦ -୧,ଓଆରପି ୩୬୨)




'କୁ'–"ବୋଲଉ ବ୍ୟାସେ ସାଧୁ ସାଧୁ ସୋଦର ।

**ଧୃତିରାଷ୍ଟ୍ରକୁ** ରାଯ୍ୟ ଦେଇ ଅବସ୍ଥା ପାଇଲୁବ ବନସ୍ତର ।" (ଫୋଲିଓ ନମ୍ବର -୧୦୨, ପଦ – ୬,ଓଆରପି ୩୬୨)


"ବର ପ୍ରଦାନ କଲେ ବାଳୁତ ପ୍ରତକୁ

ବୈସାନର ପ୍ରସନ୍ନ ହୋଇଲେ **ଭିମକୁ** ।"


ଏଠାରେ ବାଳୁତ ପୁତ୍ର – ଭୀମ । (ଫୋଲିଓ ନମ୍ବର – ୧୪୮, ପଦ – ୧୧,ଓଆରପି ୩୬୨)



'ଏ'– ଶ୍ରୀ ଭୂଜେ ଅର୍ଘ୍ୟ ଘେନୀ କୁମାରକୁଂ କଲେ ପୁଜା ।" (ଫୋଲିଓ ନମ୍ବର – ୧୫୩, ପଦ - ୧୫,ଓଆରପି ୩୬୨)



'କୁଇଂ'–'କୁ' ଅର୍ଥରେ ମଧ୍ୟ ବ୍ୟବହାର କରାଯାଇଛି । ବନପର୍ବ ଦ୍ୱିତୀୟ ଖଣ୍ଡ ପୃ ୯୬ରେ "ବିଭୀଷଣକୁଇଂ ରାଜା ସମର୍ପି ସୀତାଙ୍କୁ ଘେନି ଆସନ୍ତି ବାହୁଡି" ଅଛଇ । ବିଭୀଷଣକୁଇଂ – ବିଭୀଷଣଙ୍କୁ । ଠିକ ସେହିପରି ଉପରେ ଉଲ୍ଲେଖ କରାଯାଇଥିବା ଧାଡି "ଧୃତରାଷ୍ଟ୍ରକୁ ରାୟ ଦେଇ .....ମଧ୍ୟ ସମଅର୍ଥବୋଧକ ।"




୧.୩.୪ : କୌଣସି ବସ୍ତୁର ପୃଥକହେବା କଥା ବୁଝାଇଲେବା ଯାହାଠାରୁ ପୃଥକ ହେବା କାର୍ଯ୍ୟଘଟେ ତାହାକୁ ଅପାଦାନ କାରକ କୁହାଯାଏ । ବୃକ୍ଷରୁ ପତ୍ର ପଡିଲା । ଏ ଧାଡିର ଅର୍ଥ ବୃକ୍ଷରୁ ପତ୍ରବିଚ୍ଛିନ୍ନ ହେଲା । ଏଠାରେ 'ବୃକ୍ଷ' ଅପାଦାନ କାରକ କିନ୍ତୁ ଯଦି 'ବୃକ୍ଷରୁ ପତ୍ର ପଡିଲା' ଧାଡିରେ ଅପାଦାନ କାରକ ହେବ ନାହିଁ । ବୃକ୍ଷର ପତ୍ର ଅର୍ଥ ବୃକ୍ଷସମ୍ବନ୍ଧୀ ପତ୍ର । ଏହାବ୍ୟତୀତ 'ନିବୃହେବା'ଭୟ ବାରକ୍ଷା କଥା ପ୍ରସଂଗରେ ଯାହା ଠାରୁ ପରାଜୟ ଘଟେ, ଯାହାଠାରୁ ବାରଣ କରାଯାଏ,ଯାହାଠାରୁ ଅନ୍ତର୍ଦ୍ଧାନ ଘଟେ, ଶିକ୍ଷାଦି ଅର୍ଥ ଯୋଗରେ ବା ପଠନ ଶ୍ରବଣ ଆଦି ବୁଝାଇଲେ । ଜନ୍ମହେବା ସୃଷ୍ଟି ହେବା, ସ୍ଥାନ, ସମୟ, ଦିଗବାଚକ ଶବ୍ଦର ପ୍ରୟୋଗରେ ଏବଂ ଏକାଧିକ ବ୍ୟକ୍ତି ବା ବସ୍ତୁ ମଧ୍ୟରେ ଗୋଟିକର ଉର୍କ୍ଷବା ଅପକର୍ଷ ବୁଝାଇଲେ ପଂଚମୀ ବିଭକ୍ତି ହୋଇଥାଏ ।

'ଉ' : **ମୋହିଲୁ** ସଂସାର ଜୟ ତୁ ଗୋସାମଣୀ ।


ଜୟ ଜୟ ଦୁର୍ଗେ ଗୋ ଅପାଦ ଖଣ୍ଡଣି ।" (ଫୋଲିଓ ନମ୍ବର – ୨୮, ପଦ – ୧୫,ଓଆରପି ୩୬୨)

"ପାଣି **ପବନୁ** ଆନେ ନାହିଁ ମୋର ।"( ଫୋଲିଓ ନମ୍ବର – ୯୬, ପଦ – ୩,ଓଆରପି ୩୬୨)




"ସାଧୁ ସାଧୁ ଶବଦ ଶୁଭିଲା ଧ୍ୱନୀ ଗୋଟୀୟେ ।

**ଗଗନୁ** ପୁଷ୍ପବୃଷ୍ଟି କଲେ ଦେବତାୟେ ।"( ଫୋଲିଓ ନମ୍ବର – ୧୨୦, ପଦ – ୧୩,ଓଆରପି ୩୬୨)




'ଉଂ'–" ଅନେକ ଭୋଗ୍ୟ ଦେଇ ଜତନେ ପ୍ରତିପାଳି ।

**ପରଦାରାଉଂ** ଆନେ ସେ ନ ଜାଇ ଯଞ୍ଜାଳୀ ।" (ଫୋ .ନଂ – ୧୦୪, ପଦ –-୫,ଓଆରପି ୩୬୨)




'ହୁଂ'–"ଆମ୍ଭେ ବ୍ରହ୍ମଚାରୀ କଲୁ ମୋତେ ଶ୍ରଧା ।

"**ଆଜିହୁଂ** ନାମ ତୋର ହୋଉ ଯୋଜନଗନ୍ଧା ।" (ଫୋଲିଓ ନମ୍ବର –୯୮, ପଦ – ୭,ଓଆରପି ୩୬୨)



ବନ ଘେନୀ ରମଣ କଲ ଗୋ ମହାସ୍ୱତି ।

ପବଙ୍ଗଂନି ନାମ ତୋର **ଆଜିହୁଂ** ଦେବି କୋଡି । (ଫୋଲିଓ ନମ୍ବର –୧୩୮, ପଦ – ୧,ଓଆରପି ୩୬୨)




"**ଆଜିହୁଂ** ଶୂନ୍ୟଜେ ଶୂନ୍ୟହୁଂ ପବନ

ପବନହୁ ଯାତ ଜେ ଯୋଗ ପୁରୁଷମାନ ।"(ଫୋଲିଓ ନମ୍ବର – ୫୪, ପଦ – ୧୧,ଓଆରପି ୩୬୨)

ସେ **ପୁରଷହୁଂ** ଜାତ ହୋଇଲେ ସ୍ତୀରି

ଯେହା **ତହୁଂ** ଜାତ ହୋଇଲେ ମହାଦେବ ଚାରି ।" । (ଫୋଲିଓ ନମ୍ବର – ୫୪, ପଦ – ୧୨,ଓଆରପି ୩୬୨)




"ଯେତେକ ଯୋଗାଡ ଟୀ ତୁମ୍ଭର ମଉଫୁଲି ।


ତୁମ୍ଭ ମଣୋହିଂ ନୋହୁଣୁ ମୁ **ଆଗହୁଂ** ଖାଇଲି ।" (ଫୋଲିଓ ନମ୍ବର – ୭୭, ପଦ – ୨,ଓଆରପି ୩୬୨)

'ରୁ'– ପରାସର ସାୟେଂତନୁ ଭୁରିସର୍ବା ଯେତେକ ଭ୍ରାଥେ ।

ପରାସର ଠାର ବ୍ୟାସ ହୋଇଲେ ସମ୍ଭୁତେ ।" (ଫୋଲିଓ ନମ୍ବର – ୨୧, ପଦ -୨,ଓଆରପି ୩୬୨)



ରୁ – ର ଭାବେ ବ୍ୟବହୃତ ।




୧.୩.୫ : ସାଧାରଣତଃ ସମ୍ବନ୍ଧ ପଦରେ ଷଷ୍ଠୀ ବିଭକ୍ତି ହୋଇଥାଏ । ପରବର୍ତ୍ତୀ ବିଶେଷ୍ୟପଦ ସହିତ ଯେଉଁ ବିଶେଷ୍ୟ, ସର୍ବନାମ ପଦର ସମ୍ବନ୍ଧ ଥାଏ ଏବଂ ଉକ୍ତ ପଦାର୍ଥକୁ ଯାହା ବିଶିଷ୍ଟ କରି ଦିଏ ତାହାକୁ ସମ୍ବନ୍ଧ ପଦ କୁହାଯାଏ । ଏଠାରେ ୬ଷ୍ଠୀ ବିଭକ୍ତୀ ଚିହ୍ନ କର, କରି, ଙ୍କର, ଙ୍କ, କ, ର, ରି ପ୍ରଭୃତିର ପ୍ରୟୋଗ କରାଯାଇଛି ।

ଏହା କେବଳ ସମ୍ମାନସୂଚକ ଏକବଚନ ଓ ବହୁବଚନରେ ବ୍ୟବହାର କରାଯାଇଛି ।

"**<u>ମାତାଙ୍କଂର</u>** ଭାଗରେ ଓଡରାଷ୍ଟ ମଣ୍ଡଳେ ।

ତେଣୁ ସେ ଓଡସୀ ଭୂଥ ଖଣ୍ଡ ଗୋପୀଳେ ।" (ଫୋଲିଓ ନମ୍ବର – ୨, ପଦ – ୯,ଓଆରପି ୩୬୨)




"ସାୟେଂତନୁ ଚେ ବୈଷ୍ଣଂବ ଭାବ ଦେଖି ।

**<u>ରସୀକଂର</u>** + + + ଭାବ ବାଢଇଲା ଶଶି ମୁଖି ।" (ଫୋଲିଓ ନମ୍ବର – ୯, ପଦ – ୮,ଓଆରପି ୩୬୨)

"**<u>ନାରାୟେଣକଂର</u>** +++ ଅଟଇ ମହାବହ୍ନି ।

ସସାଂର ଅପାଦର ତରିବାକୁ ନାରାୟେଣ ଅଟଓ ଧର୍ମ ।" (ଫୋଲିଓ ନମ୍ବର -୯, ପଦ – ୧୧,ଓଆରପି ୩୬୨ )




"**<u>ଗୁରଙ୍କଂର</u>** ବଚନ ନ କରଇ ଜେଣେବଳା ।

ବଂସ ନାସ ଜାଇଟୀ **** ବୁଡଇ ଭେଳା ।" (ଫୋଲିଓ ନମ୍ବର – ୧୨, ପଦ -୧୩,ଓଆରପି ୩୬୨)


"**<u>ମାତାଙ୍କଂର</u>** ବଚନ + + + ବସଂ ହୋୟେ କ୍ଷୟେ ।

********** ଧର୍ମ ନାସଜାୟେ ।" (ଫୋଲିଓ ନମ୍ବର – ୧୨, ପଦ – ୧୬,ଓଆରପି ୩୬୨)



"ଜେଅବା ତୁମ୍ଭେ କରିବ ଅବଜ୍ଞା ।

**<u>ଭିସ୍ମଂକଂର</u>** ତେଜକୁ ତୁମ୍ଭର କିସ ********** ।" (ଫୋଲିଓ. ନଂ – ୨୫, ପଦ – ୧୩,ଓଆରପି ୩୬୨)




'ର'–"**<u>ନୃପତିର</u>** ଅବରେ ନେଇ ଦେଲାକ ପୁଷ୍ପମାଳି ।

ଶ୍ରୀଭୁଜେ ସମ୍ଭୁରାଣ ସାନନ୍ଦ ହୋଇଲେ ଅସ୍ୱମାଳି ।" ( ଫୋଲିଓ ନମ୍ବର– ୫, ପଦ -୮,ଓଆରପି ୩୬୨)

"**<u>ପିତାର</u>** + + + ସେମୃଗ ଜେ ଲୋଚନି ।

ମିଳିଲା ଶୁନ୍ଦରି ସେ ଶ୍ରୀହସ୍ତେ ମାଳାଘେନୀ ।" (ଫୋଲିଓ ନମ୍ବର -୫, ପଦ – ୬,ଓଆରପି ୩୬୨)



'ରି'–"ବୋଇଲେୟେ ପୁତ୍ର ପୁତ୍ର ନୁହଇ **<u>ଆମ୍ଭରି</u>** ।

ନ ପୁଣ ପୁଣ ବୋଲି ଯେହାକୁଂ ହଂ ମାରି । (ଫୋଲିଓ ନମ୍ବର – ୧୭, ପଦ -୪,ଓଆରପି ୩୬୨)




"ଜାଇଣ ସାଂୟେଉନୁ ଧଇଲେ କୋଳକରି ।

ସଚଂୟେ ବ୍ରତ ମୁନୀହେ ପୁରିଲା **<u>ମୋହରି</u>** । (ଫୋଲିଓ ନମ୍ବର- ୨୦, ପଦ – ୬,ଓଆରପି ୩୬୨)

"ଅମ୍ବୀକା ବୋଇଲା ତୁ ପରମ ମାହେଶ୍ୱରି ।



ଯେତେ କାଳ ଗଲା ଆଜ୍ଞାବ୍ରତ **ତୋହରି** ।” (ଫୋଲିଓ ନମ୍ବର -୪୪, ପଦ – ୪,ଓଆରପି ୩୬୨)



ସମ୍ବନ୍ଧ ପଦର ପ୍ରତ୍ୟକ୍ଷଭାବେ କ୍ରିୟା ସହିତ ସମ୍ବନ୍ଧ ନ ଥାଏ । ଯେମିତି ନଦୀର ଜଳ (ପିଅ), ରାଜାଙ୍କର ଭୃତ୍ୟ (ଆସୁଅଛି), ପ୍ରଶୁରାମଙ୍କ ନାସିବା (କାଟିବା) । ଏଠାରେ ନଦୀ , ରାଜା ଓ ପ୍ରଶୁରାମଙ୍କ ସହ ପିଇବା, ଆସିବା ଓ କାଟିବା କ୍ରିୟାର ସିଧାସଳଖ ବା ପ୍ରତ୍ୟକ୍ଷ ସମ୍ପର୍କ ନାହିଁ ।

୧.୩.୬. : ଅଧିକରଣ କାରକରେ ସପ୍ତମୀ ବିଭକ୍ତି ହୋଇଥାଏ । ଯେମିତି ବାବୁନୁ ଥାଳିରେ ଭାତ ଖାଉଛି । ଏଠାରେ ଭାତ ଖାଇବା କାର୍ଯ୍ୟର ଆଧାର ହେଉଛି ‘ଥାଳି’ । ବହିଗ୍ରନ୍ଥାଗାରରେ ଅଛି । ଏଠାରେ ବହି ରହିବାର ଆଧାର ହେଉଛି ଗ୍ରନ୍ଥାଗାର । ଅଧିକରଣ ସାଧାରଣତଃ ଦୁଇ ଭାଗରେ ବିଭକ୍ତ । ଯଥା – ଆଧାରଧିକରଣ ଓ କାଳାଧିକରଣ । ଆଧାରାଧିକରଣ ଚାରିଭାଗରେ ବିଭକ୍ତ ।

- ଐକ୍ୟ ଦେଶିକ (ନଦୀରେ ସ୍ନାନ କରୁଛି )
- ବ୍ୟପ୍ତି ବାଚକ ( ଦହିରେ ଲହୁଣି ଅଛି )
- ବୈଷୟିକ ( ସେ ସାହିତ୍ୟରେ କୁଶଳ )
- ସାମୀପ୍ୟ ସୂଚକ ( ଚିତ୍ରୋତ୍ପଳାରେ ରାମାୟଣ ଶୁଣି )


କାଳା ଧିକରଣ - ଯେଉଁ କାଳରେ ( ସମୟରେ) କ୍ରିୟା ସମ୍ପନ୍ନ ହୁଏ, ତାହାକାଳାଧିକରଣ । ଆଶ୍ୱିନ ମାସରେ ଦଶହରା ହୁଏ । ସାଢେ ଏଗାରଟାରେ ବିଶ୍ୱବିଦ୍ୟାଳୟରେ ପଢା ଆରମ୍ଭ ହୁଏ । ଗ୍ରୀଷ୍ମକାଳରେ ଆମ୍ବ, ପଣସ ପଚ୍ଛେ । ଦିନ, ବର୍ଷ ପୂର୍ବରୁ ଅନ୍ୟ ଏକ ବିଶଷକ ଶବ୍ଦ ରହିଲେ ଅଧିକରଣ କାରକରେ ସପ୍ତମୀ ବିଭକ୍ତି ହୁଏ ।

ସାରଳାମହାଭାରତରେ ‘ଇ’, ‘ଇଂ’, ଏ (ୟେ), ଏଣ (ୟେଣ), ରେ ରେଣ, ତେ, ଇତ୍ୟାଦିର ପ୍ରୟୋଗ କରାଯାଇଛି ।


‘ଇ’ : “ସଲୁ ବୋଇଲେ ଦେବ ଅମ୍ବୁ କନ୍ୟା ବାଳି ।

**ସେହି** ସେ ଅଟଇ ଦେବ ମନର ହିଆଳୀ ।” (ଫୋଲିଓ ନମ୍ବର – ୩୨, ପଦ – ୧୩,ଓଆରପି ୩୬୨)

“************ ବାହାର କଲେ ପାତ୍ର ଅମନାତ୍ୟେ ।



**ଦେଖି** ଶୁନ୍ଦେରି ବି ମୋହିତ ଚିତ୍ତେ ।”( ଫୋଲିଓ ନମ୍ବର – ୩୪, ପଦ- ୩,ଓଆରପି ୩୬୨)




“**ସବୁରି** ବଚନ ଜହ୍ନୁ ଭାର୍ଜୀଲ ଗାଙ୍ଗବ

ଦେଖି ବିର ସଜେ ହୋଇଲା ପଦ୍ମନାଭ ।” (ଫୋଲିଓ ନମ୍ବର – ୬୪, ପଦ -୧୬,ଓଆରପି ୩୬୨)


“ସେ କନ୍ୟା ଆଣତ୍ତି ବାରଣା ୟେ ବୀବାହ କରିବାକୁ ।

**ୟେହି** କଥା ରହିଲା ସମସ୍ତ ରାସ୍ୱକୁ ।” (ଫୋଲିଓ ନମ୍ବର – ୬୪, ପଦ – ୧ ,ଓଆରପି ୩୬୨)



ଏ (ୟେ) –“ ଅନେକ ବକ୍ଷ ସେ ମାଇଲା ମହା କର ।

ନାମେ ବିକ୍ଷାତ ଜେ କଲା ସେ ମେଦିନିର ।” (ଫୋ – ୧, ପଦ – ୧୩,ଓଆରପି ୩୬୨)




“ନବସାଗର ଜେ ବହୁ ଲୋକ ଘେନୀ ।

ମଣ୍ଡଳେ ଯ **ମଣ୍ଡଳେ** ଜାଇ **ବିଜୟେ** ତାର ଯୋନି ।” (ଫୋଲିଓ ନମ୍ବର – ୩, ପଦ – ୯ ,ଓଆରପି ୩୬୨)

“ତ୍ରିଦଶ **ଦେବେ** ଜେ ବସିଲେ ଆସ୍ଥାନେ ।

ତାପତି ସ୍ୱୟମ୍ବର କରି ତରିଦ୍ଧ ମାନ ।” (ଫୋଲିଓ ନମ୍ବର –୩, ପଦ –୮ ,ଓଆରପି ୩୬୨)




"କମଣ୍ଡଳ ଜଳେ କରାଇଲେ ଶୁଦ୍ଧ ସ୍ନାନ ।

କସ୍ତୁରି ଗନ୍ଧ ଆମୋଦିଲେ ଯେକ ଯୋଜନ ।" (ଫୋଲିଓ ନମ୍ବର – ୪୮, ପଦ – ୪,ଓଆରପି ୩୬୨)


"ଅଳକା ଭୁବନରେ ଜେ କୁବେର ଦେବତା ।

ସାତ ନିଧିଘେନି **ବିଜୟେ** ପ୍ରଥେର ସମେତା ।"(ଫୋଲିଓ ନମ୍ବର –୩, ପଦ – ୧୧,ଓଆରପି ୩୬୨)




ଇଂ –"ସାଲୁ ବାହୁଡିଲା ଯେତେ କଥା ଶୁଣୀ ।

ବାଟ **ଚାହଇଂ** ସେ ପଦ୍ମନାଭ ନୃପମଣୀ ।" (ଫୋଲିଓ ନମ୍ବର –୩୩, ପଦ – ୭,ଓଆରପି ୩୬୨)




"ସର୍ବମଙ୍ଗଳା ଋପ ମାତାଙ୍ଗୀ ମତଭୋଳା ।

ଗ୍ରନ୍ଥ ଅର୍ଥ **ଶୁଣଇଂ** ସେ ହରସ କୁତୁହୋଳା ।" (ଫୋଲିଓ ନମ୍ବର –୭୧, ପଦ –୩,ଓଆରପି ୩୬୨)




"**ଗମଇଂ** ଆକାସେ ଜେଶୋମବଂସ ଚକ୍ରବର୍ତ୍ତି ।

ଲକ୍ଷେ କଦମ୍ବର ତହିଂ ଶୁନ୍ୟେଣ ବାଜନ୍ତି । ।(ଫୋଲିଓ ନମ୍ବର – ୬୨, ପଦ –୫,ଓଆରପି ୩୬୨)



ରେ –"**ହୃଦରେ** ଲଗାଇଣ କରଇ ଆଲିଙ୍ଗନ ।

ସେ ଚିତ୍ର ପୀତୁଳୀକି ଯେ କରଇ ରମଣ ।" (ଫୋଲିଓ ନମ୍ବର – ୧୧, ପଦ – ୧୩,ଓଆରପି ୩୬୨)




"**ମଥାରେ** ଘେନୀଲେ ଅମୃତ ପାନ ହୋଇ

ପୁର୍ବରଭିୟାଣ ଯେହା + + + ଯାଇ (ଫୋଲିଓ ନମ୍ବର –୭୪, ପଦ –୧୪,ଓଆରପି ୩୬୨)


ଡାହାଣ **ପାଖରେ** ଜେବେ ବର କୋଳି ବୃକ୍ଷ ଥାଇ

"ତହୁଂ ପୁତ୍ର ଗୋଟୀୟେ ଘେନିଲେ ସତୃକ୍ଷୟ **ଜାଇଂ**" । (ଫୋଲିଓ ନମ୍ବର –୭୪, ପଦ –୧୫,ଓଆରପି ୩୬୨)




"ଭୃଗୁବାର ଦିବସ ଶୁଭକର୍ମ ନାମେ ଯୋଗ ।

ନବମ **ଘରେ** ଚନ୍ଦ୍ର ବୃହସତୀ ଯେକାଦସମେ ଭୋଗ" । (ଫୋଲିଓ ନମ୍ବର – ୪୯, ପଦ – ୭,ଓଆରପି ୩୬୨)




"ଯମଦୁତ ପଡି ହୋଇଲେ ଶୁଜାଣଂ ।

**ଶକତିରେ** ଉତପତି ହୋଇଲେ ପୁତ୍ର ତିନୀଜାଣ ।" (ଫୋଲିଓ ନମ୍ବର –୫୪, ପଦ –୧୩)




"ରୋହିଣୀ **ବୃସରାଶିରେ** ଯାତିରେ ଶୁକ୍ରକ୍ଷତ୍ରି ।

ସପ୍ତମେ ଶୁକ୍ର ନବ ସେ ବୃହଷତୀ ।" (ଫୋଲିଓ ନମ୍ବର –୫୯, ପଦ –୧୫,ଓଆରପି ୩୬୨)




"**ପ୍ରାତକାଳେ** କନ୍ୟା ନେଲେ ସମସାନେ ।

ଦହନ ସାରି ଶୁଦ୍ଧ କଲେ ଯେକାଦସ ଦିନେ ।" (ଫୋଲିଓ ନମ୍ବର –୬୪, ପଦ –୧୩,ଓଆରପି ୩୬୨)




“**ବୈଶାଖ** ମାସେ ଯୋଟୀଲା କୁହୁ****** ।

ତକ୍ଷଣେ ମାୟା ସେ କଲେ ବ୍ରହ୍ମଂଚାରି ।” (ଫୋଲିଓ ନମ୍ବର –୪୮, ପଦ –୧୬,ଓଆରପି ୩୬୨)



“ଇନ୍ଦ୍ର ଦେବତା ତୁଲେ ହୋଇଥାଇ ପ୍ରିତି ।

**କୃଷିଭୂମିରେ** ମେଘେ ବରସଇ ରାତି ।”(ଫୋଲିଓ ନମ୍ବର – ୬, ପଦ – ୮,ଓଆରପି ୩୬୨)




“ଦ୍ୱାଦସ ବରଷ ହୋଇଲି ଜେତେବେଳେ ।

ପିତା ସ୍ଥାପିଲେ ମତେ ଯମୁନା ନଦିତିରେ ।” (ଫୋଲିଓ ନମ୍ବର – ୪୬, ପଦ – ୨,ଓଆରପି ୩୬୨)


“ୟେମନ୍ତ ନାବ ବାହିଲି ବେନୀଜେ ***** ।

ସେ ଦିନଙ୍କଣେ ନାବେ ବସୀଲେ ପାରାସର ମୁନୀବର ।” (ଫୋଲିଓ ନମ୍ବର –୪୬, ପଦ –୧୦,ଓଆରପି ୩୬୨)




‘ଏଣ’ (ୟେଣ) –”କର୍ଣ୍ଣ ଶୁନ୍ଦର ବନ୍ଦେଣ ଅଟଇ ଜଗଜିଣା ।

ସକଳ ବିଦାୟେ କୁସଳ ସେ ଭୋଜର ଦୁଲଣା ।” (ଫୋଲିଓ ନମ୍ବର – ୮୭, ପଦ – ୨,ଓଆରପି ୩୬୨)



“**ଯୁଗତେଣ** ଅଟଇ ସବଦ ଭେଦି ।

******** ମହାତ୍ମା ଶର ଘେନୀ *********** ।”
(ଫୋଲିଓ ନମ୍ବର – ୯୪, ପଦ – ୧୦,ଓଆରପି ୩୬୨)



୧.୩.୬ –ଆଲୋଚନାରେ ବିଭକ୍ତି ଚିହ୍ନ କାରକ ସଂପର୍କକୁ ଅଭିବ୍ୟକ୍ତ କରେ ।ଓ. ଆର.ପି ୩୬୨ ପ୍ରାପ୍ତ ପୋଥିରୁ ପାଠାଦ୍ଧାର କରଇ ବିଭକ୍ତିର ବହୁବିଧ ବ୍ୟବହାରଗତ ବୈଶିଷ୍ଟ୍ୟ ସଂପର୍କରେ ଆଲୋଚନା କରିଛୁ । ବ୍ୟାକରଣଗତ ନିୟମ ବାକ୍ୟର ଅର୍ଥ ଆଧାରରେ ବିଭକ୍ତିର ନିରୂପଣ କରାଯାଇଛି । ଦ୍ୱିତୀୟା ଚତୁର୍ଥୀ ଓ ଷଷ୍ଠୀର କେତେକ ସଂକେତ ସମାନ । ଏହା ମଧ୍ୟରେ ସ୍ୱାତନ୍ତ୍ର୍ୟ ନିରୂପଣ ନିମନ୍ତେ ବାକ୍ୟାର୍ଥ ଓ ବ୍ୟାକରଣଗତ ନିୟମକୁ ଅନୁସରଣ କରାଯାଇଛି ।

ରେଭେନ୍ସା ବିଶ୍ୱବିଦ୍ୟାଳୟର ଗବେଷଣା ପ୍ରତିଷ୍ଠାନ ଓଡିଶାନ୍ ଷ୍ଟଡିଜ୍ ଅନ୍ତର୍ଗତ ଡିଜିଟାଲ ମାନବବିଦ୍ୟା ଓ ଅନୁବାଦ ଅଧ୍ୟୟନ କେନ୍ଦ୍ରରେ ରିସର୍ଚ୍ଚ ଆସୋସିଏଟ୍ ଅଧ୍ୟାପକ ଡକ୍ଟର ଅରବିନ୍ଦ ଦାସ ଓଡିଆ ପୋଥି ଗବେଷଣା କ୍ଷେତ୍ର ମାଧ୍ୟମରେ କେବଳ ଓଡିଆ ଭାଷା ଦିଗରେ ନୁହେଁ, ବରଂ ସେ ପ୍ରାଚୀନ ଭାରତୀୟ ଜୀବନ,ସାହିତ୍ୟ ଏବଂ ସଂସ୍କୃତି ଐତିହ୍ୟସାରକୁ ବିସ୍ତାର କରିବା ସହିତ ଭାରତୀୟ ସଂସ୍କୃତିର କାଳଜୟୀ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି । ତାଙ୍କର ଓଡିଆ ପୋଥି ସଂପର୍କିତ ଏହି ଗବେଷଣାତ୍ମକ ତଥ୍ୟ ଆଗାମୀ ପିଢିମାନଙ୍କୁ ପ୍ରାଚୀନ ଭାରତୀୟ ସାହିତ୍ୟର ଗବେଷଣା ଓ ବିକାଶ ଦିଗରେ ପ୍ରେରଣା ଯୋଗାଇ ଦେବ । ଏହା ପୂର୍ବରୁ ସେ ଡିଜିଟାଲ ମାନବବିଦ୍ୟା ଓ ଅନୁବାଦ ଅଧ୍ୟୟନ କେନ୍ଦ୍ରରେ ସାରଳା ମହାଭାରତର ଅନୁବାଦ ଓ ପୋଥି ସମ୍ପାଦନା ପ୍ରକଳ୍ପରେ କର୍ପସ ସମ୍ପାଦକ ଭାବରେ କାର୍ଯ୍ୟ କରିଥିଲେ । ତାଙ୍କର ଭାରତର ବିଭିନ୍ନ ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡିଆ ଭାଷା ଓ ସାହିତ୍ୟ ବିଭାଗରେ ଦୀର୍ଘ ୨୧ ବର୍ଷର ଗବେଷଣା ଓ ଅଧ୍ୟାପନାର ଅଭିଜ୍ଞତା ରହିଛି ।

ଏହି ଗବେଷଣାତ୍ମକ ନିବନ୍ଧଟି ରେଭେନ୍ସା ବିଶ୍ୱବିଦ୍ୟାଳୟର ଡିଜିଟାଲ ମାନବବିଦ୍ୟା ଓ ଅନୁବାଦ ଅଧ୍ୟୟନ କେନ୍ଦ୍ରର ସଂଯୋଜକ

ପ୍ରଫେସର ଉର୍ମିଶ୍ରୀ ବେଦମଣ୍ଡାଙ୍କ ଅନୁମତି କ୍ରମେ ପ୍ରସ୍ତୁତ କରାଯାଇଛି ।

## ହାୟକ ଗ୍ରନ୍ଥସୂଚୀ:


୧. ସାରଳା ମହାଭାରତ ଓ.ଆର୍.ପି. ୩୬୨ ପୋଥି

୨. ସାରଳା ମହାଭାରତ ଓ.ଆର୍.ପି. ୧୨୪୫ ପୋଥି

୩. ଗୋପୀନାଥ ମହାନ୍ତିଙ୍କ ସମ୍ପାଦିତ ସାରଳା ମହାଭାରତ ( ଆଦିପର୍ବ ପ୍ରଥମ ଖଣ୍ଡ)

୪. ପ୍ରଫେସର ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସମ୍ପାଦିତ ସାରଳା ମହାଭାରତ ( ଆଦିପର୍ବ ପ୍ରଥମ ଖଣ୍ଡ)

୫. ପ୍ରଫେସର କୃଷ୍ଣଚରଣ ସାହୁଙ୍କ ସମ୍ପାଦିତ ସାରଳା ମହାଭାରତ (ଆଦିପର୍ବ ପ୍ରଥମ ଖଣ୍ଡ)

୬. ରାଧାରମଣ ସମ୍ପାଦିତ ସାରଳା ମହାଭାରତ (ଆଦିପର୍ବ ପ୍ରଥମ ଖଣ୍ଡ)

୭. କଟକ ପ୍ରିଣ୍ଟି କମ୍ପାନୀ ସମ୍ପାଦିତ ସାରଳା ମହାଭାରତ

୮. ଧନେଶ୍ୱର ମହାପାତ୍ର, ସାରଳା ମହାଭାରତର ଭାଷାତାତ୍ତ୍ୱିକ ବିଶ୍ଳେଷଣ

୯. ଡକ୍ଟର ଅରବିନ୍ଦ ଦାସଙ୍କ ସମ୍ପାଦିତ ସାହିତ୍ୟ ମଧୁ, ସାଥୀ ପ୍ରକାଶନ, କଟକ

୧୦.ଡକ୍ଟର କିଶୋର ଚନ୍ଦ୍ର ଦାସଙ୍କ ସମ୍ପାଦିତ ଆଧୁନିକ ଓଡ଼ିଆ ବ୍ୟାକରଣ, ଏକେ ମିଶ୍ର ପବ୍ଲିଶର୍ସ, କଟକ

୧୧.ଉପେନ୍ଦ୍ର ଦଳାଇଙ୍କ ସମ୍ପାଦିତ ଓଡ଼ିଆ ଭାଷାର କ୍ରମବିକାଶ, ଏକେ ମିଶ୍ର ପବ୍ଲିଶର୍ସ, କଟକ

୧୨.ପଣ୍ଡିତ ଗୋପୀନାଥ ଶର୍ମାଙ୍କ ସମ୍ପାଦିତ ଶବ୍ଦତତ୍ତ୍ୱବୋଧ ଅଭିଧାନ, ଫ୍ରେଣ୍ଡସ ପବ୍ଲିଶର୍ସ, କଟକ

୧୩.ଡକ୍ଟର ନଟବର ଶତପଥିଙ୍କ ସମ୍ପାଦିତ ସାରଳା ଶବ୍ଦ ଓ ସୂକ୍ତି କୋଷ, ପ୍ରଜାତନ୍ତ୍ର ପ୍ରଚାର ସମିତି, କଟକ

୧୪.ଓଡ଼ିଆ ଭାଷାତତ୍ତ୍ୱ, ପଣ୍ଡିତ ଗୋପୀନାଥ ଶର୍ମା,ଏକେ ମିଶ୍ର ପବ୍ଲିଶର୍ସ, କଟକ

୧୫.ଡକ୍ଟର ଅରବିନ୍ଦ ଦାସଙ୍କ ଗବେଷଣାତ୍ମକ ଆଲୋଚନା: ସାରଳା ସାହିତ୍ୟରେ ଭାଷାଭିତ୍ତିକ ବୈଶିଷ୍ଟ୍ୟ ଓ ସ୍ୱାତନ୍ତ୍ର୍ୟତାର ରୂପରେଖ: (ଅଗଷ୍ଟ ସଂଖ୍ୟା ୨୦୨୫) ପ୍ରକାଶକ ପ୍ରାଚୀ ପତ୍ରିକା: ସମ୍ପାଦକ ଡକ୍ଟର ବିଭୂଦତ୍ତ ଖଣ୍ଡାୟତରାୟ


❖ ❖ ❖

DOI : https://doi.org/10.5281/zenodo.18812659 — ମୂଳ ପ୍ରବନ୍ଧ

# ସାଂପ୍ରତିକ ପୃଷ୍ଠଭୂମି, ନାରୀ ମନସ୍ତତ୍ୱ ଓ ହୃଷୀକେଶୀୟ ଗଳ୍ପଜଗତ

**ଜୟନ୍ତ କୁମାର ଦାସ**

**ସଂକ୍ଷିପ୍ତସାର:**

ସଂପ୍ରତି ବିଶ୍ୱ ସାହିତ୍ୟରେ ସାମାଜିକ, ସାଂସ୍କୃତିକ ଓ ପାରଂପରିକ ମୂଲ୍ୟବୋଧର ଅବକ୍ଷୟ ସ୍ପଷ୍ଟ। ଏହି ପରିବର୍ତ୍ତନରେ ପୁରୁଷଙ୍କ ସହିତ ନାରୀମାନେ ମଧ୍ୟ ସାମିଲ ହୋଇଛନ୍ତି। ସେମାନେ କେବଳ ପାତିବ୍ରତ୍ୟରେ ସୀମିତ ନ ଥାଇ, ଶିକ୍ଷା, କର୍ମସଂସ୍ଥାନ, ଅର୍ଥ ଉପାର୍ଜନ ଓ ଜୀବିକା ନିର୍ବାହରେ ନିଜ ସ୍ଥାନ ନୂତନ କରି ଗଢ଼ିନେଇଛନ୍ତି। କିନ୍ତୁ ଅର୍ଥ, ପ୍ରତିଷ୍ଠା ଓ କାର୍ଯ୍ୟସଂଲଗ୍ନତା ସତ୍ତ୍ୱ ନାରୀମାନଙ୍କ ମନରେ ଶୂନ୍ୟତା, ନିଃସଂଗତା ଓ ଅସହାୟତା ଭାବ ପରିଲକ୍ଷିତ ହେଉଛି। ଡ. ହୃଷୀକେଶ ପଣ୍ଡାଙ୍କ ଗଳ୍ପରେ ଏହି ମାନସିକ ଦ୍ୱନ୍ଦ୍ୱର ସୁନ୍ଦର ଚିତ୍ରଣ ହୋଇଛି। ମୋହିନୀ ଓ ପ୍ରଜ୍ଞା ପରି ନାରୀମାନେ ବିବାହ ପରେ ସ୍ୱାମୀଙ୍କୁ ପାଇଥିଲେ ବି, ପ୍ରେମ ଓ ଆପଣାପଣର ଅଭାବରେ ବୈବାହିକ ଜୀବନକୁ ଦୁର୍ବିସହ ଭାବୁଛନ୍ତି। କେହି ପୁରୁଣା ପ୍ରେମିକର ସ୍ମୃତିରେ ଅସ୍ତବ୍ୟସ୍ତ, କେହି ନିଜର ସ୍ୱପ୍ନଭଙ୍ଗରେ ଦୁଃଖିତ। ସ୍ୱାମୀଙ୍କ ସାନ୍ନିଧ୍ୟରେ ଥାଇ ବି ସେମାନେ ନିଜକୁ ଏକାକୀ ଭାବୁଛନ୍ତି। 'ରେବତୀ' ଓ 'ପରୀ' ଗଳ୍ପରେ ଉଚ୍ଚଶିକ୍ଷିତା ନାରୀଙ୍କ ନିଃସଂଗତା ଉପସ୍ଥାପିତ। ସମାଜରେ ପ୍ରତିଷ୍ଠା ଥିଲେ ବି ମନରେ ସେମାନଙ୍କୁ ଶୂନ୍ୟତା ଘେରିଛି। ପୁରୁଣା ପିଢ଼ି (ମା', ବୁଢ଼ୀମା') ଏହି ଦ୍ୱନ୍ଦ୍ୱକୁ ବୁଝିପାରୁନାହାନ୍ତି। ଏହାର ଫଳରେ ପିଢ଼ିମାନଙ୍କ ମଧ୍ୟରେ ମାନସିକ ଦୂରତା ସୃଷ୍ଟି ହୋଇଛି। ବିଶ୍ୱସାହିତ୍ୟରେ ଯୁଦ୍ଧ ପରବର୍ତ୍ତୀ କାଳରେ ଏହି ଧାରା ସାଧାରଣ ହୋଇଯାଇଛି। ସେଇ ପ୍ରଭାବ ଓଡ଼ିଆ ସାହିତ୍ୟରେ ମଧ୍ୟ ଦେଖାଯାଉଛି। ଡ. ପଣ୍ଡାଙ୍କ ଗଳ୍ପଗୁଡ଼ିକରେ ନାରୀମନର ସ୍ୱପ୍ନଭଙ୍ଗ ଓ ଅଭାବବୋଧକୁ ସଜୀବ ଓ ଜୀବନ୍ତ କରି ଗଢିତୋଳିଛନ୍ତି। ବାସ୍ତବରେ ନାରୀଜୀବନର ଏକାକୀତ୍ୱ, ନିରାଶା ଓ ବହୁବିଧ ସମସ୍ୟା ହିଁ ଗାଳ୍ପିକ ଡ. ହୃଷୀକେଶ ପଣ୍ଡାଙ୍କ ଗଳ୍ପର ମୁଖ୍ୟ ଉପଜୀବ୍ୟ।

**ପ୍ରମୁଖ ଶବ୍ଦାବଳୀ:**

ନିଃସଂଗତା, ଏକାକୀତ୍ୱ, ସ୍ୱପ୍ନଭଙ୍ଗ, ଅସହାୟତା, ନିରାଶା, ପ୍ରେମ, ଶୂନ୍ୟତା, ପାରଂପରିକତା, ପାତିବ୍ରତ୍ୟ, ଆପଣା/ସ୍ୱାଧୀନତା, ମାନସିକ ଦ୍ୱନ୍ଦ୍ୱ, ପ୍ରତିଷ୍ଠା।

ସଂପ୍ରତି ବିଶ୍ୱର ସାହିତ୍ୟିକ ଭାବଜଗତରେ ବହୁବିଧ ପରିବର୍ତ୍ତନ ଦୃଷ୍ଟିଗୋଚର ହେଉଛି। ସାମାଜିକ ବିଧିବ୍ୟବସ୍ଥା, ସାଂସ୍କୃତିକ ଜୀବନ ଚର୍ଯ୍ୟା, ପାରଂପରିକ ଲୋକାଚାରରେ ଦେଖାଦେଇଛି ଅବକ୍ଷୟ। ଏହି ପରିବର୍ତ୍ତନକୁ ସମଗ୍ର ମାନବସମାଜ ଗ୍ରହଣ କରିନେଇଛି। କେବଳ ପୁରୁଷ ନୁହେଁ ନାରୀମାନେ ମଧ୍ୟ ଏହି ଧାରାରେ ସାମିଲ ହୋଇଛନ୍ତି। ନାରୀମାନେ ସାମାଜିକ ଓ ମାନସିକ ସ୍ତରରେ ଏହାକୁ ସହଜରେ ଗ୍ରହଣ କରିବା ସହିତ ବଂଚିବା

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ
Quick Response Code:
Available online at : https://pracheenews.com/
DOI : https://doi.org/10.5281/zenodo.18812659
Article No - BPP00384

**ଯୋଗାଯୋଗ : ଡକ୍ଟର ଜୟନ୍ତ କୁମାର ଦାସ,**
ସହକାରୀ ଅଧ୍ୟାପକ (ଓଡ଼ିଆ ବିଭାଗ),ଭାଷା ଓ ସାହିତ୍ୟ ବିଭାଗ,
ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର, ବାଲେଶ୍ୱର
Email : jayanta_kumar01@rediffmail.com
ORCID ID : https://orcid.org/-0001-9112-5447

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୪.୧୧.୨୦୨୫ | ୧୪.୧୨.୨୦୨୫ | ୨୫.୧୨.୨୦୨୫ | ୧.୦୨.୨୦୨୬ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଦାସ, ଜୟନ୍ତ କୁମାର; ୨୦୨୬। ସାଂପ୍ରତିକ ପୃଷ୍ଠଭୂମି, ନାରୀ ମନସ୍ତତ୍ୱ ଓ ହୃଷୀକେଶୀୟ ଗଳ୍ପଜଗତ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଟ; ପୃଷ୍ଠା :୩୩-୩୮।

ପାଇଁ ଅଭିନବ ପନ୍ଥାକୁ ମଧ୍ୟ ଆପଣେଇନେଇଛି । ସେ ସୀତା ଓ ସାବିତ୍ରୀ ପରି କେବଳ ପାତିବ୍ରତ୍ୟରେ ସୀମିତ ନରହି ନିଜ ଜୀବନ ଅନ୍ୱେଷାରେ ବ୍ରତୀ । ଅତ୍ୟାଧୁନିକ ଜ୍ଞାନ କୌଶଳ ଯୁଗରେ ସାମିଲ ହେବା ସହିତ ନିଜର କର୍ମମୟ ଜୀବନ ଓ ଅର୍ଥ ଉପାର୍ଜନ ପନ୍ଥାକୁ ସେ ଆଦରି ନେଇସାରିଛି । ମାତ୍ର ସାରା ବିଶ୍ୱକୁ ନିଜ ହାତମୁଠାରେ ରଖିବାକୁ ସକ୍ଷମ ହୋଇଥିଲେ ହେଁ ତା' ପାଖରେ ପରିଲକ୍ଷିତ ହୋଇଛି ମାନସିକ ବିଶୃଂଖଳା । ଅର୍ଥ, ପ୍ରତିପତ୍ତି ଓ କର୍ମମୟତା ସତ୍ତ୍ୱେ ସେ ହୋଇଯାଉଛି ଏକାକୀ ଓ ଅସହାୟ । କେମିତି ଏକ ମାନସିକ ଅଭାବ, ନିଃସଂଗତା ଅନୁଭବ କରୁଛି ସେ। ଏକ ଖାଁ ଖାଁ ଶୂନ୍ୟତା ତା' ପଶ୍ଚାତ୍‌ଧାବନ କରୁଛି। ନାରୀ ମନର ଏହି ନିଃସଂଗତାକୁ ଭିତ୍ତିକରି ଗାଳ୍ପିକ ଡ. ହୃଷୀକେଶ ପଣ୍ଡା ରଚନା କରିଛନ୍ତି'ଜିନିଆଫୁଲ, ବନ୍ଦ କବାଟ ଓ ଭଙ୍ଗା ପିପେଟରେ ସୂର୍ଯ୍ୟାଲୋକ', 'ରେବତୀ', 'ଏକ ନିରଥକ ଯୌବନ ମିଳାଇଯାଏ ଅବାନ୍ତର ବାର୍ଦ୍ଧକ୍ୟରେ', 'ପରୀ' ଓ 'ବୈକୁଣ୍ଠ ସମାନ ଅଟେ ଇତ୍ୟାଦି' ପରି ଗଳ୍ପ । ଏହି ଗଳ୍ପଗୁଡ଼ିକରେ ସାଂପ୍ରତିକ ନାରୀର ପାରିବାରିକ ବିଶୃଖଳା, ସବୁକିଛି ଥାଇ ବି ଯୌବନର ଅନ୍ତିମ ପର୍ଯ୍ୟାୟରେ ମଧ୍ୟ କାହାରିକୁ ବାହୁରେ ଆଲିଂଗନ କରିନପାରିବାର ମୁହୂର୍ତ୍ତ ଓ ବିବାହ ପରେ ମଧ୍ୟ ପୁରୁଣା ପ୍ରେମିକର ସ୍ମୃତିରେ କ୍ଷଣକ ପାଇଁ ଅସ୍ତବ୍ୟସ୍ତ ହେବା ପରି ମାନସିକ ଦ୍ୱନ୍ଦ୍ୱକୁ ଗାଳ୍ପିକ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି ।

ସାହିତ୍ୟରେ ଦେଖାଦେଉଥିବା ବିଭିନ୍ନ ଚେତନା ମଧ୍ୟରୁ ଏକ ବଳିଷ୍ଠ ଚେତନା ହେଉଛି ନିଃସଂଗ ଚେତନା । ବିଶ୍ୱ ସାହିତ୍ୟରେ ମଧ୍ୟ ଏହାର ବହୁଳ ପ୍ରଭାବ ପରିଲକ୍ଷିତ ହୋଇଥାଏ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରେ ସାରା ବିଶ୍ୱରେ ଓ ମଣିଷ ଜୀବନରେ ଦେଖାଦେଇଥିବା ବୈପ୍ଲବିକ ପରିବର୍ତନ ସାହିତ୍ୟକୁ ଅନେକାଂଶରେ କରିଛି ପ୍ରଭାବିତ । ଓଡ଼ିଆ ସାହିତ୍ୟରେ ମଧ୍ୟ ଏହାର ପ୍ରତି'ଳନ ଦେଖିବାକୁ ମିଳେ । ସେଥିପାଇଁ ସାହିତ୍ୟିକମାନେ ସାହିତ୍ୟ ଭିତରେ ସ୍ୱପ୍ନଭଙ୍ଗ, ଅଭାବବୋଧ, ମୋହଭଙ୍ଗ, ଅସହାୟତା, ଏକାକୀତ୍ୱବୋଧ ଓ ନିଃସଂଗତାକୁ ପରିପ୍ରକାଶ କରୁଛନ୍ତି। ଏହି ଧାରାରେ ସାମିଲ ହୋଇ ତଥା ମୌଳିକତା ରକ୍ଷା କରି ହୃଷୀକେଶ ପଣ୍ଡା ମଧ୍ୟ ତାଂକ ଗଳ୍ପରେ ସାମସମୟିକ ସମସ୍ୟା ସହ ଅସହାୟତା ଓ ନିଃସଂତାକୁ ଗୁରୁତ୍ୱ ଦେଇଛନ୍ତି । ଆଲୋଚ୍ୟ ଗଳ୍ପଗୁଡ଼ିକରେ ମାଳତୀ, ପ୍ରଜ୍ଞା, ରେବତୀ ଓ ମୋହିନୀ ପରି ନାରୀ ଚାରିତ୍ରମାନେ ନିଜ ଜୀବନର ପ୍ରତ୍ୟେକ ମୁହୂର୍ତରେ କିଛି ଗୋଟେ ଖୋଜିବାରେ ବ୍ୟସ୍ତ ରହୁଛନ୍ତି; ମାତ୍ର ଏହି ଅନ୍ୱେଷାର ଶେଷ ନାହିଁ । ସେମାନଂକ ସ୍ୱପ୍ନଭଙ୍ଗ ହେଉଛି, ସେଥିପାଇଁ ସେମାନେ ଆହୁରି ହତାଶ ଓ ନିରାଶ ହେବା ସହିତ ଏକାକୀତ୍ୱ ଅନୁଭବ କରୁଛନ୍ତି।

ପ୍ରତ୍ୟେକ ନାରୀର ଅଭିଳାଷ ଥାଏ ବିବାହ କରିବା ଓ ପିଲାଛୁଆ ସହିତ ପରିପୂର୍ଣ୍ଣ ଜୀବନ ଅତିବାହିତ କରିବା । କିନ୍ତୁ 'ଜିନିଆଫୁଲ, ବନ୍ଦ କବାଟ ଓ ଭଙ୍ଗା ପିପେଟରେ ସୂର୍ଯ୍ୟାଲୋକ' ଓ 'ବୈକୁଣ୍ଠ ସମାନ ଅଟେ ଇତ୍ୟାଦି' ଗଳ୍ପର ମୋହିନୀ ଓ ପ୍ରଜ୍ଞା ବିବାହ ପରେ ମଧ୍ୟ ସ୍ୱାମୀ ସହ ଅନ୍ତରଙ୍ଗ ହୋଇପାରିନାହାନ୍ତି । ପରିସ୍ଥିତିରେ ପଡ଼ି ଏମାନେ ବିବାହ କରିଥିଲେ ହେଁ ସେମାନଂକ ବୈବାହିକ ଜୀବନରେ ପ୍ରଣୟର କୌଣସି ଉଷ୍ମତା ନାହିଁ । ଶିଥିଳତା କାବୁ କରିଛି ତାଙ୍କ ଦାଂପତ୍ୟ ଜୀବନକୁ । ସେଥିପାଇଁ 'ବୈକୁଣ୍ଠ ସମାନ ଅଟେ ଇତ୍ୟାଦି' ଗଳ୍ପରେ ପ୍ରଜ୍ଞା ବିବାହ ପରେ ପ୍ରଥମ ଥର ସ୍ୱାମୀର ସହରକୁ ଆସୁଥିବାରୁ ତା' ସ୍ୱାମୀ ନୃସିଂହ ଖୁସିରେ ଆତ୍ମହରା ହୋଇଯାଇନାହିଁ କିମ୍ବା ତାକୁ ପାଛୋଟି ଆଣିବାକୁ ଷ୍ଟେସନ୍ ପର୍ଯ୍ୟନ୍ତ ଯାଇନାହିଁ । ପ୍ରଜ୍ଞା ପରି ଚରିତ୍ର ସ୍ୱାମୀଠାରୁ କେବେ ବି ପାଇନାହାନ୍ତି ଟିକିଏ ଭଲପାଇବା ଓ ଆପଣାର ଭାବ । ଏମିତି ଟିକିଏ ଆଦର ଖୋଜୁଖୋଜୁ ସେମାନଂକ ଜୀବନ ହୋଇଯାଏ ନିଛାଟିଆ ଓ ନିର୍ଜନ। ହେନା, ମଲ୍ଲୀ, ଗଂଗଶିଉଳୀ ଓ ବାସର ଶେଯର ସ୍ୱପ୍ନ ଦେଖୁଥିବା ପ୍ରଜ୍ଞାମାନେ ପ୍ରକୃତିସ୍ଥ ହୁଅନ୍ତି ସ୍ୱାମୀର ଦଉଡ଼ିଆ ଖଟ, ଲୋଚାକୋଚା ହୋଇ ଦଉଡ଼ିରୁ ବାଦୁଡ଼ି ପରି ଝୁଲୁଥିବା ଜାମା, ପ୍ୟାଣ୍ଟ, ଚଡ଼ି, ଗଞ୍ଜିର ଉକ୍ରଟତା ଓ ଦୁଃସ୍ଥ ଅବସ୍ଥା ସହ ସାମ୍ନାସାମ୍ନି ହେବାପରେ। ତେଣୁ ସବୁ ଆଶା, ସ୍ୱପ୍ନ ମେଳେଇଯାଏ ଏହି ନିଷ୍ଠୁର ସତ୍ୟ ପାଖରେ। ସେ ଭାବେ, "କେମିତି କଟିବ ଦୁଃସହ ଜୀବନ ଏ ଗ୍ରାମୀଣ ଭଦ୍ରଲୋକଂକ ସାଂଗେ । ଏ ଘରେ ଯେଉଁଠି ମଉଜ ମଜଲିସ ଦୂରେ ଥାଉ, ଖାଲି ଦୁଃଖମାନେ କ୍ଲାନ୍ତ ହେବାପରି କାନ୍ଥ ସାରା ଡେରି ହୋଇଛନ୍ତି ବାସିନ୍ଦାମାନଂକୁ ଆପଣାର କରିନେବାକୁ।" (ବୈକୁଣ୍ଠ ସମାନ ଅଟେ ଇତ୍ୟାଦି, ସାହାବ ଦେବତା, ପୃଷ୍ଠା-୯୪) ।

ଏକ ନିଷ୍ଫଳ ସ୍ୱପ୍ନ ଓ ପ୍ରଣୟର କାହାଣୀ ହେଉଛି 'ଜିନିଆଫୁଲ, ବନ୍ଦକବାଟ ଓ ଭଙ୍ଗା ପିପେଟ୍‌ରେ ସୂର୍ଯ୍ୟାଲୋକ' ଗଳ୍ପ। ଏକ ଆତ୍ମମନସ୍କ ଯୁବତୀମୋହିନୀର ବ୍ୟର୍ଥପ୍ରେମ ଓ ବୈବାହିକ ଜୀବନର ପରିଣତିକୁ ବର୍ଣନା କରାଯାଇଛି ଗଳ୍ପଟିରେ। ସମ୍ଭବତଃ ଏହି ଆତ୍ମମନସ୍କତାସେମାନଙ୍କର ଦୁଃଖର ଆଉ ଗୋଟେ କାରଣ। ପରଂପରାରେ ବିଶ୍ୱାସ ରଖୁନଥୁବା ଗଳ୍ପ ନାୟିକାମୋହିନୀ ଜଣେ ଡାକ୍ତରାଣୀ । ଉଚ୍ଚଶିକ୍ଷିତା ଓ ଆଧୁନିକ ମୂଲ୍ୟବୋଧରେ ଆଗ୍ରହୀ ମୋହିନୀର ବଂଧୁମାନେ ଥିଲେ କେବଳ ପୁରୁଷ।

ଗାଳ୍ପିକଂକ ଭାଷାରେ, "ତା' ସବୁଠୁ ଭଲ ବଂଧୁମାନଂକ ଭିତରେ ଜଣେ ସୌମ୍ୟଦର୍ଶନ ଗଣିତ ଅଧ୍ୟାପକ, ଜଣେ ମୋଟା ପଶୁଡାକ୍ତର, କୁଣ୍ଡା ଚୋକଡ଼ର ଜଣେ ବଡ଼ ପାଇକାରୀ ବ୍ୟବସାୟୀ, ନିଶ୍ଚେତକ ବିଭାଗର ଜଣେ ଅଧ୍ୟାପକ ଓ ଆର୍ମିର ଜଣେ କ୍ୟାପ୍‌ଟେନ୍ ଥିଲେ। ଅଥଚ ମେଡିକାଲ ପାସ କରିବାର ଚାରିବର୍ଷ ପରେ ବି ସେ କାହାରି ପ୍ରେମରେ ପଡ଼ିଲା ନାହିଁ କି କେହି ତା' ପ୍ରେମରେ ପଡ଼ିଲେ ନାହିଁ।" ('ଜିନିଆଫୁଲ, ବନ୍ଦକବାଟ ଓ ଭଙ୍ଗା ପିପେଟ୍‌ରେ ସୂର୍ଯ୍ୟାଲୋକ', ବାହାରେ ଛିଡ଼ାହୋଇଥିବାଲୋକ, ପୃଷ୍ଠା-୧)

ଜିନିଆଫୁଲ ଓ ଭଙ୍ଗା ପିପେଟ୍‌ରେ ସୂର୍ଯ୍ୟାଲୋକର ସ୍ୱପ୍ନଦେଖିବାକୁ ଗାଁକୁ ଯିବା ରାସ୍ତାରେ ମୋହିନୀ ହଠାତ୍ ବସରୁ ଓହ୍ଲେଇପଡ଼ି, ହିମାଚଳ ପ୍ରଦେଶରେ ରହୁଥିବା ଜଣେ ପୁରୁଷ ବଂଧୁକ ପାଖକୁ ଯିବାକୁ ଟ୍ରେନ୍‌ରେ ଯାତ୍ରା କରିବା ସମୟରେ ସିମେଂଟ ନଗରୀର ସିମେଂଟ କର୍ମଚାରୀ ସଂଘର ସଭାପତି ଇନ୍ଦ୍ରଦ୍ୟୁମ୍ନ ସହ ତା'ର ସାକ୍ଷାତ ହେଲା। ତା'ପରେ ଦୁଇ ତିନୋଟି ଚିଠିର ଆଦାନ ପ୍ରଦାନ ପରେ ଦୁହେଁ ବିବାହ କରିଥିଲେ । ଇନ୍ଦ୍ରଦ୍ୟୁମ୍ନର ଘରେ ପହଂଚିଲା ବେଳକୁ ମୋହିନୀକୁ ସ୍ୱାଗତ କରିବାକୁ ଅପେକ୍ଷା କରିଥିଲେ ଅଗଣାର ତାରରେ ଝୁଲୁଥିବା, ସିଗାରେଟ୍ ଝୁଲ ଲାଗି ଦି' ତିନି ଜାଗା ପୋଡ଼ିଯାଇଥିବା ଚିରା ଲୁଙ୍ଗିର ବୀଭତ୍ସତା, ନାଳୁଆରେ ପଡ଼ିଥିବା ଓଦା ଚଡ଼ିର ଉତ୍କଟତା, ଟାଙ୍ଗରା ପାହାଡ଼ ଓ ଶୂନ୍ୟ ଆକାଶ । ସଂପର୍କ ପାଣିଚିଆ ହୋଇଯିବାରୁ ମୋହିନୀ ବହୁ ଚେଷ୍ଟାକରି ବଦଳି ହୋଇଯାଇଛି ଅନେକ ଦୂରକୁ ଏବଂ ବିବାହର ପାଂଚବର୍ଷ ପରେ ସେ ତା'ଠାରୁ ତିନି ବର୍ଷ ସାନ ଏକ ଅବିବାହିତ ଡାକ୍ତର ପ୍ରେମରେ ପଡ଼ିଛି । ସେଥିପାଇଁ ଇନ୍ଦ୍ରଦ୍ୟୁମ୍ନକୁ ଛାଡ଼ିଚାଲିଯିବାର ସଂଭାବନାରେ ସେ ଆତଙ୍କିତ ନହୋଇ ଖୁସି ହେଉଥିଲା । କାରଣ ପ୍ରେମ ଏଠି ନଥିଲା ସ୍ୱର୍ଗୀୟ । ଏକ ମୂର୍ଚ୍ଛିତ, ଅବସନ୍ନ ପ୍ରେମରେ ଭାସି ଯାଉଥିଲେ ପ୍ରଜ୍ଞା, ମୋହିନୀ ପରି ନାରୀମାନେ ।

'ଏକ ନିରର୍ଥକ ଯୌବନ ମିଳାଇଯାଏ ଅବାନ୍ତର ବାର୍ଦ୍ଧକ୍ୟରେ' ଗଳ୍ପରେ ସ୍ୱାମୀ ସ୍ତ୍ରୀ ଚିଲିକାକୁ ଉପଭୋଗ ପାଇଁ ଆସିଛନ୍ତି। ମାତ୍ର ସ୍ୱାମୀଙ୍କ ସାନ୍ନିଧ୍ୟରେ ଥାଇ ମଧ୍ୟ ସ୍ତ୍ରୀ ପୁରୁଣା ରୋମାଂଟିକ ସ୍ମୃତିଚାରଣରେ ଅସ୍ତବ୍ୟସ୍ତ ହୋଇପଡିଛି। ସ୍ୱାମୀର ଆଲିଂଗନ ସତ୍ତ୍ୱେ ଶୁଭଂକରର ପ୍ରଥମ ସ୍ପର୍ଶକୁ ସେ ମନେପକାନ୍ତି। ଶୁଭଙ୍କରକୁ ଦେଖି ସ୍ତ୍ରୀ ଲୋକଟି ଭାବିଛି, "ଶୁଭଙ୍କର ବ୍ୟତୀତ ଆଉ କିଏ ବି ହୋଇପାରିଥା'ନ୍ତା! ମୋର ପ୍ରତି ଲୋମକୂପରେ ଶୁଭଂକର ବିଚ୍ଛୁରିତ ହୋଇଯାଉଛି । ପ୍ରତ୍ୟେକ ଜାଇଲେମ୍ ଫ୍ଲୋଏମ୍‌ରେ ମୋର ଥରଥର ଲେଲିହାନ ପିପାସୁ ଇଚ୍ଛାର ନିଆଁ।" (ଏକ ନିରର୍ଥକ ଯୌବନ ମିଳାଇଯାଏ ଅବାନ୍ତର ବାର୍ଦ୍ଧକ୍ୟରେ, ପ୍ରୌଢ଼ଭାବନା, ପୃଷ୍ଠା- ୧୧) ଶୁଭଂକରକୁଦେଖିବାକୁ ବାଲ୍‌କୋନିରୁ ତଳକୁ ଦଉଡ଼ିଯାଇଛି ଅସଂଖ୍ୟ ଦୀଘର୍ଶ୍ୱାସ ଓ ଅନେକ ଦୁଃଖରେ ଅସ୍ତବ୍ୟସ୍ତ ହୋଇ । ମାତ୍ର ଶୁଭଂକର ଆଡ଼କୁ ଅନେଇ ପାରୁନି କି ତା' ସାମ୍ନାରେ ସିଧା ଠିଆହୋଇପାରୁନାହିଁ । ଗାଳ୍ପିକ ଏଠାରେ ନାରୀ ମନର ଅବଚେତନ ସ୍ତରକୁ ବିଶ୍ଳେଷଣ କରିଛନ୍ତି । କେମିତି ସ୍ୱାମୀ, ପରିବାର ଓ ମାତୃତ୍ୱରେ ଭାରାକ୍ରାନ୍ତ ଏହି ନାରୀମାନେ ଶୁଭଂକର ପାଇଁ ଭାବିପାରନ୍ତି ତାହାର ଏକ ସୁଂଦର ନମୁନା ଦେବାକୁ ଯାଇ ଗାଳ୍ପିକ କହିଛନ୍ତି, "ସେ ଜାଣେ ଓ ମୁଁ ଜାଣେ ଯେ ସେ ଜଣେ ଚିଲିକାର ସବୁଠୁ ସାନ ଦୁଲୁକି ଦୁଲୁକି ଯାଉଥିବା ଗୋଟିଏ ଡଙ୍ଗା, କାତ ନଥିବ କି ଆହୁଲା ନଥିବ, ସତେକି ବୁଡ଼ିଯିବ, ସେଇଥିରେ ବସି ଯାବତୀୟ ଗସିପ୍-ଭାଇ-ବନ୍ଧୁ-ବାନ୍ଧବ, କଲେଜ-ସ୍ଥିତି-ପ୍ରତିପତ୍ତି, ଗୁଜବ ସତୀତ୍ୱକୁ ସେଇ ଢ଼େଉରେ ଭସେଇ ଦେଇ ତା' ସାଂଗେ ଚାଲିଯିବାକୁ ମୁଁ ରାଜିଅଛି । ମୁଁ ଆଉ ହସିପାରୁନି । କେମିତି ହସିବି ଯେ ? ତା' ବିନା ?" ('ଏକ ନିରର୍ଥକ ଯୌବନ ମିଳାଇଯାଏ ଅବାନ୍ତର ବାର୍ଦ୍ଧକ୍ୟରେ', ପ୍ରୌଢ଼ଭାବନା, ପୃଷ୍ଠା-୧୫)। ବ୍ୟକ୍ତିବାଦୀ ସମାଜ ଓ ସାମସମୟିକ ଜୀବନର ବାସ୍ତବତାକୁ ଗୁରୁତ୍ୱ ଦେଇଛନ୍ତି ଗାଳ୍ପିକ ।

ସ୍ୱାମୀ ସହ ରୁମ୍‌କୁ ଫେରିଆସିବା ପରେ ସ୍ତ୍ରୀଲୋକଟି ଭାବିଛି, "ସତେକି ନୀରବରେ ସ୍ୱଚ୍ଛନ୍ଦରେ ଜଣାପଡ଼ିବା ପୂର୍ବରୁ ହିଁ ସେ ମୋ ସତୀତ୍ୱ ଅପହରଣ କରିନେଲା । ମୁଁ ନିଛାଟିଆ । ଏପରିକି ମୋ ଦୁଃଖ ମୋତେ ଛାଡ଼ି ଚାଲିଗଲା ।" ('ଏକ ନିରର୍ଥକ ଯୌବନ ମିଳାଇଯାଏ ଅବାନ୍ତର ବାର୍ଦ୍ଧକ୍ୟରେ, ପ୍ରୌଢ଼ଭାବନା, ପୃଷ୍ଠା-୧୮) ଅଧିକାଂଶ ନାରୀଙ୍କ ଜୀବନ ଏହିପରି ହୋଇଯାଉଛି ଘୋର ନିଛାଟିଆ ଓ ଅଂଧାର । ସ୍ୱାମୀ ସହ ପତିବ୍ରତା ନାରୀର ଭୂମିକା ତୁଲେବାରେ ଏମାନେ ଅସମର୍ଥ । କାରଣ ସମୟର ପରିବର୍ତ୍ତନ ସହ ତାଳଦେଇ ନାରୀ ମାନସିକତାର ଦ୍ରୁତ ପରିବର୍ତ୍ତନ ଘଟୁଛି । ସେଥିପାଇଁ ଖୋଲାଖୋଲି ଭାବେ ସେ କହିଛି, "ମୋର ଯେ ଆଦର୍ଶ ହିନ୍ଦୁ ସତୀସାଧ୍ୱୀ ସାବିତ୍ରୀ ପତ୍ନୀ ହେବାର ଯୋଗ୍ୟତା ନାହିଁ, ସେ କଥା କ'ଣ ଖୋଲାଖୋଲି କହିଦେବା ଦରକାର ?" (ଏକ ନିରର୍ଥକ ଯୌବନ ମିଳାଇଯାଏ ଅବାନ୍ତର ବାର୍ଦ୍ଧକ୍ୟରେ, ପ୍ରୌଢ଼ଭାବନା, ପୃଷ୍ଠା-୧୮) ବିବାହ ପରେ ନାରୀର ମାନସିକ ସ୍ତରରେ ଦେଖାଯାଉଥିବା ଦ୍ୱୈତ ଭୂମିକାକୁ ଗାଳ୍ପିକ ସୁଂଦର ଭାବେ ଉପସ୍ଥାପନ କରିଛନ୍ତି । ଯାହାର ଫଳସ୍ୱରୂପ ସ୍ୱାମୀର ଉପସ୍ଥିତିରେ

ମଧ୍ୟ ପୁରୁଣା ସ୍ମୃତିରେ କବଳିତ ହୋଇ ଏହିପରି ନାରୀମାନେ ହତାଶ, ନିରାଶ, ଅସହାୟ ଓ ନିଃସଂଗତା ଅନୁଭବ କରନ୍ତି ।

ଉଚ୍ଚଶିକ୍ଷିତା ନାରୀମାନଂକର ଅସହାୟତା ଓ ଏକଲାପଣର ସାର୍ଥକ ନିଦର୍ଶନ ହେଉଛି 'ରେବତୀ' ଓ 'ପରୀ' ଗଳ୍ପ। 'ରେବତୀ' ଗଳ୍ପର ରେବତୀ ଓ 'ପରୀ' ଗଛର ମାଳତୀ ଏହି ବସ୍ତୁବାଦୀ ସମାଜର ନିଷ୍ଠୁର ସତ୍ୟ ସାମ୍ନାରେ ଦଣ୍ଡାୟମାନ । ରେବତୀ ଚାକିରି କରି ସମାଜରେ ପ୍ରତିଷ୍ଠା ଲାଭ କରିବା ସତ୍ତ୍ୱେ ନିଃସଂଗ ଓ ମାଳତୀ ଭବିଷ୍ୟତ ଓ ଚାକିରିର ସ୍ୱପ୍ନରେ ଅସହାୟ । ଗାଁର ଉଚ୍ଚଶିକ୍ଷିତା ଓ ବିଭିନ୍ନ ଯୋଗ୍ୟତାର ଅଧିକାରିଣୀ ଏହିପରି ନାରୀମାନଂକୁ କିନ୍ତୁ ବୁଝିପାରିନାହାରି ମା' ଓ ବୁଢ଼ୀମା' ମାନେ । ଏହା ମାଧ୍ୟମରେ ଗାଳ୍ପିକ ମନେପକେଇ ଦେଇଛନ୍ତି ଶହେ ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇଯାଇଥିବା ଫକୀରମୋହନଂକ କିଂବଦଂତୀୟ 'ରେବତୀ'ର ମର୍ମସ୍ପର୍ଶୀ ବାଣୀ । ମାଳତୀ ଠାରୁ ପଢ଼ାପଢ଼ି, ପରୀକ୍ଷା ଓ ଚାକିରି କଥା ଶୁଣି ବୁଢ଼ୀମା' କହିଛି– "ପଢ଼ାପଢ଼ି ବହୁତ ହେଲା । ଆଲୋ ନାଭିରେ ତୋ କସ୍ତୁରୀ, ତୁ କୁଆଡ଼େ ଧାଇଁଛୁ, ପଢ଼ାପଢ଼ି, ଚାକିରି, ବୁଦ୍ଧି, ବିବେକ ?" ( ପରୀ, ସାହାବଦେବତା, ପୃଷ୍ଠା–୬୦) ଓଡ଼ିଆ ପାଠକମାନେ ଫକୀରମୋହନଂକ 'ରେବତୀ'ରେ ଯେ ନାରୀଶିକ୍ଷା ଏବଂ କୁସଂସ୍କାର ବିଷୟରେ କୁହାଯାଇଥିଲା ତାହା ଏପର୍ଯ୍ୟନ୍ତ ଅବଗତ ଥିଲେ । ମାତ୍ର ଏହି ଧାରଣାକୁ ସମ୍ପୂର୍ଣ୍ଣ ବିରୋଧ କରି ଗାଳ୍ପିକ କହନ୍ତି, "ମୂଳ 'ରେବତୀ' ନାରୀଶିକ୍ଷା ବିଷୟରେ ନୁହେଁ; ରେବତୀ ଏହାର ନାୟିକା ନୁହେଁ। ଏହା ନିଃସଂଗତା ବିଷୟରେ ଓ ବୁଢ଼ୀ ମାଆ ଏହାର ପ୍ରଧାନ ଚରିତ୍ର।" (ରେବତୀ : ରେବତୀ, ସଂକଳନ–ଅସିତ ମହାନ୍ତି, ପୃଷ୍ଠା –୬୪) ସେଥିପାଇଁ ଅସହାୟତା ଓ ନିଃସଂଗତାର ଅସ୍ଥିକଂକାଳ ଉପରେ ଆଧୁନିକ ନାରୀର ରକ୍ତ ମାଂସରେ ସେ ଜୀବନ୍ୟାସ ଦେଇଛନ୍ତି ତାଂକ 'ରେବତୀ'କୁ ।

ଗାଳ୍ପିକ ହୃଷୀକେଶ ପଣ୍ଡାଙ୍କ 'ରେବତୀ' ଫକୀରମୋହନଙ୍କ 'ରେବତୀ' ପରି ଅଶିକ୍ଷିତା, ଅପାଠୋଇ ନୁହେଁ, ସେ ଶିକ୍ଷିତା ଓ ଆଧୁନିକା। ସେ ମେଟ୍ରିକ ପାସ୍ ପରେ କଲେଜରେ ପଢ଼ିବାକୁ ଗଲା ଓ ଆଧୁନିକ ବେଶ ପୋଷାକ ସହିତ ହାଇହିଲ୍ ଚପଲ ପିନ୍ଧିଲା । ତା' ବାପା ମୁକ୍ତିଆର ଥିବାରୁ ରେବତୀର ପାଠପଢ଼ା ଓ ହାବଭାବକୁ ସମସ୍ତେ ନାପସଂଦ କରୁଥିଲେ ମଧ୍ୟ ସାହସ କରି କିଛି କହିପାରୁନଥିଲେ । ସେ ବି.ଏସ୍‌ସି. ଓ ଏମ.ଏସ୍‌ସି. ପାସ୍ ପରେ ମହୁମାଛିଙ୍କ ଉପରେ ଗବେଷଣା କଲା।ତେଣୁ ତା'ର ବିଭିନ୍ନ ଫଟୋ ବିଭିନ୍ନ ଖବରକାଗଜରେ ବାହାରିଲା। ମାତ୍ର ଗାଁଲୋକମାନେ ଏ ଫଟୋ ତା'ର ନୁହେଁ ବୋଲି ଈର୍ଷାନ୍ୱିତ ହୋଇ ଦାବି କରୁଥିଲେ । ସେ ଏତେ ପାଠପଢ଼ି ମଧ୍ୟ ବାହା ହେଉନଥିବାରୁ ତା'ର କୌଣସି ପୁଅ ସହିତ ପ୍ରେମ ଥିବା ଗାଁରେ କଳ୍ପନା ଜଳ୍ପନା ହେଉଥିଲା । ସେ ପୁଅଟି ଡେଙ୍ଗାଲୋକ, କିଂବା ଜଣେ ଅଧ୍ୟାପକ, କିଂବା ଜଣେ କଂଟ୍ରାକଟରର ପୁଅ, କିଂବା ଛତରାଟିଏ ବୋଲି ଏମାନେ ଅନୁମାନ କରୁଥିଲେ । ତା'ପରେ ସେ ଆମେରିକା ଚାଲିଗଲା, ଅଧ୍ୟାପିକା ହେଲା ଓ ଭୁବନେଶ୍ୱର ଫେରିଲା ବେଳକୁ ଅସରପା ଓ ସାମୁଦ୍ରିକ ଜନ୍ତୁଙ୍କ ଉପରେ ଗବେଷଣା କରିବ ବୋଲି ଠିକ୍ କରିଥିଲା । ମାତ୍ର ଏତେ ସବୁ ଶିକ୍ଷା, ସମ୍ମାନ, ପ୍ରତିଷ୍ଠା ସତ୍ତ୍ୱେ ସେ କ୍ଳାନ୍ତ ଓ ଅବସନ୍ନ ହୋଇପଡ଼ିଛି। ଜୀବନର ପ୍ରତ୍ୟେକ ପାହାଚ ସଫଳତାର ସହ ଅତିକ୍ରମ କରୁଥିଲେ ହେଁ ତା'ର ଅଂତରାତ୍ମା ନିଃସଂଗ ହୋଇଯାଇଛି। ସେଥିପାଇଁ ସେ ଗଳ୍ପନାୟକକୁ ଆଖିରେ ଇସାରା ଦେଇ ମଶାଣି ପାଖ ବଣରେ ଲୁଚି ଲୁଚି ବିଡ଼ି ପିଇଛି ଓ ଲଣ୍ଡା ବରଗଛ ପାଖେ ଛିଡ଼ାହୋଇ ଆକାଶକୁ ଅନେଇଛି। ରେବତୀର ସମଗ୍ର ତାରୁଣ୍ୟ ଓ ଯୌବନ କଟିଯାଇଛି ଖୁବ୍ ଅସହାୟ ଭାବେ ।

ଜୀବନ ଦୌଡ଼ରେ କାହା ସହ ଅଂତରଂଗ ସମ୍ପର୍କ ଯୋଡ଼ିପାରିନାହିଁ ରେବତୀ । ତେଣୁ ଅନେକ ସମୟରେ ନିଜ ପରିଚିତ ସହର ଓ ପୃଥିବୀର ବିଭିନ୍ନ ନଗରୀ ବୁଲିଲାବେଳେ ଭାବେ "ଅକସ୍ମାତ୍ କେହି ଜଣେ ଅତି ଚିହ୍ନା ପରିଚିତ, ଅନ୍ତରଙ୍ଗ କୁଆଡ଼େ ବହୁତ ଆଗରୁ ଦିନେ ଅନ୍ତର୍ଦ୍ଧାନ ହୋଇସାରି ଦେଖାହୋଇଯିବ, ଏଇ ଯେମିତି ଠିକ୍ ରାସ୍ତା ମୋଡ଼ ପାଖରେ ସେ ଛିଡ଼ା ହୋଇଥିବ, ଟ୍ରେନ୍‌ରୁ ଓହ୍ଲେଇଲା ବେଳେ ପ୍ଲାଟଫର୍ମର ଲୋକ ଗହଳି ଭିତରେ ଠେଲି ଠେଲି ଆସି ଚିହ୍ନି ହସି ହସି ଗଡ଼ିଯିବ, ଅଥବା ଏୟାରପୋର୍ଟରେ ସିକ୍ୟୁରିଟି ଚେକ୍‌ର ଠିକ୍ ପୂର୍ବରୁ ହଠାତ୍ ଲୋକଟି ଦେଖି ଦୌଡ଼ି ଆସିବ, ଦରକାର ପଡ଼ିଲେ, ରେବତୀ ପ୍ଲେନ୍ ଟିକେଟ୍ ଫେରେଇ ଦେଇ ରହିଯିବ; କିନ୍ତୁ ରେବତୀ ଜାଣେ ସେମିତି କେହି ଲୋକ ନାହିଁ ତ, ଦେଖା ହେବାର ପ୍ରଶ୍ନ ହିଁ ଉଠୁନାହିଁ। ତା' ସତ୍ତ୍ୱେ ସବୁବେଳେ, କୋଉଠି ଏକ ବିକଳ ଆଶାଟି ଲୁଚିଲୁଚି ଚିକ୍ ଚିକ୍ କରୁଥାଏ ।" (ରେବତୀ, ସଂ–ରେବତୀ, ପୃଷ୍ଠା–୪୯)

ଜୀବନର ଅନେକ ସଫଳତା ସତ୍ତ୍ୱେ କାହା ସହିତ ନିଜର ସୁଖ–ଦୁଃଖ, ଅନୁଭବ ଓ ଅନୁଭୂତିକୁ ବାଂଟିବା ପାଇଁ ସୁଯୋଗ ପାଇନାହିଁ ରେବତୀ । ସେଥିପାଇଁ ଗାଁକୁ ଆସି ଗଳ୍ପନାୟକ ପାଖରେ

ଅଳି କରେ କଇଁଫୁଲ ତୋଳିବା ପାଇଁ, ବଂଶୀ ବଜେଇବା ପାଇଁ ଓ ଲୁଚକାଳି ଖେଳିବା ପାଇଁ । ଏହି ଅତ୍ୟାଧୁନିକ ସମାଜରେ ପଢ଼ାପଢ଼ିରେ ଓ ମାନସିକତାରେ ଖୁବ୍ ଆଧୁନିକା ହେଲେ ହେଁ ନିଜର ନିକଟ ପରିବେଶରୁ ଓ ପୃଥିବୀରୁ ଅନେକ ଦୂରରେ ସେ। ଏକ କରୁଣ, ନିର୍ଜନ ଓ ଉଦାସ ଜୀବନ ବଂଚିବାକୁ ସେ ବାଧ୍ୟ । ତା'ର ଶରୀର ଓ ଆତ୍ମା ଅବଶ । ସକଳ ଆଶା ଓ ବିଶ୍ୱାସ ତା'ଠାରୁ ଦୂରେଇ ଯାଇଛି । ତେଣୁ ରେବତୀ ଚରିତ୍ର ଏଠାରେ ହୋଇଯାଇଛି ନିଃସଂଗତା ଓ ଏକାକୀତ୍ୱର ପ୍ରତୀକ । ସମୟକୁ ଦମ୍ଭରେ ମୁହଁମୋଡ଼ି ଚାଲିଯାଉଥିବା ରେବତୀର ଏହି ଅସହାୟତାକୁ ଆଶ୍ୱାସନା ଦେବାକୁ ଯାଇ ଗାଳ୍ପିକ କହନ୍ତି- "ରେବତୀ ଲୋ, ମୋତେ ଦେଇଦେ ତୋର ଅସହାୟତା, ତୋର ବୟସ, ତୋ ନିର୍ଜନତା, ତୋର ବାର୍ଦ୍ଧକ୍ୟ, ତୋର ହାତ ଗୋଡ଼ର ସବୁ ଶିକୁଳି । ମୁଁ ତତେ କଇଁଫୁଲ ଦେବି, ମହୁମାଛି ଦେବି, ମୋର ଯାବତୀୟ ଖୁସି ଦେବି, ମୋର ନିର୍ବୋଧତା ଦେବି । ତୁ ଫେରିଆ ନଇକୂଳ ବାଲିରେ ଦୌଡ଼ିବାକୁ, ସମୁଦ୍ରରେ ପହଁରିବାକୁ, ପିନ୍‌ପିନ୍ ଖରାରେ ସୂର୍ଯ୍ୟ ମୁଖୀ ଫୁଲପରି ଚହଲିଯିବାକୁ। ତୁ ପୁଣିଥରେ ଛିଡ଼ା ହେଇଯା, ଘୁଙ୍ଗୁର ପିନ୍ଧି, ଥରେ ପାଦ ନଖ ଭୂଇଁରେ ଘଷି ଆଣିଲେ ଅଡିଟୋରିଅମ୍‌ରେ ସେଇ ଲୋକଟି ଚହଲିଯିବ ଯେ ଏତେ ଦିନଯାଏ ତୋ ସାଂଗେ ଲୁଚକାଳି ଖେଳୁଚି; ଦୁଇବାହୁ ପ୍ରସାରିତ କରିଦେଲେ ସମୟ ନିସ୍ତବ୍ଧ ହେଇ ରହିଯିବ, ଘଂଟାମାନେ ଓଲଟା ପଟେ ଚାଲିବାକୁ ଆରଂଭ କରିବେ; ଥରେ ନିଃଶ୍ୱାସ ପିଠିରେ ଠିକଣାଲେଖି ପଠେଇଦେ, ନିଃଶ୍ୱାସ ଖୋଜ ଖୋଜି ଘେନି ଆସିବ ଏପରି ବାସ୍ନାକୁ ଯାହା କ୍ରମାଗତ ଲହରୀ ପରିଖେଳୁଥିବ । (ରେବତୀ, ସଂ-ରେବତୀ, ପୃଷ୍ଠା-୫୦)

ରେବତୀ ପରି 'ପରୀ' ଗଳ୍ପର ମାଳତୀ ମଧ୍ୟ ଅସହାୟତାର ଜ୍ୱାଳାରେ ଦଗ୍ଧୀଭୂତ ।ରେବତୀର ସବୁକିଛି ଥିଲା ମାତ୍ର ସେ କାହାର ଆପଣାର ହୋଇପାରୁନଥିଲା। କିଂବା କାହାରିକୁ ଆପଣାର କରି ପାରୁନଥିଲା। କିନ୍ତୁ ମାଳତୀ ବିଭିନ୍ନ ପ୍ରକାର ମାନସିକ ଦ୍ୱନ୍ଦ୍ୱରେ ରହି ଆକ୍ତାମାକ୍ତା ହୋଇଉଠୁଥିଲା। ଉଚ୍ଚଶିକ୍ଷା ସମାପ୍ତି ପରେ ନିଜର ଅଂଧକାରମୟ ଭବିଷ୍ୟତକୁ ଦେଖି ସେ ବ୍ୟର୍ଥତା ଅନୁଭବ କରିଛି । ସଂପ୍ରତି ବେକାରୀ ସମସ୍ୟା ଓ ନିଜର ବାହାଘରକୁ ନେଇ ବାପାମାନଙ୍କର ମାନସିକ ଅବସ୍ଥାକୁ ଆଖି ଆଗରେ ରଖି ସମାଜର ସବୁ ମାଳତୀମାନଙ୍କର ସ୍ୱପ୍ନ ମରୀଚିକା ପାଲଟିଯାଉଛି। ସେଥିପାଇଁ ସେ ନିଛାଟିଆ ହୋଇଯାଇଛି। ଏହି ନିଛାଟିଆମିର ସୁଯୋଗ ନେଇ ବିଭିନ୍ନ ପ୍ରକାର ଦୁଃଖ ତା'କୁ ଖପ୍‌ଖାପ୍ ଧରିପକେଇଛନ୍ତି । ତା' ହୃଦୟର କେଉଁ ଏକ ନିଭୃତ କୋଣରୁ ସୋହମର ସ୍ପର୍ଶ ଅନୁଭବ କରି କ୍ଷଣିକ ଆନଂଦ ଲାଭ କରିଥିଲେ ହେଁ ବାସ୍ତବତାର ସମ୍ମୁଖୀନ ହେବାପରେ ସେ ବୋର୍ ହୋଇଯାଇଛି। ତା' ମନର କଥାକୁ ସେ ପ୍ରକାଶ କରିଛି ବୁଢ଼ୀମା' ଆଗରେ । "କାହିଁକି ପିଲାଏ ବୋର୍ ହୁଅନ୍ତି ବୁଢ଼ୀମା', ବୋର୍ ମାନେ, ବୋର୍ ଶବ୍ଦର ଓଡ଼ିଆ ନାହିଁ, ହେଲେ କାମଦାମ ନଥାଏ, ଦୁଃଖ ନଥାଏ, ପ୍ରତୀକ୍ଷା ନଥାଏ, ଚିନ୍ତା ନଥାଏ, କାହା ପାଇଁ ବ୍ୟସ୍ତତା ନଥାଏ । ତମେ ଯେମିତି ଖାଁ ଖାଁ, ଖାଲି ଖାଲି ବସିଚ, କାମ ନାଇଁ କି ଧନ୍ଦା ନାଇଁ । ଡର ନାଇଁ କି ଭୟ ନାଇଁ । ବ୍ୟସ୍ତ ନୁହଁ କି ବ୍ୟଗ୍ର ନୁହଁ ।" (ପରୀ, ସାହାବଦେବତା, ପୃଷ୍ଠା-୬୯) ବୁଢ଼ୀମା' ବୁଝିପାରୁନାହିଁ ବୋର୍ ମାନେ କ'ଣ ? ମାତ୍ର ପ୍ରଜ୍ଞା, ମୋହିନୀ, ରେବତୀ ଓ ମାଳତୀ ଏହିପରି ବୋର୍ ହୁଅନ୍ତି । ସେଥିପାଇଁ ଅସହାୟତା ଓ ନିଃସଂଗତା ସେମାନଂକ ଅନ୍ତରାତ୍ମାକୁ ଟାଣିଓଟାରି ଅସ୍ତବ୍ୟସ୍ତ କରିପକାଏ । ଏଠାରେ ପ୍ରତ୍ୟେକ ଚରିତ୍ର ବିଭିନ୍ନ ପ୍ରକାର ଅନ୍ତର୍ଦ୍ୱନ୍ଦ୍ୱରେ ଘାଂଟି ହେଉଛନ୍ତି । ଏଥିପାଇଁ ଏମାନେ ସ୍ୱର୍ଗକୁ ମୁଥ ମାରନ୍ତି, ଯଦିଓ ସ୍ୱର୍ଗ ବିରୁଦ୍ଧରେ ବା ଆଉ କାହାରି ବିରୁଦ୍ଧରେ ଏମାନଂକର ରାଗ ନାହିଁ । ଏହାର କାରଣ ଶୂନ୍ୟତା ଛଡ଼ା ଆଉ କାହା ସାଂଗେ ଟକ୍‌କର ଦେବାର ଯୋଗ୍ୟତା ସେମାନଙ୍କର ନାହିଁ।

**ଉପସଂହାର :**

ଏଠାରେ ଗାଳ୍ପିକ ସାଂପ୍ରତିକ ସାମାଜିକ ଜୀବନରେ ନାରୀର ସ୍ଥିତି ଓ ସେମାନଂକର ମନସ୍ତତ୍ୱକୁ ସଫଳ ଭାବେ ଚିତ୍ରଣ କରିଛନ୍ତି । ପାରଂପରିକ ଜୀବନ ଯାପନ ଶୈଳୀରେ ଦେଖାଦେଇଛି ଅନେକ ପରିବର୍ତନ । ଜୀବନ ସଂଗ୍ରାମର ପରିସର ବୃଦ୍ଧିପାଇଛି ଓ ନାରୀମାନେ ନିଜକୁ ଏଥିରେ ସାମିଲ କରିଦେଇଛନ୍ତି। ସମାଲୋଚକ ଡ. କ୍ଷୀରୋଦ ଚନ୍ଦ୍ର ବେହେରାଙ୍କ ମତରେ, "ବିଂଶ ଶତାବ୍ଦୀର ଶେଷ ଦୁଇ ଦଶନ୍ଧିରେ ଓଡ଼ିଆ ନାରୀ ପରିବାର, ଧର୍ମ ଓ ସଂସ୍କାରର ରକ୍ଷଣଶୀଳତାରୁ ମୁକ୍ତହୋଇ ନିଜ ସୃଜନଶୀଳତାରେ ପୃଥିବୀକୁ କରିଛି ଅଧିକ ମହିମାବନ୍ତ।ସେ କେବଳ ଆର୍ଥନୀତିକ ସ୍ୱାବଲମ୍ବନଶୀଳ ହୋଇନାହିଁ, ପ୍ରଗତିବାଦୀ ଚେତନାରେ ପୁରୁଷକୁ ମଧ୍ୟ ପଛରେ ପକାଇଦେଇଛି ।" (ଏକବିଂଶ ଶତାବ୍ଦୀର ଓଡ଼ିଆ ଗଳ୍ପ: ପ୍ରତିଶ୍ରୁତି ଓ ସମ୍ଭାବନା, ପୃଷ୍ଠା- ୨୪୯) ସଂପ୍ରତି ନାରୀ ନିଜର ଅଗ୍ରଗତି ସହିତ ଏକପ୍ରକାର ଦ୍ୱୈତ ମାନସିକତା ଦ୍ୱାରା କବଳିତ । ବାହାରେ ସେ ଅନୁଭବ କରୁଛି ବ୍ୟସ୍ତତା ଓ ଭିତରେ ଶୂନ୍ୟତା। ସେଥିପାଇଁ ପ୍ରଜ୍ଞା ଓ ମୋହିନୀ ପରି ଚରିତ୍ର ସ୍ୱାମୀର

ସ୍ୱର୍ଶଜନିତ ଉଷ୍ମତା ଅନୁଭବ କରିପାରୁନାହାନ୍ତି, ମାଳତୀ ପରି ଚରିତ୍ର ବୁଢ଼ୀମା'ର ପରୀ କାହାଣୀ ଶୁଣି ମଧ୍ୟ ବୋର୍ ହେଉଛନ୍ତି ଓ ରେବତୀ ପରି ଚରିତ୍ର ସାମାଜିକ ପ୍ରତିଷ୍ଠା ସତ୍ତ୍ୱେ କାହାର ସାନ୍ନିଧ୍ୟ ଆଶାରେ ଅସହାୟ ହୋଇଯାଆନ୍ତି ।

**ସହାୟକ ଗ୍ରନ୍ଥସୂଚୀ :**


୧. ଦାସ, ବିରାଜ ମୋହନ, ଓଡ଼ିଆ କ୍ଷୁଦ୍ରଗଳ୍ପରେ ଅନୁନ୍ନତ ସଂପ୍ରଦାୟ, ଓଡ଼ିଶା ବୁକ ଷ୍ଟୋର, କଟକ- ୧୯୯୩

୨. ନାୟକ, ରଞ୍ଜିତା- ଓଡ଼ିଆ ଉପନ୍ୟାସର ଇତିବୃତ୍ତ, ଓଡ଼ିଶା ବୁକ ଷ୍ଟୋର, କଟକ- ୧୯୯୧

୩. ପଣ୍ଡା, ହୃଷୀକେଶ- ବାହାରେ ଛିଡ଼ା ହୋଇଥିବା ଲୋକ, ଫ୍ରେଣ୍ଡସ ପବ୍ଲିଶର୍ସ , କଟକ- ୧୯୮୨

୪. ପଣ୍ଡା, ହୃଷୀକେଶ- ରେବତୀ, ଓଡ଼ିଶା ବୁକ ଷ୍ଟୋର, କଟକ- ୧୯୮୩

୫. ପଣ୍ଡା, ହୃଷୀକେଶ- ରାଜପୁତ୍ର, ବିଦ୍ୟାପୁରୀ, କଟକ- ୧୯୮୭

୬. ପଣ୍ଡା, ହୃଷୀକେଶ- ସାହାବଦେବତା, ଫ୍ରେଣ୍ଡସ ପବ୍ଲିଶର୍ସ, କଟକ- ୧୯୮୯

୭. ପଣ୍ଡା, ହୃଷୀକେଶ- ପ୍ରୌଢଭାବନା, ଫ୍ରେଣ୍ଡସ ପବ୍ଲିଶର୍ସ , କଟକ- ୨୦୦୫

୮. ବେହେରା, କ୍ଷୀରୋଦ ଚନ୍ଦ୍ର- ଏକବିଂଶ ଶତାବ୍ଦୀର ଓଡ଼ିଆ ଗଳ୍ପ: ପ୍ରତିଶ୍ରୁତି ଓ ସମ୍ଭାବନା, ରାଉରକେଲା- ୨୦୦୩

୯. ମହାନ୍ତି, ଅସିତ- ରେବତୀ: ରେବତୀ, ଫ୍ରେଣ୍ଡସ ପବ୍ଲିଶର୍ସ, କଟକ- ୧୯୯୮

୧୦. ଶତପଥୀ, ପ୍ର'ସର ନିତ୍ୟାନନ୍ଦ- ହୃଷିକେଶୀୟ କଥାଶିଳ୍ପ, ଇସ୍ତାହାର ପବ୍ଲିକେଶନସ, ଭୁବନେଶ୍ୱର - ୨୦୦୬


❖ ❖ ❖

DOI : https://doi.org/10.5281/zenodo.18812901

ମୂଳ ପ୍ରବନ୍ଧ

# ହାତୀଗୁମ୍ଫା ଶିଳାଲେଖୀୟ ପ୍ରାକୃତ-ଶବ୍ଦତତ୍ତ୍ୱ

**କଳ୍ପତରୁ ନାୟକ**

**ସଂକ୍ଷିପ୍ତସାର :**

ଓଡ଼ିଶାର ଇତିହାସରେ ହାତୀଗୁମ୍ଫା ଶିଳାଲେଖର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି । ଏହାର ଲିପି ହେଉଛି ବ୍ରାହ୍ମୀ ଏବଂ ଭାଷା ହେଉଛି ପ୍ରାକୃତ, ଯାହା ସେତେବେଳର ସାଧାରଣ ଭାଷା ଥିଲା । ହାତୀଗୁମ୍ଫା ଶିଳାଲେଖ କେବଳ ଖାରବେଳଙ୍କ ଜୀବନୀ ତଥା ଶାସନର ସଫଳତାକୁ ପ୍ରତିଫଳିତ କରେ ନାହିଁ ବରଂ ଏହା ଓଡ଼ିଶାର ପ୍ରାଚୀନ ଇତିହାସ, କଳା ଏବଂ ସଂସ୍କୃତିର ଏକ ଅମୂଲ୍ୟ ଉତ୍ସ । ଏହା ଓଡ଼ିଶାର ଗୌରବମୟ ଐତିହ୍ୟ । ରାଜାଙ୍କ ଆଦେଶନାମାଗୁଡ଼ିକ ସାଧାରଣ ଲୋକଙ୍କ ଉଦ୍ଦେଶ୍ୟରେ ଥିବାରୁ ଏଥିରେ ସାଧାରଣ ଜନତାର ଭାଷାକୁ ମୁଖ୍ୟତଃ ବ୍ୟବହାର କରାଯାଉଥିଲା । ଏହି ଶିଳାଲେଖଗୁଡ଼ିକରେ ସଂସ୍କୃତ, ପ୍ରାକୃତ ଏବଂ ମାତୃଭାଷାର ଏକ ସୁନ୍ଦର ସମନ୍ୱୟ ଦେଖିବାକୁ ମିଳେ । ଏହା କେବଳ ଓଡ଼ିଶାର ଐତିହାସିକ ଏବଂ ସାଂସ୍କୃତିକ ବିକାଶକୁ ପ୍ରତିଫଳିତ କରେ ନାହିଁ ବରଂ ଭାଷାବିଜ୍ଞାନ ଏବଂ ସାହିତ୍ୟ ଅଧ୍ୟୟନରେ ମଧ୍ୟ ସହାୟକ ପ୍ରମାଣିତ ହୁଏ । ଏହି ଶିଳାଲେଖ ଓଡ଼ିଆ ଭାଷାର ପ୍ରାରମ୍ଭିକ ରୂପ ବିଷୟରେ ସୂଚନା ପ୍ରଦାନ କରେ ।

**ପ୍ରମୁଖ ଶବ୍ଦାବଳୀ :**

ଶବ୍ଦ, ପ୍ରାକୃତ, ହାତୀଗୁମ୍ଫା, ପ୍ରାକୃତ, ସଂସ୍କୃତ, ଅପଭ୍ରଂଶ, ଓଡ଼ିଆ, ହେମଚନ୍ଦ୍ର, ବ୍ୟାକରଣ ସୂତ୍ର ।

## ଉପକ୍ରମ:

ଅର୍ଥ ପ୍ରକାଶରେ ସାମର୍ଥ୍ୟ ରଖୁଥିବା ଧ୍ୱନି ବା ଧ୍ୱନି ସମଷ୍ଟିକୁ ଶବ୍ଦ କୁହାଯାଏ । ଶବ୍ଦ କହିଲେ ଭାଷାର ସାର୍ଥକ କ୍ଷୁଦ୍ରତମ ସ୍ୱତନ୍ତ୍ର ଏକକକୁ ବୁଝାଏ ଯାହା ଅର୍ଥ ପ୍ରକାଶରେ ସମର୍ଥ । ଶବ୍ଦକୁ ମଣିଷ ଆବଶ୍ୟକତା ଅନୁସାରେ ଗଠନ କରେ ବା ବ୍ୟବହାର କରେ । ଶବ୍ଦ ଭାଷାର ଆତ୍ମା, ଭାବ ପ୍ରକାଶର ମାୟାଜାଲ । ଶବ୍ଦତତ୍ତ୍ୱ କହିଲେ ଶବ୍ଦ ବିଷୟକ ଅଧ୍ୟୟନକୁ ବୁଝାଏ ଯେଉଁଥିରେ ଶବ୍ଦର ବର୍ଗୀକରଣ, ନିର୍ମାଣ ଏବଂ ବ୍ୟୁତ୍ପତ୍ତି ଆଦିର ଅଧ୍ୟୟନ ହୋଇଥାଏ ।

ଇତିହାସ ବା ଉତ୍ସ ଦୃଷ୍ଟିରୁ ପ୍ରାକୃତ ଶବ୍ଦକୁ ତିନି ଭାଗରେ ବିଭକ୍ତ କରାଯାଇଛି । ନାଟକରେ ବ୍ୟବହୃତ ଶବ୍ଦକୁ ଭରତମୁନି ନାଟ୍ୟଶାସ୍ତ୍ରରେ ତିନି ଭାଗରେ ବିଭକ୍ତ କରିଛନ୍ତି । ଯଥା- ସମାନ ଶବ୍ଦ, ବିଭ୍ରଷ୍ଟ ଶବ୍ଦ, ଦେଶୀଗତ ଶବ୍ଦ । ଭରତମୁନିଙ୍କ ଭାଷାରେ -

ତ୍ରିବିଧଂ ତଚ୍ଚ ବିଜ୍ଞେୟଂ ନାଟ୍ୟଯୋଗେ ସମାସତଃ
ସମାନଶବ୍ଦଂ ବିଭ୍ରଷ୍ଟଂ ଦେଶୀଗତମଥାପି ଚ ।୪/ ୧୭/୩ ।

ଯେଉଁ ଶବ୍ଦ ସଂସ୍କାରିତ ଏବଂ ଅସଂସ୍କାରିତ ଭାଷା ଅର୍ଥାତ ସଂସ୍କୃତ ଏବଂ ପ୍ରାକୃତ ଭାଷାରେ ସମାନ ଭାବେ ଉଚ୍ଚାରିତ ହୋଇଥାଏ ତାହାକୁ ସମାନ ଶବ୍ଦ କୁହାଯାଏ । ଭରତମୁନି

**ଯୋଗାଯୋଗ : ଲେଫ୍ଟନାଣ୍ଟ ଡକ୍ଟର କଳ୍ପତରୁ ନାୟକ**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ
ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ବୌଦ୍ଧ
**Email :** nayakchintu1988@gmail.com
**ORCID ID :** https://orcid.org/0009-0003-8820-1957

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୪.୧୧.୨୦୨୫ | ୧୪.୧୨.୨୦୨୫ | ୨୫.୧୨.୨୦୨୫ | ୧.୦୨.୨୦୨୬ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ନାୟକ, କଳ୍ପତରୁ; ୨୦୨୬ । ହାତୀଗୁମ୍ଫା ଶିଳାଲେଖୀୟ ପ୍ରାକୃତ-ଶବ୍ଦତତ୍ତ୍ୱ । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୧, ସଂଖ୍ୟା : ଟ; ପୃଷ୍ଠା : ୩୯-୪୩ ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢ଼ିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI : https://doi.org/10.5281/zenodo.18812901
Article No - BPP00385

ନାଟ୍ୟଶାସ୍ତ୍ରରେ ଏ ସଂପର୍କରେ ଉଦାହରଣ ଦେଇ ଉଲ୍ଲେଖ କରିଛନ୍ତି -

କମଳାମଳରେଣୁତରଙ୍ଗଲୋଳସଲିଳାଦିବାକ୍ୟସମ୍ପନ୍ନମ୍
ପ୍ରାକୃତବନ୍ଧେଷ୍ୱେବଂ ସଂସ୍କୃତମପି ଯୋଗମୁପଯାତି।୪/୧୭/୪।

ଯେଉଁ ପ୍ରାକୃତ ଶବ୍ଦଗୁଡ଼ିକର ବ୍ୟବହାର ପ୍ରାକୃତ କାବ୍ୟ ପରି ସଂସ୍କୃତରେ ମଧ୍ୟ ଅବିକଳ ବ୍ୟବହୃତ ହୋଇଥାଏ, ତାହା ସମାନ ଶବ୍ଦ। ହାତୀଗୁମ୍ଫା ଶିଳାଲେଖରେ ଏହାର ଉଦାହରଣ - ମହାରାଜେନ, ମହାମେଘବାହନେନ, ଚତୁରନ୍ତ, କୁମାର, ଲେଖ, ରୂପ, ଗଣନା, ବିଧି, ମହାରାଜା, ବାତ, ବିହତ, ତଡ଼ାଗ, ହୟ, ଗଜ, ନର, ବହୁଳଂ, ସମାଜ, ତଥା, ନଂଦରାଜ, ଅଂଗ, ମଗଧ।

ଯେଉଁ ଶବ୍ଦଗୁଡ଼ିକ ଅନ୍ୟ କୌଣସି ଶବ୍ଦରୁ କାଳକ୍ରମେ ପରିବର୍ତ୍ତିତ ହୋଇ ସୃଷ୍ଟି ହୋଇଛି ତାହାକୁ ବିଭ୍ରଷ୍ଟ ଶବ୍ଦ କହନ୍ତି। ଅର୍ଥାତ୍ ଶବ୍ଦର ବିଭିନ୍ନ ପ୍ରକାର ପରିବର୍ତ୍ତନ ଦ୍ୱାରା ମୂଳ ଶବ୍ଦରୁ ଗଠିତ ନୂତନ ଶବ୍ଦକୁ ବିଭ୍ରଷ୍ଟ ଶବ୍ଦ କହନ୍ତି। ଯଥା- ନମୋ, ସବ, ଚେତି, ବଧନ, ପସଥ, ସୁଭ, ସିରି, ପଂଦରସ, ସରୀର, ବବହାର, ବସେ, ପଟିସଂଖାରୟତି, ସୀତଳ, ପଛିମ, ରଧ, ପଠାପୟତି, ଉସବ, ବିଜାଧର, ପୁବ, ପବେସ, ଛଠ, ଗୋରଧଗିରି, କପରୁଖ, ସତ, ଭରଧବସ, ପଖିନ, ସମଣ, ତପସି, ଗଭ, ଥଂଭ, ଖେମରାଜା, ବଢ଼ରାଜା, ଭିଖୁରାଜା, ଧମରାଜ।

ଯେଉଁ ଶବ୍ଦର ବ୍ୟୁତ୍ପତ୍ତି ଦର୍ଶାଯାଇ ପାରିବ ନାହିଁ ଅର୍ଥାତ୍ ଯାହା ନିର୍ଦ୍ଦିଷ୍ଟ ଅଞ୍ଚଳର କଥିତ ଭାଷା ତାହାକୁ ଦେଶୀ ଶବ୍ଦ କୁହାଯାଏ। ଯେଉଁ ଶବ୍ଦର ମୂଳ ସଂସ୍କୃତ ନୁହେଁ ବା ଯେଉଁ ଶବ୍ଦ ମୂଳ ରୂପ ଜଣାପଡୁ ନାହିଁ ତାହାକୁ ଦେଶଜ ଶବ୍ଦ କହନ୍ତି। ଯଥା- କଳିଂଗ।

## ଶବ୍ଦ ନିର୍ମାଣ:

ମଣିଷ ନିଜର ଭାବନାକୁ ପ୍ରକାଶ କରିବା ପାଇଁ ଶବ୍ଦ ଗଢ଼େ। ବିଭିନ୍ନ ପ୍ରକ୍ରିୟାରେ ମଣିଷ ଶବ୍ଦ ନିର୍ମାଣ କରେ। ଯଥା- 'ଧାତୁ + ପ୍ରତ୍ୟୟ', 'ଉପସର୍ଗ + ଶବ୍ଦ', 'ଶବ୍ଦ + ପ୍ରତ୍ୟୟ', 'ଶବ୍ଦ + ଶବ୍ଦ', 'ଶବ୍ଦ + ଶବ୍ଦ + ପ୍ରତ୍ୟୟ', 'ଶବ୍ଦ + ଶବ୍ଦ + ଶବ୍ଦ', ଉପସର୍ଗ + ଶବ୍ଦ + ଶବ୍ଦ+ ପ୍ରତ୍ୟୟ, ଉପସର୍ଗ + ଶବ୍ଦ + ପ୍ରତ୍ୟୟ .....। ହାତୀଗୁମ୍ଫା ଶିଳାଲେଖର ଶବ୍ଦ ନିର୍ମାଣ ପଦ୍ଧତି -

'ଧାତୁ + ପ୍ରତ୍ୟୟ' ଦ୍ୱାରା ଗଠିତ ଶବ୍ଦ - ଦାନୀ, ବସେ, ରଟିକ, ଦୁତୀୟେ, ଚବୁଥେ, ଲେଖ, ପୁବ, ମନି, ପାଦେ, ପଖିନ, ଗଭେ, ଚକୋ, ରାଜା, ସେସ, ଅଠମେ।

'ଉପସର୍ଗ + ଶବ୍ଦ' ଦ୍ୱାରା ଗଠିତ ଶବ୍ଦ - ସୁପବତ, ପଟିସଂଥପନ, ଓଘାଟିତଂ, ଅଭିସିତୋ, ସଂପୁଣ, ସଂଖାର, ଅନୁବବଂତୋ

'ଶବ୍ଦ + ପ୍ରତ୍ୟୟ' ଦ୍ୱାରା ଗଠିତ ଶବ୍ଦ - କିଡ଼ାପୟତି, ସିହରାନି, ରତନାନି

'ଶବ୍ଦ + ଶବ୍ଦ' ଦ୍ୱାରା ଗଠିତ ଶବ୍ଦ - ରାଜଗହ, କପରୁଖ, ଅଭୁତମଛରିୟ, ବହସତିମିତଂ, ବଡରାଜା, ଭିଖୁରାଜା, ଧମରାଜା, ପାଣ୍ଡରାଜା, ଗୋରଧଗିରି, ବିଜୟଚକ, ସାତକଂନିଂ.

'ଶବ୍ଦ + ଶବ୍ଦ + ପ୍ରତ୍ୟୟ' ଦ୍ୱାରା ଗଠିତ ଶବ୍ଦ - ସତସହସାନି, ପନତିସାହି, ପଟିସଂଖାରୟତି, ସିଳଥଂଭାନି

'ଉପସର୍ଗ + ଶବ୍ଦ + ଶବ୍ଦ+ ପ୍ରତ୍ୟୟ' ଦ୍ୱାରା ଗଠିତ ଶବ୍ଦ - ମହାମେଘବାହନେନ

'ଉପସର୍ଗ + ଶବ୍ଦ + ପ୍ରତ୍ୟୟ' ଦ୍ୱାରା ଗଠିତ ଶବ୍ଦ - ପତିଠାପୟତି

ଶବ୍ଦ + ଶବ୍ଦ + ଶବ୍ଦ ଦ୍ୱାରା ଗଠିତ ଶବ୍ଦ - ପୋରଜାନପାଦ, ତିବସସତ

## ଶବ୍ଦ ବ୍ୟୁତ୍ପତ୍ତି:

ଏହି ପର୍ଯ୍ୟାୟରେ ଶବ୍ଦର ଉତ୍ପତ୍ତି ସଂପର୍କରେ ଆଲୋଚନା କରାଯାଇଥାଏ। ଯଥା-

**ଅନୁଗହ** ଏକ ପ୍ରାକୃତ ଶବ୍ଦ। ବି. ଅନୁ-ଗ୍ରହ୍+ଅ (ଅନ୍ୟର ଅଭୀଷ୍ଟ ସାଧନ ବା ଅନିଷ୍ଟ ନିବାରଣର ଇଚ୍ଛା; ଦୟା, ଉପକାର, ପ୍ରସାଦ, ପ୍ରସନ୍ନତା, ଆନୁକୂଲ୍ୟ)। ଏହି ଶବ୍ଦର ସଂସ୍କାରିତ ରୂପ 'ଅନୁଗ୍ରହ'। ହେମଚନ୍ଦ୍ର ବ୍ୟାକରଣ ସୂତ୍ର ସଂଖ୍ୟା ୮/୨/୭୯ ସର୍ବତ୍ର ଲ-ବ-ରାମ ବନ୍ଦ୍ରେ (ବନ୍ଦ୍ର ଶବ୍ଦ ବ୍ୟତୀତ ସଂଯୁକ୍ତ ବ୍ୟଞ୍ଜନ ବର୍ଣ୍ଣର ଉର୍ଦ୍ଧ୍ୱରେ କିମ୍ବା ଅଧ ଭାଗରେ ଥିବା ର-ଲ-ବ ଧ୍ୱନିର ପ୍ରାକୃତ ଭାଷାରେ ଲୋପ ହୋଇଥାଏ ଅର୍ଥାତ୍ ସଂଯୁକ୍ତ ବ୍ୟଞ୍ଜନରେ ଯୁକ୍ତ ର-ଲ-ବ ଧ୍ୱନିର ପ୍ରୟୋଗ ପ୍ରାକୃତ ଭାଷାରେ ଅନୁପଲବ୍ଧ) ଅନୁସାରେ 'ଅନୁଗ୍ରହ' ଶବ୍ଦରୁ 'ର' ଲୋପ ହୋଇ 'ଅନୁଗହ' ହୋଇଛି।

ସୂତ୍ର ସଂଖ୍ୟା ୮/୨/୮୯ 'ଅନାଦୌ ଶେଷାଦେଶୟୋ ଦ୍ୱିତ୍ୱମ୍' (ସଂଯୁକ୍ତ ବ୍ୟଞ୍ଜନରୁ ଗୋଟିଏ ବ୍ୟଞ୍ଜନ ଲୋପ ହେଲେ ପ୍ରାକୃତ ଭାଷାରେ ରହିଯାଇଥିବା ଅନ୍ୟ ବର୍ଣ୍ଣର ଦ୍ୱିତ୍ୱ ଉଚ୍ଚାରଣ ହୋଇଥାଏ) ଅନୁସାରେ 'ଅନୁଗ୍ରହ' ଶବ୍ଦଟି 'ଅନୁଗ୍ଗହ'ରେ ପରିଣତ ହୋଇଛି । ଏକକୀଭବନ ଦ୍ୱାରା ଗ୍ଗ > ଗ ହୋଇ ଅନୁଗହ ଶବ୍ଦଟି ନିର୍ମାଣ ହୋଇଛି ।

**ଗଂଗା** ଏକ ପ୍ରାକୃତ ଶବ୍ଦ । ବି. (ଗାଂ - ପୃଥିବୀକୁ - ଗମ୍ - ଗମନ କରିବା - ଅ. ମ-ଲୋପ, ସ୍ତ୍ରୀ. ଆ) ସ୍ୱନାମ-ପ୍ରସିଦ୍ଧ ନଦୀ, ଭାଗୀରଥୀ; ଗଙ୍ଗା ଦେବୀ, ଦୂର୍ଗାଦେବୀ । ଏହି ଶବ୍ଦର ସଂସ୍କାରିତ ରୂପ 'ଗଙ୍ଗା' । ହେମଚନ୍ଦ୍ର ବ୍ୟାକରଣ ସୂତ୍ର ସଂଖ୍ୟା 'ଙ-ଞ-ଣ-ନୋ ବ୍ୟଞ୍ଜନେ' ୮/୧/୨୫ (ବର୍ଗୀୟ ସଂଯୁକ୍ତ ବ୍ୟଞ୍ଜନର ପଂଚମ ନାସିକ୍ୟ ବର୍ଣ୍ଣ ଙ-ଞ-ଣ-ନ ଯେତେବେଳେ ନିଜ ବର୍ଗର ଅନ୍ୟ ବ୍ୟଞ୍ଜନ ସହ ଯୁକ୍ତ ହୁଏ ସେତେବେଳେ ପ୍ରାକୃତ ଭାଷାରେ ଏହି ବ୍ୟଞ୍ଜନଗୁଡ଼ିକ ଅନୁସ୍ୱାରରେ ପରିଣତ ହେବା ସହ ପୂର୍ବ ବର୍ଣ୍ଣ ସହିତ ଯୁକ୍ତ ହୋଇ ଉଚ୍ଚାରିତ ହୋଇଥାଏ) ଅନୁସାରେ 'ଗଙ୍ଗା' ଶବ୍ଦରେ ଥିବା ସଂଯୁକ୍ତ 'ଙ' ଟି ଅନୁସ୍ୱାରରେ ପରିଣତ ହୋଇ ପୂର୍ବବର୍ତ୍ତୀ ବ୍ୟଞ୍ଜନ 'ଗ' ସହିତ ଯୁକ୍ତ ହୋଇ 'ଗଂଗା' ହୋଇଛି ।

ଏହି ପଦ୍ଧତିରେ ସୃଷ୍ଟି ହୋଇଥିବା କଳିଂଗ (କଳିଙ୍ଗ), ତୁରଂଗ (ତୁରଙ୍ଗ), ଦଂଡ଼ଂ (ଦଣ୍ଡ), ସଂଧି (ସନ୍ଧି) ଆଦି ପ୍ରାକୃତ ଶବ୍ଦର ବ୍ୟବହାର ହାତୀଗୁମ୍ଫା ଶିଳାଲେଖରେ ଦ୍ରଷ୍ଟବ୍ୟ ।

**ବହସ୍ୱତି** ଏକ ପ୍ରାକୃତ ଶବ୍ଦ । ବି. ଦେବଗୁରୁ, ସୁରାଚାର୍ଯ୍ୟ । ଏହି ଶବ୍ଦର ସଂସ୍କାରିତ ରୂପ 'ବୃହସ୍ପତି' । ସୂତ୍ର ସଂଖ୍ୟା ୮/୨/୬୯ 'ବୃହସ୍ପତି-ବନସ୍ପତ୍ୟୋଃ ସୋ ବା' (ବୃହସ୍ପତି-ବନସ୍ପତି ଆଦି ଶବ୍ଦର 'ସ୍ପ' ସ୍ଥାନରେ ପ୍ରାକୃତ ଭାଷାରେ 'ସ' ଆଦେଶ ହୋଇଥାଏ) ଅନୁସାରେ 'ସ୍ପ' ବ୍ୟଞ୍ଜନ ସ୍ଥାନରେ 'ସ' ହୋଇଛି । ଅର୍ଥାତ୍ ବୃହସ୍ପତି > ବୃହସତି । ସୂତ୍ର ସଂଖ୍ୟା ୮/୧/୧୨୬ 'ଋତୋତ୍' (ପ୍ରାକୃତ ଭାଷାରେ ପ୍ରାୟତଃ ଶବ୍ଦରେ ଆରମ୍ଭରେ ସ୍ଥିତ 'ଋ' ସ୍ଥାନରେ 'ଅ' ହୋଇଥାଏ) ଅନୁସାରେ ବୃହସ୍ପତି ଶବ୍ଦର 'ବୃ' ସ୍ଥାନରେ 'ବ' ହୋଇଛି । ଅତଏବ ବୃହସ୍ପତି > ବୃହସତି > ବହସତି ।

**ଇସି** ଏକ ପ୍ରାକୃତ ଶବ୍ଦ । ବି. ମୁନି, ତପସ୍ୱୀ । ଏହି ଶବ୍ଦର ସଂସ୍କାରିତ ରୂପ 'ଋଷି' । ସୂତ୍ର ସଂଖ୍ୟା ୮/୧/୧୨୮ 'ଇତ୍ କୃପାଦୌ' (କୃପ ଆଦି ଶବ୍ଦର ଆରମ୍ଭରେ ଥିବା 'ଋ' ସ୍ଥାନରେ ପ୍ରାକୃତ ଭାଷାରେ ପ୍ରାୟତଃ 'ଇ' ହୋଇଥାଏ) ଅନୁସାରେ ଋଷି ଶବ୍ଦଟି 'ଇଷି'ରେ ପରିଣତ ହୋଇଛି । ସୂତ୍ର ସଂଖ୍ୟା ୮/୧/୨୬୦ 'ଶ ଷୋ ସଃ' (ପ୍ରାକୃତ ଭାଷାରେ ତାଲବ୍ୟ-ଶ, ମୂର୍ଦ୍ଧଣ୍ୟ-ଷ, ଦନ୍ତ୍ୟ-ସ ସ୍ଥାନରେ କେବଳ ଦନ୍ତ୍ୟ-ସ ହୋଇଥାଏ) ଅନୁସାରେ ଋଷି ଶବ୍ଦର 'ଷ' ସ୍ଥାନରେ 'ସ' ହୋଇଛି । ଅତଏବ ଋଷି > ଇଷି > ଇସି ।

**ପତିଠା** ଏକ ପ୍ରାକୃତ ଶବ୍ଦ । ବି. ସୁଖ୍ୟାତି, ସୁନାମ, ଗୌରବ, ପ୍ରସିଦ୍ଧି । ଏହି ଶବ୍ଦର ସଂସ୍କାରିତ ରୂପ 'ପ୍ରତିଷ୍ଠା' । ହେମଚନ୍ଦ୍ର ବ୍ୟାକରଣ ସୂତ୍ର ସଂଖ୍ୟା ୮/୨/୭୯ 'ସର୍ବତ୍ର ଲ-ବ-ରାମ ବନ୍ଦ୍ରେ' (ବନ୍ଦ୍ର ଶବ୍ଦ ବ୍ୟତୀତ ସଂଯୁକ୍ତ ବ୍ୟଞ୍ଜନ ବର୍ଣ୍ଣର ଉର୍ଦ୍ଧ୍ୱରେ କିମ୍ବା ଅଧ ଭାଗରେ ଥିବା ର-ଲ-ବ ଧ୍ୱନିର ପ୍ରାକୃତ ଭାଷାରେ ଲୋପ ହୋଇଥାଏ ଅର୍ଥାତ୍ ସଂଯୁକ୍ତ ବ୍ୟଞ୍ଜନରେ ଯୁକ୍ତ ର-ଲ-ବ ଧ୍ୱନିର ପ୍ରୟୋଗ ପ୍ରାକୃତ ଭାଷାରେ ଅନୁପଲବ୍ଧ) ଅନୁସାରେ 'ପ୍ର' ସଂଯୁକ୍ତରୁ 'ର' ଲୋପ ହୋଇଛି । ସୂତ୍ର ସଂଖ୍ୟା ୮/୨/୭୭ 'କ-ଗ-ଟ-ଡ-ତ-ଦ-ପ-ଶ-ଷ-ସ ପାମୁର୍ଧ୍ୱ ଲୁକ୍' ନିୟମ (ପ୍ରାକୃତ ଭାଷାରେ ସଂଯୁକ୍ତ ବ୍ୟଞ୍ଜନର ଆଦିରେ କ-ଗ-ଟ-ଡ-ତ-ଦ-ପ-ଶ-ଷ-ସ ବର୍ଣ୍ଣ ଥିଲେ ପ୍ରାୟତଃ ତାହା ଲୋପ ହୁଏ) ଅନୁସାରେ 'ଷ୍ଠ' ସଂଯୁକ୍ତରେ ଥିବା 'ଷ' ଲୋପ ହୋଇଛି । ପ୍ରତିଷ୍ଠା > ପତିଷ୍ଠା > ପତିଠା ।

**ଭିଖୁ** ଏକ ପ୍ରାକୃତ ଶବ୍ଦ । ବିଣ. ଯାଚକ, ଭିକାରୀ, ବୌଦ୍ଧ ଭିକ୍ଷୁ ସନ୍ନ୍ୟାସୀ । ଏହି ଶବ୍ଦର ସଂସ୍କାରିତ ରୂପ 'ଭିକ୍ଷୁ' । ସୂତ୍ର ସଂଖ୍ୟା ୮/୨/୩ 'କ୍ଷଃ ଖଃ କ୍ୱଚିତ୍ତୁ ଛ-ଝୌ' ନିୟମ (ପ୍ରାକୃତ ଭାଷାରେ 'କ୍ଷ'ର ବ୍ୟବହାର ନାହିଁ । ଏଣୁ 'କ୍ଷ' ସ୍ଥାନରେ 'ଖ' ହୋଇଥାଏ ବା କ୍ୱଚିତ୍ 'ଛ' ଏବଂ 'ଝ' ହୋଇଥାଏ) ଅନୁସାରେ 'କ୍ଷ' ସ୍ଥାନରେ 'ଖ' ହୋଇଛି । ଭିକ୍ଷୁ > ଭିଖୁ ।

**ସିଲଥଂଭ** ଏକ ପ୍ରାକୃତ ଶବ୍ଦ । ବି. ପଥର ସ୍ତମ୍ଭ । ଏହି ଶବ୍ଦର ସଂସ୍କାରିତ ରୂପ 'ଶିଳାସ୍ତମ୍ଭ' । ସୂତ୍ର ୮/୧/୨୬୦ 'ଶ-ଷୋଃ ସଃ' ନିୟମ (ପ୍ରାକୃତ ଭାଷାରେ 'ଶ-ସ-ଷ' ବ୍ୟଞ୍ଜନ ସ୍ଥାନରେ 'ସ' ହୋଇଥାଏ) ଅନୁସାରେ 'ଶ' ସ୍ଥାନରେ 'ସ' ହୋଇଛି । ସୂତ୍ର ସଂଖ୍ୟା ୮/୧/୧୦ 'ଲୁକ୍' (ପ୍ରାକୃତ ଭାଷାରେ ସନ୍ଧି ସମୟରେ ସ୍ୱର ଆଗରେ ସ୍ୱରବର୍ଣ୍ଣ ରହିଥିଲେ ପ୍ରଥମ ସ୍ୱରର ପ୍ରାୟତଃ ଲୋପ ହୋଇଥାଏ) ଅନୁସାରେ ଶିଳା ଶବ୍ଦରୁ 'ଆ' ଲୋପ ହୋଇ 'ଶିଳ'ରେ ପରିଣତ ହୋଇଛି । ବରରୁଚିଙ୍କ ପ୍ରାକୃତ ପ୍ରକାଶର ସୂତ୍ର ସଂଖ୍ୟା ୩/୧୧ସ୍ତସ୍ୟ-ଥଃ (ପ୍ରାକୃତ ଭାଷାରେ

ପ୍ରାୟତଃ 'ସ୍ତ' ବ୍ୟଞ୍ଜନ ସ୍ଥାନରେ 'ଥ' ହୋଇଥାଏ) ଅନୁସାରେ 'ସ୍ତ' ସ୍ଥାନରେ 'ଥ' ହୋଇଛି। ସୂତ୍ର ସଂଖ୍ୟା ୮/୧/୨୩ 'ମୋନୁସ୍ୱାରଃ'(ବର୍ଗୀୟ ସଂଯୁକ୍ତ ବ୍ୟଞ୍ଜନର ପଞ୍ଚମ ନାସିକ୍ୟ ବର୍ଣ୍ଣ 'ମ' ଯେତେବେଳେ ନିଜ ବର୍ଗର ଅନ୍ୟ ବ୍ୟଞ୍ଜନ ସହ ଯୁକ୍ତ ହୁଏ ସେତେବେଳେ ପ୍ରାକୃତ ଭାଷାରେ ଏହି ବ୍ୟଞ୍ଜନ ଅନୁସ୍ୱାରରେ ପରିଣତ ହେବା ସହ ପୂର୍ବ ବର୍ଣ୍ଣ ସହିତ ଯୁକ୍ତ ହୋଇ ଉଚ୍ଚାରିତ ହୋଇଥାଏ) ଅନୁସାରେ 'ମ' ସ୍ଥାନରେ 'ଅନୁସ୍ୱାର' ହୋଇଛି। ଅତଏବ ଶିଳାସ୍ତମ୍ଭ > ସିଳାସ୍ତମ୍ଭ > ସିଳସ୍ତମ୍ଭ > ସିଳଥମ୍ଭ > ସିଳଥଂଭ।

**ବାତବିହିତ** ଏକ ପ୍ରାକୃତ ଶବ୍ଦ। ବି. ବାତ୍ୟା ଦ୍ୱାରା କ୍ଷତିଗ୍ରସ୍ତ, ବାତ୍ୟା ଦ୍ୱାରା ବିଧ୍ୱସ୍ତ। ଏହି ଶବ୍ଦର ସଂସ୍କାରିତ ରୂପ 'ବାତ୍ୟାବିଧ୍ୱସ୍ତ'। ସୂତ୍ର ସଂଖ୍ୟା ୮/୨/୭୮ 'ଅଧୋ ମନୟାମ୍' (ସଂସ୍କୃତ ଶବ୍ଦରେ ସଂଯୁକ୍ତ ବ୍ୟଞ୍ଜନର ନିମ୍ନରେ ମ-ନ-ୟ ବ୍ୟଞ୍ଜନ ବ୍ୟବହାର ହେଉଥିଲେ ପ୍ରାକୃତରେ ତାହାର ଲୋପ ହୋଇଥାଏ) ଅନୁସାରେ 'ୟ' ଲୋପ ହୋଇଛି। ସୂତ୍ର ସଂଖ୍ୟା ୮/୧/୧୦ 'ଲୁକ୍' (ପ୍ରାକୃତ ଭାଷାରେ ସନ୍ଧି ସମୟରେ ସ୍ୱର ଆଗରେ ସ୍ୱରବର୍ଣ୍ଣ ରହିଥିଲେ ପ୍ରଥମ ସ୍ୱରର ପ୍ରାୟତଃ ଲୋପ ହୋଇଥାଏ) ଅନୁସାରେ ବାତ୍ୟା ଶବ୍ଦରୁ 'ଆ' ଲୋପହୋଇ 'ବାତ'ରେ ପରିଣତ ହୋଇଛି। ସୂତ୍ର ସଂଖ୍ୟା ୮/୨/୭୯ 'ସର୍ବତ୍ର ଲ-ବ-ରାମ ବନ୍ଦ୍ରେ' (ବନ୍ଦ୍ର ଶବ୍ଦ ବ୍ୟତୀତ ସଂଯୁକ୍ତ ବ୍ୟଞ୍ଜନ ବର୍ଣ୍ଣର ଉର୍ଦ୍ଧ୍ୱରେ କିମ୍ବା ଅଧ ଭାଗରେ ଥିବା ର-ଲ-ବ ଧ୍ୱନିର ପ୍ରାକୃତ ଭାଷାରେ ଲୋପ ହୋଇଥାଏ ଅର୍ଥାତ୍ ସଂଯୁକ୍ତ ବ୍ୟଞ୍ଜନରେ ଯୁକ୍ତ ର-ଲ-ବ ଧ୍ୱନିର ପ୍ରୟୋଗ ପ୍ରାକୃତ ଭାଷାରେ ଅନୁପଲବ୍ଧ)ଅନୁସାରେ 'ବ' ଲୋପ ହୋଇଛି। ସୂତ୍ର ସଂଖ୍ୟା ୮/୧/୧୮୭ 'ଖ-ଘ-ଥ-ଧ ଭାମ୍' (ପ୍ରାକୃତ ଭାଷାରେ ଅନାଦି ଅସଂଯୁକ୍ତ ଅବସ୍ଥାରେ ଥିବା ଖ-ଘ-ଥ-ଧ-ଭ ମହାପ୍ରାଣ ସ୍ଥାନରେ 'ହ' ହୋଇଥାଏ) ଅନୁସାରେ 'ଧ' ସ୍ଥାନରେ 'ହ' ହୋଇଛି। ସୂତ୍ର ସଂଖ୍ୟା ୮/୨/୭୭ 'କ-ଗ-ଟ-ଡ-ତ-ଦ-ପ-ଶ-ଷ-ସ ପାମୁର୍ଧ୍ୱ ଲୁକ୍' ନିୟମ (ପ୍ରାକୃତ ଭାଷାରେ ସଂଯୁକ୍ତ ବ୍ୟଞ୍ଜନର ପ୍ରଥମ ବର୍ଣ୍ଣ କ-ଗ-ଟ-ଡ-ତ-ଦ-ପ-ଶ-ଷ-ସ ହୋଇଥିଲେ ପ୍ରାୟତଃ ତାହାର ଲୋପ ହୁଏ) ଅନୁସାରେ 'ସ୍ତ' ସଂଯୁକ୍ତରେ ଥିବା 'ସ' ଲୋପ ହୋଇଛି। ଅର୍ଥାତ୍ ବାତ୍ୟାବିଧ୍ୱସ୍ତ > ବାତାବିଧ୍ୱସ୍ତ > ବାତବିଧ୍ୱସ୍ତ > ବାତବିଧସ୍ତ > ବାତବିହିସ୍ତ > ବାତବିହିତ।

**ଛଠ** ଏକ ପ୍ରାକୃତ ଶବ୍ଦ। ବି.ଣ. ଛଅ ସଂଖ୍ୟାର ପୂରକ। ଏହି ଶବ୍ଦର ସଂସ୍କାରିତ ରୂପ 'ଷଷ୍ଠ'। ସୂତ୍ର ସଂଖ୍ୟା ୮/୧/୨୬୫ରେ 'ଷଟ୍-ଶମି-ଶାବ-ସୁଧା-ସପ୍ତପର୍ଣ୍ଣେଷ୍ୱାଦେରଚ୍ଛଃ' (ଷଟ୍-ଶମି-ଶାବ-ସୁଧା-ସପ୍ତପର୍ଣ୍ଣ ଆଦି ଶବ୍ଦର ଶ-ଷ-ସ ସ୍ଥାନରେ ପ୍ରାକୃତରେ 'ଛ' ହୋଇଥାଏ) ଅନୁସାରେ ଷଷ୍ଠ ଶବ୍ଦର 'ଷ' ସ୍ଥାନରେ 'ଛ' ହୋଇଛି। ସୂତ୍ର ସଂଖ୍ୟା ୮/୨/୭୭ 'କ-ଗ-ଟ-ଡ-ତ-ଦ-ପ-ଶ-ଷ-ସ ପାମୁର୍ଧ୍ୱ ଲୁକ୍' ନିୟମ (ପ୍ରାକୃତ ଭାଷାରେ ସଂଯୁକ୍ତ ବ୍ୟଞ୍ଜନର ପ୍ରଥମ ବର୍ଣ୍ଣ କ-ଗ-ଟ-ଡ-ତ-ଦ-ପ-ଶ-ଷ-ସ ହୋଇଥିଲେ ପ୍ରାୟତଃ ତାହାର ଲୋପ ହୁଏ) ଅନୁସାରେ 'ଷ୍ଠ' ସଂଯୁକ୍ତରେ ଥିବା 'ଷ' ଲୋପ ହୋଇ 'ଠ' ରହିଛି।

**ଏର** ଏକ ପ୍ରାକୃତ ଶବ୍ଦ। ଦେ.ବି. (ପ୍ରାଚୀନ କଳିଙ୍ଗର ରାଜବଂଶ ବିଶେଷ) ଏହି ଶବ୍ଦର ସଂସ୍କାରିତ ରୂପ 'ଐର'। ସୂତ୍ର ସଂଖ୍ୟା ୮/୧/୧୪୮ 'ଐତ ଏତ୍' (ସଂସ୍କୃତ ଶବ୍ଦର ଯେଉଁଠାରେ ଐ-କାର ପ୍ରୟୋଗ ହୋଇଥାଏ ପ୍ରାକୃତରେ ବେଳେବେଳେ ସେହି 'ଐ' ସ୍ଥାନରେ 'ଏ' ହୋଇଥାଏ) ଅନୁସାରେ 'ଐର' ସ୍ଥାନରେ 'ଏର' ହୋଇଛି।

**ରାଜସି** ଏକ ପ୍ରାକୃତ ଶବ୍ଦ। ବି. (ଯେଉଁ ଲୋକ ରାଜା ହୋଇ ଋଷି ପରି ଜୀବନ କଟାନ୍ତି) ଏହି ଶବ୍ଦର ସଂସ୍କାରିତ ରୂପ 'ରାଜର୍ଷି'। ସୂତ୍ର ସଂଖ୍ୟା ୮/୨/୭୯ 'ସର୍ବତ୍ର ଲ-ବ-ରାମ ବନ୍ଦ୍ରେ' (ବନ୍ଦ୍ର ଶବ୍ଦ ବ୍ୟତୀତ ସଂଯୁକ୍ତ ବ୍ୟଞ୍ଜନ ବର୍ଣ୍ଣର ଉର୍ଦ୍ଧ୍ୱରେ କିମ୍ବା ଅଧ ଭାଗରେ ଥିବା ର-ଲ-ବ ଧ୍ୱନିର ପ୍ରାକୃତ ଭାଷାରେ ଲୋପ ହୋଇଥାଏ ଅର୍ଥାତ୍ ସଂଯୁକ୍ତ ବ୍ୟଞ୍ଜନରେ ଯୁକ୍ତ ର-ଲ-ବ ଧ୍ୱନିର ପ୍ରୟୋଗ ପ୍ରାକୃତ ଭାଷାରେ ଅନୁପଲବ୍ଧ)ଅନୁସାରେ 'ର' ଲୋପ ହୋଇଛି। ସୂତ୍ର ୮/୧/୨୬୦ 'ଶ-ଷୋଃ ସଃ' ନିୟମ (ପ୍ରାକୃତ ଭାଷାରେ 'ଶ-ସ-ଷ' ବ୍ୟଞ୍ଜନ ସ୍ଥାନରେ 'ସ' ହୋଇଥାଏ) ଅନୁସାରେ 'ଶ' ସ୍ଥାନରେ 'ସ' ହୋଇଛି। ଅର୍ଥାତ୍ ରାଜର୍ଷି > ରାଜଷି > ରାଜସି। ଏହି ପଦ୍ଧତିରେ ବସୋ(ବର୍ଷଃ), ସଂଦସନ(ସଦର୍ଶନ) ଆଦି ପ୍ରାକୃତ ଶବ୍ଦର ପ୍ରୟୋଗ ହାତୀଗୁମ୍ଫା ଶିଳାଲେଖରେ ବ୍ୟବହୃତ ହୋଇଛି।

**ପଛିମ** ଏକ ପ୍ରାକୃତ ଶବ୍ଦ। ବି. ଦିଗ ବିଶେଷ, ପଛଆଡ଼, ଶେଷଭାଗ। ଏହି ଶବ୍ଦର ସଂସ୍କାରିତ ରୂପ 'ପଶ୍ଚିମ'। ସୂତ୍ର ସଂଖ୍ୟା ୮/୨/୨୧ 'ହ୍ରସ୍ୱାତ୍ ଥ୍ୟ-ଶ୍ଚ-ସ୍ସ-ସ୍ସାମନିଶ୍ଚଳେ' ('ନିଶ୍ଚଳ' ଶବ୍ଦ ବ୍ୟତୀତ ଯେକୌଣସି ସଂସ୍କୃତ ଶବ୍ଦରେ ହ୍ରସ୍ୱ ସ୍ୱର ପରେ ଥ୍ୟ-ଶ୍ଚ-ସ୍ସ ସଂଯୁକ୍ତ ବ୍ୟଞ୍ଜନ ଥିଲେ ପ୍ରାକୃତ ଭାଷାରେ 'ଛ' ହୋଇଥାଏ) ଅନୁସାରେ ପଶ୍ଚିମ ଶବ୍ଦର 'ଶ୍ଚ' ସ୍ଥାନରେ 'ଛ' ହୋଇଛି।

**ପନତିସ** ଏକ ପ୍ରାକୃତ ଶବ୍ଦ । ବିଣ. ସଂଖ୍ୟାବାଚକ ଶବ୍ଦ । ଏହି ଶବ୍ଦର ସଂସ୍କାରିତ ରୂପ 'ପଞ୍ଚତ୍ରିଂଶ' । ସୂତ୍ର ସଂଖ୍ୟା ୮/୨/୪୩ 'ପଞ୍ଚାଶତ୍-ପଞ୍ଚଦଶ-ଦେତ୍ତ' (ପଞ୍ଚାଶତ, ପଞ୍ଚଦଶ ଆଦି ଶବ୍ଦରେ ଥିବା ସଂଯୁକ୍ତ ବ୍ୟଞ୍ଜନ 'ଞ୍ଚ' ଏବଂ ଦତ୍ତ ଶବ୍ଦର 'ତ୍ତ' ସ୍ଥାନରେ ପ୍ରାକୃତରେ 'ଣ' ହୋଇଥାଏ) ଅନୁସାରେ 'ପଞ୍ଚତ୍ରିଂଶ' ସ୍ଥାନରେ 'ପଣତ୍ରିଂଶ' ହୋଇଛି । ସୂତ୍ର ସଂଖ୍ୟା ୮/୪/୩୦୬ 'ଣୋ-ନଃ' (ପୈଶାଚୀ ପ୍ରାକୃତରେ 'ଣ' ସ୍ଥାନରେ 'ନ' ହୁଏ) ଅନୁସାରେ 'ଣ' ସ୍ଥାନରେ 'ନ' ହୋଇଛି । ସୂତ୍ର ସଂଖ୍ୟା ୮/୧/୨୮ 'ବିଂଶତ୍ୟାଦେ ର୍ଲୁକ୍' (ବିଂଶତି ଆଦି ଶବ୍ଦର ପ୍ରାକୃତ ରୂପାନ୍ତର ସମୟରେ ଶବ୍ଦର ପ୍ରଥମ ଅକ୍ଷର ଉପରେ ଥିବା ଅନୁସ୍ୱାରର ଲୋପ ହୋଇଥାଏ) ଅନୁସାରେ 'ତ୍ରିଂଶ' ଶବ୍ଦର ଅନୁସ୍ୱାର ଲୋପ ହୋଇଛି । ସୂତ୍ର ସଂଖ୍ୟା ୮/୨/୭୯ 'ସର୍ବତ୍ର ଲ-ବ-ରାମ ବନ୍ଦ୍ରେ' (ବନ୍ଦ୍ର ଶବ୍ଦ ବ୍ୟତୀତ ସଂଯୁକ୍ତ ବ୍ୟଞ୍ଜନ ବର୍ଣ୍ଣର ଊର୍ଦ୍ଧ୍ୱରେ କିମ୍ବା ଅଧ ଭାଗରେ ଥିବା ର-ଲ-ବ ଧ୍ୱନିର ପ୍ରାକୃତ ଭାଷାରେ ଲୋପ ହୋଇଥାଏ ଅର୍ଥାତ୍ ସଂଯୁକ୍ତ ବ୍ୟଞ୍ଜନରେ ଯୁକ୍ତ ର-ଲ-ବ ଧ୍ୱନିର ପ୍ରୟୋଗ ପ୍ରାକୃତ ଭାଷାରେ ଅନୁପଲବ୍ଧ)ଅନୁସାରେ 'ତ୍ର' ସଂଯୁକ୍ତରୁ 'ର' ଲୋପ ହୋଇଛି । ସୂତ୍ର ସଂଖ୍ୟା ୮/୨/୮୯ 'ଅନାଦୌ ଶେଷାଦେଶୟୋ ଦ୍ୱିତ୍ୱମ୍' (ସଂଯୁକ୍ତ ବ୍ୟଞ୍ଜନରୁ ଗୋଟିଏ ବ୍ୟଞ୍ଜନ ଲୋପ ହେଲେ ପ୍ରାକୃତ ଭାଷାରେ ରହିଯାଇଥିବା ଅନ୍ୟ ବର୍ଣ୍ଣର ଦ୍ୱିତ୍ୱ ଉଚ୍ଚାରଣ ହୋଇଥାଏ) ଅନୁସାରେ 'ପନତ୍ରିଶ' ଶବ୍ଦଟି 'ପନତ୍ତିଶ'ରେ ପରିଣତ ହୋଇଛି । ଏକକୀଭବନ ଦ୍ୱାରା ତ୍ତ > ତ ହୋଇ ପନତିଶ ଶବ୍ଦଟି ନିର୍ମାଣ ହୋଇଛି । ସୂତ୍ର ୮/୧/୨୬୦ 'ଶ-ଷୋଃ ସଃ' ନିୟମ (ପ୍ରାକୃତ ଭାଷାରେ 'ଶ-ସ-ଷ' ବ୍ୟଞ୍ଜନ ସ୍ଥାନରେ 'ସ' ହୋଇଥାଏ) ଅନୁସାରେ 'ଶ' ସ୍ଥାନରେ 'ସ' ହୋଇଛି । ଅର୍ଥାତ୍ ପଞ୍ଚତ୍ରିଂଶ > ପଣତ୍ରିଂଶ > ପନତ୍ରିଂଶ > ପନତ୍ରିଶ > ପନତ୍ତିଶ > ପନତିଶ > ପନତିସ ।

**ରଧ** ଏକ ପ୍ରାକୃତ ଶବ୍ଦ । ବି. ଚକ୍ରଯୁକ୍ତ ଯୁଦ୍ଧ ଯାନ; ବାହନ; ଚରଣ; ଶରୀର । ଏହି ଶବ୍ଦର ସଂସ୍କାରିତ ରୂପ 'ରଥ' । ସୂତ୍ର ସଂଖ୍ୟା ୮/୪/୩୯୬ ଅନାଦୌ ସ୍ୱରାଦସଂଯୁକ୍ତାନାଂ କ-ଖ-ତ-ଥ-ପ-ଫାଂ, ଗ-ଘ-ଦ-ଧ-ବ-ଭାଃ (ପ୍ରାୟତଃ କ-ଖ-ତ-ଥ-ପ-ଫ ବ୍ୟଞ୍ଜନ ଶବ୍ଦର ଆରମ୍ଭରେ ତଥା ସଂଯୁକ୍ତ ଭାବେ ନଥିଲେ ଅପଭ୍ରଂଶରେ 'କ' ସ୍ଥାନରେ 'ଗ', 'ଖ' ସ୍ଥାନରେ 'ଘ', 'ତ' ସ୍ଥାନରେ 'ଦ', 'ଥ' ସ୍ଥାନରେ 'ଧ', 'ପ' ସ୍ଥାନରେ 'ବ' ଏବଂ 'ଫ' ସ୍ଥାନରେ 'ଭ' ହୋଇଥାଏ) ଅନୁସାରେ 'ଥ' ସ୍ଥାନରେ 'ଧ' ହୋଇଛି । ଅର୍ଥାତ୍ ରଥ > ରଧ ।

ହାତୀଗୁମ୍ଫା ଶବ୍ଦର ଆଲୋଚନାରୁ ଜଣାଯାଏ, ଏଥିରେ ମହାରାଷ୍ଟ୍ରୀ, ପୈଶାଚୀ ଏବଂ ଅପଭ୍ରଂଶ ପ୍ରାକୃତର ପ୍ରୟୋଗ ରହିଛି ।

## ସହାୟକ ଗ୍ରନ୍ଥସୂଚୀ:


୧) ଆପ୍ଟେ, କେ. ବା. । ଶ୍ରୀ ହେମଚନ୍ଦ୍ରକୃତ ପ୍ରାକୃତ ବ୍ୟାକରଣ, ଚୌଖମ୍ବା ସଂସ୍କୃତ ଭାବନ, ବାରାଣାସୀ, ପ୍ରଥମ ସଂସ୍କରଣ, ୧୯୯୬ ।

୨) ଉପାଧ୍ୟେ, ଜୟକୁମାର । ପ୍ରାକୃତଭାଷା-ଅଭିଲେଖ, ନୂଆ ଦିଲ୍ଲୀ, ଶ୍ରୀ ଲାଲ ବାହାଦୁର ଶାସ୍ତ୍ରୀ ରାଷ୍ଟ୍ରୀୟ ସଂସ୍କୃତ ବିଦ୍ୟାପୀଠ, ୨୦୧୪ ।

୩) ଦ୍ୱିବେଦୀ, ପାରସନାଥ । ଭରତମୁନି ପ୍ରଣିତଂ ନାଟ୍ୟଶାସ୍ତ୍ରମ୍(ତୃତୀୟ ଭାଗଃ), ସମ୍ପୂର୍ଣାନନ୍ଦ ସଂସ୍କୃତ ବିଶ୍ୱବିଦ୍ୟାଳୟ, ବାରାଣସୀ, ପ୍ରଥମ ସଂସ୍କରଣ, ୨୦୦୧ ।

୪) ନାୟକ, କଳ୍ପତରୁ(ସଂ) । ବରରୁଚିଙ୍କ ପ୍ରାକୃତ ପ୍ରକାଶ, ରଙ୍ଗ ପ୍ରକାଶନୀ, ଭଦ୍ରକ (ପ୍ରାପ୍ତିସ୍ଥାନ- ଗ୍ରନ୍ଥମନ୍ଦିର, କଟକ), ପ୍ରଥମ ସଂସ୍କରଣ, ୨୦୨୦ ।

୫) ପାଢ଼ୀ, ବେଣୀମାଧବ । ଉତ୍କଳ ପ୍ରାକୃତ, କିତାବ ମହଲ, କଟକ, ପ୍ରଥମ ସଂସ୍କରଣ, ୧୯୭୯ ।

୬) ବାନାର୍ଜୀ, ସତ୍ୟରଂଜନ । ପ୍ରାକୃତ ବ୍ୟାକରଣ ପ୍ରବେଶିକା, ବି.ଏଲ୍.ଆଇ.ଅଫ୍ ଇଣ୍ଡୋଲୋଜି ଏବଂ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ, ନିଉଦିଲ୍ଲୀ, ଦ୍ୱିତୀୟ ସଂସ୍କରଣ, ୨୦୧୨ ।


❖ ❖ ❖

DOI : https://doi.org/10.5281/zenodo.18812933

ମୂଳ ପ୍ରବନ୍ଧ

# ମହାଭାରତୀୟ ଘଟଣାବଳୀ ସଂପୃକ୍ତ ଲୌକିକ ବିଶ୍ୱାସବୋଧର ସ୍ଥାନ - ଭୀମେଶ୍ୱର ମନ୍ଦିର ଏକ ଅଧ୍ୟୟନ

**ମମତା ରାଣୀ ବାରିକ୍**

**ସଂକ୍ଷିପ୍ତସାର :**

ଜୀବନ ଯେତେ ଆଧୁନିକମୟ ହୋଇଉଠିଲେ ମଧ୍ୟ ଲୋକମାନସିକତା ମଣିଷ ହୃଦୟର ସୂକ୍ଷ୍ମତନ୍ତ୍ରୀରେ କେଉଁଠି ନା କେଉଁଠି ନିନାଦିତ ହେଉଥାଏ। ଏହା ଆଧ୍ୟାତ୍ମିକତାର ହୋଇପାରେ ଅଥବା ବିଶ୍ୱାସବୋଧର। ପୁଣି ସେହି ବୃତ୍ତାନ୍ତ ଯେବେ କୌଣସି ସାହିତ୍ୟରେ ରୂପାୟିତ ହୁଏ ତାହା ତାର ବିଶ୍ୱାସକୁ ଦୃଢ଼ୀଭୂତ କରେ। ସେଥିରେ କୌଣସି ଐତିହାସିକ ପ୍ରାମାଣିକତା ନଥିଲେ ମଧ୍ୟ ଏହା ଧୀରେ ଧୀରେ ସମାଜରେ ସଂଚରିତ ହେବାକୁ ଲାଗେ। ଲୋକମୁଖର କାହାଣୀ ସାହିତ୍ୟର ରୂପନେଉ ଅଥବା ସାହିତ୍ୟର ପ୍ରଭାବ ଜନମାନସରେ ପ୍ରଚାରିତ ହୋଇ ସ୍ଥାନୀୟ ଘଟଣାବଳୀ ସହ ସଂପୃକ୍ତ ହେଉ ଏହି ଉଭୟ ମଧ୍ୟରେ ସେମାନଙ୍କ ବନ୍ଧନର ସୁଦୃଢ଼ତା ବାରିହୋଇପଡ଼େ। ଏହିପରି ଏକ ସଂପର୍କର ଦୃଷ୍ଟାନ୍ତ ହେଉଛି ବାଲେଶ୍ୱରସ୍ଥିତ ଭୀମେଶ୍ୱର ମନ୍ଦିର। ଉକ୍ତ ମନ୍ଦିରର ପ୍ରାଚୀନତା , ମନ୍ଦିର ନିର୍ମାଣ ପୂର୍ବବର୍ତ୍ତୀ ସମୟର ପ୍ରଚଳିତ ମହାକାବ୍ୟର ବୃତ୍ତାନ୍ତ ସହ ସଂପର୍କିତ କିମ୍ବଦନ୍ତୀ ତଥା ଏଠାକାର ପର୍ବପର୍ବାଣୀ , ଲୋକବିଶ୍ୱାସ ଓ ସାମ୍ପ୍ରତିକ ସମୟର ସ୍ଥିତି ସଂପର୍କରେ ଉକ୍ତ ନିବନ୍ଧଟିରେ ଆଲୋଚନା କରାଯାଇଛି।

**ପ୍ରମୁଖ ଶବ୍ଦାବଳୀ:**

ଲୌକିକ ବିଶ୍ୱାସ , କିମ୍ବଦନ୍ତୀ , ମନ୍ଦିର , ପଂଚୁପାଣ୍ଡବ , ବିଶ୍ୱାସବୋଧ , ଲୋକକଥା , ଭୀମେଶ୍ୱର , ସ୍ମାରକୀ , ମହାକବ୍ୟ।

## ଉପକ୍ରମ :

ବିଶ୍ୱାସ ରହିଛି ରାମାୟଣ, ମହାଭାରତ ପରି ମହାକାବ୍ୟ ରଚନାର ପୃଷ୍ଠଭୂମିରେ ଲୋକଜୀବନ ଓ ଲୋକସମାଜର ପ୍ରେରଣା ରହିଥିଲା। ଲୋକସମାଜରେ ପ୍ରଚଳିତ ପ୍ରଥା, ପରମ୍ପରା ତଥା କାହାଣୀକୁ ଆଧାର କରି ମହାକାବ୍ୟର କଥାବସ୍ତୁ ଗତିଶୀଳ ହୋଇଥିଲା। ହେଲେ ଏହା ମଧ୍ୟ ଅସ୍ୱୀକାର କରାଯାଇ ନପାରେ ଯେ, ଏହି ମହାକାବ୍ୟର କଥାବସ୍ତୁ ଲୋକଜୀବନକୁ ଓ ସେମାନଙ୍କର ବିଶ୍ୱାସକୁ ବହୁଭାବରେ ପ୍ରଭାବିତ କରିଆସିଛି, ଯାହାର ପ୍ରମାଣ ସ୍ୱରୂପ ସେହି ମହାକାବ୍ୟ ସମ୍ପର୍କିତ ଘଟଣାବଳୀର କ୍ଷେତ୍ର ଓ କ୍ଷେତ୍ରୀୟ ପ୍ରଭାବକୁ ଅଦ୍ୟାବଧି ଲୋକମାନେ ସ୍ୱୀକାର ଓ ସମ୍ମାନ କରିଆସୁଛନ୍ତି। ତେଣୁ ଉଭୟ ମହାକାବ୍ୟିକ କଥାବସ୍ତୁ ଓ ଲୌକିକ ବିଶ୍ୱାସବୋଧ ଯେ ପରସ୍ପର ଗଭୀର ଭାବରେ ସମ୍ପର୍କିତ , ଏହା ସ୍ପଷ୍ଟ ରୂପେ ପ୍ରକାଶ କରାଯାଇପାରେ। ଏହି

**ଯୋଗାଯୋଗ :**
**ମମତା ରାଣୀ ବାରିକ୍,** ଗବେଷିକା,
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର, ବାଲେଶ୍ୱର ।
**Email:** barikmamata2001@gmail.com
**ORCID ID:** https://orcid.org/0009-0001-2204-8481

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୪.୧୧.୨୦୨୫ | ୧୪.୧୨.୨୦୨୫ | ୨୫.୧୨.୨୦୨୫ | ୧.୦୨.୨୦୨୬ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ବାରିକ୍, ମମତା ରାଣୀ; ୨୦୨୬। ମହାଭାରତୀୟ ଘଟଣାବଳୀ ସଂପୃକ୍ତ ଲୌକିକ ବିଶ୍ୱାସବୋଧର ସ୍ଥାନ - ଭୀମେଶ୍ୱର ମନ୍ଦିର ଏକ ଅଧ୍ୟୟନ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଟ; ପୃଷ୍ଠା : ୪୪-୪୭।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI : https://doi.org/10.5281/zenodo.18812933

Article No - BPP00386

ଉଭୟର ସମ୍ମିଶ୍ରଣ ଘଟିଥିବା ବହୁ ବିଶ୍ୱସନୀୟ କ୍ଷେତ୍ରରେ ଗନ୍ତାଘର ହେଉଛି ଆମର ଓଡିଶା।

ପ୍ରକୃତିରେ ଅପରୂପ ସୌନ୍ଦର୍ଯ୍ୟକୁ ନିଜ ମଧ୍ୟରେ ସମାହିତ କରି ଏକ ସ୍ୱତନ୍ତ୍ର ପରିଚୟ ଧାରଣ କରିଥିବା ଓଡିଶା ତାର ଲୌକିକ ବିଶ୍ୱାସବୋଧକୁ ନେଇ ଗର୍ବିତ। ଏହି ବିଶ୍ୱାସବୋଧକୁ ଆଧାର କରି ତେଣୁ ଏଠି ରଚିତ ହୋଇଥିଲା ସାରଳା ଦାସଙ୍କ ମହାଭାରତ ଓ ବଳରାମ ଦାସଙ୍କ ଦାଣ୍ଡୀ ରାମାୟଣ ପରି ମହାକାବ୍ୟମାନ। ଓଡିଶାର ନୈସର୍ଗିକ ପ୍ରାକୃତିକ ସମ୍ପଦ ଏହି କାବ୍ୟମାନଙ୍କୁ ଉଜ୍ଜୀବିତ କରି ଏଥିରେ ଭରିଦେଇଥିଲା ମାଟିର ମହକ। ତେଣୁ ଏହାର ପ୍ରତି ଛତ୍ରେ ଛତ୍ରେ ଉତ୍କଳୀୟତାର ବାସ୍ନା ମହକିତ ହେଉଥିଲା । ତେଣୁ ଏହି କାବ୍ୟମାନଙ୍କରେ ସ୍ଥାନିତ ବିବିଧ କଥାବସ୍ତୁ ସହ ଓଡିଶାର ବିଭିନ୍ନ ଅଂଚଳରେ ପ୍ରଚଳିତ କାହାଣୀର ସମ୍ପର୍କ ଥିବା ଲକ୍ଷ୍ୟ କରାଯାଇଛି। ଏହିପରି ବିଶ୍ୱାସ ଆଧାରିତ ଏକ ସ୍ଥାନର ନାମ ହେଉଛି ଭୀମେଶ୍ୱର। ମହାଭାରତର ପଂଚୁପାଣ୍ଡବଙ୍କ ବନବାସ ବେଳର ଏକ କାହାଣୀ ସହ ସଂପୃକ୍ତ ଏହି ଅଂଚଳ।

### ଅବସ୍ଥିତି ଓ ପ୍ରାଚୀନତା :

ଓଡିଶାର ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଏକ ପୌରାଣିକ କିମ୍ବଦନ୍ତୀ ଆଶ୍ରିତ ସ୍ଥାନ ହେଉଛି ଭୀମେଶ୍ୱର। ଏହା ବାଲେଶ୍ୱର ମୁଖ୍ୟ ସହରଠାରୁ ପ୍ରାୟ ୨୦ କି.ମି ଦୂରରେ ଥିବା ଚକୁଳିଆ ଗ୍ରାମରେ ଅବସ୍ଥିତ। ରେମୁଣା ବ୍ଲକର ପତ୍ରିପାଳ ପଂଚାୟତ ଅନ୍ତର୍ଗତ ନଈଗୋପାଳପୁର ମଉଜାରେ ଏହା ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରୁଥିବା ସ୍ଥାନ। ୨୦୦ ବର୍ଷରୁ ଉର୍ଦ୍ଧ୍ୱରୁ ପ୍ରାଚୀନ ମନ୍ଦିର ଏଠାରେ ଅବସ୍ଥାପିତ ହୋଇଥିଲେ ମଧ୍ୟ ଏହା ସହ ସଂପର୍କିତ କାହାଣୀ ମହାଭାରତର କଥାବସ୍ତୁ ତଥା ଦ୍ୱାପର ଯୁଗ ସହ ସଂପର୍କିତ।

### ଭୀମେଶ୍ୱରର କିମ୍ବଦନ୍ତୀ :

ଲୋକକଥା ରହିଛି ଯେ , ଦ୍ୱାପର ଯୁଗୀୟ ମହାଭାରତ ପ୍ରସଙ୍ଗରେ ଥିବା ଭୀମ ଓ ମଣ୍ଡାଖିଆ ଅସୁର ଲଢେଇର ବୃତ୍ତାନ୍ତ ଏହି ଅଂଚଳରେ ବସବାସ କରିଥିଲେ। ତତ୍‌କାଳୀନ ସମୟରେ ଏହି ଅଂଚଳଟି ପାହାଡ ଓ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା। ସେହି ଜଙ୍ଗଲରେ ସେମାନେ କିଛିଦିନ ରହିବା ପରେ ନିକଟବର୍ତ୍ତୀ ଚକୁଳିଆ ନାମ୍ନୀ ଏକ ବ୍ରାହ୍ମଣର ନିମନ୍ତ୍ରଣ କ୍ରମରେ ତାଙ୍କ ଘରେ ମଧ୍ୟ କିଛିଦିନ ରହିଥିଲେ। ସେହି ସମୟରେ ଉକ୍ତ ଅଂଚଳରେ ଏକ ଅସୁରର ପ୍ରାଦୁର୍ଭାବ ରହିଥିଲା। ଏହି ଅସୁରକୁ କେହି କେହି ବକାସୁର ବା ମଣ୍ଡାଖିଆ ଅସୁର ନାମରେ ଜାଣନ୍ତି। ଗ୍ରାମର ଅନେକ କ୍ଷତି ହେବାପରେ ସବୁଲୋକ ମିଳିତ ହୋଇ ଆପୋଶ ବୁଝାମଣା ମାଧ୍ୟମରେ ପ୍ରତିଦିନ ଗୋଟିଏ ପରିବାରରୁ ଶଗଡାଏ ମଣ୍ଡାପିଠା ଓ ଜଣେ ମଣିଷ ଯିବାର ସମାଧାନ କରାଯାଇଥିଲା। ସମୟାନୁସାରେ ଚକୁଳିଆ ବ୍ରାହ୍ମଣର ପରିବାର କ୍ରମ ଯେବେ ଆସିଲା ମାତା କୁନ୍ତୀ ପୁତ୍ର ଭୀମକୁ ମଣ୍ଡା-ପିଠା ଶଗଡ ନେଇ ରାକ୍ଷସ ନିକଟକୁ ଯିବାକୁ ମତ ରଖିଥିଲେ ଏବଂ ଏଥିରେ ଚକୁଳିଆ ମଧ୍ୟ ରାଜି ହୋଇଥିଲା। ଭୀମ ବାଟରେ ଗଲାବେଳେ ଗୋଟି ଗୋଟି କରି ସବୁ ମଣ୍ଡାତକ ଖାଇଦେଇଥିଲେ ଓ ସେହି ଶଗଡରେ ପଥର ଲଦି ରାକ୍ଷସ ନିକଟକୁ ଯାଇଥିଲେ। ପ୍ରସଙ୍ଗକ୍ରମେ ସେମାନଙ୍କ ମଧ୍ୟରେ ତୁମୁଳ ଯୁଦ୍ଧ ହୋଇଥିଲା। ପୂର୍ବରୁ ପ୍ରାପ୍ତ ଅଭିଶାପ କାରଣରୁ ଯୁଦ୍ଧର ପ୍ରଥମ କାଳରେ ଭୀମ ହାରିଯାଇ ଥିଲା। ମାତ୍ର କୃଷ୍ଣଙ୍କର ଶଙ୍ଖନାଦ ଶୁଣି ଉଠିବା ପରେ ଶିବଙ୍କୁ ଆରାଧନା କରି ସେ ରାକ୍ଷସର ନିଧନ କରିଥିଲା। ରାକ୍ଷସର ମୃତ୍ୟୁପରେ ଉକ୍ତ ଅଂଚଳରେ ଶାନ୍ତି ବିରାଜମାନ କରିଥିଲା ଓ ପଂଚୁପାଣ୍ଡବ ସେଠାରେ କିଛିଦିନ ରହି ଆଗକୁ ଅଗ୍ରସର ହୋଇଥିଲେ। ଏହା ମଧ୍ୟ ବିଶ୍ୱାସ ରହିଛି ଯେ , ଏଠାରୁ ଯିବାପରେ ମୟୂରଭଞ୍ଜର ଶମୀବୃକ୍ଷଠାରେ ସେମାନେ ନିଜର ଅସ୍ତ୍ର ତ୍ୟାଗକରି ଅଜ୍ଞାତବାସରେ ରହିଥିଲେ।

ଭୀମ ଓ ରାକ୍ଷସ ବୃତ୍ତାନ୍ତର ବହୁବର୍ଷରପରେ ଏହି ସ୍ଥାନଟି ଅବହେଳିତ ହୋଇ ପଡ଼ିଥିଲା ଏବଂ ଏହାର ଜଙ୍ଗଲ ଓ ପାହାଡ ଆଦି ପ୍ରାୟ କ୍ଷୟ ହୋଇଯାଇଥିଲା। ସେହି ଅଂଚଳ ଓ ନିକଟବର୍ତ୍ତୀ ସ୍ଥାନଗୁଡ଼ିକରେ ଜନବସତି ବୃଦ୍ଧି ପାଇଥିଲା ଓ ଲୋକମାନେ ଚାଷକାର୍ଯ୍ୟ କରି ବସବାସ କରୁଥିଲେ। ମାତ୍ର ଉକ୍ତ ଅଂଚଳର କୃଷକମାନଙ୍କ ଚାଷକାର୍ଯ୍ୟରେ ଷଣ୍ଡମାନେ ବହୁ ବ୍ୟାଘାତ ଘଟାଉଥିବା ଲକ୍ଷ୍ୟ କରାଗଲା। ସବୁଚାଷୀ ମିଳିତ ହୋଇ ସ୍ଥାନୀୟ ଜମିଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। କିଛିଦିନ ପରେ ଜମିଦାରଙ୍କୁ ସ୍ୱପ୍ନାଦେଶ ହୋଇଥିଲା ଯେ ଭୀମ ଓ ରାକ୍ଷସର ଯୁଦ୍ଧ ହୋଇଥିବା ସ୍ଥାନରେ ଗୋଟିଏ ଶିବ ମନ୍ଦିର ସ୍ଥାପନ କରିବା ପାଇଁ , ଯାହା ଦ୍ୱାରା ସେହି ଷଣ୍ଢ ଉପଦ୍ରବରୁ ରକ୍ଷା ମିଳିପାରିବ। ସ୍ୱପ୍ନାଦେଶାନୁଯାୟୀ ଜମିଦାର ସେଠାରେ ମନ୍ଦିର ନିର୍ମାଣ

କରିଥିଲେ । ମନ୍ଦିରରେ ଲିଙ୍ଗ ସ୍ଥାପନ ପାଇଁ ଖିଚିଂରୁ ସେଠାକୁ ବିଗ୍ରହ ଆସିଥିଲା ଏବଂ ମନ୍ଦିରରେ ଜୀବନ୍ୟାସ ପ୍ରଦାନ କରାଯାଇଥିଲା ଯାହା ଭୀମେଶ୍ୱର ମନ୍ଦିର ନାମରେ ଆଜି ପରିଚିତ ।

## ମନ୍ଦିର ବିଗ୍ରହ ସ୍ଥାପନରେ ସ୍ୱାତନ୍ତ୍ରତା :

ମନ୍ଦିର ପ୍ରସ୍ତୁତି ପରେ ମନ୍ଦିରରେ ବିଗ୍ରହ ସ୍ଥାପନ ପାଇଁ ବିବିଧ ବିଚାର ବିମର୍ଶ ପରେ ପଂଚୁପାଣ୍ଡବଙ୍କ ସ୍ମୃତି ସହ ସଂପର୍କ କରି ଏଠାରେ ପଂଚଲିଙ୍ଗ ବିଶିଷ୍ଟ ବିଗ୍ରହ ସ୍ଥାପନ ପାଇଁ ନିଷ୍ପତ୍ତି ନିଆଯାଉଥିଲା ଏବଂ ତାହା ଧବଳେଶ୍ୱରଙ୍କର ସ୍ୱରୂପ ବୋଲି ମଧ୍ୟ ଚୂଡ଼ାନ୍ତ ହୋଇଥିଲା । ଖିଚିଂରୁ ସ୍ୱତନ୍ତ୍ର ଆଦେଶାନୁଯାୟୀ ଏପରି ବିଗ୍ରହ ପ୍ରସ୍ତୁତି ହୋଇ ଏଠାକୁ ଆସିଥିଲା ଏବଂ ଗ୍ରାମର ଜଣେ ବୟୋଜ୍ୟେଷ୍ଠ ବ୍ରାହ୍ମଣଙ୍କ ଦ୍ୱାରା ମନ୍ଦିରରେ ଜୀବନ୍ୟାସ ଦିଆଯାଇଥିଲା । ଏହାମଧ୍ୟ ଲୋକକଥା ରହିଛି ଯେ, ଯେଉଁ ବ୍ରାହ୍ମଣ ଏଠାରେ ଜୀବନ୍ୟାସ ଦେଇଥିଲେ ଛମାସ ମଧ୍ୟରେ ସେ ଦେହତ୍ୟାଗ କରିଥିଲେ, ଯାହା ଏହି ଦେବତାଙ୍କର ପ୍ରତ୍ୟକ୍ଷତାର ପ୍ରମାଣ ଦେଇଥାଏ । ବିଶେଷ ଭାବରେ ଧବଳେଶ୍ୱରଙ୍କ ପଂଚଲିଙ୍ଗ ବିଶିଷ୍ଟ ବିଗ୍ରହ ଏହି ମନ୍ଦିରର ସ୍ୱାତନ୍ତ୍ର୍ୟତା ପ୍ରକାଶ କରିବା ସହ ପଂଚୁପାଣ୍ଡବଙ୍କ ସ୍ମୃତିର ଗାଥାକୁ ସ୍ମରଣ କରାଇବାରେ ସହାୟକ ହେଉଛି ଅଦ୍ୟାବଧି ।

## ନାମକରଣର ପ୍ରାସଙ୍ଗିକତା :

ଭୀମ ଏହି ସ୍ଥାନରେ ଯୁଦ୍ଧ କରି ରାକ୍ଷସର ନିଧନ କରି ଲୋକମାନଙ୍କର ମଙ୍ଗଳ କରିଥିବା ହେତୁ ଭୀମଙ୍କ ନାମାନୁଯାୟୀ ଏହି ଶିବ ମନ୍ଦିରର ନାମ ଭୀମେଶ୍ୱର ମନ୍ଦିର ରଖାଯାଇଛି । ଉଭୟ ଭୀମ ଓ ଈଶ୍ୱର ଅର୍ଥାତ୍ ଶିବଙ୍କ ସ୍ମୃତିଗାଥାର ଏହା ନିଦର୍ଶନ । କେତେକଙ୍କ ମତରେ ଭୀମ ଏଠାରେ ଶିବଙ୍କ ଆରାଧନା କରି ଯୁଦ୍ଧ ଜିତି ଥିବାରୁ ଏଠାକାର ନାମକରଣ ଏପରି ହୋଇଥିବା କୁହାଯାଏ । ପଂଚୁପାଣ୍ଡବଙ୍କ ପ୍ରତୀକ ସ୍ୱରୂପ ପଂଚଲିଙ୍ଗର ସ୍ଥାପନା ହୋଇଥିବାରୁ ପାଂଚଗୋଟି ଲିଙ୍ଗର ସ୍ୱତନ୍ତ୍ର ନାମକରଣ ଏଠାରେ କରାଯାଇଛି । ହେଲେ ଅନ୍ୟ ଚାରି ପାଣ୍ଡବଙ୍କ ପ୍ରକୃତ ନାମ ବିଧି ଅନୁଯାୟୀ ପ୍ରୟୋଗ ହୋଇ ନପାରିବା ହେତୁ ଏହାର ନାମରେ ପରିବର୍ତ୍ତନ କରାଯାଇଛି । କେବଳ ଭୀମଙ୍କ ଉଦ୍ଦେଶ୍ୟରେ ମୁଖ୍ୟଲିଙ୍ଗର ନାମ ଭୀମେଶ୍ୱର ରହିଛି , କାରଣ ସେ ଏହି ଘଟଣା ସହ ପ୍ରତ୍ୟକ୍ଷ ସଂପୃକ୍ତ ଥିଲେ । ତେବେ ଅନ୍ୟ ଚାରୋଟି ଲିଙ୍ଗଙ୍କ ନାମ ହେଉଛି ନଣ୍ଡକେଶ୍ୱର , କଞ୍ଚବଟେଶ୍ୱର , ବକ୍ରେଶ୍ୱର ଓ ଚଣ୍ଡେଶ୍ୱର । ଏହା ମଧ୍ୟ କୁହାଯାଏ ଯେ , ପଂଚୁପାଣ୍ଡବ ଚକୁଳିଆ ବ୍ରାହ୍ମଣର ଘରେ ନିମନ୍ତ୍ରିତ ହୋଇ ରହିଥିଲେ ଏବଂ ତାର ଉପକାର ପାଇଁ ସମଗ୍ର ଅଂଚଳ ରାକ୍ଷସ କବଳରୁ ମୁକ୍ତ ହୋଇଥିଲା , ତେଣୁ ଗ୍ରାମଟିର ନାମ ସେହି ବ୍ୟକ୍ତିର ନାମାନୁସାରେ ଚକୁଳିଆ ଗ୍ରାମ ରଖାଯାଇଛି ।

## ପଂଚୁପାଣ୍ଡବଙ୍କ ସ୍ମାରକୀ :

ଲୋକମୁଖରେ ପଂଚୁପାଣ୍ଡବଙ୍କ କାହାଣୀ ପ୍ରଚଳିତ ହୋଇଥିଲେ ମଧ୍ୟ ଏହି କାହାଣୀର ସତ୍ୟତା ପ୍ରମାଣିତ କରିବା ନିମିତ୍ତ ବହୁ ସ୍ମାରକୀ ଏହିଠାରେ ପ୍ରାକୃତିକ ଭାବରେ ଉପଲବ୍ଧି ହେଉଛି ଯାହା ଏହି ଲୋକବିଶ୍ୱାସକୁ ସୁଦୃଢ କରିଆସିଛି ଅଦ୍ୟାବଧି । ଏଠାରେ ମୁଖ୍ୟତଃ ଭୀମ ଅସୁରକୁ ଯୁଦ୍ଧବେଳେ ଘୋଷାଡ଼ିବାର ଚିହ୍ନ, ଯୁଦ୍ଧରେ ଜିତି ସାରିବା ପରେ ଖୁସିରେ ଆତ୍ମହରା ହୋଇ ଆଣ୍ଠୁମାଡ଼ି ବସିବା ବେଳେ ଦୁଇ ଆଣ୍ଠୁର ଚିହ୍ନ ତଥା ପଂଚୁପାଣ୍ଡବଙ୍କ ରହଣି କାଳରେ ଭାତ ରାନ୍ଧି ପେଜ ନିଗାଡ଼ିବାର ଚିହ୍ନ ରହିଛି ।

## ଲୋକବିଶ୍ୱାସ :

ଭୀମେଶ୍ୱର ମନ୍ଦିରର ପ୍ରତ୍ୟକ୍ଷତା ସଂପର୍କରେ ସମଗ୍ର ଅଂଚଳରେ ଅନେକ କଥା ପ୍ରଚଳିତ ଅଛି ମନ୍ଦିର ପ୍ରତିଷ୍ଠା କାଳରୁ । ବିଶ୍ୱାସ ରହିଛି ଯେ, ଏହି ମନ୍ଦିରକୁ ଆସି କେହି କେବେ ଶୂନ୍ୟ ହସ୍ତରେ ଫେରିଯାଏନା । ବହୁ ମାନସିକଧାରୀ ବ୍ୟକ୍ତିଙ୍କର ମନସ୍କାମନା ଏଠାରେ ପରିପୂରଣ ହୋଇଥିବା ପ୍ରମାଣ ରହିଛି । ବିଶେଷତଃ ନିଃସନ୍ତାନମାନଙ୍କର ସନ୍ତାନ ପ୍ରାପ୍ତି, ସଙ୍କଟ ଦୂରୀକରଣ, ଅଭାବ ଅନଟନର ପ୍ରତିକାର, ବିବାହ ସମସ୍ୟାର ଦୂରୀକରଣ, ରୋଗମୁକ୍ତ, ଅନୀତିର ଦଣ୍ଡ-ବିଧାନ ପରି ଘଟଣାବଳୀର ଅନେକ କାହାଣୀ ଏହି ବିଶ୍ୱାସବୋଧ ସହ ଜଡ଼ିତ । ଏହି ପ୍ରତ୍ୟକ୍ଷତାର ମହିମା ଆସ୍ତେ ଆସ୍ତେ ଦୂରକୁ ଦୂରକୁ ବ୍ୟାପୀ ବହୁ ଶ୍ରଦ୍ଧାଳୁଙ୍କୁ ଭୀମେଶ୍ୱର ମନ୍ଦିରକୁ ଟାଣି ଆଣିବାରେ ଏବଂ ସେମାନଙ୍କ ବିଶ୍ୱାସର ଦୃଢତା ବଜାୟ ରଖିବାରେ ସଫଳ ହୋଇଛି ।

## ପର୍ବପର୍ବାଣୀ :

ଭୀମେଶ୍ୱର ମନ୍ଦିରରେ ପ୍ରତିବର୍ଷ ମୁଖ୍ୟତଃ ତିନୋଟି ପର୍ବପାଳିତ ହୋଇଥାଏ । ଶିବମନ୍ଦିର ହୋଇଥିବା ହେତୁ ମହାଶିବରାତ୍ରି ଏଠାରେ ଖୁବ୍ ଭଲ ଭାବରେ ପାଳନ ହୋଇଥାଏ । ଦୀର୍ଘଦିନ ଧରି ଏଠାରେ ମକର ମେଳା ଅନୁଷ୍ଠିତ ହୁଏ । ମକର

ସଂକ୍ରାନ୍ତିଠାରୁ ଆରମ୍ଭ ହୋଇ ଆଠଦିନ ବ୍ୟାପୀ ଏହା ଚାଲିଥାଏ। ଏହି ମେଳା ଭୀମାତ୍ରା ପର୍ବ ନାମରେ ମଧ୍ୟ ପରିଚିତ। ଭୀମ ଓ ବକାସୁରର ଯୁଦ୍ଧ ପ୍ରସଙ୍ଗକୁ ସ୍ମରଣ ରଖିବା ନିର୍ମିତ ଏହାକୁ ପାଳନ କରାଯାଇଥାଏ। ଦଶହରାରେ ରାବଣପୋଡ଼ି ପରି ଭୀମାତ୍ରା ପର୍ବର ଶେଷଦିନରେ ଏଠାରେ ମନ୍ଦିର ସ୍ଥାପନ ପ୍ରସଙ୍ଗ ଉତ୍ଥାନ ହୋଇଥିବା ହେତୁ ସେବେଠାରୁ ଚାଷୀମାନଙ୍କର ମଙ୍ଗଳ ନିର୍ମିତ ଏଠାରେ ଅନାବୃଷ୍ଟି ଯଜ୍ଞର ଆୟୋଜନ କରାଯାଇଥାଏ।

## ସାଂପ୍ରତିକ ସମୟର ପ୍ରଭାବ :

ସାଂପ୍ରତିକ ସମୟରେ ଭୀମେଶ୍ୱର ମନ୍ଦିରର ବାର୍ତ୍ତା ଧୀରେ ଧୀରେ ପ୍ରଚାରିତ ହେବାରେ ଲାଗିଛି। ଏହାରି ପ୍ରଭାବରେ ଆଖପାଖ ଅଂଚଳ ସହିତ ଅନ୍ୟ ଜିଲ୍ଲାମାନଙ୍କରୁ ମଧ୍ୟ କିଛି କିଛି ଶ୍ରଦ୍ଧାଳୁ ଏଠାକୁ ଆସିବାକୁ ଆରମ୍ଭ କଲେଣି। ଭୀମ ଓ ରାକ୍ଷସର ଲଢେଇ କାହାଣୀକୁ ମନେରଖିବା ପାଇଁ ସେମାନଙ୍କ ଯୁଦ୍ଧବେଳର ମୂର୍ତ୍ତି ମଧ୍ୟ ଏଠାରେ ଲୋକମାନେ ତୋଳିଛନ୍ତି। କାହାଣୀରେ କଥିତ ଘଂଚ ଜଙ୍ଗଲ ଓ ପାହାଡ଼ର ସ୍ଥିତି ଏବେ ଏଠାରେ ନଥିଲେ ମଧ୍ୟ ଭୀମ ତଥା ପଂଚୁପାଣ୍ଡବଙ୍କ ସ୍ମାରକୀଗୁଡ଼ିକ ଅଦ୍ୟାବଧି ସେହି ପୌରାଣିକ ଗାଥାକୁ ଲୋକଙ୍କୁ ସ୍ମରଣ କରାଇବାରେ ସଫଳ ହେଉଛି।

## ଉପସଂହାର :

ବାସ୍ତବରେ ଲୌକିକ ବିଶ୍ୱାସ ଏବଂ ତାର ଶାବ୍ଦିକ ରୂପାୟନ ହୋଇ ଜନାଦୃତ ହେବାର ଘଟଣାବଳୀ ଲୋକମାନସିକତା ପ୍ରତି ସମ୍ମାନବୋଧର ଶ୍ରେଷ୍ଠ ନିଦର୍ଶନ। ଭୀମେଶ୍ୱର ମନ୍ଦିର ଏହି ସମ୍ମାନବୋଧର ଅନ୍ୟତମ ଦୃଷ୍ଟାନ୍ତ। ଏହି ଅଂଚଳର ବୃତ୍ତାନ୍ତ ମହାଭାରତ ପରି ମହାକାବ୍ୟରେ ରୂପାନ୍ତରିତ ହେଉ ଅଥବା ମହାଭାରତୀୟ ବୃତ୍ତାନ୍ତକୁ ଉକ୍ତ ଅଂଚଳର ଘଟଣାବଳୀ ସହ ଯୋଡ଼ିବାର ପ୍ରୟାସ ହେଉ, ଏହି ଉଭୟ କ୍ଷେତ୍ରରେ ପୌରାଣିକ ଘଟଣାବଳୀ ପ୍ରତି ଥିବା ଶ୍ରଦ୍ଧା ଓ ପୁରାଣରେ ଲୌକିକତାର ପ୍ରଭାବକୁ ଦର୍ଶାଉଅଛି। ଲୋକବିଶ୍ୱାସର ଆଧ୍ୟାତ୍ମିକ ରୂପାୟଣ ତଥା କୃଷିସଭ୍ୟତା ପ୍ରତି ଦାୟିତ୍ୱବୋଧର ବାର୍ତ୍ତା ଏଠାକାର ପ୍ରଚଳିତ କିମ୍ବଦନ୍ତୀଗୁଡ଼ିକରେ ଦେଖିବାକୁ ମିଳେ। ଐତିହାସିକ ପ୍ରମାଣର ଅଭାବ ଥିଲେ ମଧ୍ୟ କେତୋଟି ପ୍ରାକୃତିକ ସ୍ମାରକୀ ଓ ଲୋକମୁଖରୁ ପ୍ରଚଳିତ ତଥ୍ୟକୁ ଆଧାର କରି ବଂଚି ରହିଥିବା ଏହି ଭୀମେଶ୍ୱର ମନ୍ଦିର ବାସ୍ତବିକ୍ ମହାଭାରତ ମହାକାବ୍ୟରେ ଉତ୍କଳୀୟତାର ମହକକୁ ଦ୍ୱିଗୁଣିତ କରିବାରେ ସହାୟକ ହୋଇଛି।

## ସହାୟକ ଗ୍ରନ୍ଥସୂଚୀ :


୧. ଦୀନବନ୍ଧୁ ପାଣିଗ୍ରାହୀ (ପୂଜକ) - ବୋଇତବାଙ୍କ ଗ୍ରାମ - ୭୪ ବର୍ଷ

୨. ଗଦାଧର ଜେନା - ଚକୁଳିଆ ଗ୍ରାମ - ୭୫ ବର୍ଷ

୩. ହରିଶ୍ଚନ୍ଦ୍ର ପଣ୍ଡା - ବୋଇତବାଙ୍କ ଗ୍ରାମ - ୮୦ ବର୍ଷ

୪. କମଳଲୋଚନ ରଥ - ବୋଇତବାଙ୍କ ଗ୍ରାମ - ୮୦ ବର୍ଷ

୫. ପ୍ରଦୀପ ମହାନ୍ତି - ଚକୁଳିଆ ଗ୍ରାମ- ୬୨ ବର୍ଷ

୬. ଗୋବିନ୍ଦ ଦାସ - ଚକୁଳିଆ ଗ୍ରାମ - ୭୦ ବର୍ଷ

୭. ତ୍ରିଲୋଚନ ପ୍ରଧାନ - ଚକୁଳିଆ ଗ୍ରାମ - ୫୨ ବର୍ଷ


❖ ❖ ❖

DOI : https://doi.org/10.5281/zenodo.18812977

ମୂଳ ପ୍ରବନ୍ଧ

# ଚିତ୍ତରଂଜନ ବେହେରାଙ୍କ 'ଭିନ୍ନପୃଥିବୀ ଓ ଅନ୍ୟାନ୍ୟ ଗଳ୍ପ' : ଏକ ଦୃଷ୍ଟିପାତ

**ସରୋଜ କୁମାର ଶତପଥୀ**

**ସଂକ୍ଷିପ୍ତସାର :**

ଆଧୁନିକ ଗଳ୍ପରେ ମଣିଷର ରୂପରେଖ ପୁରାତନ ମଣିଷଠାରୁ ଭିନ୍ନ । ପୁରାତନ ମଣିଷଠାରୁ ଆଧୁନିକ ମଣିଷ ଅଧିକ ଶିକ୍ଷିତ, ସଭ୍ୟ ତଥା ବିଜ୍ଞାନ ସଚେତନ ହୋଇପାରିଛି । ତା' ଛଡ଼ା ବର୍ତ୍ତମାନର ଜୀବନର ସମସ୍ୟା, ସାମାଜିକ ସମସ୍ୟା ପୁରାତନ ଜୀବନଠାରୁ, ସମାଜଠାରୁ ଅଲଗା । ଏହା ସତ ଯେ ମଣିଷ ଯେତେ ଆଗେଇଛି, ସେତେ ସେ ନିଃସଙ୍ଗ ହୋଇଯାଇଛି । ତା' ସହିତ କ୍ଷୁଧା, ତୃଷ୍ଣା, ଲୋଭ ଦୁର୍ବଳତା, ହତାଶା, ସ୍ୱାର୍ଥ, ଗ୍ଲାନି ଆତ୍ମବଡ଼ିମା ବଢ଼ିଛି । ଯେହେତୁ ସାଂପ୍ରତିକ ଗଳ୍ପ ଅଧିକ ଜୀବନ ଧର୍ମୀ ତ ଗାଳ୍ପିକଟିଏ ତାକୁ ଛାଡି ଗଳ୍ପ ଲେଖନ୍ତା ବା କିପରି ? ଏସବୁ ଦୃଷ୍ଟିରୁ ଦେଖିଲେ ଗାଳ୍ପିକ ଚିତ୍ତରଞ୍ଜନ ଯେ ତାଙ୍କ ଗଳ୍ପରେ ସାଂପ୍ରତିକ ଜୀବନର ଗହନ ସତ୍ୟକୁ ପରଷିଛନ୍ତି ଏକଥାକୁ ଅସ୍ୱୀକାର କରାଯାଇ ନପାରେ ।

**ପ୍ରମୁଖ ଶବ୍ଦାବଳୀ:**

ଦାୟବଦ୍ଧତା, ବିଭୋର, ଆୟୁସ, ସହନଶୀଳ, ପଙ୍ଗୁ, ଅବତୀର୍ଣ୍ଣ ।

## ଉପକ୍ରମ :

ସମକାଳୀନ ଓଡ଼ିଆ ଗଳ୍ପ ଜଗତରେ ଚିତ୍ତରଞ୍ଜନ ବେହେରା ଜଣେ ଦୀପ୍ତିମନ୍ତ ପ୍ରତିଭା । ଏକାଧାରରେ ସମାଲୋଚନା, କବିତା, ଗଳ୍ପ ପ୍ରଭୃତି ବିବିଧତାକୁ ନେଇ ଚାଲୁଥିବା ଚିତ୍ତରଞ୍ଜନ ସମକାଳୀନ ଗାଳ୍ପିକଙ୍କ ମଧ୍ୟରେ ନିଜର ଗୋଟେ ସ୍ୱତନ୍ତ୍ର ସ୍ଥାନ ତିଆରି କରି ପାରିଛନ୍ତି । 'ସ୍ମୃତିର ମହକ', 'ସାଉଁଟା ସ୍ୱପ୍ନ', 'ଭିନ୍ନପୃଥିବୀ ଓ ଅନ୍ୟାନ୍ୟ ଗଳ୍ପ', 'ନିଜନିଜ ଦୁଃଖ', 'ଶେଷରାସ୍ତା' ଭଳି ଗଳ୍ପଗ୍ରନ୍ଥର ସ୍ରଷ୍ଟା ଭାବରେ ସେ ବେଶ୍ ପରିଚିତ । ବୃତ୍ତିରେ ସାମ୍ବାଦିକ ହୋଇଥିବାରୁ ବୋଧହୁଏ ସେ ଖୁବ୍ ପାଖରୁ ଚରିତ୍ରମାନଙ୍କୁ ଭେଟିବାର ସୁଯୋଗ ପାଇଛନ୍ତି, ସେମାନଙ୍କ ଜୀବନକୁ ପଢ଼ିବାରେ ହୁଏତ ବେଶି ସକ୍ଷମ ହୋଇଛନ୍ତି ।

ଜୀବନ ପ୍ରତି ଅନୁରାଗମୟ ଏହି ଗାଳ୍ପିକଙ୍କ ପ୍ରତ୍ୟେକଟି ଗଳ୍ପର ପୃଷ୍ଠଭୂମିରେ ରହିଛି ସାମ୍ପ୍ରତିକ ସମାଜର ନାନା ବ୍ୟଥା, ବେଦନା, କାରୁଣ୍ୟ, ସମ୍ବେଦନାଶୀଳତା, ଏକପ୍ରକାର ଚରିତ୍ରମାନଙ୍କୁ ସବୁ ପରିସ୍ଥିତି ସତ୍ତ୍ୱେ ଦୃଢ଼ ଭାବରେ ଠିଆ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.18812977
Article No - BPP00387

**ଯୋଗାଯୋଗ :**
**ସରୋଜ କୁମାର ଶତପଥୀ,** ଗବେଷକ
ସମ୍ବଲପୁର ବିଶ୍ୱବିଦ୍ୟାଳୟ
**Email:** sarojsatapathy2020@gmail.com
**ORCID ID:** https://orcid.org/0009-0005-0741-135X

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୪.୧୧.୨୦୨୫ | ୧୪.୧୨.୨୦୨୫ | ୨୫.୧୨.୨୦୨୫ | ୧.୦୨.୨୦୨୬ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଶତପଥୀ, ସରୋଜ କୁମାର; ୨୦୨୬ । ଚିତ୍ତରଂଜନ ବେହେରାଙ୍କ 'ଭିନ୍ନପୃଥିବୀ ଓ ଅନ୍ୟାନ୍ୟ ଗଳ୍ପ' : ଏକ ଦୃଷ୍ଟିପାତ । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ : ୧୧, ସଂଖ୍ୟା : ଟ; ପୃଷ୍ଠା : ୪୮-୫୧ ।

କରାଇବାର ଦାୟବଦ୍ଧତା। ସେଥିପାଇଁ ତ ତାଙ୍କ ଚରିତ୍ରଗୁଡ଼ିକ ବେଶ୍ ଜୀବନ୍ତ ଓ ଗତିଶୀଳ।

ସେହି ଦୃଷ୍ଟିରୁ ବିଚାର କଲେ 'ଭିନ୍ନପୃଥିବୀ ଓ ଅନ୍ୟାନ୍ୟ ଗଳ୍ପ' ଗାଳ୍ପିକଙ୍କ ଏକ ଉଲ୍ଲେଖଯୋଗ୍ୟ ଗଳ୍ପ ସଂକଳନ। ସଂକଳନଟି ୧୨୦ ପୃଷ୍ଠା ବ୍ୟାପୀ ୧୨ଟି ଗଳ୍ପର ସମାହାର। ପୁସ୍ତକର ପଦେ କଥାରେ ନିଜ ଗଳ୍ପର ଆଭିମୁଖ୍ୟ ସମ୍ପର୍କରେ ଗାଳ୍ପିକ କୁହନ୍ତି କି ସବୁ ଗଳ୍ପର ଚରିତ୍ର ମୋ ଚାରିପାଖ ପୃଥିବୀରୁ ଆଣିଛି। ମୋ ଚାରି ପାଖର ଘଟଣା ଦୁର୍ଘଟଣା ଗପର ରୂପ ନେଇଛି। ମୋ ଭିତରେ ଆଲୋଡ଼ନକୁ ମୁଁ ଶବ୍ଦରେ ରୂପାୟିତ କରିବାକୁ ଚେଷ୍ଟା କରିଛି।

ସଂକଳନର ପ୍ରଥମ ଗଳ୍ପ ଭିନ୍ନ ପୃଥିବୀ ଏକ ଚମତ୍କାରିତା ସୃଷ୍ଟି କରେ। ପାରିବାରିକ ସମ୍ପର୍କରେ ଉଠିଥିବା ଝଡ଼କୁ ନେଇ କାହାଣୀଟି ଗତିଶୀଳ। ସମୁଦାୟ ୫ଟି ଚରିତ୍ର ମଧ୍ୟରେ ତୀବ୍ର ମାନସିକ ବିଷାଦର ଚିତ୍ର ଗାଳ୍ପିକ ଖୁବ୍ ନିଖୁଣତାର ସହ ଆଙ୍କିଛନ୍ତି। ରୋନି ଭଳି ନାରୀଟିଏ ଶିକ୍ଷିତା ହେବା, କର୍ମମୟ ଜୀବନରେ ଖୁବ୍ ଆଗକୁ ଯିବାକୁ ହେଲେ ସ୍ୱାତନ୍ତ୍ର୍ୟର ନାମ ନେଇ ସ୍ୱେଚ୍ଛାଚାରୀ ହୋଇ ଉଠିବା ପ୍ରସଙ୍ଗ ଗଳ୍ପ ନାୟକ ଋଷଭଙ୍କ ସହ ତାଙ୍କ ପିତାମାତାଙ୍କୁ ମଧ୍ୟ ଖୁବ୍ ଆଘାତ ଦିଏ। ପତ୍ନୀଙ୍କ ନିର୍ଯାତନାରେ ଉଭୟ ପତିପତ୍ନୀଙ୍କ ମଧ୍ୟରେ ଉଠିଥିବା ତୀବ୍ର ଝଡ଼ ପାରିବାରିକ ଜୀବନକୁ ଦୋହଲାଇ ଦିଏ। ମାଆଙ୍କ ପଥର ଅନୁକରଣକାରୀ ଝିଅ ମଧ୍ୟ ନିଜର ସମସ୍ତ ଦାବିକୁ ଜାହିର କରେ ଏହିଭଳି ଭାବରେ – 'ରଅବେ ବୁଢ଼ୀ। ତୁ କ'ଣ ଜାଣିଛୁ କହିଲୁ – ମୁଁ ବାହା ହେଇ କା' ଘରକୁ ଯିବି ନାହିଁ। ବର ମୋ ଘରକୁ ବା' ହେଇ ଆସିବ। ଦେଖୁନୁ, ଯୁଗ କେତେ ବଦଳି ଗଲାଣି। ତୋ' ଯୁଗ ଆଉ ନାଇଁ ଲୋ ମା।' × × × ମୋ ଘରେ ମୁଁ ରାଜା ହେଇ ଚଳିବି। ଜମା କାହାର ଚାକରାଣୀ ହେବି ନାହିଁ। ଗାଳ୍ପିକ କହି ବସନ୍ତି – 'ନାରୀ ଯଦି ନାରାୟଣୀ ନ ହେଇ ଅହଂକାରୀ ହେବ ତାହେଲେ ସଂସାର ନାମକ ରଥ ଆଗକୁ ବଢ଼ିବ କିପରି ?'

ଏ ସଂସାରରେ ସହନଶୀଳତା ବୋଲି ଶବ୍ଦଟିର ଘୋର ଅଭାବ ପରିଲକ୍ଷିତ ହେଉଥିବାର ଗାଳ୍ପିକ ଅନୁଭବ କରନ୍ତି। ପୁରୁଷ ଓ ପ୍ରକୃତିର ଲଢ଼େଇ ଯଦି ଏମିତି ଚାଲିବ ତାହାଲେ ସେହି ଲଢ଼େଇ ଭିତରେ ମଣିଷ ସବୁ କିଛି ହରେଇ ସାରିଥିବ, କେବଳ ଚିହ୍ନଟିଏ ରହି ଯାଇଥିବ ଯା' ସେଇ ଭିନ୍ନ ପୃଥିବୀରେ।

'ବିଭୋର ଜୀବନ' ଗାଳ୍ପିକଙ୍କ ଅନ୍ୟ ଏକ ମର୍ମସ୍ପର୍ଶୀ ଗଳ୍ପ। ପାରିବାରିକ ବିଶୃଙ୍ଖଳାର ଅନନ୍ୟ ଉଦାହରଣ ଦେଇ ଗାଳ୍ପିକ ଗଳ୍ପନାୟକ ବାବନ ପ୍ରତି ଗଭୀର ସମ୍ବେଦନା ପ୍ରଦାନ କରନ୍ତି। ନିଜ ପତ୍ନୀର ପରକୀୟା ପ୍ରୀତି ସମ୍ପର୍କରେ ଚିନ୍ତିତ ବାବନର ଜୀବନ ଏକ ପ୍ରକାର ଧ୍ୱଂସ ବିଧ୍ୱଂସ ହୋଇଯାଏ। ନିଜ ପୁତ୍ର, କନ୍ୟାଙ୍କର ବ୍ୟବହାରରେ ଅସନ୍ତୁଷ୍ଟ ହୋଇ ବୁଲୁଥିବା ଅବସ୍ଥାରେ ନିଜ ବନ୍ଧୁ ମୁନିଆ ଏବଂ କାଳିଆଙ୍କଠାରୁ ପାଏ ସେ ଆଶ୍ୱାସନା। ଅଜାଡ଼ି ଦିଏ ନିଜର ସମସ୍ତ ଦୁଃଖକୁ ଜଗନ୍ନାଥଙ୍କ ପାଦପଦ୍ମରେ। ଏବଂ କହି ବସେ – 'ଯିଏ ଏ ସଂସାରରେ ଦୁଃଖର ବୋଝକୁ ବୋହିପାରେ, ଠାକୁରେ ବୋଧେ ପିଠିରେ ଜଗତଯାକର ଦୁଃଖକୁ ଅଜାଡ଼ି ଦେଇ ମଜା ଦେଖନ୍ତି। ନହେଲେ ଏମିତି ହୁଅନ୍ତା ନାହିଁ।" ସବୁ ସତ୍ତ୍ୱେ ବାବନ ତା' ଜୀବନ ଯାତ୍ରାରେ ଆଗକୁ ବଢ଼େ। ଲେଖାପଢ଼ା କରେ। ଜ୍ଞାନପୀଠ ପୁରସ୍କାର ଜିତେ। ତା' ପ୍ରତି ଶୁଭେଚ୍ଛାର ସୁଅ ଛୁଟେ। ଜୀବନ ତା'ର ବଦଳି ଯାଏ। ଗାଳ୍ପିକ ମୁକ୍ତ ଯୌନତା, ସମଲିଙ୍ଗୀ ବିବାହ, ଲଭ-ଇନ୍-ଟୁଗେଦର ଓ ଲିଭ-ଇନ୍-ରିଲେସନ୍ ପ୍ରସଙ୍ଗରେ ନ୍ୟାୟାଳୟର ପ୍ରୋତ୍ସାହନକୁ ଘୋର ବିରୋଧ କରି ଗାଳ୍ପିକ ଭାରତୀୟ ସାଂସ୍କୃତିକ ମୂଲ୍ୟବୋଧକୁ ସୂଚାଇ ଦିଅନ୍ତି।

ସେହିପରି 'ଅବଶିଷ୍ଟ ଆୟୁଷ'ରେ ଜଣେ ସଚ୍ଚୋଟ ଆଦର୍ଶବାନ ଶିକ୍ଷକ ଶଶାଙ୍କ ଶେଖରଙ୍କ ଦାମ୍ପତ୍ୟ ଜୀବନର ବର୍ବରତା ଦେଖିବାକୁ ମିଳେ। ଶେଷରେ ସେ ନିଜକୁ 'ଜରାଶ୍ରମ'ରେ ଆବିଷ୍କାର କରି 'ଅବଶିଷ୍ଟ ଆୟୁଷ' କାଟି ଦିଅନ୍ତି। 'ତପୁର ବ୍ରତଘର'ରେ ଗାଳ୍ପିକ ତପୁ ମନର ଦ୍ୱନ୍ଦ୍ୱକୁ ଦୃଢ଼ କରି କରିବା ସହ ସନାତନ ଧର୍ମର ମହାନ ପରମ୍ପରା ଭିତରେ ବ୍ରତଘର ଭଳି ଆଭିଜାତିକ ବ୍ୟବସ୍ଥା ପ୍ରତି ଆସ୍ଥା ବଢ଼ାନ୍ତି।

ବିଶ୍ୱାସ ଓ ଅବିଶ୍ୱାସର ଦୋଛକିରେ ଛିଡ଼ା ହୋଇଥିବା କନ୍ଦେଇର ମାନସିକତାକୁ ଗାଳ୍ପିକ 'ଉପର ବାଲାର ଖେଳ'ରେ ନିଖୁଣ ଭାବରେ ପଢ଼ିବାରେ ସମର୍ଥ ହୁଅନ୍ତି। ଏ ଦୁନିଆରେ ଈଶ୍ୱର ନ ଥିବାର ପ୍ରଗାଢ଼ ବିଶ୍ୱାସ ବୟାନ କରୁଥିବା କନ୍ଦେଇର

ନାସ୍ତିକତାକୁ ମା' ସଜନୀ ଦୂର କରନ୍ତି। ଜଗନ୍ନାଥଙ୍କ ପ୍ରତି ନିଜ ମନର କ୍ଷୋଭକୁ କହେଇ ଜଣେଇଛି ଏହିଭଳି - "ଜଗନ୍ନାଥ ହେଇ ଖାଲି ରତ୍ନ ସିଂହାସନ ଉପରେ ବସିଗଲେ ଚଳିବ ନାହିଁ। ଜଗତର ହିତ ଆମ ଭଳି ଗରିବ ଦୀନଜନଙ୍କର ମଙ୍ଗଳ ପାଇଁ ତୁମେ ତମର କରାମତି ଦେଖାଇବାକୁ ହେବ। ନ ହେଲେ ତମେ କି ଠାକୁର, କି ଈଶ୍ୱର!" ସବୁ ସତ୍ତ୍ୱେ ପରବର୍ତ୍ତୀ ସମୟରେ ଈଶ୍ୱରଙ୍କ ପ୍ରତି ତା'ର ବିଶ୍ୱାସ ତାକୁ ସତେ ଯେପରି ଗୋଟେ ନୂଆ ଜନ୍ମ ଦେଇଛି।

ସେହିପରି 'ବାପା' ଗଳ୍ପରେ ବାପାଙ୍କ ପ୍ରତି ଗାଳ୍ପିକଙ୍କ ସମ୍ବେଦନା ପାଠକ ପ୍ରାଣକୁ ଏକ ବାଷ୍ପୀୟ ଲୁହରେ ଭିଜାଇ ଦିଏ। ଆକାଶ ପରି ଯିଏ ସହନଶୀଳ ଝରଣା ପରି ଯିଏ ପ୍ରବହମାନ ତାଙ୍କୁ ବା କେଉଁ ଅଭିଧାନ ବର୍ଣ୍ଣନା କରିବ ? ଗୋଟିଏ ପରିବାରର ୩ଟି ଚରିତ୍ରକୁ ମୁଖ୍ୟ ପୃଷ୍ଠଭୂମିରେ ରଖି ଗାଳ୍ପିକ ବାପା ଶବ୍ଦର ଯଥାର୍ଥତାକୁ ବୟାନ କରନ୍ତି। ତରୁଣଙ୍କ ନିଜ ପିତାଙ୍କ ପ୍ରତି ଥିବା ମାନସିକତାକୁ ବଦଳେଇ ଦେବାକୁ ଚାହାନ୍ତି। ବାପାଟିଏ ହେଲେ କେତେ ସହିବାକୁ ପଡ଼େ, କେତେ ଭୋଗିବାକୁ ପଡ଼େ। ବାପାଙ୍କ ପ୍ରତି ଥିବା ତରୁଣଙ୍କ ଦୃଷ୍ଟିଭଙ୍ଗୀ ବାପାଙ୍କ ଅବର୍ତ୍ତମାନରେ ବଦଳି ଯାଏ। ନିଜ ଝିଅର ବ୍ୟବହାର ତାଙ୍କୁ ଫେରାଇ ନିଏ ନିଜ ପିତାଙ୍କ ପ୍ରତି ଥିବା ତାଙ୍କ ବ୍ୟବହାର ନିକଟକୁ। ସେ ଅନୁତାପ କରନ୍ତି। ଗାଳ୍ପିକଙ୍କ ବର୍ଣ୍ଣନାରେ 'ବାପାଙ୍କ ହୃଦୟ ଓ ମନକୁ ବୁଝିବା ବି ବଡ଼ କଠିନ। କେତେବେଳେ ଆକାଶର ଶୀତଳତାକୁ ସ୍ପର୍ଶ କରୁଥାଏ ତ କେତେବେଳେ ସମୁଦ୍ରର ନୀଳ ଜଳରାଶିରେ ମିଶି କୂଳ ଛୁଇଁଥାଏ।

ସାମ୍ପ୍ରତିକ ସମୟର ଏକ ଚିରାଚରିତ ପ୍ରସଙ୍ଗକୁ ଗାଳ୍ପିକ ଅବତାରଣା କରନ୍ତି 'ଏକାଏକା' ଗଳ୍ପରେ। ଦୁଇ ଜୀବନର ଅସହାୟତାକୁ ନେଇ ଗଳ୍ପଟି ଗଢ଼ି ଉଠେ। ସବୁ ମାଆଙ୍କ ପରି ଦୂର ମଧ୍ୟ ମାଆଟିଏ। ଆଠ ଆଠଟା ଛୁଆଙ୍କର ମା' ହୋଇ ମଧ୍ୟ ତା' ଜୀବନ କଟେ ଏକ ନିଃସଙ୍ଗ ଆକାଶ ପରି। ପିଲାମାନେ ପାଠଶାଠ ପଢ଼ି ଦୂରରେ ଚାକିରି କରନ୍ତି। ଦୂରର ସ୍ୱାମୀ ଦୀନବନ୍ଧୁଙ୍କର ମୃତ୍ୟୁ ହୁଏ। ପିଲାମାନଙ୍କର ନିଜ ନିଜ ପାଖରେ ମାଆଙ୍କୁ ରଖିବାକୁ ନେଇ ହୁଏ ଅନେକ ତର୍କ ଓ ବିତର୍କ। ଶେଷରେ ଦୂର ବାଛି ନିଏ ଜରାଶ୍ରମ ଏବଂ କହି ଉଠେ - "ସବୁ ସେଇ ଦଇବର ଗତି। ତାକୁ କିଏ ବୁଝିଲାଣି ନା ବୁଝିପାରିବ।" 'ଜେଜେ ମା'ର ସ୍ୱପ୍ନ'ରେ ତା'ର ସ୍ୱପ୍ନକୁ ପୂରଣ କରେ ବାଇନ। ଗୋଟେ ମଧ୍ୟବର୍ତ୍ତୀ ପରିବାରର ସବୁ ସ୍ୱପ୍ନ ଏହି ଗଳ୍ପରେ ପାଠକ ପ୍ରାଣରେ ଉଙ୍କି ମାରେ। ବାଇନ ପାଇଁ ଦେଖିଥିବା ପ୍ରତ୍ୟେକଟି ସ୍ୱପ୍ନ ପୂରଣ ହେବା ପୂର୍ବରୁ ଜେଜେମା'ର ଅକାଳ ବିୟୋଗ ଘଟେ। ଏବଂ ସମଗ୍ର ପରିବେଶକୁ କାରୁଣ୍ୟରେ ଭରିଦିଏ। 'ଊର୍ମିର ଅହଂକାର'ରେ ଊର୍ମିର ଅହଂକାର ତା'ର ଦାମ୍ପତ୍ୟ ଜୀବନରେ ଗୋଟେ ଲମ୍ବା ରେଖା ଟାଣି ଦିଏ। ସ୍ୱାମୀ ସୁକେଶ ପ୍ରତି ତା'ର ଗର୍ବ ଦିନେ ତାକୁ ବିଫଳ ରାସ୍ତାର ପଥିକ ସଜାଏ। ସୁକେଶ ବ୍ୟବହାରରେ ଊର୍ମି ପରିବର୍ତ୍ତନ ମାର୍ଗକୁ ଆପଣେଇ ପାରେନା ସତ ହେଲେ ତାକୁ ଯେ ପରବର୍ତ୍ତୀ ସମୟରେ ସେହି ସ୍ୱାମୀଙ୍କର ମାର୍ଗକୁ ଆପଣେଇବାକୁ ପଡୁଥିବାରୁ ସେ ପଶ୍ଚାତାପ କରେ। ଊର୍ମି ନାରୀ ସଶକ୍ତିକରଣର ଦୃଢ଼ ବାର୍ତ୍ତା ଧରି ନାରୀ ସ୍ୱେଚ୍ଛାଚାରିତାର ମାର୍ଗକୁ ଆପଣେଇ ନେବାକୁ ଗାଳ୍ପିକ ଖୁବ୍ ପ୍ରତିକ୍ରିୟାଶୀଳ ହୋଇ ଉଠନ୍ତି। ଏହାଦ୍ୱାରା ଯେ ଗୋଟେ ସଂସାର ଉଜୁଡ଼ି ଯାଏ, ଗୋଟେ ଜୀବନ ଯେ ପଙ୍ଗୁ ପାଲଟେ ଏକଥା ଗାଳ୍ପିକ ଅତି ସତର୍କତାର ସହ ଉପସ୍ଥାପନ କରନ୍ତି।

ସେହିପରି 'ନିବିଡ଼ ଶୂନ୍ୟତା'ରେ ଶୂନ୍ୟତା ହିଁ ଗଳ୍ପଟିର ଚରାଭୂଇଁ ପାଲଟେ କିଛି ଡାକ୍ତରୀ ଅବହେଳା ରୋଗୀ ଜୀବନକୁ ଯେ ସଂକଟରେ ପକାଏ ତାହା ଗାଳ୍ପିକ କହିବାକୁ ଚାହାନ୍ତି। ରାକେଶ ଅସହାୟ ଭାବରେ ନିଜ ଭାଇର ମୃତ୍ୟୁକୁ ସହ୍ୟ କରିପାରେନା। ବର୍ଷିଯାଏ ତା'ର ସମସ୍ତ ଗାଳି ସାମ୍ପ୍ରତିକ ବିଧି ବ୍ୟବସ୍ଥା ଉପରେ। ଏ ଦୁନିଆରେ ପ୍ରଭାବଶାଳୀ ନ ହେଲେ ଯେକୌଣସି କାର୍ଯ୍ୟ ସିଦ୍ଧି ଲାଭ କରାଯାଇପାରେନା। କାହାଣୀଟି ପଢ଼ିଲେ ତାହା ଜାଣି ହୁଏ। ସବୁ ସତ୍ତ୍ୱେ କାରୁଣ୍ୟ ଗଳ୍ପର ମୁଖ୍ୟ ସ୍ୱର।

ସେହିପରି 'ଜୀବନ ତଳ ଜୀବନ' ଗଳ୍ପରେ ଗାଳ୍ପିକ ଜୀବନବାଦୀ ହୋଇ ଉଠିଛନ୍ତି। ଶୁଭେନ୍ଦୁ ଜୀବନର ପାରିବାରିକ ଯନ୍ତ୍ରଣା କାହାଣୀଟିକୁ ମାର୍ମିକତା ପ୍ରଦାନ କରେ। ଗାଳ୍ପିକଙ୍କ ଅନ୍ୟ ଗଳ୍ପ ଭଳି ଏହି ଗଳ୍ପଟିରେ ନାରୀ ସଶକ୍ତିକରଣ ନାମରେ ନାରୀ ସ୍ୱେଚ୍ଛାଚାରିତା ମୁଖ୍ୟ ପ୍ରସଙ୍ଗ ପାଲଟେ। ସ୍ତ୍ରୀ ସନ୍ଧ୍ୟାବତୀ ଭଲ

ଦରମାରେ ଶିକ୍ଷୟିତ୍ରୀଟିଏ ହୋଇ ମଧ୍ୟ ପରିବାରରେ ଶାନ୍ତି ନ ଥାଏ। ସନ୍ଧ୍ୟାବତୀଙ୍କ ଭଉଣୀ ଚେମି ସେହି ଘରେ ଏକପ୍ରକାର ମନ୍ଥରାର କାର୍ଯ୍ୟ ତୁଲାଇ ପରିବାରକୁ ଧ୍ୱଂସ ପଥକୁ ଟାଣି ନିଅନ୍ତ। ବିଚରା ଶୁଭେନ୍ଦୁ ଅସନ୍ତୋଷର ଅଗ୍ନିରେ ଜଳି ଏକ ପ୍ରକାର ଜଡ଼ ପାଲଟି ଯାଆନ୍ତି। ଏବଂ ଶେଷରେ ଆପଣେଇ ନିଅନ୍ତି ଗୋଟେ ନୂଆ ଦୁନିଆକୁ। ଗାଳ୍ପିକଙ୍କ ବର୍ଣ୍ଣନାରେ – "ସେ ଖୋଜୁଛି ଗୋଟିଏ ନୂତନ ଦୁନିଆ। ଗଢ଼ିଛି ସଂଘ। ଭଲ ପାଇବାର ସଂଘ। ଯେଉଁଠି କେବଳ ସମ୍ପର୍କ, ଭଲପାଇବା, ପ୍ରେମ ଅଛି। ଗାଁ ଗାଁ ବୁଲି ତୋଳିଛନ୍ତି ପ୍ରେମ ଘର, ପ୍ରେମ – ନଗର। କୃତ୍ରିମ ଦୁନିଆରୁ ଫେରାଇ ଆଣି, ବାସ୍ତବ ଦୁନିଆର ସ୍ୱାଦ ଖାଇଛନ୍ତି। ବସ୍ତୁକୈନ୍ଦ୍ରିକ ଦୁନିଆ ନୁହେଁ ବରଂ ଗୋଟିଏ ଶାଶ୍ୱତ ସୁନ୍ଦର ପ୍ରେମ ଛଳଛଳ ଦୁନିଆ ତାଙ୍କୁ ବାଟ କଢ଼େଇ ନେଇଛି। ନୂଆ ସ୍ୱପ୍ନରେ ବାରମ୍ବାର ହେଉଛନ୍ତି ବିଭୋର।"

'ରଣାଗୁଣ୍ଡି' ଲେଖକଙ୍କ ଏକ ଚମତ୍କାର ମର୍ମସ୍ପର୍ଶୀ ଗଳ୍ପ। ସାମ୍ପ୍ରତିକ ବିଧି ବ୍ୟବସ୍ଥାକୁ ଲେଖକ ବିରୋଧ କରନ୍ତି। ଗୋଟିଏ ଅପନ୍ତରା ମୁଲକ ରଣାଗୁଣ୍ଡି। ସରକାରୀ ସୁବିଧାର ଖୁବ୍ ଦୂରରେ ଥିବା କେତୋଟି ଆଦିବାସୀ ଚରିତ୍ର ବିଶେଷ କିଛି ବେଙ୍ଗ ବବଙ୍ଗା ଓ ସତୁରା ବିବଙ୍ଗାଙ୍କ ଜୀବନ ଖାତାକୁ ପଢ଼ିବାକୁ ଗାଳ୍ପିକ ସମର୍ଥ ହୁଅନ୍ତି। ଏବଂ ସେମାନଙ୍କ ଦୁଃଖରେ ସମଦୁଃଖୀ ହୋଇ ସରକାରଙ୍କ ନୀତି ନିୟମ ବିରୋଧରେ ଗର୍ଜନତର୍ଜନ କରନ୍ତି। ସୁକିନ୍ଦା କଳିଙ୍ଗ ନଗରରେ କାରଖାନା ସ୍ଥାପନ ହେବା ଓ ସ୍ଥାନୀୟ ଆଦିବାସୀ ବିସ୍ଥାପିତ ହେବା ଏବଂ ତା'ର ପରବର୍ତ୍ତୀ ଅବସ୍ଥାକୁ ସେମାନେ ଯେପରି ଭୋଗିଛନ୍ତି ଗାଳ୍ପିକ ସତେ ଯେପରି ସାମ୍ବାଦିକତାର ଭୂମିକାରେ ଅବତୀର୍ଣ୍ଣ ହୋଇ ପାଠକ ସାମ୍ନାରେ ସେ ସବୁ ଦୃଶ୍ୟକୁ ବଖାଣି ଚାଲନ୍ତି।

## ଉପସଂହାର :

ମୋଟ ଉପରେ କହିବାକୁ ଗଲେ ଏଥିରେ ସ୍ଥାନିତ ସମସ୍ତ ଗଳ୍ପରେ ଦୁଃଖ, ଅସହାୟତା, କାରୁଣ୍ୟ ପରିଲକ୍ଷିତ ହେଲେ ମଧ୍ୟ ସବୁକୁ ଟପି ଜୀବନର ଗାନ ଗାଳ୍ପିକ କରିଛନ୍ତି। ଅଧିକାଂଶ ଗଳ୍ପରେ ନାରୀର ସ୍ୱେଚ୍ଛାଚାରିତାକୁ ଗାଳ୍ପିକ କରିଛନ୍ତି। ଅଧିକାଂଶ ଗଳ୍ପରେ ନାରୀର ସ୍ୱେଚ୍ଛାଚାରିତାକୁ ଗାଳ୍ପିକ ନାପସନ୍ଦ କରନ୍ତି। ଯେଉଁଠି ନାରୀଟିଏ ମା ନାରୀଟିଏ ନାରାୟଣୀ ସେ ଜାଗାରେ ନାରୀ ସଶକ୍ତିକରଣର ବାର୍ତ୍ତା ଦେଇ ନାରୀଟିଏ ସ୍ୱେଚ୍ଛାଚାରିତା ହୋଇଯିବାରେ କିଭଳି ଗୋଟିଏ ପରିବାର ଭୁଶୁଡ଼ି ପଡ଼େ ଗାଳ୍ପିକ ତା'ର ଚମତ୍କାର ଉଦାହରଣ ଦେଇଛନ୍ତି। ପ୍ରତ୍ୟେକଟି ଗଳ୍ପରେ କାହାଣୀ ଅଛି, ହେଲେ ଚରିତ୍ରମାନେ ମୁଖ୍ୟ ଭୂମିକା ନେଇଛନ୍ତି। ସର୍ବୋପରି କହିବାକୁ ଗଲେ ଚିତ୍ତରଞ୍ଜନ ଜଣେ ସାମ୍ବାଦିକର ଭୂମିକାରେ ଚରିତ୍ରମାନଙ୍କୁ ଟିକିନିକି ତନଖି ସେମାନଙ୍କ ମୁଖାକୁ ସାର୍ବଜନୀନ କରିଛନ୍ତି।

## ସହାୟକ ଗ୍ରନ୍ଥସୂଚୀ :


୧) ଚିତ୍ତରଞ୍ଜନ ବେହେରା – ଭିନ୍ନ ପୃଥିବୀ ଓ ଅନ୍ୟାନ୍ୟ ଗଳ୍ପ।

୨) ତତ୍ରୈବ।

୩) ତତ୍ରୈବ।


❖ ❖ ❖

DOI : https://doi.org/10.5281/zenodo.18813021 ମୂଳ ପ୍ରବନ୍ଧ

# ହିନ୍ଦୁ ମୁସଲିମ ସମ୍ପ୍ରଦାୟର ବାର୍ତ୍ତାବହ ମୋଗଲ ତାମସା

**ଦେବବ୍ରତ ପାଢ଼ୀ**

**ସଂକ୍ଷିପ୍ତସାର:**

ମୋଗଲ ତାମସା ହେଉଛି ଲୋକକଳାର ବହୁ ପୁରାତନ ନାଟ୍ୟକଳା। ହିନ୍ଦୁ ଓ ମୁସଲମାନ ମଧ୍ୟରେ ସଦ୍‌ଭାବ ସ୍ଥାପନ ପାଇଁ ଏହି କଳାର ସୃଷ୍ଟି। ୧୭୦୦ ମସିହା ପ୍ରାରମ୍ଭ ସମୟରେ ଓଡ଼ିଶା ଯେତେବେଳେ ବଙ୍ଗ ଅଧିବେଶନରେ ଥିଲେ ସେହି ସମୟରେ ଶାସନର ଭାର ମୁର୍ସିଦ୍ କୁଲିଙ୍କ ହାତରେ ଥିଲା। ସେ ଥିଲେ ଜଣେ ଉଦାରବାଦୀ ଶାସକ। ଔରଙ୍ଗଜେବଙ୍କ ସମୟରେ ଯେଉଁ ହିନ୍ଦୁ ବିରୋଧୀ ନୀତି ପ୍ରଚଳନ ଥିଲା ସେ ତାହାକୁ ବନ୍ଦ କରାଇଥିଲେ। ଏହାସହ ଉଭୟ ସମ୍ପ୍ରଦାୟ ମଧ୍ୟରେ ସଦ୍‌ଭାବ ସ୍ଥାପନ ପାଇଁ ପ୍ରଥମେ ଉଦ୍ୟମ କରିଥିଲେ। ଏହି ଉଦ୍ୟମର ଫଳସ୍ୱରୂପ ରଚନା କରାଯାଇଥିଲା ମୋଗଲ ତାମସା। ବଂଶୀବଲ୍ଲଭ ଗୋସ୍ୱାମୀ ୧୭୨୮ ମସିହାରେ ମୋଗଲ ତାମସା ଲେଖିଥିଲେ ବୋଲି ଜଣାଯାଏ। ଏହା ଥିଲା ହାସ୍ୟୋଦ୍ଦିପଦୀ ମନୋରଞ୍ଜନଧର୍ମୀ ନାଟକ। ଏହା ଥିଲା ଉଭୟ ହିନ୍ଦୁ ଓ ମୁସଲମାନ ଧାର୍ମିକ ପରମ୍ପରାର ଜୟଗାନ କରିବା। ୧୯୬୬ ମସିହାରେ ଭଦ୍ରକ ମହାବିଦ୍ୟାଳୟରେ କୃଷ୍ଣଚରଣ ବେହେରା ଅଧ୍ୟାପକ ଥିଲେ। ସେହି ସମୟରେ ମୋଗଲ ତାମସାର କଳାକାରମାନେ ମନେ ରଖିଥିବା ସଂଳାପକୁ ଲେଖିବା ସହିତ ତାଳପତ୍ରରେ ଲିଖିତ ଥିବା ସଂଳାପକୁ କାଗଜରେ ଲେଖାଇ ଥିଲେ। ଏହି ନୂତନ ଉଦ୍ୟମ ଯୋଗୁ ୨୫୦ ବର୍ଷର ପୁରୁଣା ଲୋକକଳା ଆଜି ମଧ୍ୟ ଭଦ୍ରକ ଅଞ୍ଚଳର ସଂସ୍କୃତି ଭାବେ ପରିଚିତ।

**ପ୍ରମୁଖ ଶବ୍ଦାବଳୀ:**

ମୋଗଲ ତାମସା, ପାଣ୍ଡୁଲିପି, ରଙ୍ଗମଞ୍ଚ, ସମ୍ପ୍ରଦାୟ, ଜମିଦାର।

ମୋଗଲ ତାମସାର ରଚୟିତା ବଂଶୀବଲ୍ଲଭ ଗୋସ୍ୱାମୀ। ରଚନାକାଳ ଅଷ୍ଟାଦଶ ଶତାବ୍ଦୀର ଶେଷଭାଗ। ହିନ୍ଦୁ ମୁସଲମାନ ମୈତ୍ରୀଭାବ ମୋଗଲ ତାମସା। ବଂଶୀବଲ୍ଲଭଙ୍କ ପିତା ସତ୍ୟନାରାୟଣ ଗୋସ୍ୱାମୀ, ମାତା ସତ୍ୟବତୀ। ପିତାମାତାଙ୍କର ତୃତୀୟ ସନ୍ତାନ ଥିଲେ ବଂଶୀବଲ୍ଲଭ। ବଡ଼ଭାଇଙ୍କ ପରି ବଂଶୀବଲ୍ଲଭ ପଣ୍ଡିତ ନଥିଲେ। ଦୈବୀକୃପାରୁ ପାଣ୍ଡିତ୍ୟ ପ୍ରାପ୍ତ ହୋଇଥିଲେ ବୋଲି ଶୁଣିବାକୁ ମିଳେ। ତାଙ୍କ ରଚିତ ତାମସା ଗୁଡ଼ିକ ହେଉଛି ଭିଲ୍ ତାମସା, ମୋଗଲ ତାମସା, ରାଧାକୃଷ୍ଣ ତାମସା, ଚଉଡ଼ା ତାମସା, ଯୋଗୀ ତାମସା, 'କୀର ତାମସା, ଲେନିନ୍ ମିଜାବାଇ ତାମସା। ବଂଶୀବଲ୍ଲଭଙ୍କ ରଚିତ ମୋଗଲ ତାମସା ୧୯୬୬ ମସିହାରେ ଗବେଷକ କୃଷ୍ଣଚରଣ ବେହେରାଙ୍କ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢ଼ିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.18813021
Article No - BPP00388

**ଯୋଗାଯୋଗ :**
**ଦେବବ୍ରତ ପାଢୀ,** ଗବେଷକ, ଓଡ଼ିଆ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ
**Email:**debabaratapadhi1997@gmail.com
**ORCID ID:** https://orcid.org/0009-0009-4845-2536

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୪.୧୦.୨୦୨୫ | ୧୩.୧୧.୨୦୨୫ | ୨୬.୧୨.୨୦୨୫ | ୧.୦୧.୨୦୨୬ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ପାଢୀ, ଦେବବ୍ରତ; ୨୦୨୬। ହିନ୍ଦୁ ମୁସଲିମ ସମ୍ପ୍ରଦାୟର ବାର୍ତ୍ତାବହ ମୋଗଲ ତାମସା। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଟ, ପୃଷ୍ଠା : ୫୨-୫୫।

ଦ୍ୱାରା ସମ୍ପାଦିତ ହୋଇ ପୁସ୍ତକ ଆକାରରେ ପ୍ରକାଶ ପାଇଅଛି। ମୋଗଲ ତାମସାର ଦ୍ୱିବିଧ ରୂପ ରହିଥିଲା। (୧) ବାଦଶାହୀ ମୋଗଲ, (୨) ସୌଦାଗରୀ ମୋଗଲ। ସୌଦାଗରୀ ମୋଗଲର ପାଣ୍ଡୁଲିପି ଦୁଷ୍ପ୍ରାପ୍ୟ। ବାଦଶାହୀ ମୋଗଲର ପାଣ୍ଡୁଲିପି ପ୍ରାପ୍ତ ହେଉଛି। ପ୍ରାପ୍ତ ହେଉଥିବା ପାଣ୍ଡୁଲିପି ଗୁଡ଼ିକ ସାଧାରଣ କାଗଜ ବା ବାଲି କାଗଜରେ ଲିପିବଦ୍ଧ। ପାଣ୍ଡୁଲିପିଗୁଡ଼ିକ ଭଦ୍ରକର ସନ୍ଥିଆ, କୁଆଁସ, ସାହାସପୁର, ଜାନୁଗଞ୍ଜ ଅଞ୍ଚଳରୁ ପ୍ରାପ୍ତ ଏବଂ ଏହି ଅଞ୍ଚଳ ମଧ୍ୟ ମୋଗଲ ତାମସାର ଅଭିନୀତ ସ୍ଥଳ। ମୋଗଲ ତାମସା ଅଭିନୟର କ୍ଷେତ୍ର ହେଉଛି ମୁକ୍ତ ରଙ୍ଗମଞ୍ଚ। ବିଶେଷ କରି ଶିବ ମନ୍ଦିର ପ୍ରାଙ୍ଗଣ ଏଥିପାଇଁ ଉପଯୁକ୍ତ। ତିନି ପାଖରେ ଦର୍ଶକ ବସନ୍ତି ଏବଂ ଅଭିନେତାଙ୍କର ଜୀବନ୍ତ ଅଭିନୟକୁ ଉପଭୋଗ କରନ୍ତି। ମଞ୍ଚ ଉପରେ ମିର୍ଜା ସାହେବଙ୍କ ବସିବା ପାଇଁ ସିଂହାସନଟିଏ ରହିଥାଏ। ସିଂହାସନକୁ ବିଭିନ୍ନ ରଙ୍ଗର ମଖମଲ କପଡ଼ାରେ ସଜା ଯାଇଥାଏ ଓ ଫୁଲ ମଧ୍ୟ ବ୍ୟବହୃତ ହୋଇଥାଏ। ସିଂହାସନ ସାମ୍ନାରେ ଅଳ୍ପ ସ୍ଥାନ ଅଭିନୟ ପାଇଁ ଛାଡ଼ି ଦିଆଯାଏ। ପୂର୍ବେ ମୋଗଲ ତାମସାରେ ମହମବତୀ ଲଗାଇ ଅଭିନୟ କରାଯାଉଥିଲା। କିନ୍ତୁ ଆଜି ସମୟ ବଦଳିଛି ସମୟ ସହିତ ତାଳ ଦେଇ ମୋଗଲ ତାମସାର ରୂପ ମଧ୍ୟ ବଦଳିଛି। ମହମବତୀର ସ୍ଥାନ ନେଇଛି ବିଜୁଳିବତୀ ଏବଂ ବିଜୁଳିର ବ୍ୟବହାର ନାଟକକୁ ଅତ୍ୟନ୍ତ ଚିତ୍ତାକର୍ଷକ କରିଛି□। ମୋଗଲ ତାମସା ଅଭିନୟ ପୂର୍ବରୁ ଉଚ୍ଚ ସ୍ୱରରେ ଢୋଲ, କାହାଳୀ, ଯୋଡ଼ି ନାଗରା ବଜାଯାଏ। ବଜାଇବାର ମୁଖ୍ୟ କାରଣ ହେଉଛି ଦର୍ଶକଙ୍କୁ ଆକର୍ଷିତ କରିବା। ମୋଗଲ ତାମସାର ସ୍ୱାତନ୍ତ୍ର୍ୟ ହେଉଛି ଏହା ହିନ୍ଦୁ ଆଉ ମୁସଲମାନ ସଂସ୍କୃତିର ବାର୍ତ୍ତାବହ। ଉଭୟ ସଂପ୍ରଦାୟର ଲୋକ ଏଥିରେ ଅଂଶ ଗ୍ରହଣ କରିଥାନ୍ତି। ପ୍ରଥମେ ନାରୀ ଭୂମିକାରେ ପୁରୁଷ ଅଭିନୟ କରୁଥିଲେ। ବର୍ତ୍ତମାନ ସିଧାସଳଖ ନାରୀମାନେ ଅଭିନୟ କଲେଣି। ଚୋପଦାର, ମିର୍ଜା ସାହେବ, ଭେସ୍ତି ଖାଲା, 'ଉରାସ୍, ତୋତି ବରଦାର ଆଦି ଚରିତ୍ର ମୁସଲମାନୀ ପୋଷାକ ପିନ୍ଧିଥାନ୍ତି। ଜମିଦାରଙ୍କ ବୈଷ୍ଣବ ବେଶ, ଗଉଡୁଣୀ ହିନ୍ଦୁ ନାରୀ ବେଶ ହୋଇଥାଏ। ପ୍ରତ୍ୟେକଟି ଚରିତ୍ର ନୃତ୍ୟରେ ନିପୁଣ। ମୋଗଲ ତାମସା ଏକ ହାସ୍ୟ ରସାତ୍ମକ ନାଟକ କାରଣ ଏହାର ପ୍ରତ୍ୟେକ ଚରିତ୍ର ସେମାନଙ୍କର ଅଭିନୟ ଏବଂ ସଂଳାପ ହାସ୍ୟରସର ପ୍ରମୁଖ ଉପାଦାନ। ପ୍ରଥମେ ଆସରୱାଲା, ଗାୟକ ଏବଂ ବାଦ୍ୟକାରଙ୍କ ମିଳିତ କଣ୍ଠରେ ଶିବ ବନ୍ଦନା କରାଯାଏ।

"ଜୟେ ଜୟେ ଗର୍ଭେଶ୍ୱର ଭୋଲା
ବୃଷଭ ସୱାରେ ବାଘମ୍ବର ପୈରୋ ଜୟେ ଗର୍ଭେଶ୍ୱର ଭୋଲା।
ବଲେ ଆସନ ଭଭୂତ ଭୂଷନ ଖାୟେତ ଭାଙ୍ଗ୍ କି ପ୍ୟାଲା ॥
ବାଗେ ହାତେ ତ୍ରିଶୁଲ ଲିୟେ ନାଚେ ତ ଭୂତ ବେତାଲା।
ବଲ୍ଲଭ ବୋଲେତ ହେ ଶିବ ଶଙ୍କର ଆପ ହି ଜଗତ ଉଜାଲା ॥"

ଏହାପରେ ଦୁଇ ମୁଖ୍ୟ ଚରିତ୍ର ଚୋପଦାରଙ୍କର ପ୍ରବେଶ ହୋଇଥାଏ। ଦୁଇଜଣ ଚୋପଦାର ମିର୍ଜା ସାହେବଙ୍କ ଅତ୍ୟନ୍ତ ବିଶ୍ୱସ୍ତ। ନାଟକର ଆରମ୍ଭରୁ ଏହି ଦୁଇଟି ଚରିତ୍ର ମଞ୍ଚରେ ରହି ନାଟକଟିକୁ ଶେଷ ପର୍ଯ୍ୟନ୍ତ ଗତିଶୀଳ କରାଇଥାନ୍ତି। ମିର୍ଜା ସାହେବଙ୍କ ସମସ୍ତ ଆଦେଶ ପାର୍ଶ୍ୱ ଚରିତ୍ରକୁ କହିବା ଆଳରେ ଦର୍ଶକଙ୍କୁ ଜଣାଇ ଦେଇଥାନ୍ତି। ଆନୁଷ୍ଠାନିକ ଭାବେ ନାଟକର ଆରମ୍ଭ ଏହି ଚୋପଦାରଙ୍କ ସଂଳାପରେ ହିଁ ଆରମ୍ଭ ହୋଇଥାଏ।

"ଦବେ ଯାଓ। ଦବେ ଯାଓ। ଦବେ ଯାଓ। ଦବେ ଯାଓ।
ଦବେ ଖଡ଼େ ହୋ! ହଟ୍ ଖଡ଼େ ହୋ! ଅଦବ ଦବା।"

ଏହାପରେ ଚୋପଦାରମାନେ ମିର୍ଜା ସାହେବଙ୍କୁ ସଲାମ୍ କରି ହାସ୍ୟକର ସଂଳାପ ପ୍ରୟୋଗରେ ଦର୍ଶକଙ୍କ ମନୋରଞ୍ଜନ କରିଥାନ୍ତି। ଏହାପରେ ଭେସ୍ତି ନାମକ ଚରିତ୍ରକୁ ମଞ୍ଚକୁ ମିର୍ଜା ସାହେବଙ୍କ ଆଦେଶରେ ଚୋପଦାରମାନେ ଡାକିଛନ୍ତି।

ଭେସ୍ତି ବଲେ ଡାକୁଛ ନକିବଜୀ
(ବାବୁ) ଆମି ବିଷମ ଫେରେ ପଡ଼େଛି।
ମଶକ ଆମାର ଛିଲ ଯେ ବାଂଧା
ଇନ୍ଦୁରେ ତାୟ କରେଛେ ଛାନ୍ଦା
ଜଲ୍ ଆନ୍ ତେ ଗେଲେ ବୟେ ପଡ଼େ
ପଥେ ବସେ କାନ୍ଦିତେଛେ।

ପାଣି ମସକ୍ (ପାତ୍ର) ଓ ଅତର ଦାନି ଧରି ନୃତ୍ୟ ସହିତ ନିଜର ଗୀତ ମାଧ୍ୟମରେ ମିର୍ଜା ସାହେବଙ୍କୁ ସୂଚାଇ ଦେଇଛି ଯେ ମସକ୍ ବା ପାତ୍ରଟି ଭାଙ୍ଗି ଯିବାରୁ ଏଠାକୁ ପାଣି ଆଣିବା ବିଳମ୍ବ ହେଲା। ନୂଆ ମସକ୍ କିଣିବା ପାଇଁ ମିର୍ଜା ସାହେବଙ୍କ ଠାରୁ ୧୦୦ ଟଙ୍କା ନେଇଛି। ଲାଲଦୀଘି ଓ ଗଙ୍ଗାରୁ ପାଣି ଆଣିବାକୁ ଅସମର୍ଥ ହୋଇ ଶେଷରେ ଗୋଲତାଲାରୁ ପାଣି ଆଣି ମିର୍ଜାଙ୍କର ତୃଷା ନିବାରଣ କରିଛି। ଏହି ଭେସ୍ତିର ସଂଳାପ ବଙ୍ଗାଳୀ ଓ ଉର୍ଦ୍ଦୁ ଭାଷାରେ ଆମେ ଦେଖିବାକୁ ପାଇବା। ଏହାପରେ ମଦ ନିଶାରେ ଢଳିଢଳି ମଞ୍ଚ ଉପରକୁ ପ୍ରବେଶ କରିଛି ଝାଡୁୱାଲା।

"କୋନ୍ ବୁଲଓ୍ୱେ ଝାଡୁଓ୍ୱାଲା ଓ ଲାଲା
ମେଁ ତୋ ହୁଁ ବୁନିଆଦିଓ୍ୱାଲା
ମଦ୍ ତାଡ଼ି ମେ ଗାଞ୍ଜାଖାୟା ଭାଙ୍ଗ୍ ଚୁବି ଚଣ୍ଡ୍ ପିୟା
ନିଶା ଜୋର୍ ସେ ହୁଆ ଭରା ଦିଲ୍ ମେରା।"

ଏହାପରେ ମିର୍ଜା ସାହେବଙ୍କ ଠାରୁ ୫୦ ଟଙ୍କା ବଇନା ନେଇ ମହାଦେବଙ୍କ ଭଜନ ଗାଇ ଗାଇ ଝାଡୁଓ୍ୱାଲାର ପ୍ରସ୍ଥାନ। ପରବର୍ତ୍ତୀ ଚରିତ୍ର ହେଉଛି 'ଫରରାସ' ଯେ କି ହାତରେ ମଦ ବୋତଲ, କାନ୍ଧରେ ତଉଲିଆ ବିଛଣା ସଜ କେତେକ ଘେନି ମଞ୍ଚରେ ପ୍ରବେଶ। ଚୋପଦାର ଓ ମିର୍ଜା ସାହେବଙ୍କ ଆଦେଶରେ ମିର୍ଜା ସାହେବଙ୍କ ପାଇଁ ବିଛଣା ପ୍ରସ୍ତୁତ କରିସାରି ମହାଦେବଙ୍କ ଗୁଣଗାନ ଓ ଫରରାସର ପ୍ରସ୍ଥାନ।

"ପାୟ ଟଲେ ଟଲେ ଢଲେ ପଡ଼େ ଓଇତ ବଡ଼ ମଜା
ଏକ ପଇସାର ମଦ କିନେ ଖେୟେ ଚିଲାମ ଛତିଶ ଜନେ।
ଆଦ ପଇସାର ପୋଟଲ କିନେ କରେ ଛିଲାମ୍ ଭାଜା
ନର୍ଦ୍ଦମାତେ ଶୁୟେ ଥାକି ହଜାର ଟାକାର ସ୍ୱପ୍ନ ଦେଖି।
ଜମରାଜା କେ ଫାଙ୍କି ଦିଏ ଆମି ହଲାମ୍ ରାଜା।"

ଆସର୍ଓ୍ୱାଲାର ପ୍ରଶ୍ନ କ୍ରମେ ମିର୍ଜା ସାହେବଙ୍କ ଚାକରମାନଙ୍କ ବିଷୟରେ ଜଣାପଡ଼େ। ଦେଓ୍ୱାନ, ନାଓ୍ୱେବ ଦେଓ୍ୱାନ, ସୁବେଦାରାନ, ଜମିଦାରାନ, ଜମାଦାରନ୍, ଗୁମାସ୍ତା, ଛୋଟି ଦରବାର, ମୋଟି ଦରବାର, ଝାଡୁ ଦରବାର, ପଙ୍ଖା ଦରବାର, ହୁକା ଦରବାର, ତେଲେଙ୍ଗା ସିପାୟନ୍, ଓଲନ୍ଦାଜାନ୍, ବରକାନ୍ଦାଜାନ୍, ସର୍ବରାକାନ୍ ପିୟାଦାରାନ୍, ସିରସ୍ତାଦାରାନ୍, ପେସ୍କାରନ୍, ନାଜରାନ, ଓଗେରାନ୍ ଗରିଦ୍। ଏଥିରୁ ତତ୍କାଳୀନ ମୋଗଲ ସାହେବଙ୍କର ବିଳାସିତ ଜୀବନ ସମ୍ପର୍କରେ ଆମେ ଜାଣିବାକୁ ପାଉ।

ଏହାପରେ ମିର୍ଜା ସାହେବ କେତେ ବହି ପଢ଼ିଛନ୍ତି, କେତେ ପଶୁପକ୍ଷୀ ତାଙ୍କ ନିକଟରେ ଅଛନ୍ତି, ତାଙ୍କର କେତେ ବଗିଚା ଅଛି ସେ ବିଷୟରେ ସୂଚନା ଦିଆଯାଇଛି। ପରବର୍ତ୍ତୀ ପାର୍ଶ୍ୱ ଚରିତ୍ର ହେଉଛି ହୁକାଓ୍ୱାଲା।

ଚଲ ଗାଞ୍ଜା ଖୋର୍
ଏକ ଚିଲମ ହୟେନା ମଜା
**ପାଚୀ:** *ହିନ୍ଦୁ ମୁସଲିମ ସମ୍ପ୍ରଦାୟର ବାର୍ତ୍ତାବହ ମୋଗଲ ତାମସା*
ଦୁଇ ଚିଲାମେ ଶରୀର ତାଜା
ତିନ୍ ଚିଲମେ ମଦନମୋହନ
ତାର ଚିଲମେ ନରେଶ୍ୱର।

ହୁକାଓ୍ୱାଲା ପରେ ପଙ୍ଖାଓ୍ୱାଲାକୁ ମଞ୍ଚକୁ ଡକାଯାଇଛି। ପଙ୍ଖାଓ୍ୱାଲା ସହ ଜଣେ ସ୍ତ୍ରୀଲୋକ ଥିବା ଗୀତ ଗାଇ ଗାଇ ପ୍ରବେଶ।

ମୁଝେ ପଙ୍ଖାଓ୍ୱାଲା ପଙ୍ଖାଓ୍ୱାଲା କୋନ୍ ଫୁକାରା
ପଙ୍ଖାକୋ ମେ ଛୋଡ଼କେ ବାବୁ
ଗୟା ଥା ବେସୋରା।

ଏହାପରେ ଭାଟ ଚରିତ୍ର ଆସି ମା କାଳୀ, ମା ଭବାନୀଙ୍କର ବନ୍ଦନା ଗାଇ ମିର୍ଜାଙ୍କୁ କିଛି ଟଙ୍କା ମାଗି ଯାଇଛି। ଏହାପରେ ଚାରିଜଣ ଶିଖ୍ ଗୁରୁ 'ନାନକ' ଦୁଇଖଣ୍ଡ କାଠି ଧରି ବଜାଇ ବଜାଇ ଆସିବେ। ପାଞ୍ଚଶହ ଟଙ୍କା ନେଇ ମିର୍ଜା ସାହେବଙ୍କୁ ସଲାମ କରି ପ୍ରସ୍ଥାନ। ପରବର୍ତ୍ତୀ ସମୟରେ ଦପ୍ତର କିଛି ବହି ଧରି ପ୍ରବେଶ କରିଛି। ଏହାପରେ ଚଟନିଓ୍ୱାଲାର ପ୍ରବେଶ ଓ ପ୍ରସ୍ଥାନ। ତୋତି ପିଞ୍ଜରାବଦ୍ଧ ପକ୍ଷୀ ସାଙ୍ଗରେ ମଞ୍ଚରେ ପ୍ରବେଶ।

ଏହାପରେ ଜମିଦାର, ବାରିକ ମଧୁ, ଗୁମାସ୍ତାଙ୍କର ଏକା ସାଙ୍ଗରେ ମଞ୍ଚକୁ ପ୍ରବେଶ। ଜମିଦାରଙ୍କ ଖନା ଭାବରେ ସଂଳାପ, ଗୁମାସ୍ତାଙ୍କର ବ୍ୟଙ୍ଗ ସଂଳାପ ଦର୍ଶକଙ୍କ ମୁହଁରେ ହସ ଫୁଟାଏ। ଶେଷରେ ସବୁଠାରୁ ଆକର୍ଷଣୀୟ ଚରିତ୍ର ଗଉଡୁଣୀ ଦହି ହାଣ୍ଡି ନେଇ ମଞ୍ଚରେ ପ୍ରବେଶ। ବିଭିନ୍ନ ଢଗ ଢମାଳି ଓ ଗୀତରେ ଗଉଡୁଣୀ ଦର୍ଶକଙ୍କ ମନକୁ କାନିରେ ଗଣ୍ଠି ପକାଇ ବାନ୍ଧି ରଖେ। ଜଣେ ହିନ୍ଦୁ ନାରୀ ପର ପୁରୁଷକୁ ଛୁଇଁବା ମହାପାପ। ମିର୍ଜା ସାହେବ୍ ଗଉଡୁଣୀ ପ୍ରତି ଆକୃଷ୍ଟ ହେଲେ ମଧ ନିଜକୁ ମୋଗଲ ପାଖରେ ସମର୍ପି ଦେବାକୁ ତିଳେ ହେଲେ ରାଜି ହୋଇନାହିଁ।

"ପଶ୍ଚିମେ ଯଦି ସେ ଭାନୁ ଉଇଁବ
ପର୍ବତେ ଶିଖେ କୁମୁଦ ଫୁଟିବ
ପାଣିରେ ପ୍ରଦୀପ ଯେବେ ଜଳିବ
ତେବେ ସେ ଯବନ ମୋତେ ଛୁଇଁବ।"

ଦୁଧଦହି ଭାଣ୍ଡ ଘେନି ଗଉଡୁଣୀର ପ୍ରସ୍ଥାନ ପରେ ପରେ ମିର୍ଜା ସାହେବଙ୍କର ମଧ ପ୍ରସ୍ଥାନ। ଗାୟକ ବାଦ୍ୟକାରଙ୍କ ଦ୍ୱାରା ଶିବ ବନ୍ଦନା ଗାନ। ସ୍ଥାନ ବିଶେଷରେ ଚରିତ୍ରମାନଙ୍କର ବେଶ ନିର୍ଦ୍ଦେଶକ ଉପରେ ନିର୍ଭର କରେ। ଆଜିର ଯାତ୍ରା ଜଗତର

ଯେଉଁ ହିନ୍ଦୀ ସଂଳାପ ପ୍ରୟୋଗ ହେଉଛି ତାହା ଏହି ମୋଗଲ ତାମସାର ପ୍ରଭାବ ବୋଲି ମନେହୁଏ। କେତେଗୁଡ଼ିଏ ଭାଷା ଓ ସଂସ୍କୃତିର ମିଳନରେ ମୋଗଲ ତାମସା ଆଜି ମଧ୍ୟ ନିଜର ସ୍ଥିତି ବଜାୟ ରଖିଛି।

**ସହାୟକ ଗ୍ରନ୍ଥସୂଚୀ :**


୧. ମୋଗଲ ତାମସା - ବେହେରା କୃଷ୍ଣଚରଣ, ଭାଗବତ ପ୍ରେସ୍, କଚେରୀ ରୋଡ୍, ଭଦ୍ରକ, ୧୯୬୬

୨. ମୋଗଲ ଓଡ଼ିଶା ଇତିହାସ ଓ ସଂସ୍କୃତି - ରାୟ ଭବାନୀଚରଣ, ବିଦ୍ୟାପୁରୀ, ବାଲୁବଜାର, କଟକ-୭୫୩୦୦୨, ୧୯୮୯

୩. Mughal Tamasha : A Distinctive Folk Dramaric Tradition of Odisha - Sahoo Abhijeet, Maharana Kumar Prashant, Europian Academic Research, Vol-II, Issue-II, Feb. 2015

୪. Mughal Tamasha (Insolvent specimen of Folk Theater Bhadrak District Odisha)- Nayak Umesh Chandra, International Journal of Current Research, Vol-14, Issue-5, pp-21431-21434, May-2022.




❖ ❖ ❖

DOI : https://doi.org/10.5281/zenodo.18813061

ମୂଳ ପ୍ରବନ୍ଧ

# ଅଶୀ ପରବର୍ତ୍ତୀ ଓଡ଼ିଆ କ୍ଷୁଦ୍ରଗଳ୍ପରେ ପ୍ରୌଢ ମନସ୍ତତ୍ୱ

**ଅଭିମନ୍ୟୁ ସାହୁ**

**ସଂକ୍ଷିପ୍ତସାର:**

ପାଶ୍ଚାତ୍ୟ ସାହିତ୍ୟ ଜଗତରୁ ୧ ୯ ୮ ୦ ପରବର୍ତୀ ସମୟରୁ ଓଡ଼ିଆ ସାହିତ୍ୟକୁ ଉତର ଆଧୁନିକ(POST MODERNISIM) ଚେତନା ପ୍ରବେଶ ହୋଇଥିବାର ଜଣାଯାଏ । ଏହି ସମୟରେ ମଣିଷର ବଂଚିବାକୁ ନେଇ ବହୁ ପ୍ରଶ୍ନ ପଚରାଯାଇଛି । ଉତ୍ତର ଅଶୀ ଗଳ୍ପରେ ବିଶେଷ ଭାବରେ ସ୍ୱପ୍ନଭଙ୍ଗ ଜନିତ କାରୁଣ୍ୟ, ପ୍ରତିବାଦ, ମନସ୍ତତ୍ୱ ଓ ମଣିଷ ପ୍ରତି ଅନୁକମ୍ପା କିପରି ପାଇଛି ତଥା ସହରାଭିମୁଖି ମନୁଷ୍ୟ କିପରି ନିଜର ଅତୀତକୁ ମନେ ପକାଇ ଗ୍ରାମ୍ୟାଭିମୁଖି ହୋଇଛି ତାହା ଆଲୋଚନା କରାଯାଇଛି । ସ୍ୱାଧିନତା ପରବର୍ତୀ କାଳରେ ଫ୍ରଏଡ, ୟୁଙ୍ଗ, କାମ୍ୟୁ, କାଫକୋ ଓ ନିତଶେଙ୍କ ମନୋବୈଜ୍ଞାନିକ ବିଶ୍ଳେଷଣ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ହେଁ,ଉତର ଅଶୀ ଓଡ଼ିଆ ଗଳ୍ପରେ ଅନେକ ପରିବର୍ତନ ଲକ୍ଷ୍ୟ କରାଯାଇଛି । ନାରୀ ଓ ପୁରୁଷର ବିଭିନ୍ନ ଭାବାବେଗକୁ ତଥା ସେମାନଙ୍କ ମନ ତଳର ଅଦମ୍ୟ ରହସ୍ୟର ଉନ୍ମୋଚନ କରିବାରେ ଆମ ଗାଳ୍ପିକଗଣ ସଫଳ ହୋଇପାରିଛନ୍ତି । ବୟସର ଅନ୍ତିମ ପାହାଚରେ ଅବତୀର୍ଣ୍ଣ ହୋଇ ନିଜର ଅହେତୁକ ଦୁର୍ବଳତା ,ଭୟ, ଆଶଙ୍କା ଓ ଘୃଣା କିଭଳି ଭାବରେ ନିଜର ମାନସ ପଟରେ ଅତୀତର ସ୍ମୃତି ଓ ଅନୁଭୁତିକୁ ଆନ୍ଦୋଳିତ କରୁଛି ତାହା ଜଣେ ବୃଦ୍ଧ ବା ପ୍ରୌଢ ମଧ୍ୟରେ ଚିତ୍ରିତ କରାଯାଇଛି । ପ୍ରୌଢ ମନସ୍ତତ୍ୱ କହିଲେ ଆମେ ବୁଝୁ ଶିଶୁ ଓ ଯୁବକର ପରିଣତ ଅବସ୍ଥା । ଏହି ଆଲୋଚନାରେ ପ୍ରୌଢ ମନସ୍ତତ୍ୱ ଓଡ଼ିଆ ଗଳ୍ପରେ କିପରି ପ୍ରୟୋଗ କରାଯାଇଛି ତାହା ଉକ୍ତ ପ୍ରବନ୍ଧରେ ଆଲୋଚନା କରାଯାଇଛି ।

**ପ୍ରମୁଖ ଶବ୍ଦାବଳୀ:**

ପୃଷ୍ଠଭୂମି , ଉତର ଆଧୁନିକତା ,ପ୍ରୌଢ ମନସ୍ତତ୍ୱ, ଉତର ଅଶୀ ।

**ବିଷୟ :**

ଅଶୀ ପରବର୍ତୀ ଗଳ୍ପ ଜଗତକୁ ଅନୁଧ୍ୟାନ କରିବା ପୂର୍ବରୁ ଉତର ଷାଠିଏ ଅବା ସତୁରି ପାଖାପାଖି ଗଳ୍ପ ଉପରେ ନିକ୍ଷେପ କରିବା ନିତ୍ୟାନ୍ତ ଜରୁରୀ । କାରଣ ଅତୀତରୁ ହିଁ ବର୍ତମାନ । ଜୀବନର ପ୍ରତ୍ୟେକଟି ମୁହୂର୍ତ ହିଁ ଗଳ୍ପ । ୧ ୯ ୬ ୦ ମସିହା ବେଳକୁ ଭାରତୀୟ ସାମନ୍ତବାଦୀ ସମାଜର ନୈତିକ ମୂଲ୍ୟବୋଧ ଧରାଶାୟୀ ହେବାକୁ ଲାଗିଲା । ସେହି ସମୟର ଶିଳ୍ପ କୈନ୍ଦ୍ରୀକ ନଗର ସଭ୍ୟତା ଓ ୟୁରୋପୀୟ ସାହିତ୍ୟିକ ଆନ୍ଦୋଳନ ଓଡିଆ ଗଳ୍ପ ଜଗତକୁ ବହୁଳ ମାତ୍ରାରେ ପ୍ରଭାବିତ କରିଥିଲା । କଥାକାର ମନୋଜ ଦାସ , କିଶୋରୀ ଚରଣ ଦାସ , ଶାନ୍ତନୁ ଆଚାର୍ଯ୍ୟ ପ୍ରମୁଖ ଗାଳ୍ପିକ ତଥା ସେ ସମୟର ତରୁଣ ଗାଳ୍ପିକ ମଧ୍ୟ ଏହି

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ
Quick Response Code:
Available online at : https://pracheenews.com/
DOI: https://doi.org/10.5281/zenodo.18813061
Article No - BPP00389

**ଯୋଗାଯୋଗ : ଅଭିମନ୍ୟୁ ସାହୁ,** ଗବେଷକ
ଓଡ଼ିଆ ଭାଷା,ସାହିତ୍ୟ ଓ ଅନୁବାଦ ବିଭାଗ
ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଭବାନୀପାଟଣା, କଳାହାଣ୍ଡି
**Email :** abhi.topnet@gmail.com
**ORCID ID:** https://orcid.org/0009-0003-1018-2514

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୪.୧୧.୨୦୨୫ | ୧୪.୧୨.୨୦୨୫ | ୨୫.୧୨.୨୦୨୫ | ୧.୦୨.୨୦୨୬ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ସାହୁ, ଅଭିମନ୍ୟୁ; ୨ ୦ ୨ ୬ । ଅଶୀ ପରବର୍ତ୍ତୀ ଓଡ଼ିଆ କ୍ଷୁଦ୍ରଗଳ୍ପରେ ପ୍ରୌଢ ମନସ୍ତତ୍ୱ । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧ ୧, ସଂଖ୍ୟା : ଟ, ପୃଷ୍ଠା :୫୬-୬୦ ।

ଚେତନା ଦ୍ୱାରା ପ୍ରଭାବିତ ହୋଇଥିଲେ । ଏହି ସମୟରେ ଉପରୋକ୍ତ ଚେତନାରୁ ମୁକ୍ତ ରହି ଗଭୀର ଜୀବନବାଦୀ ହୋଇ ଯେଉଁମାନେ ପାରମ୍ପରିକ ଗ୍ରାମ୍ୟ ଜୀବନରୁ ଚରିତ୍ର ସଂଗ୍ରହ କରି ତା ମଧ୍ୟରେ ରାଜନୈତିକ, ମନସ୍ତତ୍ୱ, ଶ୍ରେଣୀ ସଂଘର୍ଷର ବାର୍ତ୍ତା ପ୍ରଦାନ କରିଥିଲେ, ସେମାନେ ହେଲେ ମହାପାତ୍ର ନୀଳମଣି ସାହୁ, ଅଚ୍ୟୁତାନନ୍ଦ ପତି, ଭୁବନେଶ୍ୱର ବେହେରା, ଚୌଧୁରୀ ହେମକାନ୍ତ ମିଶ୍ର ପ୍ରମୁଖ । ପରବର୍ତ୍ତୀ ପର୍ଯ୍ୟାୟରେ ହାସ୍ୟ ଓ ବ୍ୟଙ୍ଗକୁ ପରିହାର କରି ବିଭୂତି ପଟ୍ଟନାୟକ, ବୀଣାପାଣି ମହାନ୍ତି, ସାତକୋଡି ହୋତା ପ୍ରମୁଖ ଏହି ଧାରାର ଗଳ୍ପ ଲେଖି ଓଡିଆ ଗଳ୍ପକୁ ସମୃଦ୍ଧ କରିଛନ୍ତି । ୧୯୭୦ ମସିହା ବେଳକୁ ଓଡିଆ ଗଳ୍ପ ରାଜ୍ୟରେ କାମ୍ୟୁ ଓ କାଫକେ ଓ ନିତଶେଙ୍କ ପ୍ରଭାବ ଗଭୀର ଭାବରେ ଆନ୍ଦୋଳିତ ହେଲା । ଉତ୍ତର ସତୁରି ପୂର୍ବରୁ ପ୍ରବର୍ତ୍ତିତ ଅସ୍ତିତ୍ୱବାଦୀ ଚେତନା, ମନସ୍ତତ୍ୱ, ବିଚ୍ଛିନ୍ନତା । ଓଡିଆ ଗଳ୍ପ ଜଗତକୁ ଆସିଥିଲା ସତ କିନ୍ତୁ ; ଏହି ସମୟରେ ଗାଳ୍ପିକ-ଗାଳ୍ପିକାମାନେ ଏହି ଚେତନାକୁ ବଳିଷ୍ଠ ଭାବନାରେ ନୂତନ ଢଙ୍ଗରେ ପରିପ୍ରକାଶ କଲେ । ଏହି ସମୟରେ ଯେଉଁ ଗାଳ୍ପିକମାନେ ଓଡ଼ିଆ ଗଳ୍ପ ରାଜ୍ୟରେ ପାଦ ଦେଇଥିଲେ ତନ୍ମଧ୍ୟରୁ ରାମଚନ୍ଦ୍ର ବେହେରା, ପୂର୍ଣ୍ଣାନନ୍ଦ ଦାନୀ, ଅଧ୍ୟାପକ ବିଶ୍ୱରଂଜନ, କହ୍ନେଇଲାଲ ଦାସ , ଭୂପେନ ମହାପାତ୍ର, ପ୍ରକାଶ ପଟ୍ଟନାୟକ, ଅର୍ଚ୍ଚନା ନାୟକ, ନିମାଇଁ ଚରଣ ପଟ୍ଟନାୟକ, ଦେବ୍ରାଜ ଲେଙ୍କା, ପ୍ରମିଳା ପାଢ଼ୀ ଓ ସଂଜୟ ଶତପଥି ଥିଲେ ଅନ୍ୟନ ପ୍ରତିଭା ।

ଏହା ବ୍ୟତୀତ ଉତ୍ତର ଅଶୀ ଓଡିଆ ଗଳ୍ପ ବହୁ ସମ୍ଭାବନା ଓ ପ୍ରତିଶ୍ରୁତି ବହନ କରିଛି । ଏହି ସମୟରେ ମନୁଷ୍ୟର ବଂଚିବାକୁ ନେଇ ବହୁ ପ୍ରଶ୍ନ ପଚରା ଯାଇଛି । ଏହା ଦ୍ୱାରା କ୍ରମଶଃ ନବ ଉପନିବେଶବାଦର ସୃଷ୍ଟି ହୋଇଛି । ଏହି ଉପନିବେଶବାଦ ଏକବିଂଶ ଶତାବ୍ଦୀର ଗଳ୍ପ କାହାଣୀର ଶୈଳୀକୁ ବହୁଳ ମାତ୍ରାରେ ପ୍ରଭାବିତ କରିଛି । କ୍ରମଶଃ ଦେଖିବାକୁ ମିଳିଅଛି, ଭାରତୀୟ ଗ୍ରାମ୍ୟ ସମାଜର ବିଚ୍ଛିନ୍ନତା ଓ ସହରୀ ସଭ୍ୟତାର ସୃଷ୍ଟି । କିନ୍ତୁ; ଏହି ସମୟର ଗାଳ୍ପିକମାନେ ବହୁଳ ମାତ୍ରାରେ ଅତୀତକୁ ଫେରିଯାଇ ନିଜ ଗ୍ରାମର ପୁରୁଣା ଘର, ନଇ ,ନାଳ ,ବିଲ ଓ ପୋଖରୀକୁ ଖୋଜିଛନ୍ତି । ଏହି ସମୟରେ ଜୀବନ-ମୃତ୍ୟୁ ସଂପର୍କରେ ଅନେକ ପ୍ରଶ୍ନ ସୃଷ୍ଟି ହୋଇଅଛି । ମଣିଷର ଅସହାୟତା, ଜୀବନର ବ୍ୟର୍ଥତା ଓ ନୈରାଶ୍ୟ ଅଧିକାଂଶ ଗଳ୍ପର ଉପଜୀବ୍ୟ ପାଲଟିଛି । ସାଂପ୍ରତିକ ଗଳ୍ପରେ ସାମୂହିକ ଚେତନା ଅପେକ୍ଷା ବ୍ୟକ୍ତି ଚେତନାର ପ୍ରାର୍ଦୁଭାବ ଦେଖିବାକୁ ମିଳିଛି । ସେ ସମୟରେ ଗଳ୍ପରେ ଅନେକ ପରୀକ୍ଷାନୀରିକ୍ଷା କରାଯାଉଥିଲା ତାହା କିପରି ଜୀବନଧର୍ମୀ ହୋଇପାରିବ । ସମୟର କାଳ ଖଣ୍ଡରେ ଗାଳ୍ପିକମାନେ ନିଜ ନିଜ ଗଳ୍ପରେ ପ୍ରେମ-ପ୍ରତାରଣା ,ଶ୍ରଦ୍ଧା-ଘୃଣା ,ସ୍ୱପ୍ନଭଙ୍ଗ, ବିଶ୍ୱାସ ଘାତକତା ,ବାସ୍ତବତା-ଅଲୌକିକ ଆଦିକୁ ପ୍ରତି ମୁହୂର୍ତ୍ତରେ ଲକ୍ଷ୍ୟ କରିଛନ୍ତି । ୧୯୮୦ ମସିହା ପରେ ପରେ ଉତ୍ତର ଆଧୁନିକ ଚେତନାର ଉଦଭବ ଘଟିଲା । ଏହି ସମୟରେ ଆସିଥିବା ଗାଳ୍ପିକମାନେ ନିଜକୁ ଉତର ଆଧୁନିକ ଗାଳ୍ପିକ ଭାବରେ ଚିହ୍ନିତ କଲେ । " ଜାଁ ପ୍ରାଁ ସ୍ୱା ଲିୟୋତାର ୧୯୮୮ ମସିହାରେ କହିଥିଲେ ଉତ୍ତର ଆଧୁନିକତା ଏକ ନୂଆ ଯୁଗ ନୁହେଁ । ଆଧୁନିକତାର କତିପୟ ତତ୍ୱ, ଯେଉଁଥିରେ ଆଧୁନିକତାର କେତକ ବିଶିଷ୍ଟତା ସାମିଲ୍ ହୋଇଛି, ତାହା ହିଁ ଉତ୍ତର ଆଧୁନିକତା ।"(ଓଡିଆ ଗଳ୍ପର ଉନ୍ମେଷ ଉତରଣ, ପୃ-୪୦୮) ୧୯୮୦-୮୫ ମସିହା ପର୍ଯ୍ୟନ୍ତ ଓଡିଆ ଗଳ୍ପ ଓ କବିତାରେ ମାନିବିକ ଯନ୍ତ୍ରଣା ଓ ମୃତ୍ୟୁ ଚେତନା ପ୍ରକାଶ ପାଇ ଆସିଥିଲା । କିନ୍ତୁ; ୧୯୮୦ ମସିହା ପରଠାରୁ ଜୀବନ ଆନନ୍ଦମୟ ହୋଇପଡିଛି । ଜୀବନ ପ୍ରତି ବିରାଗ ଭାବ ପ୍ରକାଶ ନ ପାଇ ଜୀବନକୁ ଭଲ ପାଇବା ଓ ଜୀବନକୁ ବଂଚିବାର କଳା ଉପରେ ଲେଖକମାନେ ଗୁରୁତ୍ୱ ଦେଲେ । ୧୯୮୦ ପରବର୍ତ୍ତୀ ସମୟରେ ଗଳ୍ପ ରଚନା କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଅନେକ ତରୁଣ ପ୍ରବୀଣ ଗାଳ୍ପିକଙ୍କ ଆଗମନ ହୋଇଥିଲା । ଯେଉଁମାନେ ନାରୀ ଓ ପୁରୁଷ ମନସ୍ତତ୍ୱ ବ୍ୟତୀତ ଅଧିକାଂଶ ଗଳ୍ପରେ ପ୍ରୌଢ ମନସ୍ତତ୍ୱର ଚିତ୍ର ଅତି ନିଖୁଣ ଭାବରେ ପ୍ରଦର୍ଶନ କରିଛନ୍ତି । ତନ୍ମଧ୍ୟରୁ ରାମଚନ୍ଦ୍ର ବେହେରା, ରାଧାବିନୋଦ ନାୟକ, ଦେବବ୍ରତ ମଦନରାୟ, ଯଶୋଧାରା ମିଶ୍ର, ବିଜୟିନୀ ଦାସ, ଜୟନ୍ତୀ ରଥ, ରଶ୍ମୀ ରାଉଳ, ବିୟତ୍ କେଶ ତ୍ରିପାଠୀ, ଚିରଶ୍ରୀ ଇନ୍ଦ୍ରସିଂ, ଅପର୍ଣ୍ଣା ମହାନ୍ତି, ଗୌରହରି ଦାସ, ପ୍ରକାଶ ମହାପାତ୍ର, ତରୁଣକାନ୍ତି ମିଶ୍ର, ସଦାନନ୍ଦ ତ୍ରିପାଠୀ, ଶୁଭ୍ରାଂଶୁ ପଣ୍ଡା, କବିତା ବାରିକ ଓ ବିଜୟାନନ୍ଦ ସିଂହ ଆଦି ପ୍ରମୁଖ ଗାଳ୍ପିକମାନେ ନିଜର ରଚନାରେ ଉତ୍ତୀର୍ଣ୍ଣ ବୟସର ମାନସିକତାକୁ ବର୍ଣ୍ଣନା କରିଛନ୍ତି । ଏହି ସମୟରେ ଗଳ୍ପର ଅନ୍ୟତମ ବୈଶିଷ୍ଟ୍ୟ ହେଉଛି ନାରୀ ମନସ୍ତତ୍ୱ, ପୁରୁଷ ମନସ୍ତତ୍ୱ, ପ୍ରୌଢ ମନସ୍ତତ୍ୱ ଓ ଶିକ୍ଷିତ ମଧ୍ୟବିତ୍ତମାନଙ୍କର ସ୍ୱାର୍ଥ ରହିଥିବା ମାନସିକ ପୀଡନକୁ ଖୁବ୍ ପାଖରୁ ଲକ୍ଷ୍ୟ କରିଛନ୍ତି ଗାଳ୍ପିକ । କେତେବେଳେ ବୃଦ୍ଧ ପିତା-ମାତା ଶିକ୍ଷିତ ପୁତ୍ର ପୁତ୍ରବଧୂଙ୍କ ଦ୍ୱାରା ହତାଦର ହେଲେଣି ତ

କେଉଁଠି ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ପୃଥକ ।

ଅଧିକାଂଶ ଗାଳ୍ପିକଙ୍କ ଗଳ୍ପରେ ସାମାଜିକ ସମସ୍ୟା, ରାଜନୀତିକ ମତାନ୍ତର, ବୈପ୍ଳବିକ ସୂତ୍ରପାତ, ଯୌତୁକ ପ୍ରଥା, ଶିଶୁ ଅପହରଣ କଥା ପରିଲକ୍ଷିତ ହୋଇଅଛି । କିନ୍ତୁ; ଯେତେବେଳେ ମନସ୍ତତ୍ତ୍ୱ କଥା ଆସେ, ସେତେବେଳେ କେବଳ ଶିଶୁ-କିଶୋର ଓ ଯୁବକଙ୍କ ମାନସିକତାକୁ ଗୁରୁତ୍ୱାରୋପ କରାଯାଇଥାଏ । କ୍ରମଶଃ ଦେଖିବାକୁ ମିଳିଛି ବୟସର ପରିଣତ ଅବସ୍ଥାରେ ମଧ୍ୟ ପ୍ରୌଢ ବା ବୃଦ୍ଧମାନଙ୍କର ମାନସିକତାକୁ ବହୁଳ ମାତ୍ରାରେ ବୃଦ୍ଧି ପାଉଛି । ଯାହା ଉତ୍ତର ଅଶୀ ପରବର୍ତ୍ତୀ ଗଳ୍ପରେ ଗାଳ୍ପିକଙ୍କ ଗଳ୍ପରେ ଦୃଶ୍ୟମାନ ।

ସମୟର ସୁଅରେ ମଣିଷ ବୟସ୍କ ଓ ବୃଦ୍ଧ ହୋଇଯାଏ । ବୟସାନୁଯାୟୀ ତାହାର ଶରୀରର ଅଙ୍ଗ ପ୍ରତ୍ୟଙ୍ଗ ସ୍ଥବିର ହୋଇଯାଏ ନାହିଁ । ତହିଁରେ ଯୌନତା, ଈର୍ଷା, ଘୃଣା ମନୋବୃତି ତଥାପି ଜୀବିତ ଥାଏ । ଶିଶୁ ଓ ଯୁବ ମନସ୍ତତ୍ତ୍ୱର ବିଭିନ୍ନତା ଠାରୁ ପ୍ରୌଢ ମନସ୍ତତ୍ତ୍ୱ ଆହୁରି ଜଟିଳ । କାରଣ ଶିଶୁ ଓ ଯୁବ ମନସ୍ତତ୍ତ୍ୱ ମଧ୍ୟରେ ପ୍ରୌଢ ମାନସିକ ଅନୁପସ୍ଥିତ କିନ୍ତୁ; ପ୍ରୌଢ ମନସ୍ତତ୍ତ୍ୱରେ ଶିଶୁ ସୁଲଭ ଗୁଣ ପ୍ରକାଶିତ ହୋଇଥାଏ । ଏହି ସମୟରେ ଗଳ୍ପର ଅନ୍ୟତମ ବିଶେଷତ୍ୱ ହେଲା ଜୀବନର ବୃହତ୍ତର ସତ୍ୟର ଅନୁସନ୍ଧାନ । ଫର୍ମ ନୁହେଁ ଥିମ୍ (PLOT) ଉପରେ ଗୁରୁତ୍ୱ ଦିଆଯାଇଛି । ମଣିଷର ଯୌନାବେଗକୁ ନୂତନ ଢଙ୍ଗରେ ପରୀକ୍ଷା କରାଯାଇଛି । ତନ୍ମଧ୍ୟରୁ ପ୍ରମୁଖ ଗାଳ୍ପିକଙ୍କ ଗଳ୍ପକୁ ନିମ୍ନରେ ଆଲୋଚନା କରାଯାଇଛି ।

ରାମଚନ୍ଦ୍ର ବେହେରାଙ୍କ **'ମଧ୍ୟାହ୍ନର ଛାଇ'** ଗଳ୍ପରେ ମିଃ ଦାସ ଓ ରେବା ରାୟଙ୍କ ମଧ୍ୟରେ ବୟସର ପରିଣତି ଅନୁସାରେ ମଧ୍ୟ ଅତୀତର ସ୍ମୃତିକୁ ରୋମନ୍ଥନ କରି ତା ଭିତରେ ଅନ୍ତର୍ନିହିତ ଥିବା ବର୍ତ୍ତମାନ ଓ ଭବିଷ୍ୟତକୁ ଦେଖି ପାରିଛନ୍ତି ମିଃ ଦାସ ଓ ରେବା କାପୁର । ରାଧାମୋହନ ନାୟକଙ୍କ **'ବନ୍ଧୁ ବାନ୍ଧବୀ ପ୍ରସଙ୍ଗ ଅଥବା ସସେମୀରା ଉପାଖ୍ୟାନ'** ଗଳ୍ପଟି ପ୍ରଥମ ପୁରୁଷ ଶୈଳୀରେ ରଚିତ । ଲିଲି ଚୌଧୁରୀ ୪ଗୋଟି ପିଲାର ସନ୍ତାନ ପରେ ବି ନାରୀଟିଏ ଇଛା କରେ ସର୍ବଦା ଯୁବତୀ ହୋଇ ରହିବା ପାଇଁ । ନାରୀଟିଏ ବିବାହ ହୋଇ ସନ୍ତାନ ଜନ୍ମ କରି ସାରିବା ପରେ ବି ବୟସର ପରିଣତ ଅବସ୍ଥାରେ ଅନ୍ୟଜଣ ପୁରୁଷ ସହ ସମ୍ପର୍କ ରଖେ । ମାନସିକ ଭାରସାମ୍ୟ ନ ହରାଇ ଲିଲି କହିଥିଲେ 'ମୁଁ ତ ଆଉ କାଳ୍ପନିକ ରାଧା ନୁହେଁ ଯେ ଶାଶୂ ନଣନ୍ଦକୁ ଅବଜ୍ଞା କରି ଦଉଡିବି ଯମୁନା କୂଳକୁ ।"ପୃ-୮୪) କଲେଜ ବେଳ ସମ୍ପର୍କକୁ ସେ ଜୋର୍ ଦେଇ କହିଛନ୍ତି । କୁହନ୍ତୁ ତ ! କେହି ଜଣେ କେବେ ତାର ଟିନ୍ ଏଜର୍ ଦୁର୍ବଳତାକୁ ପୂର୍ଣ୍ଣାଙ୍ଗ ଜୀବନରେ ପ୍ରକାଶ କରିବାକୁ ପସନ୍ଦ କରେ... ? । ସମାନ ଭାବରେ **'ବୁଢାଲୋକ:ପ୍ରେମଚିଠି'** ଗଳ୍ପରେ ବୟସର ପାହାଚରେ ପହଂଚି ଅତୀତର ପ୍ରେମିକା ନିକଟକୁ ଚିଠି ଲେଖିବା । ବୟସ ବୃଦ୍ଧ ହେଲେ ବି ତରୁଣୀମାନଙ୍କ ନିକଟକୁ ଯାଇ ନୂଆ ନୂଆ ରୋମାଣ୍ଟିକ ଗୀତ ଶୁଣେଇବା ଓ ସେମାନଙ୍କର ଅନୁପସ୍ଥିତିକୁ ଭାବିବା ହେଉଛି ମନର ପ୍ରକୃତି । ତେଣୁ ବୟସକୁ ଲୁଚାଇବାକୁ ଯାଇ ମନରେ ଦୋଳାୟମାନ ହେଉଥିବା ଅନୁଭୂତିକୁ ମାରିଦେବା କଣ ଠିକ୍ ? ତେଣୁ ଗାଳ୍ପିକଙ୍କ ମତରେ ବୟସ ବଡ ନା ମନ । ଏହି ଗଳ୍ପରେ ଗାଳ୍ପିକ ବୈବାହିକ ଜୀବନର ମନସ୍ତତ୍ତ୍ୱକୁ ପ୍ରୌଢ ଅବସ୍ଥାରେ କିପରି ମପା ଯାଇପାରେ ତାହା ଉଲ୍ଲେଖ କରିଛନ୍ତି । ନାରୀଟିଏ କାମନା ଅବଦମିତ ଅବା ଅଭିଳାଷ ଥିବା ସତ୍ତ୍ୱେ ସଂସାରଭିମୁଖି ଓ ସ୍ୱାମୀ ସେବା କରିଥାଏ ହେଲେ ବୟସର ତାରତମ୍ୟତାରେ ମନରେ ଶିଥିଳତା କମିବାକୁ ଦେଇ ନ ଥାଏ । ବିଜୟାନନ୍ଦ ସିଂହଙ୍କ **'ମର୍ମଦାହ'** ଗଳ୍ପରେ ମନୁଷ୍ୟ ସମୟର ଦାସ । ମନୁଷ୍ୟ ସମୟର ଗତାନୁଗତିକ ପଥିକ । ଏହି ଗଳ୍ପରେ ସଂମ୍ପୂର୍ଣ୍ଣ ଭାବରେ ପ୍ରୌଢ ମାନସିକତାର ପ୍ରତିଛବି ନିଖୁଣ ଭାବରେ ବାରିହୋଇ ପଡୁଛି । କିପରି ସରକାରୀ ଚାକିରିର ଅପବ୍ୟବହାର କରାଯାଇଛି ,ମୃତ୍ୟୁର ଦ୍ୱାରସ୍ଥ ସମୟରେ ବୁଢାବାପା ତାର ପୁତ୍ରକୁ କହିଥିଲା, ବାପରେ ତୁ ଅଫିସର ହେଲେ ସତ୍ୟ, ଶାନ୍ତି, ନ୍ୟାୟ ପଥରେ ସର୍ବଦା ଅଗ୍ରସର ହେବୁ । ସେହି ଦିନଠାରୁ ସମୟର ସୁଅରେ କୌଣସି ଅଫିସରଙ୍କ କଥା, ଏମିତିକି ସ୍ତ୍ରୀ କଥା ମଧ୍ୟ ଶୁଣିନାହିଁ ଏବଂ କୌଣସି ଉଚ୍ଚପଦସ୍ଥ କର୍ତୃପକ୍ଷଙ୍କ ନିକଟରୁ ଟଙ୍କାଟିଏ ବି ଛୁଇଁ ନାହିଁ । କେବଳ ସ୍ୱପ୍ନ ଥିଲା ବାପାଙ୍କର ସେ ଅତୀତ ମର୍ମସ୍ପର୍ଶୀ ବାଣୀ । କିଭଳି ପିତାଙ୍କର ମାନସିକତା ସମ୍ପୂର୍ଣ୍ଣ ଭାବରେ ସତ୍ ମାର୍ଗରେ ଜନସାଧାରଣଙ୍କର ସେବାରେ ନିଜକୁ ନିୟୋଜିତ କରିବି ।

ସେହିପରି ପ୍ରକାଶ ମହାପାତ୍ରଙ୍କ **'ପିଣ୍ଡଦାନ'** ଗଳ୍ପରେ ସାଂପ୍ରତିକ ସମୟରେ ପ୍ରୌଢ ମାନସିକତାର ଅବହେଳା ଏବେ ବି ଦେଖାଯାଉଛି । ପାଶ୍ଚାତ୍ୟ ଅନୁକରଣ ଶୈଳୀରେ ନିଜର ସଂସ୍କୃତିକ ମଧ୍ୟ ଭୁଲିବାକୁ ସେମାନେ ପଛାଉନାହାନ୍ତି । ଅଧୁନା ସମାଜରେ ପୁଅ ଓ ବୋହୂଙ୍କ ପାଇଁ ପିତା-ମାତା କିପରି ବୋଝ ପାଲଟି ଯାଇଛନ୍ତି ଓ କର୍ମାନୁଯାୟୀ ଫଳ କିପରି ଭୋଗିବାକୁ

ପଡିଥାଏ ତାହା ମଧ୍ୟ ଉକ୍ତ ଗଳ୍ପରେ ବର୍ଣ୍ଣିତ। ଦୈନନ୍ଦିନ ଜୀବନରେ ମନୁଷ୍ୟ ସହିତ ସୁଖ ଦୁଃଖ ଲାଗି କରି ରହିଥାଏ। କିନ୍ତୁ; ମନୁଷ୍ୟର ପରିଣତ ଅବସ୍ଥାରେ ତାକୁ କିପରି ବିପଦର ସମ୍ମୁଖିନ ହେବାକୁ ପଡେ ତାହା ଅତ୍ୟନ୍ତ ବ୍ୟଙ୍ଗ, ବିଦ୍ରୁପ ଓ ହାସ୍ୟସ୍ପଦ ହୋଇପଡ଼ିଛି ଏହି ଗଳ୍ପରେ। ନୂତନ ପିଢିର ପୁଅ ବୋହୂମାନେ ଶ୍ରାଦ୍ଧ, ପିଣ୍ଡଦାନ, ଦଶାହ, ଏକାଦଶର ଅର୍ଥ ଏଯାବତ୍ ବୁଝିପାରନ୍ତି ନାହିଁ। କେବଳ ଗୋଟିଏ କଥା କହିବେ ତୁମେ ମରିଗଲନି ଯେ, ଆମ ଉପରେ ବୋଝ ଲଦି ଦେଇଗଲ। କଥାରେ ଅଛି ଉପଯୁକ୍ତ ଶ୍ରାଦ୍ଧ-ଦକ୍ଷିଣା ଓ ପିଣ୍ଡଦାନ ନ କରିବା ଦ୍ୱାରା କିପରି ପିତୃ ପୁରୁଷଗଣ ସ୍ୱର୍ଗର ପାଣି ପାଇନଥାନ୍ତି, ଯାହା ଆମ ସଂସ୍କୃତିରେ ବର୍ଣ୍ଣିତ। ଏହି ଗଳ୍ପରେ ନନାଙ୍କର ମୃତ୍ୟୁ ପରେ ବି ପୁତ୍ରର ସମସ୍ତ ବେପରୁଆ କାର୍ଯ୍ୟକୁ ତଦାରଖ କରି ନିଜର ମାନସିକତାରେ ପରିବର୍ତ୍ତନ ଆଣିଛନ୍ତି। ଯଶୋଧାରା ମିଶ୍ରଙ୍କ **'ବୁଢାଲୋକ'** ଗଳ୍ପରେ ବିଚିତ୍ର ଏ ମଣିଷ ଜାତି। ବୟସର ତାରତମ୍ୟତା ,ପୁଅ ବୋହୂଙ୍କଠାରୁ ଦୂରତା। ସ୍ତ୍ରୀ ପ୍ରତି ଭୟ ଆଦି ସାଂପ୍ରତିକ ସମାଜର ନିତିଦିନିଆ ପ୍ରଥା ହୋଇଗଲାଣି। କଷ୍ଟ କରି ପାଳିପୋଷି ପୁଅକୁ ବଡ କରିବା ଏବଂ ଯୁବକ ଅବସ୍ଥା ଅତିକ୍ରମ କରିବା ପରେ ପରେ ବିବାହ ବନ୍ଧନରେ ଛନ୍ଦି ଦେବା କଣ ବାପା-ମାଙ୍କର ଦୋଷ କି ..... ? ଏହି ଗଳ୍ପରେ ବୃଦ୍ଧା ଲୋକଙ୍କର ମାନସିକତା ତଥା ସମୟାନୁବର୍ତ୍ତିତା ରଞ୍ଜୁ ,ସତେ ଯେମିତ ଲଗାମହୀନ ଘୋଡା ପରି ଦୌଡୁଅଛି ତାହା ବର୍ଣ୍ଣିତ। ଗାଳ୍ପିକ ଗୌରହରି ଦାସଙ୍କ ଗଳ୍ପ ଜଗତକୁ ଯଦି ଦେଖିବା ତେବେ **'ଇତିହାସଟିଏ ପଡିରହିଛି'** ଗଳ୍ପରେ ମନୁଷ୍ୟ ବାର୍ଦ୍ଧକ୍ୟ ଅବସ୍ଥାରେ ଉପନୀତ ହେଲେ ତାର ଅର୍ଥ ଉପାର୍ଜନ କ୍ଷମତା କିପରି ହ୍ରାସ ପାଇଥାଏ , ଯାହା ଫଳରେ ପରିବାର ସଦସ୍ୟମାନଙ୍କଠାରୁ ପୂର୍ବର ସ୍ନେହ, ଭଲପାଇବା ଓ ଆଦର-ଯତ୍ନ କମିଯାଇଥାଏ। ପ୍ରକୃତ ପକ୍ଷେ ଯେଉଁ ବ୍ୟକ୍ତି ଯୌବନ ଓ ପ୍ରୌଢ ଅବସ୍ଥାରେ ନିଜର ଅସୀମ ତ୍ୟାଗ କରି ପରିବାର ଭରଣ ପୋଷଣ କରୁଥିଲା ତାର ପ୍ରତିଦାନରେ ସେ କେବଳ ପୁଅ ବୋହୂଙ୍କ ଦ୍ୱାରା ଶାରୀରିକ, ମାନସିକ ନିର୍ଯ୍ୟାତନାରେ ନିର୍ଯ୍ୟାତିତ ହେଲା। ସେ ପାଲଟିଯାଏ ପରିବାରର ଅଦରକାରୀ ବସ୍ତୁ। ଅତୀତର ଇତିହାସଟିଏ ପଡିରହିଛି ଗଳ୍ପରେ କିପରି ଜଣେ ବୁଢା ଚରିତ୍ରର ଅସହାୟତା ତଥା ଅତୀତର ସ୍ମୃତିଚାରଣ କଥା କୁହାଯାଇଛି ତାହା ବର୍ଣ୍ଣିତ। **'ପୁନରାବୃତ୍ତି'** ଗଳ୍ପରେ ଅବିବାହିତ ଅନନ୍ତାର ବୟସ ଅତିକ୍ରାନ୍ତ କରିଯାଇଛି କିନ୍ତୁ; ତାର ବିବାହ ଠିକ୍ ହୋଇପାରୁନାହିଁ। ବିବାହାର ବୟସ ଯେତେ ବୃଦ୍ଧି ହେଉଛି ତାର ଆଶା, ଆକାଂକ୍ଷା ବହୁଳ ମାତ୍ରାରେ ଦେଖାଯାଇଛି , କିନ୍ତୁ; ପରିଶେଷରେ ଅନନ୍ତା ସହିତ ଫୁଲର ବିବାହ ହୋଇଛି ଏବଂ କିଛି ଦିନ ଅନ୍ତେ ସେ ଗ୍ରାମରେ ଜଣେ ଯୁବକ ସହିତ ସେ ପ୍ରେମ କରିଛି ଓ ତା ସହିତ ଘରଗାଡି ଅନ୍ୟତ୍ର ଗମନ କରିଛି। ଆଲୋଚ୍ୟ ଗଳ୍ପରେ କିପରି ବିବାହର ମାନସିକତା ସାମାଜିକ ଚିନ୍ତାଧାରା ,ବୟସର ତାରତମ୍ୟତା ଓ ସମଜାର ଅଲିଖିତ ନିୟମକୁ ଖୁବ୍ ସୁନ୍ଦର ଭାବେ ଉପସ୍ଥାପନା କରିଛନ୍ତି ଗାଳ୍ପିକ ଗୌରହରି ଦାସ। ସେହିପରି **'ଅପେକ୍ଷା'** ଗଳ୍ପରେ ଦୀର୍ଘ ୪୦ବର୍ଷ ପରେ ତନ୍ମୟ କିପରି ଗୋଟେ ମଫସଲୀ ଗାଁକୁ ନେଇ ଭାବବିହ୍ୱଳ ହୋଇଛି ଏବଂ ସୁଲେଖା ଦୀର୍ଘ ୪୦ବର୍ଷ ପର୍ଯ୍ୟନ୍ତ ତନ୍ମୟକୁ ଅପେକ୍ଷା କରିଛି। ଏପରି ଦୁଇଜଣଙ୍କର ପରିଣତ ବୟସର ମାନସିକତାକୁ ଦର୍ଶାଇଛନ୍ତି। ଏହି ଗଳ୍ପରେ ଗାଳ୍ପିକ ସମାଜରେ କିପରି ଦୁଇ ପ୍ରକାର ଲୋକ ବସବାସ କରୁଛନ୍ତି ତାହାର ବର୍ଣ୍ଣନା କରିଛନ୍ତି। ପ୍ରଥମତଃ ସ୍ୱାର୍ଥ କୈନ୍ଦ୍ରିକ ଓ ଦ୍ୱିତୀୟତଃ ତ୍ୟାଗ। ପରିଶେଷରେ ଯେଉଁଠି ନିଜର ସ୍ୱାର୍ଥ ଚରିତାର୍ଥ ହୋଇପାରିବ ସେଭଳି ନିଜର ବିବାହ ସ୍ଥିର କରିଛି। ଏହି ଗଳ୍ପରେ ଗାଳ୍ପିକ ଜଣେ ସମ୍ଭ୍ରାନ୍ତ ଶ୍ରେଣୀଯୁକ୍ତ ତନ୍ମୟର ସ୍ୱାର୍ଥ କୈନ୍ଦ୍ରିକ ମାନସିକତାକୁ ଦର୍ଶାଇଛନ୍ତି। 'କୁଆଡେ ଯିବି' ଗଳ୍ପରେ ମନୁଷ୍ୟ ସାଧାରଣତଃ ସମାଜରେ ସୁବିଧାରେ ବଂଚିବା ପାଇଁ କିପରି ନିଜ ପିତାମାତାଙ୍କୁ ବୃଦ୍ଧାଶ୍ରମ ବା ମଠ ସମ୍ମୁଖରେ ଛାଡି ଦେଉଛନ୍ତି। ସେମାନେ ଅସହାୟ ବାର୍ଦ୍ଧକ୍ୟର ପୀଡାରେ ନିଜ ସନ୍ତାନ ଅଭିଶାପ ଦେଇଥାନ୍ତି ଯାହା ତାଙ୍କର ମାନସିକତା ଉପରେ ନିର୍ଭର କରେ ସମସ୍ତେ ଜାଣିବା ଦରକାର ଯେ, ପ୍ରତ୍ୟେକଙ୍କ ଜୀବନରେ ବାର୍ଦ୍ଧକ୍ୟ ଉପନୀତ ହୋଇଥାଏ। ଦେବବ୍ରତ ମଦନରାୟଙ୍କ 'ଫେରିବାର ବେଳ' ଗଳ୍ପରେ ବୟସର ଅପରାହ୍ନରେ ଗାୟତ୍ରୀ ଦେବୀ ବିବାହ ପାଇଁ ପ୍ରତ୍ୟାଖାନ କରିଥିବା ଶ୍ୟାମସୁନ୍ଦରଙ୍କ ଉପସ୍ଥିତିକୁ ମନେ ଭାବି ହେଉଛନ୍ତି। ଏ ସମୟ ତାଙ୍କ ପ୍ରତି ଦୁର୍ବଳତା ସୃଷ୍ଟି କରୁଛି। ତରୁଣ ଅବସ୍ଥାରେ ତାଙ୍କ ପାଇଁ ମନରେ ଯେଉଁ ଚିନ୍ତା ଆନ୍ଦୋଳିତ ହେଉଛି ତାହା ଏହି ଗଳ୍ପରେ ବର୍ଣ୍ଣିତ। ନିମାଇଁ ଚରଣ ପଟ୍ଟନାୟକଙ୍କ **'ଭିନ୍ନ ଭଅଁର'** ଗଳ୍ପରେ ଗଳ୍ପର ନାୟକ ହେଉଛନ୍ତି ଜଣେ ମହାବିଦ୍ୟାଳୟର ଅଧ୍ୟକ୍ଷ। ଗଳ୍ପ ନାୟକର ଅତୀତ ,ଅବଚେତନ ଓ ବଣ ମାଳତୀ ଫୁଲର ବାସ୍ନା ପରିପୂର୍ଣ୍ଣ ପାହାଡ ନିକଟସ୍ଥ କୁଳୁକୁଳୁ ବୋହିଯାଉଥିବା ଝରଣା କୂଳ ହୋଇଛି ସହାୟକ ସ୍ଥଳୀ। ଅତୀତର ପ୍ରେମିକା ନିର୍ମଳାର ଝିଅ ଛାତ୍ରୀ ନିଳୀମା ସହିତ ଅଧ୍ୟକ୍ଷ ଏକ ମାନସିକ ସାଂଘାତ ଘଟିଛି। ପରେ ତାହା ଅନୈତିକ ସମ୍ପର୍କର

ମୋଡ ନେଇଛି । ଗଳ୍ପର ନାୟକ ଏ ସମସ୍ତ ମାନସିକ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଗଛ ଉପରେ ଚଢି ଲୁଚି ବସିଛନ୍ତି, କ୍ରମଶଃ ଗଛରୁ ପଡି ସଂଜ୍ଞାହୀନ ହୋଇ ପଡିଛନ୍ତି । ପରିଶେଷରେ ନିଜକୁ ଚିହ୍ନିବା ଓ ନିଜ ସହ ନିଜର ନିର୍ଦ୍ଧାରଣ କରିବାର ଆବିଷ୍କାର ଏ ଗଳ୍ପରେ ଉପସ୍ଥାପନା କରାଯାଇଛି । ଗଳ୍ପରେ ଜଣେ ଉତୀର୍ଣ୍ଣ ପ୍ରୌଢଙ୍କର ବାଲ୍ୟସ୍ମୃତି , ଆଦି ଯୌବନର ପ୍ରେମ ଭାବନା ଓ କନ୍ୟା ବୟସ୍କା ତରୁଣୀ ପ୍ରତି ଅତ୍ୟଧିକ ଭଲପାଇବା ଅବଚେତନ ମନରେ ଯେଉଁ ପ୍ରତିକ୍ରିୟା ସୃଷ୍ଟିକରେ ତାହାର ମନସ୍ତାତ୍ୱିକ ବିଶ୍ଳେଷଣ କରାଯାଇଛି ।

**ଉପସଂହାର :**

ବୟସର ପାହାଚରେ ବୃଦ୍ଧା ଅବସ୍ଥା ବହୁତ କଷ୍ଟସାଧ୍ୟ । ଉତ୍ତର ଆଧୁନିକତା ସମୟ ଗଳ୍ପଜଗତକୁ ସୁଦୃଢ କରିପାରିଛି । କାରଣ ଏହି ସମୟରେ ଭାରତୀୟମାନେ ଗ୍ରାମ୍ୟ ସଭ୍ୟତାକୁ ମନେ ପକାଇ ଅତୀତର ସ୍ମୃତିକୁ ରୋମନ୍ଥନ କରି ପୁଣି ଗ୍ରାମ୍ୟଭିମୁଖି ହେଉଥିବାର ଲକ୍ଷ୍ୟ କରାଯାଉଛି । ଅଶୀ ପରବର୍ତ୍ତୀ ସମସ୍ତ ଗାଳ୍ପିକଙ୍କ ଗଳ୍ପକୁ ସ୍ୱଳ୍ପ ସମୟ ମଧ୍ୟରେ ଆଲୋଚନା କରି ପାରିନାହିଁ । ତନ୍ମଧ୍ୟରୁ କେତେକାଂଶ ଗାଳ୍ପିକଙ୍କ ପ୍ରୌଢ ମନସ୍ତତ୍ୱ ଆଧାରିତ ଗଳ୍ପକୁ ସୃଷ୍ଟି ପରିଧି ମଧ୍ୟରେ ଆଲୋକପାତ କରିଅଛି । ଯେଉଁଥିରେ ପ୍ରୌଢତାର ଅହେତୁକ ଦୁର୍ବଳତା, ଅମାନସିକତା, ଭୟ, ପ୍ରେମ, ଘୃଣା ଓ ସ୍ୱପ୍ନ ଭଙ୍ଗର ପରିଣତ ଅବସ୍ଥା ସୁନ୍ଦର ଭାବରେ ଉପସ୍ଥାପନା କରାଯାଇଛି । ଏ ସମୟର ଗାଳ୍ପିକମାନେ ବ୍ୟକ୍ତିକୈନ୍ଦ୍ରିକର ରଚନାମାନ ନିଜସ୍ୱ ଢଙ୍ଗରେ ଉପସ୍ଥାପନା କରିଛନ୍ତି ,ଯାହା ସେମାନଙ୍କ ଉପଯୁକ୍ତ ଶବ୍ଦବିନ୍ୟାସ, ଭାଷାଚୟନ ଓ ମୌଳିକତାକୁ ଦୃଷ୍ଟି ଦେଲେ ଜାଣିପାରିବା । ପରିଶେଷରେ ଦେଖିବାକୁ ମିଳେ ଯେ ଏ ପ୍ରକାରର ଗଳ୍ପ ଅନେକ ଗାଳ୍ପିକ ରଚନା କରିଛନ୍ତି ଯାହା ବର୍ତ୍ତମାନ ପିଢିମାନଙ୍କ ନିମନ୍ତେ ନିତ୍ୟାନ୍ତ ଜରୁରୀ ।

**ସହାୟକ ଗ୍ରନ୍ଥସୂଚୀ :**


୧- ନାୟକ, ରାଧାମୋହନ - କଥା ବିନୋଦ-( ୧ମ ଭାଗ), କଟକ, ଇଭେନ୍ଟ, ପୃ-୮୪, ପ୍ରକାଶନ- ୨୦୦୮ ।

୨- ପରିଡା, ପ୍ରକାଶ କୁମାର -ନବଚେତନାର ଗଳ୍ପ, ବିଜୟିନୀ ପବ୍ଲିକେଶନ, ଭୁବନେଶ୍ୱର, ପୃ-୧୩୨, ପ୍ରକାଶନ-୨୦୧୭ ।

୩- ପଟ୍ଟନାୟକ, ନିମାଇଁ ଚରଣ- ପଦ୍ମତୋଳା, ପ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରି, କଟକ, ପ୍ରକାଶନ -୧୯୬୬ ।

୪- ବାରିକ, ବନଜବାସିନୀ- ଓଡିଆ ଗଳ୍ପରେ ନବଚେତନା, ଅଗ୍ରଦୂତ, କଟକ,ପୃ-୧୩୨, ପ୍ରକାଶନ- ୨୦୧୭ ।

୫- ବେହେରା, ରାମଚନ୍ଦ୍ର- ଦ୍ୱିତୀୟ ଶ୍ମଶାନ, ଅଗ୍ରଦୂତ ,କଟକ, ପ୍ରକାଶନ-୧୯୬୬ ।

୬- ମିଶ୍ର, ଯଶୋଧାରା- ଦେଖେଣାହାରି, କଟକ ଷ୍ଟୁଡେଣ୍ଟସ ଷ୍ଟୋର, କଟକ, ପ୍ରକାଶନ- ୧୯୯୨ ।

୭- ସାମଲ, ବୈଷ୍ଣବ ଚରଣ, -ଓଡିଆ ଗଳ୍ପର ଉନ୍ମେଷ ଉତରଣ, ପ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ, ପୃ-୧୧୨, ପ୍ରକାଶନ -୨୦୧୫ ।

୮- ସାହୁ, ଚିନ୍ମୟ- ଗୌରହରି ଦାସଙ୍କ ଗଳ୍ପ ଜଗତ, ଏଥେନା ପବ୍ଲିକେଶନ, ଭୁବନେଶ୍ୱର, ପ୍ରକାଶନ-୨୦୨୧ ।

DOI : https://doi.org/10.5281/zenodo.18813103

ମୂଳ ପ୍ରବନ୍ଧ

# ଓଡ଼ିଆ ଉପନ୍ୟାସ ଓ ବିସ୍ଥାପନ ପ୍ରସଙ୍ଗ

**ଦୟାନିଧି ପରିଡ଼ା**

**ସଂକ୍ଷିପ୍ତସାର :**

ସାଂପ୍ରତିକ କାଳ ପରିପ୍ରେକ୍ଷୀରେ ଓଡ଼ିଆ ଉପନ୍ୟାସର ଗତିଧାରା ଏକ ନିରବଚ୍ଛିନ୍ନ ପ୍ରକ୍ରିୟା। ଏକବିଂଶ ଶତାବ୍ଦୀର ଓଡ଼ିଆ ଉପନ୍ୟାସ କ୍ଷେତ୍ର ବହୁ ଦିଗରେ ଏବଂ ବହୁ ଭାବରେ ବର୍ଦ୍ଧିତ। ଅଧୁନା ସମାଜରେ ବିସ୍ଥାପନ ଏକ ପ୍ରମୁଖ ସମସ୍ୟା। ସମାଜରେ ସାମାଜିକ ଅଗ୍ରଗତି, ଆର୍ଥିକ ବିକାଶ ଏବଂ ପରିବେଶ ଅସନ୍ତୁଳନ ହେଉଛି ବିସ୍ଥାପନ ସମସ୍ୟାର ଏକ ପୃଷ୍ଠଭୂମି। ଏହି ସମସ୍ୟାକୁ କେନ୍ଦ୍ର କରି ଓଡ଼ିଆ ଉପନ୍ୟାସ ଜଗତ ମଧ୍ୟ ବେଶ୍ ସଚେତନ। ଉପନ୍ୟାସଗୁଡ଼ିକ ମଧରେ ବିସ୍ଥାପନର ପୃଷ୍ଠଭୂମି, ଉଦ୍ଦେଶ୍ୟ ଓ କାରଣ ସ୍ପଷ୍ଟ ଭାବରେ ପରିଦୃଶ୍ୟ। ଆଦିବାସୀ ଜନ ଜୀବନର ସଂକଟ, ଦ୍ରୁତ ସହରୀକରଣ, ଜଙ୍ଗଲ ଉଚ୍ଛେଦ, ଶିଳ୍ପ ପ୍ରତିଷ୍ଠା, କଳକାରଖାନା ସ୍ଥାପନ ଏବଂ ନଦୀବନ୍ଧ ଯୋଜନା ଇତ୍ୟାଦି ହେତୁ ବିସ୍ଥାପନର ପ୍ରସଂଗଟି ଅଧିକ ସମ୍ମୁଖୀକୃତ ହୋଇଛି। ଓଡ଼ିଆ ଉପନ୍ୟାସ ସାହିତ୍ୟର ଶଶୀଭୂଷଣ ମହାପାତ୍ରଙ୍କ 'କ୍ରାନ୍ତିର ଅବବାହିକା'(୧୯୮୦) ବିଭୂତି ପଟ୍ଟନାୟକଙ୍କ ଉପନ୍ୟାସ ହେଉଛି 'ଆଦିମ ଅରଣ୍ୟ' (୧୯୯୫) ବିଭୂତି ପଟ୍ଟନାୟକଙ୍କ ଉପନ୍ୟାସି 'ଆଦିମ ଅରଣ୍ୟ' (୧୯୯୫)ଦାଶରଥି ନନ୍ଦଙ୍କ ଉପନ୍ୟାସ ହେଉଛି 'କାହାଣୀ ଇନ୍ଦ୍ରାବତୀର'(୨୦୦୧)ପ୍ରଶାନ୍ତ ନନ୍ଦଙ୍କ 'ପଲ୍‌ସା' (୨୦୧୫) ଭଳି ବହୁ ଉପନ୍ୟାସରେ ଉପରୋକ୍ତ ପ୍ରସଙ୍ଗର ଏକ କାହାଣୀଗତ ସୁସଜ୍ଜିକରଣର ଉପସ୍ଥାପନ ଦେଖିବାକୁ ମିଳେ, ଯାହାକି ଓଡ଼ିଆ ଉପନ୍ୟାସର କ୍ଷେତ୍ରକୁ ଅଧିକ ବିସ୍ତୃତ ଜରିବାରେ ସହାୟକ ହୁଏ।

**ପ୍ରମୁଖ ଶବ୍ଦାବଳୀ:**

ଉପନ୍ୟାସ, ପ୍ଲଟ୍, ବିସ୍ଥାପନ, ଜଗତୀକରଣ, ଆଂଚଳିକତା, ଜୀବିକା, ଅର୍ଥନୀତି, ସମାଜ, ପରିବେଶ

ଉପନ୍ୟାସ ହେଉଛି ମାନବୀୟ ମାର୍ମିକ ଅନୁଭୂତିର ବ୍ୟାଖାନ କଳା। କେତେଗୋଟି ଚରିତ୍ର ଓ କାହାଣୀକୁ ମୂଳ ପୁଞ୍ଜିକରି ଉପନ୍ୟାସଟିଏ ସମାପନ ହୁଏନି, ବରଂ ଲେଖକୀୟ କ୍ରିୟାକର୍ମର ଯଥେଷ୍ଟ ଅପେକ୍ଷା ରଖେ। କାହାଣୀ, ଉପକାହାଣୀ, ପରିବେଶ ଓ ଚରିତ୍ର ଆଦିର ସଠିକ ଗୁମ୍ଫନ ହିଁ ଲେଖକର ଔପନ୍ୟାସିକ ଦକ୍ଷତାକୁ ପାଠକ ସମ୍ମୁଖରେ ପରିଚୟ ପ୍ରଦାନ କରେ। ଯଦିଓ କାହାଣୀକୁ ଆଧାରକରି ଉପନ୍ୟାସ ଗଢ଼ି ଉଠେ କିନ୍ତୁ ତା'ର ଉଦ୍ଦେଶ୍ୟ ହିଁ ସ'ଳହୁଏ, ଔପନ୍ୟାସିକର ସୃଜନ ଦକ୍ଷତା ଉପରେ। ଏହି ଉପନ୍ୟାସ ରଚନା କରିବାର ଧାରା ଓଡ଼ିଆ ସାହିତ୍ୟ ଜଗତର ଉନବିଂଶ ଶତାବ୍ଦୀ ବେଳକୁ ଦେଖାଦେଲା।ସାମାଜିକ ଜୀବନବୋଧରୁ ବ୍ୟକ୍ତିକୈନ୍ଦ୍ରୀକ ଜୀବନବୋଧର ପ୍ରାସଙ୍ଗିକତା ଓଡ଼ିଆ ଉପନ୍ୟାସର ଆଦ୍ୟ ପର୍ଯ୍ୟାୟ

**ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ**

| Quick Response Code: | Available online at : https://pracheenews.com/ |
| --- | --- |
| | DOI: https://doi.org/10.5281/zenodo.18813103 Article No - BPP00390 |

**ଯୋଗାଯୋଗ : ଡକ୍ଟର ଦାୟାନିଧି ପରିଡ଼ା,**
ସହକାରୀ ପ୍ରଫେସର, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ, ତଖତପୁର, ବାରିପଦା, ମୟୂରଭଞ୍ଜ
**Email**: dayanidhiparida2013@gmail.com
**ORCID ID:** https://orcid.org/0009-0000-7757-3040

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
| --- | --- | --- | --- |
| ୧୪.୧୧.୨୦୨୫ | ୧୪.୧୨.୨୦୨୫ | ୨୫.୧୨.୨୦୨୫ | ୧.୦୨.୨୦୨୬ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ପରିଡ଼ା, ଦୟାନିଧି, ୨୦୨୬। **ପରିଡ଼ା :** ଓଡ଼ିଆ ଉପନ୍ୟାସ ଓ ବିସ୍ଥାପନ ପ୍ରସଙ୍ଗ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା: ଟ, ପୃଷ୍ଠା : ୬୧-୬୬।

(୧୮୮୮-୧୯୨୦), ମଧ୍ୟ ପର୍ଯ୍ୟାୟ(୧୯୨୦-୧୯୪୭)ରେ ଅନୁଭୂତ ହୁଏ। ସ୍ୱାଧୀନତା ପରବର୍ତ୍ତୀ ତଥା ୧୯୮୦ ବେଳକୁ ଓଡ଼ିଆ ଉପନ୍ୟାସ ସାହିତ୍ୟ ନୂଆ ମୋଡ଼ରେ ଦଣ୍ଡାୟମାନ ହୋଇଥାଏ । ଅତୀତ ଧାରା ଓ ନୂଆ ଯୁଗୋନ୍ମେଷୀ ସନ୍ଧିକ୍ଷଣ କାଳରେ ଔପନ୍ୟାସିକଙ୍କ ଲେଖନୀ ମଧ୍ୟ ପ୍ରବାହିତ ହେଉଥିଲା । ଏହା କେବଳ ସ୍ୱାଧନତୋତ୍ତର ସମାଜ, ରାଜନୀତି ଭଳି ନାନାଦି ପାରିବେଶିକ ପ୍ରଭାବର ଫଳଶ୍ରୁତି । ଏହି ସମୟରେ ବହୁ ପ୍ରତିଷ୍ଠିତ ଓଡ଼ିଆ ଔପନ୍ୟାସିକଙ୍କ ଉପନ୍ୟାସ ମଧ୍ୟ ନୂଆ ରୂପରେ ଓ ନୂଆ ଢ଼ଙ୍ଗରେ ପ୍ରକାଶ ପାଇଲା । ସମାଲୋଚକ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି କହନ୍ତି; ସ୍ୱାଧିନତୋତ୍ତର ଔପନ୍ୟାସିକର ଉତ୍ତରାଧିକାର ଥିଲା ଐକ୍ୟ ପଲ୍ଲିଭିତ୍ତିକ ବିଶ୍ୱଧାରଣା ଏବଂ ତତ୍ ସଂମ୍ପର୍କୀତ ନୈତିକ ଶୃଙ୍ଖଳାର କାବ୍ୟ ପରିଧି । "ନୂଆକରି ଗଢ଼ି ଉଠୁଥିବା ସହର ସଭ୍ୟତା, ଶିକ୍ଷା ବିସ୍ତାର ଏବଂ ଅତୀତ ଓ ବ୍ୟାବହାରିକ ବର୍ତ୍ତମାନର ଦ୍ୱନ୍ଦ୍ୱ ଏହି ପଲ୍ଲୀ ବିଶ୍ୱର ମୌଳିକ ବିଭାସକୁ ସନ୍ଧିଗ୍ଧ କରିବା ସହିତ ଭାଷା, ଶବ୍ଦ, ଛନ୍ଦ ଓ ଶୈଳୀକୁ ଅତୀତ ବିଚ୍ଛିନ୍ନ କରିବାକୁ ଆରମ୍ଭ କଲା ।"(୧) ଏତଦ୍ ବ୍ୟତୀତ ଓଡ଼ିଆ ଉପନ୍ୟାସର ଶିଳ୍ପକଳାରେ ମଧ୍ୟ ନାନାଦି ପରିବର୍ତ୍ତନ ଦେଖାଦେଲା। ଆଧୁନିକ ଓଡ଼ିଆ ଉପନ୍ୟାସର ଶିଳ୍ପାଦର୍ଶ ଦୃତ ଗତିରେ ପରିବର୍ତ୍ତିତ ହେବା ସହିତ ଔପନ୍ୟାସିକଙ୍କର ସମାଜ ସଂପର୍କ ନିବିଡ଼ ଭାବରେ ସଂଶ୍ଳିଷ୍ଟ। ସମାଜ ଇତିହାସ ଭିତ୍ତିରେ ବଦଳୁଛି, ସେଥିପାଇଁ ଇତିହାସର ଗତି ଅଛି। ଇତିହାସ ସଚେତନତା ତେଣୁ ଶିଳ୍ପୀର ନିହାତି ରହିବା ଉଚିତ, ଯାହା ଆଧୁନିକ ଔପନ୍ୟାସିକର ରହିଛି। ମାତ୍ର ଉପନ୍ୟାସର ଭାବପ୍ରସ୍ତରେ ତା'ର ପ୍ରକାଶମାନତାକୁ ମାଇକ୍ରୋସ୍କୋପିକ୍ ଅନୁଧ୍ୟାନଦ୍ୱାରା କେବଳ ଚିହ୍ନଟ କରିହେବ।(୨) ସମାଲୋଚକଙ୍କ ଦୃଷ୍ଟିରେ ଉପନ୍ୟାସର ରଚନା ଧାରା ସମୟ ଓ ଲେଖକୀୟ ଦୃଷ୍ଟିଭଙ୍ଗୀ ଅନୁସାରେ ପରିବର୍ତ୍ତିତ।

ଉପନ୍ୟାସ ସମ୍ରାଟ ପ୍ରେମ୍ ଚାନ୍ଦଙ୍କ ମତରେ: "ମୈ ଉପନ୍ୟାସ୍ କୋ ମାନବ୍ ଚରିତ୍ରକା ଚିତ୍ର ସମଝ୍‌ତା ହୁଁ। ମାନବ୍ ଚରିତ୍ର ପର୍ ପ୍ରକାଶ୍ ଡାଲ୍‌ନା ଔର୍ ଉସ୍‌କେ ରହସ୍ୟୋଂକୋ ଖୋଲ୍‌ନା ହି ମେରା ଉପନ୍ୟାସ୍‌କା ମୂଳ ତତ୍ତ୍ୱ ହୈ।" ଉପନ୍ୟାସ ମାନବ ଜୀବନର ଚିତ୍ର ମାତ୍ର। ଜୀବନର ରହସ୍ୟ ଉଦ୍‌ଘାଟନ ଏହାର ମୂଳ ଉଦ୍ଦେଶ୍ୟ। ପ୍ରକୃତରେ ଏହା ହେଉଛି ମଣିଷର ବାସ୍ତବ ଜୀବନର ଚିତ୍ର। କଳ୍ପନା ମାଧ୍ୟମରେ ଏହା ପରିପ୍ରକାଶ ଲାଭକଲେ ଅଧିକ ଜୀବନ୍ତ ଓ ରୁଚିଶୀଳ ହୋଇଥାଏ। ଅର୍ଥାତ୍ ଉପନ୍ୟାସ ହେଉଛି ବାସ୍ତବ ଓ କଳ୍ପନାର ସୁସଜ୍ଜିତ ପୁଷ୍ପଗୁଚ୍ଛ। ପ୍ରସିଦ୍ଧ ଔପନ୍ୟାସିକ ମୁଲକରାଜ ଆନନ୍ଦ କହନ୍ତି: "All characters in my novels are from real life, only transformed imaginatively into more or less than themselves." ଏଥିରେ ଜୀବନର ସତ୍ୟ ଓ ତଥ୍ୟ ପ୍ରକାଶଲାଭ କରିଥାଏ। ଔପନ୍ୟାସିକ ମଣିଷ ମନରେ ପ୍ରବେଶ କରେ ଓ ତାର ଅନ୍ତଃ କଥାକୁ ପ୍ରକାଶ କରେ କାହାଣୀ ମାଧ୍ୟମରେ। ପୁନଶ୍ଚ ଏହି କାହାଣୀ ବା କଥାବସ୍ତୁ ହେଉଛି ଘଟଣାର ଏକ କ୍ରମସଜ୍ଜୀକରଣ। E.M Forsterଙ୍କ ଭାଷାରେ ପ୍ଲଟ୍ ହେଉଛି Chain of events ଅର୍ଥାତ୍ ଘଟଣା ପରେ ଘଟଣା ଯୋଡ଼ି ହୋଇ ଉପନ୍ୟାସର କଥାବସ୍ତୁଟିଏ ସଫଳ ଭାବେ ରୂପ ପାଇଥାଏ।ଓଡ଼ିଆ ଉପନ୍ୟାସ ସାହିତ୍ୟ କ୍ଷେତ୍ରରେ ଲେଖକୀୟ ଦୃଷ୍ଟିଭଙ୍ଗୀ ଅନୁସାରେ ବିଷୟବସ୍ତୁର ବୈଚିତ୍ର୍ୟ ଦେଖାଦେଇଥାଏ, ଯାହା ଫଳରେ ବିବିଧ ଉପନ୍ୟାସ ବିଷୟବସ୍ତୁକୁ ପାଠକଟିଏ ଅନୁଭବ କରେ। ସାମାଜିକ, ରାଜନୀତିକ, ଐତିହାସିକ, ସାଂସ୍କୃତିକ ସମେତ ନାନଦି ସମସ୍ୟାକୈନ୍ଦ୍ରୀକ ବିଷୟବସ୍ତୁ ଭାବେ ଉପନ୍ୟାସରେ ସ୍ଥାନିତ ହେଉଥିଲେ ହେଁ ଉପନ୍ୟାସର ବକ୍ତବ୍ୟ ଅନୁସାରେ ବିଷୟଗତ ଦୃଷ୍ଟିଭଙ୍ଗୀ ବାରି ହୋଇପଡ଼େ।

ସାମାଜିକ ସ୍ତରରେ ଦେଖାଯାଉଥିବା ପରିବର୍ତ୍ତନର ଅନ୍ୟ ଏକ ସ୍ୱର ହେଉଛି ଜଗତୀକରଣ। ଏହି ଜଗତୀକରଣ ସମାଜପାଇଁ ଏକ ଆହ୍ୱାନ। ସାହିତ୍ୟ କ୍ଷେତ୍ରରେ ଜଗତୀକରଣ ଏହି ସାମାଜିକ ସଙ୍କେତକୁ ଲେଖକମାନେ ଚିତ୍ରିତ କରିଛନ୍ତି। ଜଗତୀକରଣ ଏକ ପରିବର୍ତ୍ତନର ଉତ୍ସ। ଓଡ଼ିଆ ଉପନ୍ୟାସ ସାହିତ୍ୟ କ୍ଷେତ୍ର ଏହି ପରିବର୍ତ୍ତିତ ପ୍ରକ୍ରିୟାରେ ବିଷୟବସ୍ତୁଗୁଡ଼ିକରେ ବିବିଧ ରୂପାୟନ ଅନୁଭୂତ ହେଲା। ସାଂପ୍ରତିକ ଓଡ଼ିଆ ଉପନ୍ୟାସଗୁଡ଼ିକ ସମସାମୟିକ କଥା ଓ କଳ୍ପନାକୁ ଯଥାର୍ଥ ରୂପ ପ୍ରଦାନ କରୁଛି। ଜଗତୀକରଣର ପ୍ରଭାବରେ ଓଡ଼ିଆ ଉପନ୍ୟାସଗୁଡ଼ିକର ବିଷୟ ଚର୍ଚ୍ଚା କାହାଣୀଭିତ୍ତିକ ଯେତିକି ସେତିକି ପରିମାଣରେ ସମସ୍ୟାକୈନ୍ଦ୍ରୀକ ମଧ୍ୟ। ବିଶେଷକରି ବିଷୟବସ୍ତୁ କ୍ଷେତ୍ରଟି ସମସ୍ୟା ବହୁଳ ଉପାଦାନକୁ ଘଟଣା, ଚରିତ୍ର, ବର୍ଣ୍ଣନା, ମାଧ୍ୟମରେ ଉପସ୍ଥାପନା କରି ଏପରିକି ପାରମ୍ପରିକ ରଚନା ଧାରାଠାରୁ ସ୍ୱତନ୍ତ୍ର ଭାବରେ ପରିଚିତି ପାଏ।ଓଡ଼ିଆ ଉପନ୍ୟାସର ଆଦ୍ୟ ପର୍ଯ୍ୟାୟକୁ ଦେଖିଲେ ସମାଜ ଜୀବନର ବିବିଧ ରୂପ ବିଷୟବସ୍ତୁ ଆକାରରେ ସ୍ଥାନିତ ହେଉଥିଲା।

ଏବଂ ତା ସଙ୍ଗେ ସଙ୍ଗେ ସାମାଜିକ କୁସଂସ୍କାର, ଇତିହାସ, ପୁରାଣ, ଇତ୍ୟାଦି ବିଷୟଗୁଡ଼ିକ ରୂପପାଉଥିଲା। ୧୯୮୦ ପରବର୍ତ୍ତୀ ସମୟର ଓଡ଼ିଆ ଉପନ୍ୟାସ କ୍ଷେତ୍ର ହେଲା ଖୁବ୍ ବିସ୍ତୃତ। ସାଧାରଣ ମଣିଷର କଥାଠାରୁ ଆରମ୍ଭ କରି ଆଭିଜାତ୍ୟ, ମଧ୍ୟବିତ୍ତ, ଗରିବ, ମୁଲିଆ , ଆଦିବାସୀ ଜନ ଜାତି, ଏପରିକି ନିପଟ ଗାଁରୁ ସାହର, ଦେଶ ବିଦେଶରୁ କଥାବସ୍ତୁ ଚୟନ ହୋଇ ଉପନ୍ୟାସ ରଚନା କରାଯାଉଛି। ଜଗତୀକରଣ ଦୁନିଆରେ ମଣିଷର ଚାଲି ଚଳଣି , ଆଚାର ବ୍ୟବହାର ବଦଳିଛି। ପାଶ୍ଚାତ୍ୟ ସଭ୍ୟତା ଓ ସଂସ୍କୃତିକୁ ନିଜ ଭିତରେ ଅଙ୍ଗୀକାର କରିଛି। ଜୀବନଶୈଳୀରେ ଆଉ ପାରମ୍ପରିକତା ଦେଖା ଦେଉନାହିଁ। ଇଂଟରନେଟ୍ ଯୁଗରେ ମଣିଷ ବିଶ୍ୱକୁ ନିଜ ହାତରେ ଦେଖିପାରୁଛି। ସମାଜ ଜୀବନରେ ଏପରି ପ୍ରକ୍ରିୟା ଭିତରୁ ଔପନ୍ୟାସିକ ବାଦ ଯାଇନାହିଁ। ନିଜ ଉପନ୍ୟାସର କଥାବସ୍ତୁକୁ ସମାଜ, ସଂସ୍କୃତି, ରାଜନୀତି,ଭଳି ବିଭିନ୍ନ କ୍ଷେତ୍ରରୁ ଆରମ୍ଭ କରି ସାଂପ୍ରତକି ଜୀବନ କ୍ରିୟାର ଏକ ସାମୂହିକ ଦସ୍ତାବିଜ୍ ଉପନ୍ୟାସର ବିଷୟବସ୍ତୁ ପାଲଟୁଛି। ଜୀବନଶୈଳୀଭିତ୍ତିକ – ଗ୍ରାମ୍ୟ ଓ ସହରୀ ଜୀବନ, ଆଦିବାସୀ ଜୀବନ, ବୃତ୍ତିଗତ ଜୀବନ, ବିକାଶ ବାର୍ତ୍ତାଭିତ୍ତିକ –ବିଜ୍ଞାନ, ଶିକ୍ଷା, କଳକାରଖାନା ସ୍ଥାପନ, ଯୋଜନା ବନାମ ପ୍ରକଳ୍ପ, ଇଂଟରନେଟ୍, ଗଣମାଧ୍ୟମ, ନାରୀ ଜାଗରଣ, ବିଜ୍ଞାନ, ବାଣିଜ୍ୟ, ଅର୍ଥନୀତି, ଆଂଚଳିକତା, ସାଂପ୍ରତିକ ସମସ୍ୟାଭିତ୍ତିକ – ସାମାଜିକ ସମସ୍ୟା, ରାଜନୀତିକ ସମସ୍ୟା, ଶିକ୍ଷିତ ବେକାରୀ, ଭ୍ରୂଣ ହତ୍ୟା, ଦାଦନ ସମସ୍ୟା, ମାଓବାଦୀ ସମସ୍ୟା, ବିସ୍ଥାପନ ସମସ୍ୟା,ସମାଜର ଅବକ୍ଷୟୀ ରୂପ – ସାଂସ୍କୃତିକ ରୂପ, ଗ୍ରାମ୍ୟ ରୂପ, କଳୁଷ ରାଜନୀତି ଇତ୍ୟାଦି।

ବିସ୍ଥାପନ ହେଉଛି ଏକ ସମସ୍ୟା। ବିସ୍ଥାପନ ଅର୍ଥ ହେଉଛି ବାସ କରୁଥିବା ସ୍ଥାନରୁ ସ୍ଥାନାନ୍ତରଣ ବା ବହିଷ୍କୃତ ହେବା। ସ୍ୱାଧୀନୋତ୍ତର ଦେଶରେ ଶିଳ୍ପ ପ୍ରତିଷ୍ଠା ଓ ଜମି ଅଧିଗ୍ରହଣ, ଜଙ୍ଗଲ ଉଚ୍ଛେଦାଦି ଦ୍ୱାରା ଏହି ସମସ୍ୟା ଦେଖାଯାଉଛି। ବିସ୍ଥାପିତ ଲୋକମାନେ ନିଜ ବାସସ୍ଥାନ, ଜମି, ଜଙ୍ଗଲ ହରାଇ କଳା, ଭାସ୍କର୍ଯ୍ୟ, ସମ୍ପର୍କୀୟଠାରୁ ବିଚ୍ଛିନ୍ନ ହୋଇଥାନ୍ତି ଏବଂ ନୂତନ ସ୍ଥାନରେ ଜୀବନ ଓ ଜୀବିକା ନିର୍ବାହ କରିଥାନ୍ତି। ଅଧୁନା ବିସ୍ଥାପିତ ଜୀବନକୁ ଆଦରି ବଂଚୁଥିବା ମଣିଷ ପ୍ରାୟତଃ ଅଧିକାଂଶ ସ୍ଥାନରେ ଦେଖିବାକୁ ମିଳୁଛି। ଏହି ବିସ୍ଥାପିତ ହେବା ଏକ ସ୍ୱାଭାବିକ କଥା ନୁହେଁ। ବିସ୍ଥାପିତ ହେବାର ଅନେକ କାରଣ ରହିଛି। ନହେଲେ କାହିଁକି ଜଣେ ନିଜେ ବଂଚୁଥିବା ରୁଚିଶୀଳ ବାସସ୍ଥାନରୁ ପଳାଇ ଆସି ଅନ୍ୟତ୍ର ବାସକରେ। ଅନ୍ୟ ଭାଷା ଅନ୍ୟ ସଂସ୍କୃତିରେ ନିଜକୁ ସାମିଲ୍ କରେ। ବିସ୍ଥାପନ ସମସ୍ୟା ପ୍ରମୁଖ କେତୋଟି କାରଣ ମଧ୍ୟ ରହିଛି। ଯେମିତି କି;

### ଆର୍ଥନୀତିକ କ୍ଷେତ୍ର :

ପ୍ରଥମଟି ଅର୍ଥ ଅଭାବ ହେତୁ ନିଜର ପରିବାର ପ୍ରତିପୋଷଣ ଲାଗି ଅକ୍ଷମ ମନେକରୁଥିବା ମୁରବୀ ବା ବ୍ୟକ୍ତି ଆର୍ଥିକ ସ୍ୱଚ୍ଛଳ ନିଶାରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଚାଲିଆସେ। ଯେଉଁଠି ଅର୍ଥ ଉପାର୍ଜନ ହିଁ କେନ୍ଦ୍ର ପାଲଟେ।

### ସାମାଜିକ କ୍ଷେତ୍ର :

ସମାଜରେ ବଂଚିବାକୁ ହେଲେ ସାମାଜିକ ନିୟମ, ସାମାଜିକ ପରିବେଶ ସହ ନିଜକୁ ଅଙ୍ଗୀଭୂତ କରିବା ଜରୁରୀ। ଏଣୁ ମନୁଷ୍ୟ ସାମାଜିକ ଜୀବନ ପ୍ରକ୍ରିୟାରେ ନିଜକୁ ଜଡ଼ିତ ରଖେ। କିନ୍ତୁ ସମାଜର ସମସ୍ୟା (ରାଜନୀତିର ଅତିଷ୍ଠତା, ଧାର୍ମିକ କନ୍ଦଳ, ଦଙ୍ଗା) ଇତ୍ୟାଦି ଦ୍ୱାରା ମଣିଷ ନିଜ ବାସସ୍ଥାନ ଛାଡ଼ି କେବଳ ଜୀବନ ବଂଚାଇବା ଲୋଭରେ ଅନ୍ୟ ସ୍ଥାନକୁ ପଳାଏ। ଶିଳ୍ପ, କଳକାରଖାନା. ଡ୍ୟାମ୍, ଆଦି ପ୍ରତିଷ୍ଠା ଫଳରେ ବାସଚ୍ୟୁତ ହେଉଥିବା ମଣିଷର କଥା ମଧ୍ୟ ଉକ୍ତ ପର୍ଯ୍ୟାୟରେ ବିଚାର୍ଯ୍ୟ।

### ପରିବେଶ କ୍ଷେତ୍ର :

ଏହା ବିଜ୍ଞାନ ସହ ଜଡ଼ିତ। ମଣିଷ ତାର ପାରିପାର୍ଶ୍ୱିକ ପରିବେଶକୁ ନେଇ ବଂଚେ। କିନ୍ତୁ ପ୍ରାକୃତିକ ବିପର୍ଯ୍ୟୟ ପାଖରେ କିଏ ବା ଜିତିବ ? ସମୁଦ୍ର କୂଳିଆ ଅଂଚଳରେ ବନ୍ୟା ଆସିବା, ମେଘ ବିହୁନେ ମରୁଡ଼ି ହେବା, ଭୂ-କମ୍ପ ହେବାଦ୍ୱାରା ମଣିଷ ନିଜର ସ୍ୱ-ବାସ ହରାଇ ଅନ୍ୟତ୍ର ବାସ କରେ।

ଏହି ବିସ୍ଥାପନ ସମସ୍ୟା ଓଡ଼ିଆ ଉପନ୍ୟାସ କ୍ଷେତ୍ରକୁ ପ୍ରଭାବିତ କରିଛି। ଦେଖିବାକୁ ଗଲେ ଆଂଚଳିକ ଉପନ୍ୟାସଗୁଡ଼ିକରେ ଏହି ବିସ୍ଥାପନ ସମସ୍ୟା ଚିତ୍ର ଅଧିକ ଦେଖିବାକୁ ମିଳୁଛି। ଔପନ୍ୟାସିକ କେବଳ ଚିତ୍ର ପ୍ରଦାନ କରୁନି ତା' ସାଙ୍ଗକୁ କାରଣଗୁଡ଼ିକ ମଧ୍ୟ ସ୍ପଷ୍ଟ ରୂପରେ ଦର୍ଶାଇ ଦିଆଯାଉଛି।

ଶଶୀଭୂଷଣ ମହାପାତ୍ରଙ୍କ 'କ୍ରାନ୍ତିର ଅବବାହିକା' (୧୯୮୦)ରେ ଓରାଂ ଆଦିବାସୀମାନେ ଭିଟା ମାଟିରୁ ଉଚ୍ଛେଦ ହେବା ଆଶଙ୍କା କରି ରାଜଗାଙ୍ଗପୁରରେ ହେବାକୁଥିବା ରେଳ ଲାଇନ ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି।ଔପନ୍ୟାସିକ ହୃଷୀକେଶ ପଣ୍ଡା 'ସୁନାପୁଟର ଲୋକେ'(୧୯୯୧) ଉପନ୍ୟାସରେ ସରକାରଙ୍କଦ୍ୱାରା ସ୍ଥାପିତ ହେବାକୁ ଥିବା ଜଳ ବିଦ୍ୟୁତ୍ ଯୋଜନା କାରଣରୁ ସୁନାପୁଟ ଓ ପଣସପୁଟ ଗାଁ ଦୁଇଟିର ଦୁଃଖ ଦୁର୍ଦ୍ଦଶା ଅଧିକ ବଢ଼ିଛି। ଏହି ପ୍ରସଙ୍ଗରେ ବିସ୍ଥାପିତ ହେବାର ଚିତ୍ରକୁ ଔପନ୍ୟାସିକ ସୂଚିତ କରିଛନ୍ତି। " ଯାଅ ଯାଅ ପଳେଇଯାଅ, ଯେଣେ ଇଚ୍ଛା ତେଣେ ଯାଅ। ଏ ଜମି ତୁମର ନୁହେଁ, ଏ ଜମି ବର୍ଷେ ଆଗରୁ ସରକାର ନେଇ ସାରିଲେଣି। ତୁମକୁ ଯାବତୀୟ କ୍ଷତିପୂରଣ ଦେଇ ସାରିଲେଣି। ବର୍ଷେ ହେଲା ଏବେ ଏ ଗାଁ ଜଳ ପ୍ରପାତକୁ ବାନ୍ଧି ଯୋଉ ବନ୍ଧ କରା ହେଇଛି ସେଇଠି ବୁଡ଼ିଯିବ। ଏଥିରୁ ବିଦ୍ୟୁତ୍ ଶକ୍ତି ବାହାରିବ। ଜଳପ୍ରପାତମାନେ ତମେ ବୁଝିବ ଯେ ହେଲେ ବେଶୀ ଆଲୋକ ବିଦ୍ୟୁତ ଶକ୍ତିର ମାନେ ତମେମାନେ ବୁଝିବ ନାହିଁ। ତେବେ ଏହାକୁ ଦେଶର ଅର୍ଥନୈତିକ ଜୀବନର ଆତ୍ମା ସହ ତୁଳନା କରାଯାଇପାରେ। ଜୀବନ ଓ ଆତ୍ମାମାନେ ତମେ ବୁଝିବ ଯେ, ହେଲେ ଦେଶ ଓ ଅର୍ଥନୀତି ତମେ ବୁଝିବ ନାହିଁ। ତେବେ ଏଥିରେ କାରଖାନା ବସିବ। ଅନେକ ଜିନିଷ ଉତ୍ପାଦନ ହେବ। ଜିନିଷ ମାନେ ତମେ ବୁଝିବ ଯେ କଳକାରଖାନା ମାନେ ତମେ ବୁଝିବ ନାହିଁ।"(୩) ଉପନ୍ୟାସଟିର ଉକ୍ତ ପ୍ରସଙ୍ଗରେ ବିସ୍ଥାପିତ ହେବାର କାରଣ କଥାଟିକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଆଦିବାସୀ ଅଧ୍ୟୁଷିତ ଅଂଚଳରେ ବିକାଶ ନାମରେ ସରକାରୀ ଯୋଜନା ଓ ପ୍ରକଳ୍ପ ସ୍ଥାପନ କାରଣ ହେତୁ ବିସ୍ଥାପନ ସମସ୍ୟା ପ୍ରସଙ୍ଗଟି ମୁଣ୍ଡ ଟେକେ। ଔପନ୍ୟାସିକ ପଣ୍ଡା କଥାବସ୍ତୁଟିକୁ ଉପସ୍ଥାପିତ କଲାବେଳେ ବିସ୍ଥାପନର ସ୍ପର୍ଶ ଉପନ୍ୟାସଟିରେ ଦେଇଛନ୍ତି।

କେନ୍ଦୁଝରର ମାଝିପଡ଼ା ଅଂଚଳକୁ ନେଇ ଔପନ୍ୟାସିକ ବିଭୂତି ପଟ୍ଟନାୟକଙ୍କ ଉପନ୍ୟାସ ହେଉଛି 'ଆଦିମ ଅରଣ୍ୟ' (୧୯୯୫) ମାଝିପଡ଼ା ଅଂଚଳରେ ପ୍ରଚୁର ଖଣିଜ ସମ୍ପଦ ଅଛି ବୋଲି ଜଙ୍ଗଲ ଉଚ୍ଛେଦ ଏବଂ ସରକାରୀ ନିୟମ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ ହେଁ କୌଣସି ଫଳ ମିଳିନାହିଁ। ଶେଷରେ ସେହି ଅଂଚଳର କାନୁ ମାଝୀ ମଧ୍ୟ ସରକାରୀ ଲୋକ ହିସାବରେ ନିରୂପାୟ ହୋଇଛି। ଶେଷରେ ମାଝୀପଡ଼ାବାସୀ ବାସହରା ହୋଇଛନ୍ତି। "ମୁଣ୍ଡା କହିଲା– ତମ ଆଦିବାସୀ ଲୋକଙ୍କ ଉପରେ ବିପଦ ମାଡ଼ି ଆସୁଛି ଗଂଜିଆ। ସରକାର ଏ ସାରା ଜଙ୍ଗଲ ଅଂଚଳ ବୁଲି ସରଜମିନ୍ ତଦନ୍ତ କରୁଛନ୍ତି। ତମର ଏ ଅରଣ୍ୟ ଅଂଚଳ ମାଟି ତଳେ ସୁନା ଅଛି। ସରକାର ଏ ଅରଣ୍ୟର ଗଛକାଟି ଏଠାରେ କାରଖାନା ବସାଇବ। ତମର ପଡ଼ା ପାଲି ସବୁ ଉଠିଯିବ– ମାଟି ତଳୁ ଯେଉଁ ଖଣିଜ ପଦାର୍ଥ ବାହାରିବ, ତାକୁ ସବୁ ଜାହାଜରେ ବିଦେଶ ପଠାଯିବ।"(୪) ଆଦିବାସୀ ଅଂଚଳରେ ବିସ୍ଥାପିତ ହେବାର ଚିତ୍ର ଦବାକୁ ଯାଇ ଔପନ୍ୟାସିକ ସେମାନଙ୍କ ପ୍ରତି ନିର୍ଦ୍ଦେଶ ଓ କାରଣ ଇତ୍ୟାଦିକୁ ସୂଚିତ କରିଛନ୍ତି। ପୁନଶ୍ଚ ଏହି କଥାଟି ଉପନ୍ୟାସରେ ଅଧିକ ସ୍ପଷ୍ଟ କରିବାକୁ ଯାଇ ଔପନ୍ୟାସିକ ଗଣମାଧ୍ୟମ ତଥା ଖବରକାଗଜର ସାହାଯ୍ୟରେ ପାଠକ ଗୋଷ୍ଠୀକୁ ଜଣାଇଛନ୍ତି। " କିନ୍ତୁ କଥାଟା ଫୁଟି ବାହାରିଲା ଚପା ହୋଇଥିବା ଖବର କାଗଜରେ। ମାଝିପଡ଼ା ମାଟି ତଳେ ମୂଲ୍ୟବାନ ଖଣିଜ ପଦାର୍ଥ ଅଚି। ଭୂତତ୍ତ୍ୱ ବିଭାଗ ଲୋକେ ସେ ଖଣିଜ ପଥର ଭାରତ ସରକାରଙ୍କ ଭୂତତ୍ତ୍ୱ ବିଭାଗ ଅଧିକାରୀଙ୍କ ପାଖକୁ ପଠାଇଥିଲେ। ସରକାର ନିଷ୍ପତ୍ତି କରିଛନ୍ତି ମାଝିପଡ଼ା ଏକ ଖଣି ଅଂଚଳ। ସେଠାରୁ ଜନବସତି ଉଠିଯିବ। ଖଣି ଖୋଳା ହୋଇ ମଣି ବାହାରିବ। କାରଖାନା ବସିବ ମାଝିପଡ଼ାର ବନବାସୀମାନେ ଅନ୍ୟ ଇଲାକାକୁ ଉଠିଯିବେ।"(୫) ଔପନ୍ୟାସିକ ପଟ୍ଟନାୟକ ଉପନ୍ୟାସ ମଧ୍ୟରେ କେବଳ ଚରିତ୍ରଗୁଡ଼ିକୁ ମାଧ୍ୟମ କରି ନିଜର ବକ୍ତବ୍ୟ ପ୍ରକାଶ କରିଛନ୍ତି। ମାଝିପଦା ଅଂଚଳର ଖଣିଜ ସମ୍ପଦ ଠାବ ହେବା ଦ୍ୱାରା ସେମାନଙ୍କ ବାସ ଅନ୍ୟ ସ୍ଥାନକୁ ଯିବାର ଆଭାସ ସିନା ମିଳିଲା କିନ୍ତୁ ସାମାଜିକ ଆର୍ଥିକ ଦିଗରୁ ବିକାଶର ଏକ ସୂର୍ଯ୍ୟୋଦୟ କଥା ମଧ୍ୟ ସ୍ପଷ୍ଟ ଭାବରେ ବାରିହେଲା। ମାଝିପଡ଼ା ଅଂଚଳ ଲୋକେ ସ୍ୱ ପରିବେଶରୁ ବିତାଡ଼ିତ ହେବାର କ୍ଷୋଭ କିନ୍ତୁ ଗୌଣ ହୋଇଯାଇଛି। ପରବର୍ତ୍ତୀ ସମୟରେ ବିସ୍ଥାପିତ ହେବାକୁ ଥିବା ଲୋକଙ୍କର ଥଇଥାନ ବ୍ୟବସ୍ଥା କରିବା ପ୍ରସଙ୍ଗକୁ କାନୁ ମାଝୀ ଚରିତ୍ର ମାଧ୍ୟମରେ ମେଘମାଳାକୁ କୁହାଇଛନ୍ତି। "ସେ ପଚାରିଲା– ମାଝିପଡ଼ାରୁ ଯେଉଁମାନେ ଉଠିଯିବେ, ସେମାନଙ୍କ ପାଇଁ ଗଡ଼ ପାଖରେ କୋଠାଘର ତୋଳା ହେଉଛି। କୁଡ଼ିଆ ଛାଡ଼ି ସେମାନେ କୋଠାରେ ରହିବେ। ଏଥିରେ ତ ତମର ଖୁସି ହେବା କଥା। କୋଠା ଘରେ ରହିବେ, ଅଗ୍ରାଧିକାର ଭିତ୍ତିରେ ଖଣି ଅଂଚଳରେ କାମ ଧନ୍ଦାର ସୁଯୋଗ ପାଇବେ। ସେମାନଙ୍କ ଆର୍ଥିକ ଅବସ୍ଥାର ଉନ୍ନତି ଘଟିବ।

ସରକାର ଆଦିବାସୀମାନଙ୍କୁ ଦାରିଦ୍ର୍ୟର ସୀମାରେଖା ତଳୁ ଉଠାଇ ଉପରକୁ ନେଇଯିବାକୁ ଏ ଯୋଜନା କରନ୍ତି।"(୬) ସରକାରଙ୍କ ଯୋଜନା ଆଗରେ ସାଧାରଣ ବନବାସୀ କିପରି ଅସହାୟ ଏବଂ ସେମାନଙ୍କ ଅସୁବିଧାକୁ ଦୂର କରିବାକୁ ଯାଇ ନିଯୁକ୍ତି, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ପ୍ରସଙ୍ଗକୁ ଔପନ୍ୟାସିକ ସୂଚିତ କରିଛନ୍ତି।

କଳାହାଣ୍ଡି ଜିଲ୍ଲାର ଇନ୍ଦ୍ରାବତୀ ଡ୍ୟାମ୍ ସ୍ଥାପନକୁ ନେଇ ଦାଶରଥି ନନ୍ଦଙ୍କ ଉପନ୍ୟାସ ହେଉଛି 'କାହାଣୀ ଇନ୍ଦ୍ରାବତୀର'(୨୦୦୧)। ଉପନ୍ୟାସଟିରେ କାହାଣୀଗତ ବଳିଷ୍ଠତା ଯେତିକି ତାଠୁ ଅଧିକ ଅଂଚଳିକ ବର୍ଣ୍ଣନା ଓ ବିବରଣୀ ପ୍ରଦାନ। ଉପନ୍ୟାସଟିରେ ଔପନ୍ୟାସିକ ନନ୍ଦ କଳାହାଣ୍ଡିର ବିବିଧ ସ୍ଥାନ , ଶିକ୍ଷା, କୃଷି ଇତ୍ୟାଦିକୁ ଆଲୋକପାତ କରିଛନ୍ତି। ଔପନ୍ୟାସିକ ନନ୍ଦ ବୃତ୍ତିରେ ଜଣେ ଇଞ୍ଜିନିୟର୍ ଥିବାରୁ ତଥ୍ୟ ଓ ସଠିକ ବିଶ୍ଳେଷଣ ଉପନ୍ୟାସଟିକୁ ଅଧିକ ବାସ୍ତବମୁଖୀ କରାଇଛି। ଡ୍ୟାମ୍ ସ୍ଥାପନ ହେବା ଫଳରେ ସ୍ଥାନୀୟ ବାସିନ୍ଦାଙ୍କ ପ୍ରତି ଯେଉଁ ଦୁର୍ଦ୍ଦଶାଟି ମାଡ଼ି ଆସିଛି ତାହା ହେଉଛି ତାଙ୍କର ବାସ ହରାଇବା କଥା। ସରକାରଙ୍କ ନିର୍ଦ୍ଦେଶରେ ସେଠାକାର ଲୋକେ ଅଧିକ ବ୍ୟସ୍ତ ହୋଇପଡ଼ିଛନ୍ତି। ସେମାନଙ୍କର ଦୁଃଖ ଓ ଯାତନାକୁ ଔପନ୍ୟାସିକ ନିଜ ଉପନ୍ୟାସରେ ସ୍ଥାନ ଦେଇଛନ୍ତି। " ଜଳ ଭଣ୍ଡାର ସୃଷ୍ଟି ହେଲେ ୯୯ଟି ଗ୍ରାମ ବୁଡ଼ିଯିବ ବୋଲି ୧୯୭୬ ରିପୋର୍ଟ ବେଳେ ଆକଳନ କରାଯାଇଥିଲା। ତାହାଦ୍ୱାରା ୧୬,୧୦୦ ସଂଖ୍ୟକ ଲୋକ କ୍ଷତିଗ୍ରସ୍ତ ହେବେ ଏବଂ ଏମାନଙ୍କର ଉପଯୁକ୍ତ ଥଇଥାନର ବ୍ୟବସ୍ଥା କରାଯିବ।"(୭) ଜଳ ଭଣ୍ଡାର ସୃଷ୍ଟି ହେବାଦ୍ୱାରା ଲୋକଙ୍କର କ୍ଷତି ଏବଂ ସରକାରୀ ଆକଳନକୁ ପାଠକ ସମ୍ମୁଖରେ ଉପସ୍ଥାପନ କରି ଔପନ୍ୟାସିକ ଉପନ୍ୟାସର ମର୍ମକୁ ଅଧିକ ସ୍ପଷ୍ଟ କରିଛନ୍ତି।

ବିସ୍ଥାପନର ଆଉ ଏକ ଚିତ୍ର ଦେଖିବାକୁ ମିଳେ ପ୍ରଶାନ୍ତ ନନ୍ଦଙ୍କ 'ପଲ୍‌ସା' (୨୦୧୫)ଉପନ୍ୟାସରେ। ବଣ ପାହାଡ଼ ଘେରା ଆଦିବାସୀ ଅଂଚଳ କୁର୍‌ଲି ଗାଁର ଲୋକେ ରାତା ରାତି ସ୍ଥାନାନ୍ତରିତ ହୋଇଯିବା ପ୍ରସଙ୍ଗରେ ବିସ୍ଥାପନର ଚିତ୍ରଟିଏ ଅନୁଭବ ହୁଏ। "ଏତିକି ବେଳେ ପୁଣୁ ଗୋଟିଏ ଅଘଟଣ ଘଟିଲା। ରାତିରେ ଧାଙ୍ଗଡ଼ି ବସା, ଯେଉଠି ପୋଲିସ୍ ବାଲା ମଦ ପିଇ ମଉଜ ମଜଲିସ୍ କରୁଥିଲେ, ସେଇଠି ଗୋଟେ ବୋମା ଫୁଟିଲା। ସେ ବୋମାର ଶବ୍ଦ ଏତେ ଥିଲା ଯେ କୁର୍‌ଲି ଗାଁ ଥରି ଉଠିଲା। କେତେଟା ପୋଲିସ୍ ମରିଗଲେ। ଆଉ କେତେଟା ଖଣ୍ଡିଆଖାବରା ହେଇଗଲେ। ତାପରେ ବଡ଼ ବଡ଼ ଟ୍ରକ୍‌ରେ ଆସିଲେ ଆହୁରି ପୋଲିସ୍। ଜାନି ଦିଶାରୀ ସବୁ ଗାଁ ବାଲାଙ୍କୁ କହିଲେ ଗାଁ ଛାଡ଼ି ଚାଲିଯିବାକୁ। ଜାମିଲି ତା' ଦି ଝିଅଙ୍କୁ ଧରି ଚାଲି ଆସିଲା ଲାଞ୍ଜିଗଡ଼।"(୮) ଔପନ୍ୟାସିକ ନନ୍ଦ ଏଠାରେ ନକ୍ସଲପ୍ରବଣ ଅଂଚଳ ଓ ତା'ର ପାରିବେଶିକ କଥାକୁ ଉପସ୍ଥାପନ କରିଛନ୍ତି। କୁର୍‌ଲି ଗାଁକୁ ଆକ୍ରମଣ ହିଁ ତା'ର ସୂଚନା। ସାଧାରଣ ବନବାସୀଙ୍କ ହଟହଟା ଚିତ୍ର ହିଁ ଜାମିଲି ଚରିତ୍ର ଦ୍ୱାରା ସ୍ପଷ୍ଟ। ନିଜ ଅଂଚଳ ଛାଡ଼ି ଲାଞ୍ଜିଗଡ଼ରେ ରହିବା ଜାମିଲିକୁ ଭାରି ଅସୁବିଧା ହୋଇଛି। କିନ୍ତୁ ଔପନ୍ୟାସିକ ଦେଖାଇଛନ୍ତି ଯେ; କମ୍ପାନୀ ସ୍ଥାପନ ହେବା ଏବଂ ସେଇଠି ପେଟ ପୋଷିବାକୁ ସହଜ ହେବା ଲକ୍ଷ୍ୟରେ ବନାନୀ ପରିବେଶରୁ ନିଜ ବାସ ସ୍ଥାନ ଛାଡ଼ି ଛୁଟି ଆସୁଥିଲେ ଲାଞ୍ଜିଗଡ଼ ସହରକୁ।

"ପୁଳା ପୁଳା ଲୋକ ଡୋଙ୍ଗର ଛାଡ଼ି ଯାଉଛନ୍ତି ଲାଞ୍ଜିଗଡ଼କୁ। ହେଲେ ଲାଞ୍ଜିଗଡ଼ରେ ଚଳିବେ କେମିତି? କିଏ ସବୁ କହୁଛନ୍ତି, ସେଠି ଗୋଟେ ବଡ଼ କାରଖାନା ହଉଚି, ତାଙ୍କୁ ବହୁତ ଲୋକ ଦରକାର। ସକାଳୁ ସଞ୍ଜ ଯାଏ ଦିହ ଲଗେଇ କାମ କଲେ ଯେତିକି ପଇସା ମିଳିବ ସେଥିରେ ଆଖି ଖୋସି ହୋଇଯିବ। ସବୁଦିନେ ଭାତ ଶୁଖୁଆ କାଇ ବି ହାଣ୍ଡିଆ ପାଇଁ ପଇସା ବଳିବ। ଭଲ ହେଇଛି ଡୋଙ୍ଗର ଛାଡ଼ି ଦି ଝିଅଙ୍କୁ ନେଇ ଚାଲି ଆସିଛି ସେ ଭାବୁଥିଲା ଜାମିଲି।"(୯) ଜାମିଲି ନିଜ ବାସସ୍ଥାନ ଛାଡ଼ି ଲାଞ୍ଜିଗଡ଼କୁ ଆସି ଯେଉଁ ମାନସିକ ସଂଶୟରେ ପଡ଼ିଛି ତାକୁ ରୂପ ଦେଇଛନ୍ତି ଔପନ୍ୟାସିକ। ଅନେକ ଆଶା ଓ ସ୍ୱପ୍ନ ଜାମିଲି ମନ ଭିତରେ ଭରିଦେଇଛନ୍ତି ଔପନ୍ୟାସିକ।

ଏହି ଧାରାରେ ଓଡ଼ିଆ ଉପନ୍ୟାସ କ୍ଷେତ୍ରରେ ଅଳକା ଚାନ୍ଦଙ୍କ 'ଡାଲିମ ବୋଲି ଝିଅଟିଏ'(୨୦୦୧)ରେ କନ୍ଧବସ୍ତିଟିଏର ଧ୍ୱଂସ ହୋଇଯିବାର ପ୍ରଚ୍ଛଦରେ କାରଖାନା ସ୍ଥାପନ ଓ ସହରୀକରଣ। ଏହାଦ୍ୱାରା ସବୁଜିମାଭରା ପରିବେଶ ଧୂଳି ଧୂଆଁରେ ପୂର୍ଣ୍ଣ ହୋଇ ଓଠିଛି। ଯାହାଫଳରେ ବଞ୍ଚିବାର ଆଶା ଓ କ୍ଷୀଣ ହୋଇଯାଇଛି। ବାଉଁଶରାଣୀ ଡାଲିମ ପରିବାରର ଯାଯାବର ଜୀବନକୁ ଲକ୍ଷ୍ୟକଲେ ଜଣାଯାଏ। ଏତଦବ୍ୟତୀତ ଲକ୍ଷ୍ମୀଧର ନାୟକଙ୍କ 'ମୋ ସ୍ୱପ୍ନର ସହର'(୧୯୮୧), ଯୋଗେନ୍ଦ୍ର ଦାଶଙ୍କ 'ଫଲ୍ଗୁ'(୧୯୯୫), ନିବାରଣ ଜେନାଙ୍କ 'ଶଙ୍ଖେ

ସମୁଦ୍ର'(୨୦୦୬), ଭୀମ ପୃଷ୍ଟିଙ୍କ 'ସମୁଦ୍ର ମଣିଷ'(୨୦୦୬), ସତ୍ୟପ୍ରିୟ ମହାଳିକଙ୍କ 'ନିଓଟୋପିଆ'(୨୦୧୩) ଓ କୃପାସାଗର ସାହୁଙ୍କ 'ଝରାପତ୍ରରେ ଝଡ଼'(୨୦୧୪) ଇତ୍ୟାଦି ଅନ୍ୟତମ ।ଉପନ୍ୟାସର ବିଷୟ ବୈଚିତ୍ର୍ୟ ଓ ଶିଳ୍ପ ଚାତୁରୀ ଅନୁସାରେ ସାଂପ୍ରତିକ ଓଡ଼ିଆ ଉପନ୍ୟାସ ବିସ୍ଥାପନ ପ୍ରସଙ୍ଗକୁ ପାଠକଟିଏ ଅଧିକାଂଶ ଉପନ୍ୟାସରେ ଭେଟୁଛି । ଏହା କେବଳ ଉପନ୍ୟାସର କେନ୍ଦ୍ରବିନ୍ଦୁ ହୋଇ ଉଭା ହେଉନାହିଁ ବରଂ କାହାଣୀର ଆନୁସଙ୍ଗିକତାରେ ମଧ୍ୟ ଲେଖକମାନେ ବିସ୍ଥାପନର ଚିତ୍ରକୁ ପ୍ରତିଫଳିତ କରିଛନ୍ତି ।

**ସହାୟକ ଗ୍ରନ୍ଥସୂଚୀ :**


୧. ସାରଳା ସାହିତ୍ୟ ସଂସଦ, ସାଂପ୍ରତିକ ଓଡ଼ିଆ ସାହିତ୍ୟ-ସଂ-ସାରଳା ସାହିତ୍ୟ ସଂସଦ ପୃ-୨୫୪

୨. ସାହୁ ଆଦିକନ୍ଦ, ଓଡ଼ିଆ ଗଳ୍ପ ଓପନ୍ୟାସ ନବ ଦିଗନ୍ତ, ଅଗ୍ନିମା ପବ୍ଲିକେଶନ, କଟକ, ୧୯୯୯, ପୃ-୧୦୫

୩. ପଣ୍ଡା ହୃଷୀକେଶ, ସୁନାପୁଟର ଲୋକେ, ଗ୍ରନ୍ଥ ମନ୍ଦିର, କଟକ, ପୁନଃ ମୁଦ୍ରଣ, ୨୦୦୪, ପୃ-୩୩

୪. ପଟ୍ଟନାୟକ ବିଭୂତି, ଆଦିମ ଅରଣ୍ୟ, ଚତୁରଙ୍ଗ, ୧୯୯୫, ପୃ-୮୪

୫. ତତ୍ରୈବ, ପୃ-୯୧

୬. ତ୍ରୈବ, ପୃ-୯୮

୭. ନନ୍ଦ ଦାଶରଥି, କାହାଣୀ ଇନ୍ଦ୍ରାବତୀର, ଜୟପୁର, କୋରାପୁଟ, ୨୦୦୧, ପୃ-୫୬

୮. ନନ୍ଦ ପ୍ରଶାନ୍ତ, ପଲ୍ଲୀ, ପକ୍ଷୀଘର, ଭୁବନେଶ୍ୱର,୨୦୧୫, ପୃ-୭୧

୯. ତତ୍ରୈବ, ପୃ-୧୩୩


❖ ❖ ❖

DOI : https://doi.org/10.5281/zenodo.18813139

ମୂଳ ପ୍ରବନ୍ଧ

# ଓଡ଼ିଆ ଉପନ୍ୟାସରେ ମହାବାତ୍ୟା ପ୍ରସଙ୍ଗ : ଏକ ଦୃଷ୍ଟିପାତ

**ମାନସ କୁମାର ନାୟକ**

**ସଂକ୍ଷିପ୍ତସାର :**

ବିଂଶ ଶତକର ଶେଷ ଆଡ଼କୁ ଓଡ଼ିଶାରେ ଯେଉଁ ମହାବାତ୍ୟା ହୋଇଥିଲା, ତାହା ଓଡ଼ିଶାକୁ ପଚାଶ ବର୍ଷ ପଛକୁ ଠେଲି ଦେଇଥିଲା । ୧୮୬୬ ମସିହାର ନ'ଅଙ୍କ ଦୁର୍ଭିକ୍ଷ ଯେପରି ଓଡ଼ିଆ ଜାତିର ମେରୁଦଣ୍ଡକୁ ଭାଙ୍ଗି ଦେଇଥିଲା; ସେପରି ୧୯୯୯ ମସିହାର ମହାବାତ୍ୟା ଓଡ଼ିଆ ଲୋକଙ୍କ ଜୀବନକୁ ଦୁର୍ବିସହ କରିଦେଇଥିଲା । ଏହାର କ୍ଷୟକ୍ଷତି ଆକଳନ କରିବା ଅସମ୍ଭବ ମନେହୁଏ । ଏ ମହାବାତ୍ୟା କାରଣରୁ ଅନେକ ଘରଦ୍ୱାର, ଧନସଂପତ୍ତି ନଷ୍ଟ ହେବା ସହିତ ଅସଂଖ୍ୟ ଲୋକ ଏଥିରେ ପ୍ରାଣ ହରାଇଥିଲେ । ବାତ୍ୟା ପରେ ସରକାରଙ୍କ ତରଫରୁ ରିଲିଫ୍ ବଣ୍ଟନ କରାଯାଇଥିଲେ ମଧ୍ୟ ଏହା ଅନେକ ଲୋକଙ୍କ ପାଖରେ ପହଂଚିନଥିଲା । ରାଜନେତାମାନେ ରିଲିଫ୍‌କୁ ବାଟମାରଣା କରିଦେଉଥିଲେ । ତେବେ ଏହି ମହାବାତ୍ୟା ପୂର୍ବର ସଚେତନତା, ମହାବାତ୍ୟା ସମୟର ଓଡ଼ିଶାର କରାଳ ଚିତ୍ର, ମହାବାତ୍ୟା ପରର ହୀନ ରାଜନୀତି ଏବଂ ସ୍ୱାଭାବଲମ୍ବୀ ଓଡ଼ିଶାବାସୀଙ୍କ ସଂଘର୍ଷକୁ ଅନେକ ସାହିତ୍ୟିକ ସାହିତ୍ୟର ରୂପ ଦେଲେ । ନିଜ ଲେଖନୀ ଜରିଆରେ ଓଡ଼ିଶାର ତତକାଳୀନ ସମୟର ସାମାଜିକ ଏବଂ ରାଜନୀତିକ ଚିତ୍ରକୁ ଦର୍ଶାଇଲେ । ତେଣୁ ମହାବାତ୍ୟାକୁ କେନ୍ଦ୍ର କରି ଲେଖାଯାଇଥିବା ଉପନ୍ୟାସଗୁଡ଼ିକ ସ୍ୱତନ୍ତ୍ର ଆଲୋଚନାର ଦାବି କରେ ।

**ପ୍ରମୁଖ ଶବ୍ଦାବଳୀ:**

ମହାବାତ୍ୟା, ଶାରିଆ, ମୃତ୍ୟୁ, ସମୁଦ୍ର, ଶବ, ଜୀବନ

**ଉପକ୍ରମ:**

ପ୍ରକୃତି ସହ ମଣିଷର ସଂପର୍କ ନିବିଡ଼ । ପ୍ରକୃତି ମଣିଷକୁ ଜୀବନ ଦେବାବେଳେ ଅନେକ ସମୟରେ ମୃତ୍ୟୁ ବି ଦେଇଥାଏ । ବେଳେବେଳେ ପ୍ରକୃତିର ତାଣ୍ଡବ ଲୀଳା ପାଖରେ ମଣିଷ ହାର ମାନିଯାଏ । ଭାରତର ସବୁ ରାଜ୍ୟଠାରୁ ଓଡ଼ିଶା ଅଧିକ ମାତ୍ରାରେ ପ୍ରଭାବିତ ହୁଏ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକର । କାରଣ ଏଠାରେ ବହୁ ନଦୀ, ହ୍ରଦ ରହିଥିବା ବେଳେ ଉନ୍ନତମାନର ପୋଲ, ବନ୍ଧର ବ୍ୟବସ୍ଥା ନାହିଁ । ଏହିପରି ୧୯୯୯ ମସିହା ଅକ୍ଟୋବର ୨୯ ତାରିଖ ଥିଲା ଓଡ଼ିଶା ପାଇଁ ଏକ ଅଭିଶାପ । ପବନର ବେଗ ୨୦୦ ରୁ ୨୫୦ କିମିରେ ବହିବା ଫଳରେ ଅନେକ ଧନଜୀବନ କ୍ଷୟକ୍ଷତି ହୋଇଥିଲା । ଅତ୍ୟଧିକ ବର୍ଷା ଯୋଗୁଁ ନଦୀରେ ବନ୍ୟା ମାଡ଼ି ଆସିବାରୁ ଅନେକ ଗାଁ ନିଶ୍ଚିହ୍ନ ହୋଇଯାଇଥିଲା । ଏହି ମହାବାତ୍ୟା ପରେ ଫାଇଲିନ, ହୁଡ଼ହୁଡ଼

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.18813139

Article No - BPPP00391

**ଯୋଗାଯୋଗ :**
**ମାନସ କୁମାର ନାୟକ,** ପ୍ରାକ୍ତନ ସ୍ନାତକୋତ୍ତର ଛାତ୍ର
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ
**E mail :** manasnayak7478@gmail.com
**Orcid Id :** https://orcid.org/0009-0008-7999-7371

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୪.୧୧.୨୦୨୫ | ୧୪.୧୨.୨୦୨୫ | ୨୫.୧୨.୨୦୨୫ | ୧.୦୨.୨୦୨୬ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ନାୟକ, ମାନସ କୁମାର; ୨୦୨୬ । ଓଡ଼ିଆ ଉପନ୍ୟାସରେ ମହାବାତ୍ୟା ପ୍ରସଙ୍ଗ : ଏକ ଦୃଷ୍ଟିପାତ । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୧, ସଂଖ୍ୟା : ଟ, ପୃଷ୍ଠା: ୬୭-୭୬ ।

ପରି ଅନେକ ବାତ୍ୟା ଆସିଛି ମାତ୍ର ମହାବାତ୍ୟା ପରି ଏତେଟା କ୍ଷୟକ୍ଷତି କରିପାରିନି । ତେବେ ଏହି ମହାବାତ୍ୟାକୁ କେନ୍ଦ୍ରକରି ଅନେକ ଲେଖକ ସାହିତ୍ୟ ଲେଖିଛନ୍ତି । ସେଥିମଧ୍ୟରୁ ଚାରୋଟି ଉପନ୍ୟାସ ଯଥାକ୍ରମେ; ବିଶ୍ୱରଂଜନଙ୍କ 'ଚକ୍ର', ପ୍ରତିଭା ରାୟଙ୍କ 'ମଗ୍ନମାଟି', ରତିକାନ୍ତ ବେହେରାଙ୍କ 'ଶାରିଆ', ତ୍ରିନାଥ ସିଂହଙ୍କ 'ଦୁଇଫର୍ଦ୍ଦ ଆକାଶ' ରଚିତ ହୋଇଥିବାବେଳେ ତିନୋଟି ନାଟକ ଯଥା; ରମେଶ ପ୍ରସାଦ ପାଣିଗ୍ରାହୀଙ୍କ 'ଜାତୀୟ ସଙ୍କଟ', ବିଜୟ ଶତପଥିଙ୍କ 'ପ୍ରଳୟ ପରେ' ଏବଂ ନାରାୟଣ ସାହୁଙ୍କ 'ଅନ୍ଧାର' ରଚିତ ହୋଇଛି । ଏହି ଉପନ୍ୟାସ ଜରିଆରେ ୧୯୯୯ ମସିହାର ମହାବାତ୍ୟାର ଭୟାବହ ଚିତ୍ରକୁ ଦେଖିବାକୁ ମିଳେ ।

## ମଗ୍ନମାଟି (୨୦୦୪):

ଔପନ୍ୟାସିକା ପ୍ରତିଭା ରାୟଙ୍କ ଦ୍ୱାରା ରଚିତ 'ମଗ୍ନମାଟି' ଉପନ୍ୟାସଟି ୧୯୯୯ ମସିହାର ମହାବାତ୍ୟାକୁ କେନ୍ଦ୍ର କରି ରଚିତ। କେବଳ ମହାବାତ୍ୟା ନୁହେଁ ଏଥିରେ ଓଡ଼ିଆ ଜାତିର ସଂସ୍କୃତି, ଐତିହ୍ୟ, ପରମ୍ପରା ଏବଂ ନୌବାଣିଜ୍ୟର ଚିତ୍ର ଦେଖିବାକୁ ମିଳେ। ଏହା ସହିତ ରହିଛି ତତକାଳୀନ ସମୟର ରାଜନୀତିର ଚିତ୍ର । ଉପନ୍ୟାସର ଗୋଟିଏ ପଟରେ କାର୍ଗିଲ ଯୁଦ୍ଧର ପ୍ରସଙ୍ଗ ରହିଥିବାବେଳେ ଅନ୍ୟପଟେ ମହାବାତ୍ୟାର କରାଳ ଚିତ୍ରକୁ ଦେଖିବାକୁ ମିଳେ । ଏହି ମହାବାତ୍ୟା ଫଳରେ ଓଡ଼ିଶାର ଅନେକ ଉପକୂଳବର୍ତ୍ତୀ ଜିଲ୍ଲା; ଯଥା – କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା ଆଦି ବିଶେଷ ପ୍ରଭାବିତ ହୋଇଥିଲେ। ଯେହେତୁ ଲେଖିକା ଥିଲେ ଜଗତସିଂହପୁର ଜିଲ୍ଲାର ତେଣୁ ତାଙ୍କର ନିଜ ଅଂଚଳ ବେଶୀ ଭୋଗିଥିଲା ଏବଂ ଲେଖିକା ମଧ୍ୟ ନିଜେ ସେ ଦୁଃଖକୁ ଅନୁଭବ କରିଥିଲେ । ସେଥିପାଇଁ ପ୍ରତିଭା ରାୟ ଉପନ୍ୟାସର ଅଗ୍ରଲେଖ 'ଅସରା ଦୁଃଖ'ରେ ଲେଖିଛନ୍ତି – "ଅନେଶତ ମହାବାତ୍ୟା ଏହି ଲେଖିକାର ଗାଁ ଗଣ୍ଡା, ଷଠୀଘର, ଲେଖାଯାଇଥିବା କାନ୍ଥ, ଭିଟାମାଟି, ବ୍ରହ୍ମା ବିଷ୍ଣୁ ମହେଶ୍ୱର ଲେଖି ପାଠ ଆରମ୍ଭ କରିଥିବା ସ୍କୁଲ ଏବଂ ବାଲ୍ୟ ଓ କୈଶୋରର କେତେ କେତେ ସ୍ମୃତିର ଝୋଟି ଚିହ୍ନକୁ ପୋଛି ନେଇଥିଲା । ପୋଛି ନେଇଥିଲା କେତେ ଚିହ୍ନା ଅଚିହ୍ନା ଗାଁ, ଗଣ୍ଡାର ଆପଣାପଣରେ ଉଚ୍ଛୁଳମୁଚ୍ଛୁଳ ଲୋକଙ୍କୁ। ସେଇ କାରୁଣ୍ୟରୁ 'ମଗ୍ନମାଟି' ଉପନ୍ୟାସର ଜନ୍ମ ।"

ଉପନ୍ୟାସଟି ତିନୋଟି ପର୍ଯ୍ୟାୟ ଦେଇ ଗତି କରିଛି । ପ୍ରଥମ ପର୍ଯ୍ୟାୟରେ ରହିଛି ମହାବାତ୍ୟା ପୂର୍ବର ସ୍ଥିତି । ଦେବୀନଦୀ ମୁହାଣର କଥା, ସେଠାରେ ବସବାସ କରୁଥିବା କୈବର୍ତ୍ତମାନଙ୍କ ଜୀବନଧାରା, କଳିଙ୍ଗର ନୌବାଣିଜ୍ୟର ଐତିହ୍ୟ ଓ ପରମ୍ପରା ଏବଂ ଭାରତ ଓ ପାକିସ୍ଥାନ ମଧ୍ୟରେ ସଂଗଠିତ ହୋଇଥିବା କାର୍ଗିଲ ଯୁଦ୍ଧ ଆଦିର ବର୍ଣ୍ଣନା ରହିଛି । କୈବର୍ତ୍ତ ଜାତିର ଇତିହାସ ସଂପର୍କରେ ଏଥିରେ ଦେଖିବାକୁ ମିଳେ । ସମୁଦ୍ରରୁ ମାଛ ଧରିବା, ତାଙ୍କର ଓଷାବ୍ରତ, ପୂଜାପର୍ବାଣୀ ସମ୍ପର୍କରେ ମଧ୍ୟ ବର୍ଣ୍ଣନା ଦେଖିବାକୁ ମିଳେ । ଯେପରିକି କୈବର୍ତ୍ତ ଜାତିର ଜନ୍ମ ସମ୍ପର୍କରେ ଔପନ୍ୟାସିକା ଲେଖିଛନ୍ତି – "ସେତେବେଳକୁ କୈବର୍ତ୍ତ ଜାତି ଜନ୍ମ ନେଇନି । ପ୍ରଭୁ କର୍ଣ୍ଣଧାରରୁ ଚନ୍ଦନ ମଳି ଟିକେ କାଢ଼ି ତାକୁ ପୁରୁଷଟିଏ କରି ଗଢ଼ିଲେ, ଜୀବନ୍ୟାସ ଦେଲେ । ପ୍ରଭୁଙ୍କ ଶ୍ୟାମରଙ୍ଗରେ ରଞ୍ଜିତ ମଳିରୁ ଏକ କୃଷ୍ଣକାୟ, ସବଳ, ସାହସୀ, ପରାକ୍ରମୀ ସତ୍ୟବଦ୍ଧ ପୁରୁଷ ଜନ୍ମ ନେଲା । ସେ ଥିଲା ଦାସକୈବର୍ତ୍ତ । (ପୃଷ୍ଠା -୨୧) ଅଭୟପୁର ଗାଁ ରେ ବସବାସ କରୁଥିବା କେଉଟମାନଙ୍କ ସମ୍ପର୍କରେ, ସେମାନଙ୍କ ଜୀବନ ଧାରଣର ପ୍ରଣାଳୀ ସମ୍ପର୍କରେ ଔପନ୍ୟାସିକା ଲେଖିଛନ୍ତି – "ଏ ଯେଉଁ କେଉଟ ଦଳଟି ରାତି ପାହା ପାହା କୁକୁଡ଼ା ନ ଡାକୁଣୁ, କୁଆଁତାରା ନ ବୁଡୁଣୁ, ମେଘୁଆ ପାଗରେ ଭୂତ ଲାଗିବାନିତି ନଦୀ ସମୁଦ୍ରକୁ ବାହାରନ୍ତି, ସେମାନେ ବାହାରକୁ ଦିଶନ୍ତି ଏକା ପରି । ଲାଗେ ଗୋଟାଏ ଜୀବନ ଜିଉଥିବେ ସବୁ କେଉଟ, ମାତ୍ର ନା ସେମାନଙ୍କର ସୁଖ ମେଳ ଖାଇଲେ ବି ଦୁଃଖରେ ମହା ଅମେଳ । ମୁଣ୍ଡ ଉପରେ ଚାଳ, ପେଟକୁ ଭାତ, ପାଟିକୁ ତୁଉଣ, ଶାଗ, ମିଠାମିଠି, ଦିହକୁ ଖଦି ହେଉଛି ଏମାନଙ୍କର ସୁଖ। କିନ୍ତୁ କିଏ କେତେ ମନ୍ତେ ଦୁଃଖ ସନ୍ତାପ ଭୋଗି ଚାଲିଥାନ୍ତି ସେକଥା ବାହାରକୁ ଦିଶେନି । (ପୃଷ୍ଠା-୫୯)

ଅଭୟପୁର ଗାଁରେ ଓଡ଼ିଆଙ୍କ ବ୍ୟତୀତ ବଙ୍ଗାଳୀ, ବାଂଲାଦେଶୀ, ପାକିସ୍ଥାନର କିଛି ମୁସଲମାନ ମଧ୍ୟ ଏଠାରେ ରହୁଥିଲେ । ୧୯୪୭ ମସିହା ଦେଶ ବିଭାଜନ ପରେ ଏମାନେ ସମସ୍ତେ ଏଠାକୁ ଉଠିଆସିଥିଲେ । ସେହି ବର୍ଷ ଭାରତ ଓ ପାକିସ୍ଥାନ ମଧ୍ୟରେ ସଂଗଠିତ କାର୍ଗିଲ ଯୁଦ୍ଧ ପ୍ରସଙ୍ଗକୁ ମଧ୍ୟ ଏହି ପର୍ଯ୍ୟାୟରେ ଦେଖିବାକୁ ମିଳେ । ଉଦ୍ଧବ ନିଜ ଗାଁ ପିଲା ବିକ୍ରମର ସହୀଦ ହେବା ପ୍ରସଙ୍ଗରେ ଦ୍ରୋଣମାଷ୍ଟ୍ରେ କହିଛନ୍ତି – "ଓଃ ଉଦ୍ଧ ! ତମେ ତାହାଲେ ନିଇତି ଆସିକି ସମ୍ବାଦ ଦେଖୁଛ ? ଆମ ଓଡ଼ିଶାରୁ

ପରା ଏଇ ଯୁଦ୍ଧରେ ଏତେ ଓଡ଼ିଆ ପୁଅ ସହିଦ ହୋଇ ସାରିଲେଣି ? ପୁଣି ନ ଜାଣିଲାମିତି ପଚାରୁଛ ? ଯେଉଁମାନେ ଯୁଦ୍ଧ ଭୂଇଁରେ ଶତ୍ରୁ ସହ ଲଢୁ ଲଢୁ ଦେଶ ପାଇଁ ଜୀବନ ଦିଅନ୍ତି ସେଇମାନଙ୍କୁ ଦେଶ କହେ ସହିଦ । ବିକ୍ରମ ଆମର ଜୀବନ ପଣ କରି ଲଢ଼ିଚାଲିଛି । ତା ବାପାକୁ ଚିଠି ଆସିଥିଲା ଯୁଦ୍ଧ ଶେଷ ହେବା ମାତ୍ରେ ବିକ୍ରମକୁ ଛୁଟି ମିଳିବ । ସେ ଗାଁ କୁ ଆସିବ ଲମ୍ବା ଛୁଟି ଆଣି । ତା ବାହାଘର ଖୋଜା ଚାଲିଛି ।” (ପୃଷ୍ଠା- ୧୩୧)

ଉପନ୍ୟାସର ଦ୍ୱିତୀୟ ପର୍ଯ୍ୟାୟରେ ରହିଛି ମହାବାତ୍ୟାର କରାଳ ରୂପର ବର୍ଣ୍ଣନା । ବାତ୍ୟା ପୂର୍ବରୁ ପ୍ରାକ୍ ପ୍ରସ୍ତୁତି, ରେଡ଼ିଓ ମାଧ୍ୟମରେ ଲୋକଙ୍କୁ ସଚେତନ କରାଇବା ଆଦି । ପାରାଦ୍ୱୀପ ଆଡୁ ଏରସମା ଆଡ଼କୁ ସମୁଦ୍ର ଜୁଆର ମାଡ଼ିଆସିବାର କଥା ଚାରିଆଡ଼େ ପ୍ରଘଟ ହୋଇଯାଇଛି । ଅକ୍ଟୋବର ୨୮ ତାରିଖ ରାତିରୁ ଅଧିକ ବେଗରେ ପବନ ସହ ଜୋରରେ ବର୍ଷା ଲାଗି ରହିଛି । ଗୋରୁଗାଈଙ୍କ ହମ୍ବାରଡ଼ି ଡାକ, ଘରରୁ କାନ୍ଥ ଭୁଷୁଡ଼ିବାର ଶବ୍ଦ, ଗଛଗୁଡ଼ିକର ଭାଙ୍ଗିଯିବାର ଶବ୍ଦ ଭିତରେ ଲୋକମାନଙ୍କର କ୍ରନ୍ଦନର ସ୍ୱର ବେଶୀ ଶୁଭୁଥିଲା । ଯେପରିକି ଏରାତି ହେଉଛି କଳିଯୁଗର ଶେଷରାତି । ସମସ୍ତେ କେବଳ ଭଗବାନଙ୍କୁ ଗୁହାରି କରୁଥାନ୍ତି । କିଏ ଗଛଉପରେ ତ କିଏ ଚାଳ ଉପରେ ବସି ବାତ୍ୟାର ତାଣ୍ଡବଲୀଳା ଦେଖୁଥାନ୍ତି । ଏହାର ବର୍ଣ୍ଣନା କରିବାକୁ ଯାଇ ଔପନ୍ୟାସିକା ଲେଖିଛନ୍ତି – “ଗଛ ଉପରେ କାଁ ଭାଁ କୋଠା ଛାତରେ, ଚାଳ ଉପରେ ବସି କାକୁସ୍ଥ ଜନତା ଦେଖୁଥାନ୍ତି ପ୍ରଳୟର ତାଣ୍ଡବ । ଆକାଶ ମନ୍ଥନ କରି ଗ୍ରହ ନକ୍ଷତ୍ରକୁ କକ୍ଷଚ୍ୟୁତ କରି ଦେବାର ପ୍ରତିଜ୍ଞା କଲାଭଳି ଭୀମ ଭୟଙ୍କର ରଡ଼ି ଦେଇ ଇନ୍ଦ୍ରଦେବଙ୍କ ମଉହସ୍ତୀପରି ମହାଘୂର୍ଣ୍ଣି ବେଲୁବେଲୁ ଅପ୍ରମିତ ହୋଇ ମାଡ଼ିଆସୁଥିଲା ଏରସମା ଉପରକୁ । ଗର୍ବଗଞ୍ଜନ ନରହରିଙ୍କ କୂଟରେ ଅହଙ୍କାରୀର ଅହଙ୍କାର ନିମିଷକେ ଚୂର୍ଣ୍ଣ ହେବା ପରି, ମହାବୀର ଭୀମଙ୍କ ଗଦାପ୍ରହାରରେ ଦୁଃଶାସନର ବିଶାଳ ବୃଷାଳ ଜାନୁଭଙ୍ଗ ହେବା ପରି ମହାଘୂର୍ଣ୍ଣିର କ୍ରୁର ବଳୀୟାନ ହସ୍ତ ନିମିଷକେ ଶହ ଶହ ବର୍ଷର ବଳଶାଳୀ ବୁନିଆଦ୍ ଗଛବୃଛ ସହିତେ ଘରଦ୍ୱାର ଏବଂ ପିତୃପୁରୁଷର ଭିଟାମାଟିକୁ ଧରାଶାୟୀ କରିଦେଉଥିଲା । କିଏ ଚାଳମାନଙ୍କୁ ଜାଲ ପକାଇ ରଶିରେ ବାନ୍ଧି ଦେଉଥାଏ ନଡ଼ିଆଗଛରେ ତ ଗଛ ଉପୁଡ଼ି ପଡୁଥାଏ । (ପୃଷ୍ଠା-୩୪୧)

ଏ ମହାବାତ୍ୟାରେ ଅନେକଙ୍କ ପରିବାର ଭାସି ଯାଇଥିଲା। ଅନେକଙ୍କ ଜୀବନ, ଜୀବିକାକୁ ଛଡ଼େଇ ନେଇ ଥିବା ଏ ବାତ୍ୟାର ଭୟାବହ ରୂପ ଥିଲା ଅତ୍ୟନ୍ତ ଦୁଃଖଦ । ଉଦ୍ଧବର ପରିବାର ଜଳମଗ୍ନ ହୋଇଯାଇଥିଲା, କେବଳ ଉଦ୍ଧବର ପରିବାର ନୁହେଁ ହଜାର ହଜାର ଲୋକ ସମୁଦ୍ରର ଆଁ ଭିତରେ ପଶିଯାଇଥିଲେ । ଭେଳା ଭେଳା ମଣିଷଙ୍କ ଶବ, ପଲ ପଲ ଗୋରୁ, ମଇଁଷି ସବୁ ଜୀବନ ବିକଳରେ ପହଁରୁଥାନ୍ତି । କିଏ ସ୍ତ୍ରୀକୁ ହରାଇଲା, କିଏ ପୁଅଝିଅକୁ ତ କିଏ ସ୍ୱାମୀକୁ, ସମସ୍ତେ ନିଜର ଆତ୍ମୀୟ ସ୍ୱଜନମାନଙ୍କୁ ହରାଇ ଦୁଃଖରେ ମ୍ରିୟମାଣ ହୋଇପଡ଼ିଥିଲେ। ଶହ ଶହ ଲୋକଙ୍କୁ ଡଙ୍ଗାରେ ନେଇ ବଂଚାଇଥିବା ଉଦ୍ଧବ ମଧ୍ୟ ଭଉଁରୀରେ ପଡ଼ିବୁଡ଼ି ଯାଇଥିଲା । ମରୁଆ ଏବଂ ଗିରିମା ଦୁଇଭଉଣୀ ଭାସି ଯାଇଥିଲେ ଦୁଇଟି ଅଜଣା ଦିଗରେ । ବିପିନ ଆଉ ଭାଗ୍ୟଧର ମଧ୍ୟ ମଲାମଣିଷର ଶବ ପାଖରେ ବସି ବର୍ଷା ଓ କାଲୁଆ ପବନ ମାଡ଼ ଖାଇ ମଧ୍ୟ ବଂଚିଯାଇଥିଲେ । ଶଙ୍ଖଧର ମଙ୍ଗୁଆଳ ତାର ଶଶୁର ଘରକୁ ଯାଇ ଆଉ ନିଜ ଘରକୁ ଫେରି ପାରିଲା ନାହିଁ । ସମୁଦ୍ରର ଜୁଆର ମାଡ଼ି ଆସିବାରୁ ତାର ଶ୍ୱଶୁର ରାମ ବେହେରା ପରିବାରର ଅଠର ଜଣ ସମୁଦ୍ର ଗର୍ଭରେ ଲୀନ ହୋଇଯାଇଥିଲେ । ଭାଙ୍ଗି ଯାଇଥିବା ଏକଡଙ୍ଗାର ତରୀକୁ ଧରି ଶଙ୍ଖଧର ଯାଇ ପହଚିଥିଲା ବାଉଁଶବୁଦା ମୂଳରେ । ଅଚେତ ଅବସ୍ଥାରେ ସେଠାରେ ପଡ଼ିରହି ସେ କେବଳ ମୃତ୍ୟୁ ସହ ସଂଗ୍ରାମ କରୁଥିଲା ।

ଉପନ୍ୟାସର ତୃତୀୟ ପର୍ଯ୍ୟାୟରେ ଦେଖିବାକୁ ମିଳେ ମହାବାତ୍ୟା ପରର ସ୍ଥିତି । ମହାବାତ୍ୟା ପରେ ଦେଖା ଦେଇଛି ମହାମାରୀ । ପଚି ସଢ଼ି ଯାଇଥିବା ଅସଂଖ୍ୟ ମଣିଷ ଓ ପଶୁପକ୍ଷୀମାନଙ୍କର ଶବ । ଧନୀ, ଦରିଦ୍ର, ଜାତି, ଧର୍ମ, ରାଜା, ପ୍ରଜା ଭିତରେ ଥିବା ପ୍ରଭେଦକୁ ଏ ପ୍ରଳୟ ଗୋଟିଏ ବିନ୍ଦୁରେ ସମାନ କରି ଦେଇଥିଲା । ତାହା ହେଉଛି ମୃତ୍ୟୁ । ଯେମିତି ସମଗ୍ର ଏରସମା ପାଲଟି ଯାଇଥିଲା ଏକ ସାର୍ବଜନୀନ ମଶାଣୀ। ଶବଦାହ ପାଇଁ ବାଉଁଶ କିମ୍ବା ଶୁଖିଲା କାଠ ନଥିଲା, ଜୁଇ ସଜାଡ଼ିବା ପାଇଁ ଖାଲି ସ୍ଥାନ ନ ଥିଲା, କୋକେଇ କାନ୍ଧେଇବା ପାଇଁ ଆତ୍ମୀୟ ସ୍ୱଜନଙ୍କ ଚାରିକାନ୍ଧ ନଥିଲା, କିଏ କାହାର ସମ୍ପର୍କୀୟ ଚିହ୍ନଟ

କରିବା ପାଇଁ ଗୋଟିଏ ବୋଲି ମଡ଼ାର ସଜମୁହଁ ନଥିଲା । ଶାଢ଼ୀ, ବ୍ଲାଉଜ୍, ଧୋତି, ସାର୍ଟ, କଳା ଗୋରା ଚିହ୍ନଟ ପାଇଁ କାହାରି ଦେହରେ କିଛି ନଥିଲା । କେବଳ ଥିଲା କଙ୍କାଳସାର ଶରୀର । ସେମାନଙ୍କ ପାଇଁ ଲୁହ ଢାଳିବାକୁ ମଣିଷର ଆଖି ମଧ୍ୟ ନଥିଲା । ଯେଉଁମାନେ ମରିଗଲେ ତରି ଗଲେ । ମାତ୍ର ଯେଉଁମାନେ ଅଧାମରା ହୋଇ ବଂଚିଗଲେ ସେମାନଙ୍କ ବଂଚିବାର ଦୁଃଖ ମୃତ୍ୟୁ ଠାରୁ ବି ବଳିଗଲା । କିଏ ଗଛ ଡାଳରେ, ମନ୍ଦିର ଛାତରେ, କୋଠାଘରେ, ଚାଳ ଉପରେ ବର୍ଷା ଛାଟ ହେମାଳ ପବନ ଖାଇ ବଂଚିଥିବା ଲୋକମାନେ ତିନିଦିନ କାଳ କିଛି ଖାଇବାକୁ ପାଇନଥିଲେ । ସମୁଦ୍ରର ଲୁଣି ପାଣିରେ ଭାସୁଥିବା ଗାଁ ଗୁଡ଼ିକରେ ପିଇବାକୁ ପାଣି ନଥିଲା । ସାରା ବିଶ୍ୱରେ ଖବର ଖେଳିଗଲା ଓଡ଼ିଶାର ଅଧା ଅଂଶ ନିଶ୍ଚିହ୍ନ ହୋଇଯାଇଛି । ବିଦେଶରୁ ଖାଦ୍ୟ, ଅର୍ଥ, ବସ୍ତ୍ରର ସୁଅ ଛୁଟିଲା । ସାରା ବିଶ୍ୱରୁ ସାହାଯ୍ୟର ଗଦା ହେଇ ପଡୁଥିଲା ଅଥଚ ରାଜ୍ୟ ସରକାର ବ୍ଲକ ଅଫିସରୁ ବିପନ୍ନ ଗାଁ ଗଣ୍ଡା ପର୍ଯ୍ୟନ୍ତ ରିଲିଫ୍ ବିତରଣ କରି ପାରୁନଥିଲେ । ରିଲିଫ୍‌କୁ ନେଇ ଚାଲିଲା ବାଦବିବାଦ, ବାତ୍ୟାକୁ ନେଇ ରାଜନୀତି । ମନ୍ଦୋଦରୀ ମାଗଣା ଭୋଜନ କେନ୍ଦ୍ରକୁ ଯାଇ ଖାଦ୍ୟ ଖାଇଛି । ସେଠାରେ ଧନୀ, ଦରିଦ୍ର, ବ୍ରାହ୍ମଣ, ହରିଜନ ସମସ୍ତେ ଏକାକାର । ମନ୍ଦୋଦରୀ କହିଛି – "ଯିବାକୁ ତ ହେବ । ନିଆଁ ଲଗା ଭୋକର ଜାତି ପତି, ମାନ ଇଜ୍ଜତ କିଛି ନାହିଁ । ଏଠି ଥିଲାବାଲା ନଥିଲାବାଲା ସମସ୍ତେ ଏକା ଧାଡ଼ିରେ ଠିଆ ହୋଇ ଖାଉଛନ୍ତି । ପ୍ରଳୟ ତ ସମସ୍ତଙ୍କୁ ମାଗିଖିଆ, ଛତ୍ରଖିଆ କରି ଦେଇଛି । ଆଉ କି ଲାଜସରମ ?" (ପୃଷ୍ଠା-୪୨୨)

ଏ ମହାବାତ୍ୟାରେ ପ୍ରାଣ ହରାଇଥିବା ଲୋକମାନଙ୍କ ଶବ ସତ୍କାରକୁ ନେଇ ଔପନ୍ୟାସିକା ଅତିବିଭତ୍ସ ବର୍ଣ୍ଣନା କରିଛନ୍ତି । ଯେତେବେଳେ ଲକ୍ଷ ଲକ୍ଷ ଶବ ପୋଡ଼ାଯାଉଥିଲା ସେ ସମୟର ପରିବେଶକୁ ବର୍ଣ୍ଣନା କରିବାକୁ ଯାଇ ଔପନ୍ୟାସିକା ଲେଖିଛନ୍ତି –"ଚାରିକଡୁ ଧୂଆଁ ଉଠୁଥିଲା । ଶବ ପୋଡ଼ା ହେବାର ମୁର୍କୁଟିଆ ଗନ୍ଧ ସହ ପାଣିରେ ପଡ଼ି ପଚୁଥିବା ମଡ଼ମଡ଼ାଙ୍କର ପଚାଗନ୍ଧ, ତା ଉପରେ ଢଳା ହୋଇଥିବା ବ୍ଲିଚିଂ ପାଉଡ଼ରର ଗନ୍ଧ ମିଶି ସଂସାର ପ୍ରତି ବିତୃଷ୍ଣା ଜନ୍ମାଉଥାଏ । ନାକରେ ମାସ୍କ, ଗୋଡ଼ରେ ଗମ୍ ବୁଟ, ହାତରେ ଗ୍ଲୋଭ୍ସ ପିନ୍ଧି ନିର୍ବିକାର ସ୍ୱେଚ୍ଛାସେବୀ ଦଳ ଓ ଶବସତ୍କାରକମାନେ ପାଗଳ ଭଳି ଶବଦାହ କରି ଚାଲିଥାନ୍ତି । ଦଳ ଦଳ ସେନା, ପଲ ପଲ ସ୍ୱେଚ୍ଛାସେବୀ, ଭଳି ଭଳି ଧର୍ମସଂସ୍ଥା, ବହୁରୂପୀ ସମାଜସେବୀ ସଂସ୍ଥା, ଏମିତି ଉତ୍ସାହରେ ଶବଦାହ କାର୍ଯ୍ୟ ଏବଂ ଦୁର୍ଗତ ଉଦ୍ଧାର କାର୍ଯ୍ୟରେ ଲାଗିଥାନ୍ତି ଯେ ଶବ ମାନଙ୍କର ସଂଖ୍ୟା ଏଠାରେ ଜୀବିତମାନଙ୍କର ସଂଖ୍ୟା ଠାରୁ ଢେ଼ର ଅଧିକ ବୋଲି ଜାଣି ହେଉନଥିଲା । ଶବମାନେ ତ ନିରବ ହୋଇ ଯାଇଥିଲେ । ପବନକୁ ଦୂଷିତ କରିବା ବ୍ୟତୀତ ନିଜକୁ ଜାହିର କରିବାର ଆଉ କୌଣସି କ୍ଷମତା ତାଙ୍କଠି ନଥିଲା । ହାତରେ ହୁକ, ଚେନ୍, ଲୁହାଛଡ଼, ଦଉଡ଼ି ଧରି ଶବମାନଙ୍କୁ ପାଣିରୁ ଟାଣିଆଣି ଏକାଠି ଠୁଳ କରି ତା ଉପରେ ଟାୟାର ଗଦେଇ, କିରୋସିନ ଢାଳି ମୃତ୍ୟୁର ଅଗ୍ନି ଉତ୍ସବ ପାଳୁଥିଲେ ଶବଦାହକମାନେ । ଯିଏ ଯେତେ ଅଧିକ ଶବ ପୋଡ଼ିପାରୁଥିଲା ତାର ଆତ୍ମସନ୍ତୋଷ ସେତେ ବଢୁଥିଲା । ଏକଥା ଦେଖି ବିଡ଼ା ବିଡ଼ା ଦରପୋଡ଼ା କଙ୍କାଳ, ପାଉଁଶ ଭିତରୁ ଦାନ୍ତ ନିକୁଟୁ ଥିଲେ । ଦାହ ସଂସ୍କାରବେଳେ ଆତ୍ମାର ମୋକ୍ଷ ପାଇଁ ଏଠାରେ ଧର୍ମାଯୋଜକ ନଥିଲେ, ମନ୍ତ୍ର ପାଠ ନଥିଲା । ପାରମ୍ପରିକ କ୍ରିୟାକର୍ମ ବି ନଥିଲା । ଶବ ମୁହଁରେ ମୁଖାଗ୍ନି ଦେବାକୁ ପୁଅ ପୁତୁରା ନଥିଲେ । ଚନ୍ଦନକାଠ, ଅଗୁରୁ, ଘିଅ ପରିବର୍ତ୍ତେ ସମସ୍ତେ କିରୋସିନି ତେଲ ଆଉ ପୁରୁଣା ଟାୟାର ଭିତରେ ଜଳି ଜଳି ପାଉଁଶ ହୋଇ ଯାଉଥିଲେ, ସରିଯାଉଥିଲେ, ଲୁଚି ଯାଉଥିଲେ ଦୃଶ୍ୟରୁ ଅଦୃଶ୍ୟକୁ । ହିନ୍ଦୁ, ମୁସଲମାନ, ସବର୍ଣ୍ଣ, ଅସବର୍ଣ୍ଣ, ଓଡ଼ିଆ, ବାଂଲାଦେଶୀ, ପାକିସ୍ତାନୀ ସବୁ ଏକାକାର ହୋଇ ଯାଉଥିଲେ । ସମସ୍ତେ ଏକବର୍ଣ୍ଣ, ପାଣ୍ଡୁର, ବିକୃତ ଏକ ବିଭତ୍ସ ସାମ୍ୟବାଦ ପ୍ରକଟ କରୁଥିଲେ ।(ପୃଷ୍ଠା-୪୧୦)

ପ୍ରକୃତିର ଏ ତାଣ୍ଡବଲୀଳା ମଣିଷର ମେରୁଦଣ୍ଡକୁ ଭାଙ୍ଗି ଦେଇଥିଲା ସତ କିନ୍ତୁ ତାର ବାରମ୍ବାର ଛିଡ଼ା ହେବାର ପ୍ରୟାସକୁ ରୋକି ପାରିନଥିଲା । ନ'ଅଙ୍କ ଦୁର୍ଭିକ୍ଷ ଭଳି ବିଷମ ପରିସ୍ଥିତିକୁ ସାମ୍ନା କରିଥିବା ଏ ଓଡ଼ିଆ ଜାତି ମହାବାତ୍ୟାରେ ମଧ୍ୟ ପରାଜୟ ସ୍ୱୀକାର କରି ନାହିଁ, ବରଂ ବଂଚିବାର ନୂଆ ରାହା ଖୋଜିଛି । ବିକ୍ରମ, ଗିରିମା, ବିପିନ, ଦ୍ରୋଣ ମାଷ୍ଟ୍ରେ ଆଦି ପୁନର୍ବାର ନୂଆ ସମାଜ ଗଢ଼ିବାର ପ୍ରୟାସ କରନ୍ତି । ବିକ୍ରମ ସେନାବାହିନୀରୁ ଅବସର ନେଇ ନୂତନ ଗାଁ ତିଆରି କରିଛି । କ୍ୟାପଟେନ ବିକ୍ରମର ସ୍ୱେଚ୍ଛାକୃତ ଅବସର ଉପରେ ପ୍ରଶ୍ନ କହିଛନ୍ତି – ଚାକିରୀ ଛାଡ଼ି ସାରାଜୀବନ ଗାଁରେ ରହି କରିବ କ'ଣ ? ଏହାର ଉତ୍ତରରେ

ବିକ୍ରମ କହିଛି – "ସାରା ଜୀବନ ଯଥେଷ୍ଟ ନୁହେଁ ସାର୍ – ଏଠି ତ ନୂଆ କରି ଗାଁ ଗଢ଼ିବାକୁ ହେବ । ପ୍ରଳୟରୁ ଉଠିବ ନୂଆ ଗାଁ, ନୂଆ ଯୁଗ । ସବୁ କିଛି ଆରମ୍ଭ କରିବାକୁ ହେବ ଶୁନ୍ୟରୁ । ବାତ୍ୟା ସିନା ଘରଦ୍ୱାର ଭାଙ୍ଗିଛି, ଶୋକ ଦୁଃଖ ତ ସମସ୍ତଙ୍କର ମେରୁଦଣ୍ଡ ଭାଙ୍ଗିଛି । ପ୍ରତିବର୍ଷ ବାତ୍ୟାବଢ଼ି ଠାରୁ ଏ ବାତ୍ୟା ହଜାର ଗୁଣ ଭୟଙ୍କର ଥିଲା । ଆମେ କେତେ ଜଣ ଏକଜୁଟ ନ ହେଲେ ମେରୁଦଣ୍ଡ ଦମ୍ଭ କରି ଏ ଗାଁ ଆଉ ଉଠି ପାରିବନି ।(ପୃଷ୍ଠା-୪୮୩)

ପ୍ରଳୟ ଶେଷ ନୁହେଁ ଏହା ତ ଆରମ୍ଭ; ଏକ ନୂଆ ରାସ୍ତାର, ନୂଆ ସମ୍ପର୍କର, ନୂଆ ସଭ୍ୟତାର ଏବଂ ନୂଆ ସମାଜର । ବିକ୍ରମ ସରକାର ଉପରେ ଭରସା ନ କରି ଗାଁର ଯୁବକମାନଙ୍କୁ ଏକାଠି କରି ମାଟି ଏବଂ ଇଟାରେ ନୂଆ ଘର ନିର୍ମାଣ କରିଛନ୍ତି । ଖାଦ୍ୟ ପାଇଁ ସମସ୍ତେ ମିଶି 'କନ୍ଧାଚାଷ' କରିଛନ୍ତି । କାନ୍ଧରେ କାନ୍ଧ ମିଳାଇ ନୁହେଁ ବରଂ ମନରେ ମନ ଏବଂ ଆତ୍ମାରେ ଆତ୍ମା ମିଳାଇ । ମହାବାତ୍ୟା ପରେ ତିଆରି ହୋଇଥିବା ପୃଥିବୀର ପ୍ରଥମ ଗାଁର ନାମ ଦେଲେ 'ବସୁମତୀପୁର' । ପ୍ରଳୟର ଅନ୍ତ ହୁଏ, ମଣିଷ ମରେ, କିନ୍ତୁ ଏ ମାଟି ମରେ ନାହିଁ । ଯୁଗ ଯୁଗରୁ ଏ ମାଟି ଅନେକ ବନ୍ୟା, ବାତ୍ୟା ସହି ତିଷ୍ଠି ରହିଛି । ସେହି ମାଟିରେ ମଗ୍ନ ହେବା ହିଁ ଏହି ଉପନ୍ୟାସର ସ୍ୱର ।

**ଚକ୍ର (୨୦୦୬):**

ଅଧ୍ୟାପକ ବିଶ୍ୱରଞ୍ଜନଙ୍କର 'ଚକ୍ର' ଉପନ୍ୟାସଟି ପ୍ରଥମେ ୨୦୦୦ ମସିହାରେ 'ରେବତୀ' ପତ୍ରିକାରେ ଧାରାବାହିକ ଭାବେ ପ୍ରକାଶ ପାଉଥିଲା । ମାତ୍ର ଦୁଇ ତିନୋଟି ସଂଖ୍ୟା ପରେ ପତ୍ରିକାଟି ବନ୍ଦ ହୋଇ ଯିବା କାରଣରୁ ଏହାର ପ୍ରକାଶ ଅଧାରେ ରହିଗଲା । ପରେ ୨୦୦୬ ମସିହାରେ ପକ୍ଷୀଘର ପ୍ରକାଶନ ତରଫରୁ ପୂଜା ସଂଖ୍ୟାରେ ପ୍ରକାଶ ପାଇଥିଲା । ୧୯୯୯ ମସିହାର ମହାବାତ୍ୟାକୁ ପୃଷ୍ଠଭୂମି ରୁପେ ନେଇ ତତକାଳୀନ ଓଡ଼ିଶାର ରାଜନୈତିକ ଚିତ୍ରକୁ ଏଥିରେ ଦର୍ଶାଯାଇଛି । ଓଡ଼ିଶାର ତତକାଳୀନ ସମୟର ସାମାଜିକ ଚିତ୍ର ସହ ମହାବାତ୍ୟାର କରୁଣ ଚିତ୍ରକୁ ଏଥିରେ ଦେଖିବାକୁ ମିଳେ ।

ଉପନ୍ୟାସର ନାୟକ ଅରବିନ୍ଦ ଦିଲ୍ଲୀର ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଛାତ୍ର । ୧୯୯୯ ମସିହାର ମହାବାତ୍ୟା ତାକୁ ଦିଲ୍ଲୀରୁ ଓଡ଼ିଶାକୁ ଟାଣି ଆଣିଛି । ଏଠାରେ ଔପନ୍ୟାସିକ ଓଡ଼ିଶା ପରିବର୍ତ୍ତେ କଳିଙ୍ଗର ନାମୋଲ୍ଲେଖ କରିଛନ୍ତି । ଅରବିନ୍ଦ ଅତୀତର ଗୌରବମୟ କଳିଙ୍ଗ ସହ ବର୍ତ୍ତମାନର ଦାରିଦ୍ର୍ୟ ଗ୍ରସ୍ତ ଓଡ଼ିଶାକୁ ତୁଳନା କରେ । ଅରବିନ୍ଦ ଦିଲ୍ଲୀରେ ଏମ୍. ଏ ପଢୁଥିବାବେଳେ ମହାବାତ୍ୟାର କରାଳ ରୂପକୁ ଦୂରଦର୍ଶନରେ ଦେଖି ସ୍ତବ୍ଧ ହେଇଯାଇଥିଲା । ପାରାଦ୍ୱୀପ ସେତେବେଳେ ପ୍ରେତପୁରୀରେ ପରିଣତ ହୋଇଯାଇଥିଲା । ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ ଜିଲ୍ଲାର ଅନେକ ଗ୍ରାମ ମହାନଦୀ ଗର୍ଭରେ ଲୀନ ହୋଇଯାଇଥିଲେ । ଶୋକର ସମୁଦ୍ରରେ ଭାସୁଥିବା କଳିଙ୍ଗକୁ ରକ୍ଷା କରିବା ପାଇଁ ଦିଲ୍ଲୀର ଓଡ଼ିଆ ଛାତ୍ରମାନଙ୍କୁ ଏକାଠି କରି ଅର୍ଥ, ବସ୍ତ୍ର, ଖାଦ୍ୟ ସାମଗ୍ରୀ ଆଦାୟ କରି ଆସି ଓଡ଼ିଶାରେ ପହଂଚିଲେ ରିଲିଫ୍ ବଣ୍ଟନ ପାଇଁ । ଦେଶ ବିଦେଶରୁ ଓଡ଼ିଶାବାସୀଙ୍କ ପାଇଁ ସାହାଯ୍ୟର ସୁଅ ଛୁଟିଥିଲା । ମାତ୍ର ରାଜନେତାମାନେ ତାକୁ ମଧ୍ୟ ଚଳୁ କରି ଦେଉଥିଲେ । ପ୍ରଥମେ ଅରବିନ୍ଦ ତାର ସାଙ୍ଗମାନଙ୍କ ସହ ଯାଇ ଜଗତସିଂହପୁରର ଏରସେମା ଠାରେ ପହଂଚିଥିଲେ । ନିଜ ବଡ଼ଭାଇକୁ ପାଣିସୁଅରେ ହରାଇଦେଇଥିବା ସାନ ଭାଇର କରୁଣ ଚିତ୍କାର ଶୁଣି ଦୁଃଖପ୍ରକାଶ କରନ୍ତି । ସେହିପରି ମଠସାହିର ନାରଣର ବାପା ଶଯ୍ୟାଶାୟୀ ଥିଲେ । ପାଣି ମାଡ଼ି ଆସିବାରୁ ସମସ୍ତଙ୍କ ଧାଁ ଧପଡ଼, ଦଳା ଚକଡ଼ାରେ ସେ ପ୍ରାଣ ହରାଇଲେ । ତେନ୍ତୁଳି ଗଛ ଉପରେ ବସି ରହିଥିବା ବାରଜଣଙ୍କ ମଧ୍ୟରୁ କେବଳ ଜଣେ ବଂଚିପାରିଥିଲେ । ତେନ୍ତୁଳିପଦା ଗାଁର ଅଶୀବର୍ଷ ବୟସର ବୈଷ୍ଣବ ଚରଣ ମହାନ୍ତି ଚାଳ ଉପରେ କେବଳ ଖଣ୍ଡିଏ ଛତାଧରି ଛଅ ଦିନ ଛଅ ରାତି ବସି ରହିଥିଲେ ଚାରିପଟେ ପାଣି, ମଣିଷ ମୂର୍ଦ୍ଦାର, ପଶୁପକ୍ଷୀଙ୍କ ଶବ । କିନ୍ତୁ ସେ ମୌନ ଭାବରେ ବସିଥିଲେ, ଶେଷରେ ସାନପୁଅ ଦ୍ୱାରା ଉଦ୍ଧାର ହୋଇଥିଲେ । ଦଣ୍ଡାଦେବୀ ଗାଁର ଯାଦବ ଭୂୟାଁ ନଦୀର ସ୍ରୋତରେ ଭାସିଯାଇ ଗୋଟିଏ ଘରର ଛପରକୁ ଧରିଲେ, ଛପରଟି ପାଣି ସୁଅରେ ଧିରେ ଧିରେ ଭାଙ୍ଗି ଯାଉଥିବାରୁ ଏକ କଦଳୀଗଛ ଆଶ୍ରା କଲେ । ବାସ୍ତରୀ ଘର ଭାସିବା ପରେ ଶେଷରେ ଭୋକ ବିକଳରେ କଦଳୀ ଗଛରୁ ଖଣ୍ଡେ ଖଣ୍ଡେ ଖାଇ ବଂଚିଥିଲେ । ଜୁଆର ମାଡ଼ରେ ଯାଦବର ଖଣ୍ଡେ କାନ କଟିଯାଇଥିଲା, ଦେହ ସାରା ଖଣ୍ଡିଆ ଖାବରା ହେଇଯାଇଥିଲା । ଏହିଭଳି ଅନେକ ଲୋକ ସେମାନଙ୍କ ପାଳିତ ପଶୁ, ପ୍ରିୟଜନମାନଙ୍କୁ ହରାଇଥିଲେ । ଅରବିନ୍ଦ ଏସବୁ ଦେଖି ଦୁଃଖରେ ମ୍ରିୟମାଣ ହୋଇଯାଇଥିଲା । ଅବଶ୍ୟ ସେ ବାତ୍ୟାକୁ

ଭୋଗିନି କିନ୍ତୁ ବାତ୍ୟା ପ୍ରଭାବିତ ଲୋକଙ୍କ ଦୁଃଖ, ବେଦନାକୁ ଅଙ୍ଗେ ନିଭାଇଛି ।

କେବଳ ବାତ୍ୟା ନୁହଁ ବାତ୍ୟା ପରର ପରିସ୍ଥିତି ମଧ୍ୟ ଜଟିଳ ଥିଲା । ପାଣି ପାଇଁ ଲୋକଙ୍କ ଲମ୍ଫାଧାଡ଼ି, କିରାସିନି, ଗ୍ୟାସ୍, କଣ୍ଟ୍ରୋଲ ଦୋକାନ ସାମ୍ନାରେ ଲମ୍ଫାଧାଡ଼ି । ଏ ବାତ୍ୟାରେ ଅନ୍ଧବିଶ୍ୱାସ ବେଶୀ ଲୋକଙ୍କୁ ଦୁଃଖ ଦେଇଥିଲା । ସେତେବେଳେ କଳିଙ୍ଗର ଗଜପତି ଥିଲେ ଗିରିଧର ଗୋପାଳ। ସେ ବିଜ୍ଞାନ ଅପେକ୍ଷା ଜ୍ୟୋତିର୍ବିଦ ଓ ତନ୍ତ୍ର ସାଧକମାନଙ୍କୁ ବିଶ୍ୱାସ କରୁଥିଲେ । ସେମାନଙ୍କ ସହ ବୈଠକ କରି ବାତ୍ୟା ସଂପର୍କରେ ଆଲୋଚନା କଲାବେଳେ କିଏ କହୁଛି ଝଡ଼, ପବନ ଦୁଇଭାଗରେ ବିଭକ୍ତ ହୋଇ ଆନ୍ଧ୍ର ଓ ପଶ୍ଚିମବଙ୍ଗ ଆଡ଼େ ଚାଲିଯିବ ତ କିଏ କହୁଛି ବାତ୍ୟା ଓଡ଼ିଶା ଉପରଦେଇ ଚାଲିଯିବ। ଶ୍ରୀକ୍ଷେତ୍ରରୁ ଆସିଥିବା ବ୍ରାହ୍ମଣ କହୁଛନ୍ତି କୌଣସି କ୍ଷୟକ୍ଷତିର ପ୍ରଶ୍ନନାହିଁ। ବାତ୍ୟାପରେ ଲୋକଙ୍କ ପାଇଁ ଆସିଥିବା ପଲିଥିନ୍‌କୁ ପ୍ରଶାସନର କର୍ମଚାରୀମାନେ ନେଇଯାଉଥିବା । ଶୀତକାକରରେ, ଭୋକ ଉପାସରେ ବାତ୍ୟାବିଧ୍ୱସ୍ତ ଅଂଚଳରେ ସର୍ବହରାମାନେ ବଂଚିବାର ରାହା ଖୋଜୁଥିଲେ। ଔପନ୍ୟାସିକ ତତକାଳୀନ ସମୟର ଲେଖକ ଏବଂ ରାଜନେତାମାନଙ୍କୁ ବ୍ୟଙ୍ଗକରି ଲେଖିଛନ୍ତି– "ପଂଚତାରକା ହୋଟେଲର ସୁସଜ୍ଜିତ ସଭାଗୃହରେ ବସି ରାଜଧାନୀର କବିମାନେ କବିତା ପଢୁଥିଲେ। ଶାସନର ଡୋରିଧରି ନାଚୁଥିବା ଓ ନଚଉଥିବା କର୍ତ୍ତାମାନେ କ୍ଲବ୍ ହାଉସର ଶୀତଳତା, ଖାଦ୍ୟପେୟର ଉଷ୍ମତା ଭିତରେ ଦିନକୁ ରାତି କରିଦେଇ ପଦୋନ୍ନତିର ସ୍ୱପ୍ନ ଦେଖୁଥିଲେ। ଆଉ ଲୋକଙ୍କ ସେବାରେ ନିଜକୁ ସମର୍ପିତ କରିବାର ଶପଥ ନେଇଥିବା ନେତାମାନେ ଶୀତତାପ ନିୟନ୍ତ୍ରିତ ସୁରକ୍ଷିତ ସରକାରୀ ପ୍ରାସାଦ ଭିତରେ ବସି ରାଜନୀତିର ଛକି- ଶୂନ ଖେଳୁଥିଲେ। (ପୃଷ୍ଠା– ୫୯)

ବାତ୍ୟା ପରେ କେତେକ ଗୁଜବ ସମାଜରେ ଖେଳିଯିବା ଫଳରେ ଲୋକମାନେ ବେଶୀ ଭୟଭୀତ ହେଇ ଯାଇଥିଲେ। ଯେପରିକି – ଝଡ଼ କେନ୍ଦୁଝର ପାହାଡ଼ରେ ଧକ୍କା ହେଇ ଫେରୁଛି, ଏଥର ୩୫୦କି. ମି ବେଗରେ ପବନ ବହିବ। ପୁରୀ ଜଗନ୍ନାଥ ମନ୍ଦିରରେ ସମୁଦ୍ର ବାଇଶିପାହାଚକୁ ଛୁଇଁଲା। ମନ୍ଦିର ଭିତରେ ମୀନ ଖେଳିଲା। ଝଡ଼ ଯୋଗୁଁ ନନ୍ଦନକାନନର ବାଡ଼ ଡେଇଁ ବାଘମାନେ ଭୁବନେଶ୍ୱର ଭିତରେ ପଶିଗଲେ। ଆଦିବାସୀମାନେ ହଦଗଡ଼ ଡ୍ୟାମ କାଟିଦେଇଛନ୍ତି। ଏହି ଗୁଜବରେ ବିଚଳିତ ହୋଇ ଲୋକମାନେ ଏଣେ ତେଣେ ଧାଇଁଲେ। ବାତ୍ୟା ପରର ଏପରି ଭୟଙ୍କର ଦୃଶ୍ୟକୁ ଦେଖି ଅରବିନ୍ଦ ବ୍ୟତିବ୍ୟସ୍ତ ହେବାବେଳେ ତାର ପ୍ରେମିକା ନସିମ୍ ଚିଠି ତାକୁ ଅତୀତକୁ ଟାଣି ନେଇଥିଲା। ନସିମ୍ ବାହାଘର ପରେ ନିଜ ସ୍ୱାମୀଦ୍ୱାରା ବଳାତ୍କାରର ଶିକାର ହୋଇ ଘର ଛାଡ଼ି ପଳେଇ ଆସିଥିଲା। ତିନିବର୍ଷ ପରେ ଅରବିନ୍ଦ ପି. ଏଚ. ଡି ସାରି ଭୁବନେଶ୍ୱର ଫେରିଲା। ଏଠାରେ ସେ ଲେଖକ, ଅଧ୍ୟାପକ ହେବାକୁ ଚାହିଁଥିଲା। ତାର ସାର୍ ଜଗମୋହନ ବାବୁଙ୍କ ଶିକ୍ଷା ଏବଂ ଶିକ୍ଷକ ସମ୍ପର୍କରେ ମନ୍ତବ୍ୟ ତତକାଳୀନ ସମୟର ଶିକ୍ଷା ବ୍ୟବସ୍ଥାର ଦୟନୀୟ ସ୍ଥିତିକୁ ବ୍ୟାଖ୍ୟାକରେ – "ଗୋଟିଏ ରାଜ୍ୟର ବିକାଶ କହିଲେ କେବଳ ଏହାର ରାସ୍ତାଘାଟ, କଳକାରଖାନା, ବନ୍ଦର ସ୍ଥାପନାକୁ ବୁଝାଏ ନାହିଁ। ଏସବୁ ରାଜ୍ୟର ଆଙ୍ଗିକ ବିକାଶ, ମାତ୍ର ଅସଲ ଆତ୍ମିକ ବିକାଶ ହୁଏ ସ୍କୁଲ୍, କଲେଜର ଛାତତଳେ। କାରଣ ଏଠି ମଣିଷଗଢ଼ା ହୁଅନ୍ତି। ଏମାନଙ୍କୁ ଗଢ଼ନ୍ତି ଶିକ୍ଷକ, ଅଧ୍ୟାପକ। ଆଉ ଯେଉଁ ରାଜ୍ୟରେ ମଣିଷ ଗଢୁଥିବା ଶିକ୍ଷକମାନଙ୍କୁ ସାଧାରଣ ମୂଲିଆ, ମଜୁରିଆରେ ପରିଣତ କରି ଦିଆଯାଏ, ସେ ରାଜ୍ୟର ଭବିଷ୍ୟତ ନିଶ୍ଚିତ ଭାବରେ ଅନ୍ଧକାରମୟ। (ପୃଷ୍ଠା– ୧୧୧)

ଏ ଉପନ୍ୟାସରେ ତିନୋଟି ପର୍ଯ୍ୟାୟ ଦେଖିବାକୁ ମିଳେ। ପ୍ରଥମ ପର୍ଯ୍ୟାୟରେ ୧୯୯୯ ମସିହାର ମହାବାତ୍ୟାର ପ୍ରଭାବ, ଅରବିନ୍ଦର ସାହାଯ୍ୟ, ଦ୍ୱିତୀୟରେ ବାତ୍ୟା ପରର ରାଜନୀତିର ଚିତ୍ର, ମିଥ୍ୟାଗୁଜବ, ଅରବିନ୍ଦର ପ୍ରେମିକା ମୁସଲମାନ ନସିମ୍‌ର ପତି ଅତ୍ୟାଚାର ଏବଂ ଶେଷରେ ଅରବିନ୍ଦ ଜୀବନର ସଂଘର୍ଷ, ରାଜନୀତିର ଚକ୍ରାନ୍ତରେ ତା' ବହିର ତିରସ୍କାର ଏବଂ ତାର ଜେଲ୍ ଯିବା। ଔପନ୍ୟାସିକ ଏଥିରେ ବାତ୍ୟା ଏବଂ ରାଜନୀତିର କଥା କହିଛନ୍ତି। ରାଜନୀତିକ ନେତାମାନଙ୍କର ଅପାରଗତାକୁ ଏଠାରେ ଦେଖିବାକୁ ମିଳେ। ମହାବାତ୍ୟା ଯୋଗୁଁ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକର କ୍ଷୟକ୍ଷତି, ଲୋକମାନଙ୍କର କରୁଣ ଦୟନୀୟ ସ୍ଥିତିକୁ ଔପନ୍ୟାସିକ ଏଥିରେ ଦର୍ଶାଇଛନ୍ତି।

**ଶାରିଆ (୨୦୧୧):**

୧୯୯୯ ମସିହା ମହାବାତ୍ୟା ପୃଷ୍ଠଭୂମି ଉପରେ ରଚିତ ଏହା ତୃତୀୟ ଉପନ୍ୟାସ। ମହାବାତ୍ୟାରେ ଯେଉଁମାନେ ପ୍ରାଣ

ହରାଇଲେ ସେମାନେ ତ ଚାଲିଗଲେ ମାତ୍ର ଯେଉଁମାନେ ନିଜଘର, ଧନ ସମ୍ପତ୍ତି, ଆତ୍ମୀୟସ୍ୱଜନଙ୍କୁ ହରାଇ ଏକୁଟିଆ ଅସହାୟ ଅବସ୍ଥାରେ ବଂଚିରହିଲେ। ସେମାନଙ୍କ ଜୀବନ ଦୁର୍ବିସହ ହୋଇପଡ଼ିଥିଲା। ଏହିପରି ଏକ ଅସହାୟା ନାରୀ ଶାରିଆର ଜୀବନ କାହାଣୀ ହେଉଛି ଏ ଉପନ୍ୟାସ। ଏ ଉପନ୍ୟାସଟିକୁ ଔପନ୍ୟାସିକ ରତିକାନ୍ତ ବେହେରା ୨୦୦୦ ମସିହାର ଅଗଷ୍ଟ ମାସରେ ଲେଖା ଆରମ୍ଭ କରି ଡିସେମ୍ବର ମାସରେ ସମାପ୍ତ କରିଥିଲେ। ମାତ୍ର ପ୍ରକାଶ କରିବାର ସୁବିଧା ନ ଥିବାରୁ ଏହା ୨୦୦୭ ମସିହାରେ 'ଅକ୍ଷାଂଶ' ପତ୍ରିକାର ପୂଜାସଂଖ୍ୟାରେ ପ୍ରକାଶିତ ହୋଇଥିଲା। କିନ୍ତୁ ପୁସ୍ତକର ରୂପ ପାଇପାରି ନଥିଲା। ଏହାର ଚାରିବର୍ଷ ପରେ; ଅର୍ଥାତ୍ ୨୦୧୧ ମସିହାରେ ବିଦ୍ୟାଭାରତୀ ପ୍ରକାଶନଦ୍ୱାରା ଏହା ପୁସ୍ତକର ରୂପ ପାଇଲା।

ଉପନ୍ୟାସର ମୁଖ୍ୟ ଚରିତ୍ର 'ଶାରିଆ' । ମହାବାତ୍ୟାରେ ନିଜ ସ୍ୱାମୀ ଭଗବାନ ଏବଂ ଶାଶୁକୁ ହରାଇ ଅଲକ୍ଷଣୀର ପରିଚୟ ନେଇ ଗାଁରେ ଏକୁଟିଆ ଘରେ ରହିଛି। ଭଗବାନ ଓରଫ୍ ଭଗିଆର ମୃତ୍ୟୁର ଛଅ ମାସ ପରେ ମଧ୍ୟ ସେ ଭାବୁଛି ଯେ ତାର ସ୍ୱାମୀ ବଂଚିଛି। କେଉଁ ରିଲିଫ୍ କେନ୍ଦ୍ରରେ ଥିବ ବୋଲି ସେ ନିଜକୁ ସଧବା ବେଶରେ ସଜାଇଛି। ପେଟରେ ତାର ଭଗିଆର ସନ୍ତାନ ବଢୁଛି। ଔପନ୍ୟାସିକ ଶାରିଆ ଚରିତ୍ର ମାଧ୍ୟମରେ ବାତ୍ୟାର ଭୟଙ୍କର ଦୃଶ୍ୟକୁ ଦର୍ଶାଇଛନ୍ତି। ୧୯୯୯ ମସିହା ଅକ୍ଟୋବର ୨୮ତାରିଖ ଗୁରୁବାର ଦିନଠୁ ଲଗାତାର ବର୍ଷା ହୋଇଥିଲା। କଳାହାଣ୍ଡିଆ ମେଘ ପ୍ରଭାବରେ ଦିନରାତିର ପ୍ରଭେଦ ଜଣା ପଡୁନଥିଲା। ସମୁଦ୍ରର ଗର୍ଜନ ଭୀଷଣ ହେଉଥିଲା। ଶୁକ୍ରବାର ଦିନ ସକାଳୁ ତଳିଆ ଗାଁସବୁ ଭାସି ଯାଇଥିଲା। ଭଗିଆ ସ୍ତ୍ରୀ ଆଉ ମା ସହ ଚାଳ ଉପରକୁ ଉଠି ଯାଇଥିଲା। ଗାଈ ନେତ ଏବଂ ବଳଦକୁ ବଂଚେଇବାକୁ ଯାଇ ଗୁହାଳକୁ ଯିବାବେଳେ ସେଠାରେ ତାର ମୃତ୍ୟୁ ଘଟିଥିଲା। ଶାଶୁ ମଧ୍ୟ ପାଣି ସୁଅରେ ଭାସିଗଲେ। ଶାରିଆ ନିଜ ଶାଢ଼ୀଟାକୁ ବାଉଁଶରେ ବାନ୍ଧି ଅଚେତ ଅବସ୍ଥାରେ ରହିଥିଲା। ପରେ ମିଲେଟ୍ରିଦ୍ୱାରା ଉଦ୍ଧାର ହୋଇଥିଲା। କେବଳ ଶାରିଆ ନୁହେଁ ଏ ମହାବାତ୍ୟା ଅନେକଙ୍କଠାରୁ ସେମାନଙ୍କ ଜୀବନ ଓ ଜୀବିକାକୁ ଛଡ଼ାଇ ନେଇଥିଲା। ଜଗବନ୍ଧୁର ସ୍ତ୍ରୀ ଏବଂ ଚାରିଟି ପିଲା ଭାସି ଯାଇଥିଲେ। ପଶୁପକ୍ଷୀ, ମଣିଷ ସବୁ ଭାସି ଯାଇଥିଲେ। କୁଢ଼ କୁଢ଼ ମଣିଷର ଶବ ଶୁଂଘିବାକୁ କେହି ନଥିଲେ। ମାସ ମାସ ଧରି ପଡ଼ି ହଜାର ହଜାର ଶବ ଶୁଖୁଆ ପାଲଟିଲା। ପଚାଗନ୍ଧରେ ଗାଁ ସାରା ନାକ ଫାଟି ପଡୁଥାଏ। ବାତ୍ୟା ପରେ ସବୁଆଡ଼େ ଅନ୍ନଛତ୍ର ଖୋଲିଲା। ରିଲିଫ୍ କେନ୍ଦ୍ର ଖୋଲାଗଲା। ହରିପୁର ହାଇସ୍କୁଲ ରିଲିଫ୍ କେନ୍ଦ୍ରରେ ଶାରିଆ ଚାଳିଶଦିନ ରହିବା ପରେ ଗାଁକୁ ଆସିଲା। ତାର ବାପା, ମା, ଭାଇ, ଭଉଣୀ ସମସ୍ତେ ଏ ବାତ୍ୟାରେ ପ୍ରାଣ ହରାଇଥିଲେ।

ଗାଁରେ ଏକୁଟିଆ ଶାରିଆ କ୍ୟାମ୍ପରୁ ମିଳୁଥିବା ଦୁଇଖଣ୍ଡ ଶାଢ଼ୀ ଆଉ ଦୁଇହଜାର ଟଙ୍କାରେ ଭଙ୍ଗା ଘରଟାରେ ରହିଥିଲା। ଶାରିଆକୁ ଗୋବିନ୍ଦ ସାହାଯ୍ୟ କରେ। ଉଭୟେ ପରସ୍ପରକୁ ଭଲପାଆନ୍ତି; ମାତ୍ର ନିଜ ସ୍ୱାମୀ କଥା ଭାବି ଶାରିଆ ଶଙ୍କିଯାଏ। ଲୁଗା ପାଇଁ ଗୋବିନ୍ଦକୁ କହି ପାରୁନଥିବା ଶାରିଆ ଅନୁଭବ କରିଥିଲା– "ନାରୀକୁ ଯେତେ ଶିକ୍ଷିତ କରାଇ ସ୍ୱାଧୀନତା ଦେଲେବି ସେ ସ୍ୱାଧୀନ ହୋଇଯାଏନା। ତାରି ଭିତରେ କେଉଁଠିନା କେଉଁଠି ପୁରୁଷ ପାଖରେ ପରାଧିନ ହୋଇ ଚଳିବାର ପ୍ରବୃତ୍ତିଟି ଏଯାଏଁ ରହିଥାଏ ଏ ମାଟିରେ।" (ପୃଷ୍ଠା -୭୨)

ଶାରିଆର ଦୁଃଖସୁଖରେ ଛିଡ଼ା ହୁଏ ଅନୁରାଧା। ତାର କଥାରେ ମାନିଛି ଭଗିଆର ମୃତ୍ୟୁକୁ। ଗୋବିନ୍ଦ ଏବଂ ଶାରିଆର ସଂପର୍କକୁ ନେଇ ଗାଁରେ ମିଛ ଅପବାଦ ହୁଏ। ଗୋବିନ୍ଦ କନକପୁର ଯିବାବାଟରେ ଜିପ୍ ଦୁର୍ଘଟଣାରେ ଆହତ ହୋଇ ମେଡ଼ିକାଲରେ ପଡ଼େ। ନିଜପାଇଁ ଏକ ପକ୍କାଘର ଏବଂ ତାର ପୁଅପାଇଁ ଭଲ ଜୀବନ ଆଶାରେ ଚମ୍ପାର ପ୍ରରୋଚନାରେ ଶିକାର ହୋଇ ଶାରିଆ ରାତି ନଅଟାରେ ସରପଂଚ ମଧୁ ବଳବନ୍ତରାୟଙ୍କ ପାର୍ଟି ଅଫିସକୁ ଯାଏ। ମାତ୍ର ସେଠାରେ ସରପଂଚ ଶାରିଆ ପ୍ରତି ବଳାତ୍କାର କରିବାକୁ ଚେଷ୍ଟା କଲାବେଳେ ଶାରିଆ ଛୁରୀରେ ତାକୁ ହତ୍ୟାକରିଛି।

ଔପନ୍ୟାସିକ ଶାରିଆ ଚରିତ୍ରଟିକୁ ଫକୀରମୋହନ ସେନାପତିଙ୍କ 'ଛମାଣ ଆଠଗୁଣ୍ଠ' ଉପନ୍ୟାସରୁ ଗ୍ରହଣ କରିଥିଲେ ମଧ୍ୟ ଉଭୟଙ୍କ ମଧ୍ୟରେ ଅନେକ ପାର୍ଥକ୍ୟ ରହିଛି। ସେଥିରେ ଶାରିଆକୁ ରାମଚନ୍ଦ୍ର ମଙ୍ଗରାଜ ପିଟିପିଟି ହତ୍ୟା କରିଥିଲା, କିନ୍ତୁ ଶାରିଆ ପ୍ରତିବାଦ କରିନଥିଲା। ମଙ୍ଗରାଜ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାର ତାର ଶକ୍ତି ନଥିଲା; ମାତ୍ର ଏଠାରେ ଶାରିଆ ଲଢ଼ିଛି ତା ଶରୀର ଉପରେ ନଜର ପକାଇଥିବା ବଳବନ୍ତ

ରାୟଙ୍କୁ ସେ ହତ୍ୟା କରିଛି। 'ଛମାଣ ଆଠଗୁଣ୍ଠ' ର ଚମ୍ପା ପରି ଏଠାରେ ଚମ୍ପା ମଧ୍ୟ ଏକ କୁଟିଳ ଚରିତ୍ର। ସେ ବଳବନ୍ତରାୟଙ୍କ ରକ୍ଷିତା ଭାବେ ଉପନ୍ୟାସରେ ଚିତ୍ରିତ। ଔପନ୍ୟାସିକ ଏଠାରେ ଶାରିଆର ଅତୀତ ଜରିଆରେ ମହାବାତ୍ୟାର ଚିତ୍ରକୁ ବର୍ଣ୍ଣନା କରିବା ସହିତ, ସ୍ୱାମୀର ମୃତ୍ୟୁ ପରେ ତାର ବଂଚିବାର ସଂଘର୍ଷକୁ ଦେଖାଇଛନ୍ତି। 'ଶାରିଆ'କୁ କେନ୍ଦ୍ରକରି ଉପନ୍ୟାସଟି ରଚିତ ହୋଇଥିଲେ ମଧ୍ୟ ଔପନ୍ୟାସିକ ଏଠାରେ ମହାବାତ୍ୟାର ଏପରି ଜୀବନ୍ତ ଚିତ୍ରକୁ ବର୍ଣ୍ଣନା କରିଛନ୍ତି ଯେ, ଯେ କୌଣସି ପାଠକ ଏହାକୁ ପଢ଼ିଲେ ଲାଗିବ ଯେପରି ମହାବାତ୍ୟାକୁ ସେ ପ୍ରତ୍ୟକ୍ଷ ଦେଖୁଛି। ତାର ବିଭୀଷିକାମୟ ଛାତିଥରା ଦୃଶ୍ୟକୁ ସେ ଅନୁଭବ କରୁଛି। ୧୯୯୯ ମସିହାର ମହାବାତ୍ୟାକୁ କେନ୍ଦ୍ରକରି ରଚିତ ଏହା ଏକ ସାର୍ଥକ ଉପନ୍ୟାସ।

### ଦୁଇଫର୍ଦ୍ଦ ଆକାଶ (୨୦୨୪):

୧୯୯୯ ମସିହା ମହାବାତ୍ୟାର ପଚିଶବର୍ଷ ପରେ ଲେଖା ଯାଇଥିବା ତ୍ରିନାଥ ସିଂହଙ୍କ ଏହି ଉପନ୍ୟାସଟି ପାଠକ ମହଲରେ ଚହଳ ପକାଇଥିଲା । ଔପନ୍ୟାସିକ ନିଜର ସୃଜନଶୀଳତା ଓ କଳ୍ପନା ମାଧ୍ୟମରେ ପ୍ରତିଟି ଚରିତ୍ରକୁ ଜୀବନ୍ତ କରି ଗଢ଼ି ତୋଳିଛନ୍ତି । ଔପନ୍ୟାସିକଙ୍କୁ ଏ ଉପନ୍ୟାସ ଲେଖିବା ପାଇଁ ପାଂଚମାସ ସମୟ ଲାଗିଥିଲା । ଏହି ପାଂଚମାସ ସମୟ ଭିତରେ ଅନେକ ତଥ୍ୟ ଖବରକାଗଜ, ଗଣମାଧ୍ୟମ, ବହି ଆଦି ଆଦି ବିଭିନ୍ନ ସୂତ୍ରରୁ ଖୋଜିଛନ୍ତି ଏବଂ ତାକୁ ପାଥେୟ କରି ଏ ଉପନ୍ୟାସର ପରିକଳ୍ପନା କରିଛନ୍ତି। ଏ ଉପନ୍ୟାସ ପାଠକକୁ ପଚିଶବର୍ଷ ଅତୀତକୁ ଫେରେଇ ନିଏ । ବତିଶ ଘଣ୍ଟାର ସେହି ପ୍ରଳୟର ଚିତ୍ର, ବାତ୍ୟାବିଧ୍ୱସ୍ତ ଓଡ଼ିଶାର ଛାତିଥରା ଚିତ୍ର ଏବଂ ମଣିଷ ମାନଙ୍କର ବଂଚିବାର ସଂଘର୍ଷକୁ ମନେ ପକାଇଦିଏ ।

ମହାବାତ୍ୟା ଫଳରେ ଓଡ଼ିଶାର ଅନେକ ଉପକୂଳବର୍ତ୍ତୀ ଜିଲ୍ଲା ସମୁଦ୍ର ଗର୍ଭରେ ଲୀନ ହୋଇ ଯାଇଥିଲେ । ଅନେକ ଲୋକ ପ୍ରାଣ ହରାଇବା ସହ ସେମାନଙ୍କ ଧନ, ସମ୍ପତ୍ ତି ଆଦି ହରାଇଥିଲେ । 'ଦୁଇଫର୍ଦ୍ଦ ଆକାଶ' ଉପନ୍ୟାସଟି ନାୟକ ବନମାଳୀ ଏବଂ ନାୟିକା ଅନୁରାଧାର ବଂଚି ରହିବାର ସଂଘର୍ଷକୁ ନେଇ ଗଢ଼ି ଉଠିଛି । ବନମାଳୀ ଜଗତସିଂହପୁରର ଏରସମା ବ୍ଲକର ଯାଇପାଟ ଗାଁର ଜଣେ ଅବିବାହିତ ଯୁବକ । ବାତ୍ୟାରେ ନିଜ ବାପା, ଭାଇ ଓ ପରିବାରକୁ ହରାଇ ଜଳ ସ୍ରୋତରେ ଭାସି ଯାଉଥିବା ବେଳେ ଏକ ପଲଙ୍କକୁ ସାହାରା କରି ଆହତ ଅବସ୍ଥାରେ ଯାଇ ଏକ ଦ୍ୱୀପରେ ଲାଗିଥିଲା । ଅନୁରାଧାର ଘର ଭଦ୍ରକର ବାସୁଦେବପୁର ଅଂଚଳରେ । ସେ ଦୁଆଡ଼ିଆ ଗ୍ରାମର ଶିକ୍ଷକ ସତ୍ୟପ୍ରିୟ ଦାସକୁ ବିବାହ କରିଥିଲା ଏବଂ ରାନୁ ଓ ଶିବ ନାମରେ ତାର ଦୁଇ ପୁଅଝିଅ ମଧ୍ୟ ଥିଲେ । ମାତ୍ର ଏ ମହାବାତ୍ୟା ଅନୁଠାରୁ ଛଡ଼ଇ ନେଇଥିଲା ତାର ପୁଅ, ଝିଅ, ଶାଶୁ,ଶ୍ୱଶୁର ଏବଂ ସ୍ୱାମୀଙ୍କୁ। ଅନୁରାଧା ଏବଂ ବନମାଳୀ ପାଣିରେ ଭାସି ଭାସି ଯାଇ ଲାଗିଥିଲେ ଏକ ନିର୍ଜନ ଦ୍ୱୀପରେ । ଯେଉଁଠି ଚାରିକଡ଼ କେବଳ ସମୁଦ୍ର, ସାତଟି ଶବ ମଧ୍ୟରୁ ଅନୁରାଧା ଉଦ୍ଧାର କରିଥିଲା ଦରମଲା ବନମାଳୀକୁ। ଜଳରେ ଭାସି ଯାଉଥିବା ବେଳେ ମୁଣ୍ଡରେ ଆଘାତ ଆସିବାରୁ ଅନୁରାଧାର ସ୍ମୃତିପଟ୍ଟରୁ ଲିଭି ଯାଇଥିଲା ତାର ଅତୀତର ଫର୍ଦ୍ଦ। ପ୍ରଥମେ ସେମାନେ ନଡ଼ିଆ, ଜଙ୍ଗଲର ଫଳମୂଳ, ଦରସିଝା ପୋଡ଼ାମାଛ, ମାଂସ ଖାଇ ପାଂଚମାସ ସେହି ଦ୍ୱୀପରେ ଜୀବନ କାଟିଥିଲେ । ସେଠାରୁ ମୁକ୍ତି ପାଇବା ପାଇଁ ଗଛକାଟି ଭେଳା ତିଆରି କରି ସମୁଦ୍ର ପାରି ହେବାର ଚେଷ୍ଟା ମଧ୍ୟ ତାଙ୍କର ବୃଥା ହୋଇଥିଲା । ଏହା ବ୍ୟତୀତ ବିପଦସଂକୁଳ ଜଙ୍ଗଲ ଅତିକ୍ରମ କରି ପାହାଡ଼ର ଶୀର୍ଷକୁ ଯାଇ କୌଣସି ଗାଁ ଗଣ୍ଡାର ଚିହ୍ନ ନପାଇ ସେମାନେ ବିଫଳ ହୋଇଥିଲେ । ସେଠାରେ ଉଭୟଙ୍କ ମଧ୍ୟରେ ଗଢ଼ି ଉଠିଥିଲା ପ୍ରେମ ସମ୍ପର୍କ । ବାହାର ଦୁନିଆଠାରୁ ଦୂରରେ ରହି ସେମାନେ ନିଜ ଭିତରେ ନିଜେ ହଜି ଯାଇଥିଲେ । ଫଳସ୍ୱରୂପ ଅନୁରାଧା ଗର୍ଭବତୀ ସାଜେ । ବାହାର କୋଳାହଳମୟ ସମାଜଠାରୁ ଦୂରରେ ସେମାନେ ଏକ ନୂତନ ସମାଜ ଗଠନର ସ୍ୱପ୍ନ ଦେଖନ୍ତି। ନିଜ ଜନ୍ମମାଟିକୁ ଫେରିବାର ସମସ୍ତ ଆଶା ମଉଳି ଯାଉଥିବାବେଳେ ମିଆଁମାରର ମାଛ ଧରାଳିମାନଙ୍କଦ୍ୱାରା ସେଠାରୁ ଉଦ୍ଧାର ପାଇ ଶଙ୍ଗ-ଓକରେ ଏଗାର ମାସ ରହିଲେ । ସେଠାରେ ଅନୁରାଧାର ପୁଅ 'ମାଇଯୋ ଜନ୍ମ ହୋଇଥିଲା । ଶେଷରେ ସେହି ମାଛ ଧରାଳିଙ୍କ ସହାୟତାରେ ଗୋଟିଏ କାର୍ଗୋ ଜାହାଜରେ ଆସି ପହଞ୍ଚିଥିଲେ ପାରାଦ୍ୱୀପରେ, ପାରାଦ୍ୱୀପରୁ ଦୁଆଡ଼ିଆ ଏବଂ ତା ପରେ ଯାଇ ପାଟ । ଉପନ୍ୟାସର ଅନ୍ତିମ ପର୍ଯ୍ୟାୟରେ ଅନୁରାଧାର ସ୍ୱାମୀ ସତ୍ୟପ୍ରିୟ ସହ ଉଭୟଙ୍କ ଭେଟ ହୁଏ । ମାତ୍ର ସତ୍ୟପ୍ରିୟ ବନମାଳୀ ଏବଂ ଅନୁର ଜୀବନକୁ ଅନେକ ଦୂରକୁ ଚାଲି ଯାଇଥିଲା ।

ଔପନ୍ୟାସିକ ତ୍ରିନାଥ ସିଂହ ଯଦିଓ ମହାବାତ୍ୟାକୁ ପ୍ରତ୍ୟକ୍ଷ ଭାବେ ଭୋଗି ନାହାନ୍ତି ତଥାପି ମହାବାତ୍ୟା ସମୟର ଭୟଙ୍କର ଚିତ୍ରକୁ ଅତି ବିଭତ୍ସ ଭାବରେ ବର୍ଣ୍ଣନା କରିଛନ୍ତି । ଅନୁରାଧା ତାର ବାତ୍ୟା ସମୟର ଅନୁଭୂତି ବର୍ଣ୍ଣନା କରିବାକୁ ଯାଇ କହିଛି– "ଉଛୁଳୁଥିବା ନଈଟିଏ ପଶି ଆସୁଥିଲା ଝର୍କା ବାଟ ଦେଇ ଘରଭିତରକୁ । ବୋଉ ବୋଧେ ଭିଡ଼ି ଧରିଥିଲେ ଶିବୁକୁ ଆଉ ମୁଁ ରାନୁକୁ ! ଘର ଭିତରେ ଛାତିଏ ଉଚ୍ଚର ପାଣି...ରାନୁ ବାପା ସିଡ଼ି ବାଟେ ଆମ ସମସ୍ତଙ୍କୁ ଛାତ ଉପରକୁ ନେଇ ଯାଇଥିଲେ । ଛାତ ଉପରର ଦୃଶ୍ୟ, ଏବେବି ମୋତେ ଜଳଜଳ ଦିଶୁଛି । ପୁରା ଗାଁଟା ଯାକ ନଣ୍ଡା, କୋଉଠି ଗୋଟିଏ ଗଛବି ନାହିଁ । ଲୋକଙ୍କ ବାଡ଼ିବଗିଚାରେ ଏତେ ଗଛ ଥିଲା ଯେ କେଜାଣି ସବୁ କୁଆଡ଼େ ଗଲା। ସବୁଆଡେ ଖାଲି ପାଣି ଖାଲି ପାଣି। ଗାଁ ଦାଣ୍ଡରେ ନଈ ଭଳି ସୁଅ... ସେଇ ସୁଅରେ ଭାସି ଯାଉଛନ୍ତି ପଲପଲ ଗାଈଗୋରୁ, ଖଟପଲଙ୍କ, ଟ୍ରାକ୍ଟର, ବାକ୍ସ, ଗଛପତ୍ର ଏମିତି ଦୃଶ୍ୟ ନା ମୁଁ କେବେ ଦେଖିଥିଲି ନା କେବେ କଳ୍ପନା କରିଥିଲି।" (ପୃଷ୍ଠା-୮୨)

କେବଳ ମହାବାତ୍ୟା ସମୟର ନୁହେଁ ମହାବାତ୍ୟା ପରର ଓଡ଼ିଶାର ବିରଳ ଚିତ୍ରକୁ ମଧ୍ୟ ଔପନ୍ୟାସିକ ଦର୍ଶାଇଛନ୍ତି। ସନ୍ତୋଷ ମହାବାତ୍ୟା ପରର ସ୍ଥିତି ବର୍ଣ୍ଣନା କରି କହିଛି– "ରାସ୍ତାଘାଟ ସବୁଆଡ଼େ ଗାଈ, ଗୋରୁ, ଛେଳି, ମଇଁଷି ଆଉ ମଣିଷଙ୍କ କୁଢ଼କୁଢ଼ ଶବ। ଦେଖିବାକୁ କେହିନାହିଁ କି ଉଠେଇବାକୁ କେହିନାହିଁ। କୋଉ କୋଉଠି ଗଛଡାଳରେ ଲଟକି ଝୁଲୁଥାଏ ମଲାମଣିଷର ଦେହ ଦିନଦିନ ଧରି। ଖାଇବାକୁ ନାଇଁ, ପିଇବାକୁ ନାଇଁ, ବିଜୁଳି ନାଇଁ, ଗୋଟେ ଗାଆଁରୁ ଆଉ ଗୋଟେ ଗାଆଁକୁ ଯିବାକୁ ରାସ୍ତା ନାହିଁ। ଗାଆଁ ଗଣ୍ଡାକଥା ଛାଡ଼ନ୍ତୁଟ.. ଖୋଦ୍ ରାଜଧାନୀରେ ବିଜୁଳି ଆସିବାକୁ ବାର ପନ୍ଦର ଦିନ ଲାଗିଗଲା। (ପୃଷ୍ଠା -୨୪୦)

ଉପନ୍ୟାସର ନାୟକ ବନମାଳୀ ସେ ନିର୍ଜନ ଦ୍ୱୀପରୁ ଓଡ଼ିଶା ଆସି ପାରାଦ୍ୱୀପଠାରେ ଏକ ଅଣସରକାରୀ ସଂସ୍ଥାରେ ପର୍ଯ୍ୟବେକ୍ଷଣ କରଥିଲା । ଖାଦ୍ୟଯୋଗାଣ, କର୍ମଯୋଗାଣ, ବୃକ୍ଷରୋପଣ, ରାସ୍ତାଘାଟ ମରାମତି, ବିଭିନ୍ନ ଆଶ୍ରୟସ୍ଥଳୀରେ ଥିବା ଲୋକମାନଙ୍କର ତାଲିକା ରଖିବା ଦାୟିତ୍ୱ ଥିଲା ତାର । ବାତ୍ୟା ଜନିତ ଦୁର୍ଦ୍ଦଶା ହେତୁ ଦୁର୍ଭେଦ ଓ ଦୁର୍ଗମ ହୋଇ ପଡ଼ିଥିବା ଗାଆଁରେ ପହଂଚି ବଂଚିଥିବା ପ୍ରତ୍ୟେକଟି ମଣିଷ ପାଖରେ ଖାଦ୍ୟ ଓ ରିଲିଫ୍ ପହଂଚାଇବା, ଭାଙ୍ଗିଯାଇଥିବା ଘରର ମରାମତି ଓ ପୁନର୍ନିର୍ମାଣ, ରାସ୍ତାଘାଟ ଓ ସ୍ୱାସ୍ଥ୍ୟସେବା ଆଦି ଦାୟିତ୍ୱ ତୁଲାଉଥିବା ଏହି ସଂସ୍ଥା । ମହାବାତ୍ୟାର ପନ୍ଦରମାସ ପରେ ମଧ ଓଡ଼ିଶା ପୁରା ନିଶ୍ଚିହ୍ନ ହୋଇଯାଇଥିଲା । ପ୍ରାଚୀନ ଓଡ଼ିଶାର ଯଶ, କୀର୍ତ୍ତି, ସାହସିକତାକୁ ସତେ ଯେପରି ଏ ମହାବାତ୍ୟା ଧୋଇ ନେଇଥିଲା।

ତେବେ ଉପନ୍ୟାସଟି ୧୯୯୯ ମସିହା ମହାବାତ୍ୟାକୁ କେନ୍ଦ୍ରକରି ରଚିତ ହୋଇଥିଲେ ମଧ ଏଥିରେ ଅନୁରାଧା ଏବଂ ବନମାଳୀର ପ୍ରେମ ସମ୍ପର୍କକୁ ଦେଖିବାକୁ ମିଳେ। ଉଭୟଙ୍କ ଜୀବନ ଜୀଇଁବାର ସଂଘର୍ଷ, ପ୍ରତି ମୁହୂର୍ତ୍ତରେ ପଡ଼ି ଉଠିବାର ପ୍ରଚେଷ୍ଟା, ପରାଜୟକୁ ସ୍ୱୀକାର ନ କରି ବିଜୟ ଦିଗରେ ଅଗ୍ରସର ହେବା ଏବଂ ନିଜ ଜନ୍ମମାଟିକୁ ଫେରିବାର ଅଦମ୍ୟ ଚେଷ୍ଟା ଉଭୟଙ୍କ ସାହସିକତାର ପରିଚୟ ଦିଏ । ଔପନ୍ୟାସିକ ମହାବାତ୍ୟାର ଅନ୍ତରାଳରେ ରାଧାନାଥ ରାୟଙ୍କ 'ଚିଲିକା', ଗଙ୍ଗାଧର ମେହେରଙ୍କ 'ତପସ୍ୱିନୀ' ଏବଂ କାହ୍ନୁଚରଣ ମହାନ୍ତିଙ୍କ 'ହା ଅନ୍ନ'ର ନାମଲ୍ଲେଖ ମଧ କେତେକ ସ୍ଥଳରେ କରିଛନ୍ତି। ଦୁଇଟି ଫର୍ଦ୍ଦରେ ରଚିତ ଏ ଉପନ୍ୟାସରେ ଏକ ଫର୍ଦ୍ଦରେ ରହିଛି ଅନୁରାଧାର ବୈବାହିକ ଜୀବନର କଥା, ତାର ସ୍ୱାମୀ, ପୁଅ ଝିଅ ଏବଂ ଅନ୍ୟଫର୍ଦ୍ଦରେ ରହିଛି ନିର୍ଜନ ଦ୍ୱୀପରେ ତା'ର ଜୀବନ ବଂଚାଇଥିବା ବନମାଳୀ ସହ ତା'ର ସମ୍ପର୍କ ଏବଂ ନିଜ ଜନ୍ମମାଟିକୁ ତା'ର ପ୍ରତ୍ୟାବର୍ତ୍ତନ । ମୋଟାମୋଟି ଭାବେ ଦେଖିବାକୁ ଗଲେ ମହାବାତ୍ୟାରେ ନିଜ ପରିବାରକୁ ହରାଇ ବନମାଳୀ ସହ ନୂଆ ଜୀବନ ବିତାଇଥିବା ଅନୁରାଧାର ଜୀବନ କାହାଣୀ ହେଉଛି ଏ ଉପନ୍ୟାସ।

**ଉପସଂହାର:**

ଆଲୋଚ୍ୟ ଚାରୋଟିଯାକ ଉପନ୍ୟାସରେ ୧୯୯୯ ମସିହା ମହାବାତ୍ୟାର ଭୟାବହତାକୁ ଦର୍ଶାଯାଇଛି ପ୍ରତିଭା ରାୟଙ୍କ 'ମଗ୍ନମାଟି' ଉପନ୍ୟାସରେ ମହାବାତ୍ୟାର ପ୍ରାକ୍‌ପ୍ରସ୍ତୁତି, କୈବର୍ତ୍ତମାନଙ୍କ ଜୀବନୀ, କାର୍ଗିଲ ଯୁଦ୍ଧର ପ୍ରସଙ୍ଗ ରହିଥିବାବେଳେ ଔପନ୍ୟାସିକ ବିଶ୍ୱରଂଜନଙ୍କ 'ଚକ୍ର' ଉପନ୍ୟାସରେ ମହାବାତ୍ୟା ପରର କଳୁଷ ରାଜନୀତିକୁ ଦର୍ଶାଯାଇଛି ସେହିପରି ରତିକାନ୍ତ ବେହେରାଙ୍କ 'ଶାରିଆ'

ଉପନ୍ୟାସରେ ଶାରିଆର ଅସହାୟତା ଏବଂ ବଂଚିବାର ସଂଘର୍ଷକୁ ଦେଖିବାକୁ ମିଳେ । ମାତ୍ର ଔପନ୍ୟାସିକ ତ୍ରିନାଥସିଂହଙ୍କ 'ଦୁଇଫର୍ଦ୍ଦ ଆକାଶ' ଅନ୍ୟ ତିନୋଟି ଉପନ୍ୟାସ ଠାରୁ ଟିକେ ଭିନ୍ନ । ଏଠାରେ ମହାବାତ୍ୟା ଆଳରେ ଅନୁରାଧା ଏବଂ ବନମାଳୀର ପ୍ରେମକୁ ପାଠକ ଭେଟେ । ନିର୍ଜନ ଦ୍ୱୀପରୁ ମୁକ୍ତି ପାଇବା ପାଇଁ ସେମାନଙ୍କ ଆପ୍ରାଣ ଉଦ୍ୟମ ପାଠକକୁ ଶଦ୍ଧ ସହ ବାନ୍ଧିରଖେ । ଏମିତି ଅନେକ ବାତ୍ୟା, ବନ୍ୟା, ଦୁର୍ଭିକ୍ଷ ଓଡ଼ିଶାକୁ ଆସିଛି, ଅପର୍ଯ୍ୟାପ୍ତ କ୍ଷୟକ୍ଷତି କରିଛି, ଅଗଣିତ ଲୋକଙ୍କ ପ୍ରାଣ ନେଇଛି । ଏଥିରେ ଲୋକମାନେ ନଇଁ ପଡ଼ିଛନ୍ତି ସତ କିନ୍ତୁ ଭାଙ୍ଗି ନାହାନ୍ତି; ବରଂ ପୁଣି ମୁଣ୍ଡଟେକି ଠିଆ ହେବାର ପ୍ରଚେଷ୍ଟା କରିଛନ୍ତି । ବିକ୍ରମ, ଅରବିନ୍ଦ, ଶାରିଆ, ବନମାଳୀ ପରି ବ୍ୟକ୍ତିମାନେ ନୂତନ ସମାଜଗଠନର ସ୍ୱପ୍ନ ଦେଖନ୍ତି । ଏହି ଉପନ୍ୟାସ ମାଧ୍ୟମରେ ପାଠକଟିଏ ମହାବାତ୍ୟାର କରାଳଦୃଶ୍ୟକୁ ଅନୁଭବ କରେ । ମହାବାତ୍ୟା ପରର ବିଷମ ସ୍ଥିତି ସହ ପରିଚିତ ହୁଏ । ଏ ଉପନ୍ୟାସମାନଙ୍କର ଚରିତ୍ରଗୁଡ଼ିକ କାଳ୍ପନିକ ହେଇପାରନ୍ତି; ମାତ୍ର ସେମାନେ ଭୋଗିଥିବା ବାତ୍ୟା, ସେମାନେ ଅନୁଭବ କରିଥିବା ଯନ୍ତ୍ରଣା, ହରାଇଥିବା ନିଜ ପରିବାର ଏବଂ ସର୍ବୋପରି ହରାଇଥିବା ନିଜ ଜୀବନ ସବୁ କିଛି ବାସ୍ତବ । ଲୁହ ଏବଂ କୋହର ମିଶ୍ରଣରେ ରଚିତ ଏ ଉପନ୍ୟାସଗୁଡ଼ିକ ଯଥାର୍ଥରେ ଏକ କାଳଖଣ୍ଡର କଳୁଷିତ ଅଧ୍ୟାୟକୁ ସାମ୍ନାକୁ ଆଣେ । ସମାଜ, ସାହିତ୍ୟ ଓ ସଂଘର୍ଷର ଅପୂର୍ବ ସମନ୍ୱୟ ହେଉଛି ଏ ଚାରୋଟି ଉପନ୍ୟାସ ।

**ସହାୟକ ଗ୍ରନ୍ଥସୂଚୀ:**


୧. ଅଧ୍ୟାପକ ବିଶ୍ୱରଂଜନ: ଚକ୍ର, ଟାଇମପାସ୍ ପ୍ରକାଶନ, ଭୁବନେଶ୍ୱର ୨୦୧୩, ଦ୍ୱିତୀୟସଂସ୍କରଣ

୨. ପଟ୍ଟନାୟକ ପଲ୍ଲୀଶ୍ରୀ, ଧଳ ପ୍ରତ୍ୟାଶା(ସମ୍ପାଦନା): ସମକାଳୀନ ସାହିତ୍ୟଚର୍ଚ୍ଚା, ଟାଇମପାସ୍ ପ୍ରକାଶନ, ଭୁବନେଶ୍ୱର ୨୦୨୫ ।

୩. ବେହେରା ରତିକାନ୍ତ : ଶାରିଆ, ବିଦ୍ୟାଭାରତୀ ପ୍ରକାଶନ, ବାଲେଶ୍ୱର ୨୦୨୩, ତୃତୀୟ ସଂସ୍କରଣ ।


୪. ରାୟ ପ୍ରତିଭା : ମଗ୍ନମାଟି, ଆଦ୍ୟା ପ୍ରକାଶନୀ, ଭୁବନେଶ୍ୱର ୨୦୦୬ ।

୫. ସିଂହ ତ୍ରିନାଥ : ଦୁଇଫର୍ଦ୍ଦ ଆକାଶ, ଟାଇମପାସ୍ ପ୍ରକାଶନ, ଭୁବନେଶ୍ୱର ୨୦୨୪ ।


❖ ❖ ❖

## ଖୁସିର ସହିତ ଜଣାଉଛୁ ଯେ,
## ପ୍ରାଚୀ ସାହିତ୍ୟ ସମାଜ ପ୍ରକାଶନ ତରଫରୁ
## ଦୁଇଟି ପୁସ୍ତକ ପ୍ରକାଶ ପାଇଛି ।





# PRACHEE SAHITYA SAMAJ PUBLICATION
At-Niladri Vihar. Po-Naya Bazar, Dist.-Cuttack-753004 (Odisha)
Mob. : 88957 07011

VOICE FOR VOICELESS SOCIETY, INDIA
Regd. No.: 23717/65

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

## ଆପଣ ଟିକିଏ ହାତ ବଢ଼ାନ୍ତୁ
## ବହୁତ ବାଟ ଚାଲିଯିବି



**ଦିବ୍ୟାଙ୍ଗଟିକୁ ସାହାଯ୍ୟ କରନ୍ତୁ * HELP A DIBYANGA**



# VOICE FOR VOICELESS

## INDIVIDUAL PARTICIPATION IN SOCIAL SERVICE

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

## ମୋର ପାଠ ପଢ଼ିବାରେ ଦାୟିତ୍ୱ ନିଅନ୍ତୁ, ମୁଁ ଦେଶ ଗଢ଼ିବାରେ ସାହାଯ୍ୟ କରିବି



**ଗରିବ ପିଲାଟିକୁ ପାଠ ପଢ଼ାନ୍ତୁ * TEACH A POOR CHILD**



# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

## ସମସ୍ତଙ୍କର ପେଟ ପୁରୁଛି,
## କ'ଣ ଗୋଟିଏ ପେଟ ଭୋକିଲା ରହିଯିବ ?



**ମାନସିକ ରୋଗୀଟିକୁ ଖାଦ୍ୟ ଦିଅନ୍ତୁ * FEED THE MENTALLY SICK**

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

# ଗଛ ଲଗାନ୍ତୁ
# ଜୀବନ ବଞ୍ଚାନ୍ତୁ



**ଗଛ ଲଗାନ୍ତୁ ❋ PLANT TREE**

# PRACHEE PATRIKA

ISSN: 2583-147X (P)
ISSN: 3048-8958 (O)

Back Cover (Colour)
Rs. 2,000/-

2nd Inner Cover (Colour)
Rs. 1,000/-

3rd Inner Cover (Colour)
Rs. 1,000/-

Ordinary Colour Page
Rs. 500/-

Black & White
(News Print)
Full Page : Rs. 2,000/-
Half Page : Rs. 1000/-
Quarter page:Rs. 500/-

For Space booking
please contact :
The Advertising
Manager
Niladri Vihar, Naya Bazar,
Cuttack - 753004
Whatsapp : 8895707011

## THE RULES AND REGULATION

The fact presented and views expressed in 'Prachee Patrika' are author's and not those of the editor, the editorial board and the institution **'Prachee Centre for Cultural Relations (PCCR)'**. The authors are solely responsible for the presentation of data and their opinion. Authors shall submit on undertaking in writing with the article to the effect that their respective submitted article has not been published earlier anywhere and if found so, not the publishers of Prachee Patrika but they themselves shall be held responsible.

The manuscript should follow the following criteria;

**i)** Font size should be 12

**ii)** Font type should be Ori Sarala 99 Akruti

**iii)** Line gap should be 1.5

**iv)** American Psychological Association (APA) style of writing of manuscript in which the in-text and end-text citation should be strictly followed. Manuscript not written in APA style will be rejected.

**v)** Author(s) Name, Correspondence Address, Designation, WhatsApp No, ORCID ID and e-mail should be provided in the manuscript.

vi) Research article should include Titel, Abstract, Key Word, Introduction, Background, Materials & Methods, Result, Discussion. Conclusion. Acknowledgements. Authors' Contributions. Funding. Availability of Data and Materials, Ethical Statement, Ethical Approval, Informed Consent, Financial Support and Sponsorship, Conflicts of Interest and References.

**vi)** Two copies of the manuscript including the abstract along with the soft copy (CD/Floppy) must be submitted.

All rights reserved. No part of this publication may be reproduced or transmitted in any form or by any means, electronic or mechanical, without permission in writing from the **Prachee Centre for Cultural Relations (PCCR).**

Editorial correspondence, contribution of Articles, Book Reviews, Advertisements and Subscriptions should be addressed to Dr Bibhudatta Khandayatray, Editor, **Prachee Patrika**, Niladri Vihar, Naya Bazar, Cuttack-4.

**E-Mail:** pracheepatrika@rediffmail.com

**Web Site: https://pracheenews.com/**

All communications should be addressed to the Editor.

## RATES OF SUBSCRIPTION

The prachee patrika is the official journal of the, **Prachee Centre for Cultural Relations (PCCR)** is published monthly. All the members of the association are entitled to receive a free copy of the journal. The subscription rates for others are as follows**:**

| | India (INR) | | Overseas (USD $) | |
|---|---|---|---|---|
| | Individual | Institute | Individual | Institute |
| Print | 5000 | 10000 | 150 | 300 |
| Online | N/A | N/A | N/A | N/A |
| Print+Online | N/A | N/A | N/A | N/A |
| Single Issue | 500 | 1000 | 45 | 94 |

If you want to annual subscriber please Xerox this coupon and send us!!!

Name...................................................................................................................

Address.......................................................................................Pin code ..........................

Mobile No.........................................E-Mail...........................................................................

I am sending, Rs.......................,(Bank Draft) Postal extra

Check Number...........................................................................Date..........................................

Bank.............................................................Place.....................................................................

Date.................................................Signature.........................................................................

RNI No. : ODIODI/2015/64435 • P.R. No. : CK(C)/96/2025-2027 • www.pracheenews.com

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'



ବାସ୍ତବତାର ପରିପ୍ରକାଶ ପ୍ରାଚୀ / ISSN: 2583-147X (Print) / ISSN: 3048-8958 (Online)